# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୨/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 22/2019 | ★★★★★★

୪୭ଶ ଭାଗ ୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ମାର୍ଟିନେଜ୍‌ଙ୍କୁ ଟାଇଟଲ**

ମେକ୍ସିକୋ ବକ୍ସର ଜୁଲିଓ ସେସାର୍ ମାର୍ଟିନେଜ୍ ଡବ୍ଲ୍ୟୁବିସି ଫ୍ଲାଇୱେଟ୍ ଟାଇଟଲ ଜିତିଛନ୍ତି।

୦୮ ୧୨

**ପିଆଜ କାନଫୁଲ ପିନ୍ଧି ଫଟୋ ଶେୟାର କଲେ ଟ୍ୱିଙ୍କଲ**

ଅଭିନେତ୍ରୀ ଟ୍ୱିଙ୍କଲ ଖାନ୍ନାଙ୍କୁ ସ୍ୱାମୀ ଅକ୍ଷୟ କୁମାର ପିଆଜର ଏକ କାନଫୁଲ ଉପହାର ଦେଇଥିଲେ। ତାକୁ ପିନ୍ଧି ସେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଛନ୍ତି।



# ନିର୍ଣ୍ଣାୟକ ମ୍ୟାଚ୍ ପାଇଁ ବାରବାଟୀ ପ୍ରସ୍ତୁତ

**କଟକ, ୨୧।୧୨(କ୍ରୀଡ଼ା ପ୍ରତିନିଧି)**

ଐତିହାସିକ ବାରବାଟୀ ଏବେ ଚଳଚଞ୍ଚଳ। ସମ୍ପୂର୍ଣ୍ଣ ନୂଆ ରୂପରେ ସଜେଇ ହୋଇଛି ଏହି ଷ୍ଟାଡିୟମ। ଦୁଇବର୍ଷ ବ୍ୟବଧାନରେ ଏଠାରେ ଆୟୋଜିତ ହେବାକୁ ଯାଉଛି ଏକ ଅନ୍ତର୍ଜାତୀୟ ଏକଦିବସୀୟ କ୍ରିକେଟ ମ୍ୟାଚ। ରବିବାର ଏଠାରେ ଅନୁଷ୍ଠିତ ହେବ ଭାରତ-ୱେଷ୍ଟଇଣ୍ଡିଜ ତୃତୀୟ ଦିନିକିଆ। ଚଳିତ ସିରିଜର ଏହା ନିର୍ଣ୍ଣାୟକ ମ୍ୟାଚ ହୋଇଥିବାରୁ ଦର୍ଶକଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍କଣ୍ଠା। ଅନ୍ତର୍ଜାତୀୟ ମ୍ୟାଚ ପାଇଁ ଏବେ ଏଠାରେ ନାମୀ ଖେଳାଳି, ଅଫିସିଆଲ ଓ ଦେଶ ବିଦେଶର ଖବରଦାତାଙ୍କ ସମାଗମ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସଭାପତି ସୌରଭ ଗାଙ୍ଗୁଲି ମଧ୍ୟ ମ୍ୟାଚ ସମୟରେ ଉପସ୍ଥିତ ରହିବେ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। କ୍ରିକେଟର ଏହି ମହାମେଳାକୁ ଉପଭୋଗ କରିବାକୁ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି ବାରବାଟୀ ଦର୍ଶକ। ଅନ୍‌ଲାଇନ୍ ଟିକେଟ ୨ ଘଣ୍ଟାରେ ଏବଂ କାଉଣ୍ଟର ଟିକେଟ ଗୋଟିଏ ଦିନରେ ଶେଷ ହୋଇଛି। ତେଣୁ ମ୍ୟାଚ ପ୍ରତି ଦର୍ଶକଙ୍କର ଆଗ୍ରହ ଏଥିରୁ ସ୍ପଷ୍ଟ ହୋଇ ସାରିଛି। ମ୍ୟାଚକୁ ଶୃଙ୍ଖଳିତ ଏବଂ ସ୍ମରଣୀୟ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି। ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

**ଭାରତ ବନାମ ୱେଷ୍ଟଇଣ୍ଡିଜ୍**



ଶନିବାର ବାରବାଟୀ ଷ୍ଟାଡିୟମରେ ଭାରତୀୟ ଦଳର ଅଭ୍ୟାସ।

ବାରବାଟୀରେ ଏହା ହେବ ୨୧ତମ ଦିନିକିଆ ମ୍ୟାଚ। ଏଥିରୁ ଭାରତ ୧୨ଟିରେ ବିଜୟୀ ହୋଇଥିବାବେଳେ ୨ଟି ମ୍ୟାଚ ବାତିଲ ହୋଇଛି। ୨ଟି ମ୍ୟାଚରେ ଭାରତ ସାମିଲ ନ ଥିବାବେଳେ ଅନ୍ୟ ୫ଟି ମ୍ୟାଚରେ ପରାଜିତ ହୋଇଛି। ତେଣୁ ବାରବାଟୀ ଭାରତ ପାଇଁ ଲକି ଗ୍ରାଉଣ୍ଡଭାବେ ପରିଚିତ ହେଉଛି। ଭାରତ ଓ ୱେଷ୍ଟଇଣ୍ଡିଜ ଏଠାରେ ପରସ୍ପରକୁ ୪ର୍ଥ ଥର ଭେଟିବାକୁ ଯାଉଛନ୍ତି। ପୂର୍ବ ୩ ମୁକାବିଲାରେ ଭାରତ ବାଜି ମାରିଛି। ଅର୍ଥାତ୍ ଏଠାରେ ୱେଷ୍ଟଇଣ୍ଡିଜ ବିଜୟ ଖାତା ଖୋଲିବା ଅପେକ୍ଷାରେ ରହିଛି। ଶେଷଥରପାଇଁ ଏଠାରେ ୨୦୧୧ ନଭେମ୍ବର ୨୯ରେ ଉଭୟ ଦଳ ପରସ୍ପରକୁ ଭେଟିଥିଲେ। ରୋମାଞ୍ଚକ ମ୍ୟାଚରେ ଭାରତ ୧ ଉଇକେଟରେ ବିଜୟ ହାସଲ କରିଥିଲା। ଚଳିତ ସିରିଜ ୧-୧ ସ୍ଥିତିରେ ଥିବାରୁ ଆଗାମୀ ମ୍ୟାଚ ଉପରେ ଉଭୟ ଦଳର ନଜର ରହିଛି। ମ୍ୟାଚ ଜିତି ୱେଷ୍ଟଇଣ୍ଡିଜ ରେକର୍ଡ କରିବା ଲକ୍ଷ୍ୟରେ ଥିବାବେଳେ ଭାରତର ନଜର ସିରିଜ ଉପରେ ରହିଛି। ଏବେ କେବଳ ରବିବାର ଅପରାହ୍ନକୁ ଅପେକ୍ଷା।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ପ୍ରତିବାଦ କାହିଁକି

**ଆଜିର ମନ୍ତବ୍ୟ**

"ପରିବାର ବ୍ୟବସ୍ଥାର ସୁଦୃଢ଼ୀକରଣ ସମୟର ଆବଶ୍ୟକତା।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**କିଛି ତଥ୍ୟ**

ଗତ ୧୦ ବର୍ଷରେ ଭାରତରେ ଗାଈ ପିଛା ହାରାହାରି କ୍ଷୀର ଉତ୍ପାଦନ ୩୫% ବୃଦ୍ଧି ଘଟି ୨୦୧୮-୧୯ ସୁଦ୍ଧା ୧୭୦୦ କିଲୋ ଗ୍ରାମ୍ ଛୁଇଁଛି।

- କେନ୍ଦ୍ର ଗୋପାଳନ ଏବଂ ପଶୁ ସମ୍ପଦ ମନ୍ତ୍ରଣାଳୟ


Vencobb FRESH CHICKEN — Taste the difference

21.12.2019

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 89 | 144 | 154 |
| CTC | 87 | 141 | 151 |
| DKL | 91 | 146 | 156 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 92 | 148 | 158 |
| BHM | 92 | 148 | 158 |

*Conditions Apply

Issued in the Interest of Consumers


■ ନିଲମ ଉପତ୍ୟକାରେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ

# ଆତଙ୍କବାଦୀ ଶିବିର ଧ୍ୱଂସ

**ନୂଆଦିଲ୍ଲୀ,୨୧।୧୨**

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ନିଲମ ଉପତ୍ୟକାରେ ଭାରତୀୟ ସେନାକୁ ବଡ଼ ସଫଳତା ମିଳିଛି। ସେନା କାର୍ଯ୍ୟାନୁଷ୍ଠାନରେ ଉକ୍ତ ଅଞ୍ଚଳରେ ଥିବା କେତେକ ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଛି। ପାକିସ୍ତାନୀ ସୈନ୍ୟଙ୍କ ଅସ୍ତ୍ରବିରତି ଉଲ୍ଲଂଘନର ପାଲଟା ଜବାବ ଦେବାକୁ ଯାଇ ଭାରତୀୟ ଯବାନମାନେ ନିଲମ ନଦୀକୂଳରେ ଥିବା ଏକାଧିକ ପୋଷ୍ଟ ଓ ଆତଙ୍କବାଦୀ ଲଞ୍ଚପ୍ୟାଡକୁ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ କରିଦେଇଛନ୍ତି। ସେନା କାର୍ଯ୍ୟାନୁଷ୍ଠାନରେ ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଜଳିଯାଇଛି। ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତର ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଟାର୍ଗେଟ କରିବାରେ ପାକ୍ ସେନା ଏହି ଲଞ୍ଚପ୍ୟାଡଗୁଡ଼ିକୁ ବ୍ୟବହାର କରୁଥିଲା।

ଅନ୍ୟପକ୍ଷରେ ନିଲମ ଭ୍ୟାଲିରେ ଥିବା ଲେସଭା ଗ୍ରାମ ଉପରେ ଭାରତୀୟ ସେନା ସେଲ୍ ମାଡ଼ କରିବାରୁ ଜଣେ ନାବାଳକଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଥିବା ପାକ୍ ସେନା ପକ୍ଷରୁ କୁହାଯାଇଛି। ସୀମାରେ ଉତ୍ତେଜନା ବଢୁଥିବା ନେଇ ଦୁଇ ଦେଶ ପରସ୍ପରକୁ ଚେତାବନୀ ଦେବାର ଦିନକ ପରେ ଏଭଳି ଘଟଣା ଘଟିଛି। ଗୁରୁବାର ରାତିରେ ନିୟନ୍ତ୍ରଣ ରେଖା ସଂଲଗ୍ନ ଏହି ଅଞ୍ଚଳରେ ଉଭୟ ପକ୍ଷ ସେନା ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଭାରତୀୟ ଯବାନମାନେ ପାକିସ୍ତାନ ପାର୍ଶ୍ୱରେ ଥିବା ଗ୍ରାମକୁ ଟାର୍ଗେଟ କରି ଗୁଳି ଚଳାଇବାରୁ ଜଣେ ୧୪ ବର୍ଷର ବାଳକ ଏବଂ ଅନ୍ୟ ଜଣେ ଯୁବକ ନିହତ ହୋଇଥିବାବେଳେ ପ୍ରତିପକ୍ଷର ୩ ସୈନ୍ୟ ଓ ଦୁଇଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି।

ଶୁକ୍ରବାର ରାତିରେ ମଧ୍ୟ ନିଲମ ଭ୍ୟାଲିରୁ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳି ଚଳାଇଥିଲା। ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିଲେ। ଏହାବ୍ୟତୀତ ଏଲ୍‌ଓସି ଅନ୍ତର୍ଗତ ଟଙ୍ଗଧର ଏବଂ କଞ୍ଜାଲୱାନ ସେକ୍ଟରରେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଜଣାପଡ଼ିଛି।

**୨ ନିହତ ହୋଇଥିବା ପାକ୍‌ର ଅଭିଯୋଗ**



# ମହାରାଷ୍ଟ୍ରରେ ୨ ଲକ୍ଷ ପର୍ଯ୍ୟନ୍ତ କୃଷିଋଣ ଛାଡ଼

**ନାଗପୁର,୨୧।୧୨(ପି.ଟି.)**



ଉଦ୍ଧବ ଠାକ୍‌ରେ

ମହାରାଷ୍ଟ୍ର ସରକାର କୃଷକମାନଙ୍କ ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୩୦ ସୁଦ୍ଧା ବକେୟା ଥିବା କୃଷିଋଣ ଛାଡ଼ କରାଯିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ବିଧାନସଭାରେ କହିଛନ୍ତି। ଏହି ଯୋଜନା ନାଁ 'ମହାତ୍ମା ଜ୍ୟୋତିରାଓ ଫୁଲେ ଋଣଛାଡ଼ ଯୋଜନା' ରଖାଯାଇଛି। ଏହା ବ୍ୟତୀତ ଯେଉଁମାନେ ଠିକ୍ ସମୟରେ ଋଣ ପରିଶୋଧ କରିବେ ସେମାନଙ୍କ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଠାକ୍‌ରେ ଏକ ସ୍ୱତନ୍ତ୍ର ଯୋଜନା ଆଣିଛନ୍ତି।

ଏହି ଋଣ ଛାଡ଼ ଯୋଜନାରେ କୌଣସି ସର୍ତ୍ତ ରଖାଯାଇନାହିଁ। ଏ ସମ୍ପର୍କରେ ସବିଶେଷ ବିବରଣୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାଇଦିଆଯିବ ବୋଲି ଅର୍ଥମନ୍ତ୍ରୀ ଜୟନ୍ତ ପାଟିଲ କହିଛନ୍ତି। ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ହେକ୍ଟର ପିଛା ୨୫ ହଜାର ଟଙ୍କା ସହାୟତା ଦେବାକୁ ଶିବସେନା ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରି ନ ଥିବା ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡ଼୍‌ନବିସ ସମାଲୋଚନା କରିଥିଲେ। ପରେ ଫଡ଼୍‌ନବିସ୍‌ଙ୍କ ସମେତ ବିରୋଧୀ ଦଳ ବିଧାୟକମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ।


**ଶ୍ରୀମନ୍ଦିର ଭିତର ଫଟୋ, ଭିଡିଓ ପୁଣି ଭାଇରାଲ** ........୩........

**ଆଇଏଏସ୍ ଅଫିସର ସ୍ତରରେ ପଦୋନ୍ନତି** ........୭........


# ଜୀବନ ନେଉଛି ପ୍ରାକୃତିକ ବିପତ୍ତି

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ବିଭିନ୍ନ ସମୟରେ ରାଜ୍ୟରେ ହେଉଥିବା ପ୍ରାକୃତିକ ବିପତ୍ତି ଯୋଗୁ ବହୁମୂଲ୍ୟ ଜୀବନ ହରାଇବାକୁ ପଡୁଛି। ଗତ ୧୦ ବର୍ଷ ମଧ୍ୟରେ ବଜ୍ରପାତ, ଅଂଶୁଘାତ, ଅଗ୍ନିକାଣ୍ଡ, ବାତ୍ୟା, ଘୂର୍ଣ୍ଣିଝଡ଼, ବନ୍ୟା, ଡଙ୍ଗାବୁଡ଼ି, ସାପ କାମୁଡ଼ା, ଭୂସ୍ଖଳନ ଓ ପାଣିରେ ବୁଡ଼ି ୧୧,୪୪୦ ଜଣଙ୍କ ଜୀବନ ଯାଇଛି। ଏଥିଯୋଗୁ କେବଳ ୨୦୧୯-୨୦ରେ ୧୫୫୦ ଜଣଙ୍କର ପ୍ରାଣହାନି ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୧-୧୨ରେ ୫୦୧ ଜଣଙ୍କର ଜୀବନ ଯାଇଥିବା ବେଳେ ୨୦୧୨-୧୩ରେ ୪୪୪, ୨୦୧୩-୧୪ରେ ୫୩୮, ୨୦୧୪-୧୫ରେ ୪୮୨, ୨୦୧୫-୧୬ରେ ୧୩୩୬, ୨୦୧୬-୧୭ରେ ୧୭୧୦, ୨୦୧୭-୧୮ରେ ୨୩୨୫, ୨୦୧୮-୧୯ରେ ୨୫୫୦, ୨୦୧୯-୨୦ରେ ୧୫୫୦ ଜଣଙ୍କର ଦୈବବିପତ୍ତି ଯୋଗୁ ମୃତ୍ୟୁ ଘଟିଛି।

- ■ ୧୦ବର୍ଷରେ ୧୧,୪୪୦ ମୃତ
- ■ ଚିନ୍ତା ବଢ଼ାଉଛି ସାପ କାମୁଡ଼ା, ବଜ୍ରପାତ
- ■ ସବୁ ଗାଁରେ ଗଠନ ହେବ ବିପର୍ଯ୍ୟୟ ପରିଚାଳନା କମିଟି
- ■ ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଗ୍ରାମ
- ■ ୫୦ ହଜାର ଗାଁକୁ ସାମିଲ ଲକ୍ଷ୍ୟ



ତେବେ ଗତ କିଛି ବର୍ଷ ହେବ ରାଜ୍ୟରେ ବଜ୍ରପାତ ଓ ସର୍ପାଘାତ ମହାବିପର୍ଯ୍ୟୟ ଭାବେ ଦେଖାଦେଇଛି। ଏଥିରେ ଗତ ୧୦ ବର୍ଷ ମଧ୍ୟରେ ୬୧୧୯ ଜଣଙ୍କର ଜୀବନ ଯାଇଛି। ସଚେତନତା ଅଭାବରୁ ଏହି ଦୁଇ ବିପତ୍ତିଜନିତ ମୃତ୍ୟୁ ସଂଖ୍ୟା ବଢି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସ୍‌ଡମା) ପକ୍ଷରୁ ଗ୍ରାମାଞ୍ଚଳରେ ଗ୍ରାମ ବିପର୍ଯ୍ୟୟ ପରିଚାଳନା ଯୋଜନା(ଭିଡିଏମ୍‌ପି) କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ସମ୍ବେଦନଶୀଳ ଗ୍ରାମକୁ ସାମିଲ କରାଯିବ। ପରବର୍ତ୍ତୀ ସମୟରେ ରାଜ୍ୟର ୫୦ ହଜାର ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏଥିରେ ଗ୍ରାମର ଯୁବତୀ ଯୁବକମାନଙ୍କୁ ସାମିଲ କରାଯିବ। ସେମାନଙ୍କୁ ଜିଲା ଓ ରାଜ୍ୟସ୍ତରରେ ପ୍ରଶିକ୍ଷଣ ଦିଆଯିବ। ଭିଡିଏମ୍‌ପିରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସାମିଲ କରାଯିବ। ଏହି ଯୋଜନାରେ ଗଠିତ ବିପର୍ଯ୍ୟୟ ପରିଚାଳନା ଗୋଷ୍ଠୀରେ ସଚେତନତାଠାରୁ


☞ ପୃଷ୍ଠା-୪







Utkal Kanika GALLERIA
Now there's something for everyone...
at Bhubaneswar's first ever community experience centre!
Spread over 2,40,000 sq. ft. & housing top international brands, Utkal Galleria is one of its kind. With lively spaces for all to rejuvenate & rejoice, it is much more than a shopping hub. Come, experience the joys of a community like never before.
Top international and national fashion brands | 1st Shoppers Stop in Odisha
Most loved food brands | Lavish Food Court
Kids Gaming & Entertainment Zone | Sprawling Outdoor Fun Zone
Join us for YEAR-END CARNIVAL 21st-31st Dec
KEEP CALM & SHOP ON
Shoppers Stop
Marks & Spencer
Parcos
Levi's
Da Milano
Blackberrys
Allen Solly
Van Heusen
Louis Philippe
Indian Terrain
Samsonite
Mochi
lenskart.com
crocs
Jockey
spykar
Mufti
Success
BIBA
W
Go Colors!
Baggit
aurelia
indulge
KFC
Burger King
Pizza Hut
Keventers
Wow! Momo
Developer
Utkal Builders
Inspired by the firsts
Mall Mechanics
beyond squarefeet
shopping mall specialist
All logos and trademarks are owned by their respective brand owners
Kalpana Square, Bhubaneswar
Reach us: +91 67429 59701

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୨ ଡିସେମ୍ବର, ୨୦୧୯

ଉତ୍ତର ଭାରତରେ ଭୟଙ୍କର ଶୀତ ପ୍ରକୋପ ଦେଖିବାକୁ ମିଳିଛି। କଶ୍ମୀର ଉପତ୍ୟକାରେ ବରଫପାତ ହେବା ସହ ଦିଲ୍ଲୀରେ ଘନ କୁହୁଡ଼ି ଯୋଗୁ ଲୋକେ ନାହିଁନଥିବା ଅସୁବିଧାନ ସମ୍ମୁଖୀନ ହୋଇଛନ୍ତି। ଫଳରେ ଟ୍ରେନ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାଜଧାନୀରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀକୁ ଖସିଆସିଛି। ଜମ୍ମୁରେ ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ରହିଥିବାବେଳେ ଲଦାଖରେ ମାଇନସ୍ ୯.୫ ଡିଗ୍ରୀ ରେକର୍ଡ କରାଯାଇଛି। ପଞ୍ଜାବ ଓ ହରିୟାଣାରେ ଏହା ୫.୬ ରହିଛି।








# ୨୪ ସୁଦ୍ଧା ମାଟ୍ରିକ୍, ଯୁକ୍ତ୨ ପରୀକ୍ଷା ତାରିଖ ଘୋଷଣା

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଡିସେମ୍ବର ଶେଷ ହେବାକୁ ବସିଲାଣି। ଏ ପର୍ଯ୍ୟନ୍ତ ମାଟ୍ରିକ୍ ଓ ଯୁକ୍ତ୨ ପରୀକ୍ଷା ପାଇଁ ତାରିଖ ଘୋଷଣା ହୋଇପାରିଲା ନାହିଁ। ବିଳମ୍ବକୁ ନେଇ ପରୀକ୍ଷାର୍ଥୀମାନେ ଚିନ୍ତାରେ ପଡ଼ିଥିବାବେଳେ ଖୁବ୍‌ଶୀଘ୍ର ପରୀକ୍ଷା ତାରିଖ ସମ୍ପର୍କରେ ସୂଚନା ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଶନିବାର କହିଛନ୍ତି। ଆସନ୍ତା ସପ୍ତାହରେ ଦୁଇ ପରିଷଦ ସହିତ ବୈଠକ ବସିବ। ୨୪ତାରିଖ ସୁଦ୍ଧା ଉଭୟ ପରୀକ୍ଷାର ତାରିଖ ଘୋଷଣା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରତିବର୍ଷ ଫେବୃୟାରୀ ଶେଷ ସପ୍ତାହରେ ମାଟ୍ରିକ୍ ଓ ମାର୍ଚ୍ଚ ପ୍ରଥମ ସପ୍ତାହରେ ଯୁକ୍ତ୨ ପରୀକ୍ଷା ହୋଇଥାଏ। ଗତବର୍ଷ ୯୧ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୩ଲକ୍ଷ ୬୦ହଜାର ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଇଥିବାବେଳେ ମ୍ୟାଟ୍ରିକ୍‌ରେ ପ୍ରାୟ ୬ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଅନ୍ୟପଟେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମର ରେଗୁଲାର ଓ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରୀ ଫର୍ମ ପୂରଣ ସମୟ ଅବଧି ଆଉ ଦୁଇଦିନ ବଢ଼ିଛି। ତିନିଥର ସୁଯୋଗ ଦିଆଯିବା ପରେ ମଧ୍ୟ କେତେଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରି ନ ଥିବା ଜଣାପଡ଼ିଥିଲା। ତେଣୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପୁଣି ସୁଯୋଗ ଦିଆଯାଇଛି। ଆସନ୍ତା ୨୩ ଓ ୨୪ ତାରିଖରେ ଛାତ୍ରୀଛାତ୍ର ଫର୍ମ ପୂରଣ କରିପାରିବେ। ପରୀକ୍ଷା ଫି' ବ୍ୟତୀତ ଛାତ୍ରୀଛାତ୍ରଙ୍କୁ ଜରିମାନା ବାବଦରେ ୩୫୦ ଟଙ୍କା ଅଧିକ ଦେବାକୁ ପଡ଼ିବ। ୨୪ରୁ ୨୬ ତାରିଖ ମଧ୍ୟରେ ସେମାନେ ପରୀକ୍ଷା ଫି' ଦାଖଲ କରିବେ ବୋଲି ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଏସ୍‌ସିଏସ୍‌ଟି ହାଇସ୍କୁଲରେ ହେବ 'ସ୍କିଲ୍ ଲିଟେରାସି' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଓ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହଯୋଗରେ ବିଭାଗୀୟ ହାଇସ୍କୁଲଗୁଡ଼ିକରେ 'ସ୍କିଲ୍ ଲିଟେରାସି' କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ମୌଳିକ ଆଭିମୁଖ୍ୟର ପରିବର୍ତ୍ତନ ପାଇଁ ଆବଶ୍ୟକ ଦିଗ୍‌ଦର୍ଶନ ପ୍ରଦାନ କରାଯିବ। ବିଦ୍ୟାଳୟଗୁଡ଼ିକ ଦକ୍ଷତା ବିକାଶ ଦିଗରେ ଛାତ୍ରୀଛାତ୍ରଙ୍କୁ ଅନୁକୂଳ ବାତାବରଣ ନିମନ୍ତେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ନିକଟବର୍ତ୍ତୀ ଆଇଟିଆଇ ଓ ପଲିଟେକ୍‌ନିକ୍‌ର ସହଭାଗିତାରେ ହାଇସ୍କୁଲଗୁଡ଼ିକ ଦିଗ୍‌ଦର୍ଶନ ଦେବେ। ଆଇଟିଆଇ ଓ ପଲିଟେକ୍‌ନିକ୍‌ର ଶିକ୍ଷକମାନେ ଏବଂ ରୋଲ୍ ମଡେଲ୍‌ମାନେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂ କରିବେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ରମାନେ ଆଇଟିଆଇ ଓ ପଲିଟେକ୍‌ନିକ୍‌କୁ ଏକ ଉଜ୍ଜ୍ୱଳ କ୍ୟାରିୟର୍ ଭାବରେ ଚୟନ କରିବେ ଓ ଏଥିପାଇଁ ସଚେତନତା ସୃଷ୍ଟି କରାଯିବ। ଶନିବାର 'ସର୍‌ଗିଫୁଲ ୨୦୧୯' ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଘୋଷଣା କରିଛନ୍ତି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରି ଓତା, ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ଟି) ସଚିନ୍ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ସୂଚନା ଦେଉଛନ୍ତି।




# ଶ୍ରୀମନ୍ଦିର ଭିତର ଫଟୋ, ଭିଡିଓ ପୁଣି ଭାଇରାଲ

- ଗୁଣ୍ଡିଚା ମନ୍ଦିରର ଫଟୋ ବି ଅପ୍‌ଲୋଡ୍ ହୋଇଛି
- ସୋସିଆଲ ମିଡିଆରେ ଚାହାଣି ମଣ୍ଡପରେ ଗପୁଥିବା ଯୁବକଙ୍କ ଫଟୋ

ପୁରୀ ଅଫିସ, ୨୧।୧୨

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ହେଲେ ଏହାକୁ ଅନେକେ ମାନୁ ନାହାନ୍ତି। ଫଳରେ ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିରର ଭିତର ଫଟୋ। ବିଭିନ୍ନ ସମୟରେ ମନ୍ଦିରର ବିଭିନ୍ନ ସ୍ଥାନରେ ସେଲ୍‌ଫି ନେଇ ଓ ଫଟୋ ଉଠାଇ ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି ଶ୍ରଦ୍ଧାଳୁ। ବେଳେବେଳେ ଏଥିରୁ ବାଦ୍ ପଡୁନାହାନ୍ତି ଶ୍ରୀମନ୍ଦିର କର୍ମଚାରୀ, ପୋଲିସ ଓ ସେବାୟତ। ପୂର୍ବରୁ ଏମିତି ଏକାଧିକ ଫଟୋ ଓ ଭିଡିଓ ସୋସିଆଲ ମିଡ଼ିଆରେ ଘୂରିବୁଲୁଥିବା ବେଳେ ଶନିବାର ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଭିଡିଓ ଏବଂ ଫଟୋ। କେବଳ ଶ୍ରୀମନ୍ଦିର ନୁହେଁ, ସମ୍ପୃକ୍ତ ଯୁବକ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଗୁଣ୍ଡିଚା ମନ୍ଦିର ଭିତର ଫଟୋ ବି ଅପ୍‌ଲୋଡ କରିଛନ୍ତି। ଏତଦ୍‌ବ୍ୟତୀତ ସକାଳେ ଶ୍ରୀମନ୍ଦିର ଭିତରେ ଚାହାଣି ମଣ୍ଡପରେ ଜଣେ ଯୁବକ ମୋବାଇଲ ଫୋନ ଧରି କଥା ହେଉଥିବା ଫଟୋ ମଧ୍ୟ ଭାଇରାଲ ହୋଇଥିଲା।

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ଏ ନେଇ ଗୋଇନ୍ଦା ବିଭାଗ ବିଭିନ୍ନ ସମୟରେ ରିପୋର୍ଟ ଦେଇଆସୁଛି। ବିଗତ କିଛିବର୍ଷ ହେଲା ଏନ୍‌ଏସ୍‌ଜି ମଧ୍ୟ ଆସି ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। କୌଣସି ଅଘଟଣ ଆଶଙ୍କା କରି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ଜାରି କରିଛି ପ୍ରଶାସନ। ଏ ନେଇ ଭକ୍ତଙ୍କୁ ସଚେତନ କରିବା ଲାଗି ଚାରିଦ୍ୱାରରେ ସୂଚନାଫଳକ ଲଗାଯାଇଛି। ଡାକବାଜି ଯନ୍ତ୍ର ଯୋଗେ ମଧ୍ୟ ସଚେତନ କରାଯାଉଛି। ପ୍ରବେଶ ପଥରେ ପୋଲିସ ମୋବାଇଲ ଫୋନ ଯାଞ୍ଚ କରି ଭକ୍ତଙ୍କୁ ଭିତରକୁ ଛାଡୁଛି। ଏହାସତ୍ତ୍ୱେ ମନ୍ଦିର ଭିତରକୁ କିପରି ମୋବାଇଲ ଫୋନ୍ ଯାଉଛି ତାହାକୁ ନେଇ ଉଠିଛି ପ୍ରଶ୍ନ। ଶନିବାର ସନ୍ଧ୍ୟାରେ ଯେଉଁ ଭିଡିଓ ଏବଂ ଫଟୋ ଭାଇରାଲ ହୋଇଛି ତାହା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ବାସ୍ତବତାକୁ ପଦାରେ ପକାଇଛି। ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ସୋମ୍ ମୋଡାକଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିର ଭିତର ଭିଡିଓ ଓ ଫଟୋ ଅପ୍‌ଲୋଡ ହୋଇଛି। ୫୦ ସେକେଣ୍ଡର ଏହି ଭିଡିଓରେ ମନ୍ଦିର ବେଢ଼ା ଭିତର ଭୋଗମଣ୍ଡପ, ସାତପାହାଚ, ନାଭିକଟା ମଣ୍ଡପ, ଘଣ୍ଟିଦ୍ୱାର, କୀର୍ତ୍ତନ ଚକଡା, ଲକ୍ଷ୍ମୀ ମନ୍ଦିର, ସୂର୍ଯ୍ୟ ମନ୍ଦିର ଆଦି ରହିଛି। ଆନନ୍ଦ ବଜାର ଭିତରୁ ଏହି ଭିଡିଓ କରାଯାଇଥିବା ଜଣାପଡୁଛି। ସେହିପରି ଜଗନ୍ନାଥ ମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଭିତରର ଅନେକ ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଗତ ୧୮ ତାରିଖରେ ଅପ୍‌ଲୋଡ ହୋଇଛି। ତେବେ ଚାହାଣି ମଣ୍ଡପରେ ମୋବାଇଲ ଫୋନ ଧରି କଥା ହେଉଥିବା ଯୁବକ ହୁଅନ୍ତୁ ଅବା ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର ସୋମ୍ ମୋଡାକ ଏମାନେ ଭିତରକୁ ମୋବାଇଲ ଫୋନ ନେଲେ କିପରି? ଶ୍ରୀମନ୍ଦିରର ଚାରିଦ୍ୱାରରେ ମାଳ ମାଳ ପୋଲିସ ରହୁଥିବାବେଳେ ଜାଣିପାରୁନାହାନ୍ତି କିପରି? ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ଯୁବକ ଦ୍ୱୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିର ଭିତର ଫଟୋ ଓ ଭିଡିଓ ଭାଇରାଲ ଘଟଣା ଆମ ନଜରକୁ ଆସିଛି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଯେଉଁ ଯୁବକ ଦ୍ୱୟ ଏଭଳି କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ।

## ୧୫୭ ତମ ରାଜ୍ୟସ୍ତରୀୟ ବ୍ୟାଙ୍କିଙ୍ଗ୍ କମିଟି ବୈଠକ

# ଅପହଞ୍ଚ ଅଞ୍ଚଳରେ ବ୍ୟାଙ୍କ ସେବାକୁ ଗୁରୁତ୍ୱ



ଏସ୍‌ଏଲ୍‌ବିସି ବୈଠକରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା ଓ ଅନ୍ୟ ପଦାଧିକାରୀ।

- ଯୋଗଦେଲେ ଅର୍ଥମନ୍ତ୍ରୀ, ଉନ୍ନୟନ କମିଶନର
- ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ଏସ୍‌ବିଆଇ ଶାଖା ଖୋଲିବାକୁ ପରାମର୍ଶ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ରାଜ୍ୟର ମାଓବାଦୀ ଉପଦ୍ରୁତ ଜିଲାଗୁଡ଼ିକରେ ବ୍ୟବସାୟିକ ପ୍ରତିନିଧିମାନେ ଇଣ୍ଟରନେଟ୍ ସଂଯୋଗ ପାଇବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହିସବୁ ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କିଂ ସେବା ଉନ୍ନତୀକରଣର ମଧ୍ୟ ଆବଶ୍ୟକତା ରହିଛି। ଏଥିପାଇଁ ନାବାର୍ଡ ଓ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି) ମଧ୍ୟରେ ଆଲୋଚନା ହୋଇ ଭିସାଟ୍ ମାଧ୍ୟମରେ ଇଣ୍ଟରନେଟ୍ ସେବା ଉପଲବ୍ଧ କରାଯିବ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଇଛନ୍ତି। ରାଜ୍ୟର ଯେଉଁ ଗ୍ରାମପଞ୍ଚାୟତଗୁଡ଼ିକରେ ସ୍ଥାୟୀ ବ୍ୟାଙ୍କ ନାହିଁ ସେଠାରେ ନୂଆ ବ୍ୟାଙ୍କ ଖୋଲିବା ପାଇଁ ଏକ କମିଟି ଗଠନ କରାଯାଇଛି। ହିତାଧିକାରୀମାନଙ୍କୁ ସିଧାସଳଖ ଅର୍ଥ ହସ୍ତାନ୍ତର (ଡିବିଟି) ବ୍ୟବସ୍ଥା ଡିଜିଟାଲ୍ ମାଧ୍ୟମରେ ପଇଠ କରାଯିବାକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ବ୍ୟାଙ୍କଗୁଡିକ ପାଇଁ ରାଜ୍ୟ ସରକାର ଜମି ଯୋଗାଇଦେବେ ବୋଲି ଜଣାପଡିଛି। ରାଜ୍ୟର ଅଭାବୀ ଛାତ୍ରମାନଙ୍କୁ ଋଣ ଯୋଗାଇବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ରାଜ୍ୟରେ ଆର୍ଥିକ ବିକାଶ କ୍ଷେତ୍ରରେ ଏସ୍‌ଏଲ୍‌ବିସି, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନାବାର୍ଡ, ଅର୍ଥ ବିଭାଗ ଏବଂ ସମସ୍ତ ବ୍ୟାଙ୍କିଂ କ୍ଷେତ୍ରର ସହଭାଗିତା ଜାରି ରହି ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟ କରାଯାଉଛି। ଏ ସମ୍ପର୍କିତ ବିସ୍ତୃତ ସୂଚନା ୧୫୭ତମ ଏସ୍‌ଏଲ୍‌ବିସି ବୈଠକରେ ଅର୍ଥମନ୍ତ୍ରୀ ପ୍ରଦାନ କରିଛନ୍ତି। ଆର୍ଥିକ ସାକ୍ଷରତା କ୍ୟାମ୍ପ ମାଧ୍ୟମରେ ସଚେତନତା କରାଯାଇ ଜନସାଧାରଣ ତାଙ୍କର କଷ୍ଟ ଉପାର୍ଜିତ ଅର୍ଥକୁ ଉପଯୁକ୍ତ ସ୍ଥାନରେ ସଞ୍ଚୟ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ଅଧିକା ସ୍ଥାୟୀ ଶାଖା ଖୋଲିବାର ଆବଶ୍ୟକତା ରହିଛି। ମାଲକାନଗିରିର ଦୁର୍ଗମ ଅଞ୍ଚଳରେ ଅତ୍ୟନ୍ତ ପକ୍ଷେ ଗୋଟିଏ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ଖୋଲିବା ପାଇଁ ଏସ୍‌ବିଆଇ କର୍ତ୍ତୃପକ୍ଷ ପ୍ରସ୍ତାବ ଦିଆଯାଇଛି। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା କହିଥିଲେ ଯେ, ବ୍ୟାଙ୍କ ନ ଥିବା ଗ୍ରାମପଞ୍ଚାୟତଗୁଡ଼ିକରେ ବ୍ୟାଙ୍କ ଖୋଲିବା ନିମନ୍ତେ ଯେଉଁ କମିଟି ଗଠିତ ହୋଇଥିଲା ତା'ର ରିପୋର୍ଟ ସେମାନେ ଦେଇଛନ୍ତି। ଏସ୍‌ଏଲ୍‌ବିସି ଓଡ଼ିଶାରେ ବ୍ୟାଙ୍କ ନ ଥିବା ଗ୍ରାମପଞ୍ଚାୟତଗୁଡ଼ିକରେ ବ୍ୟାଙ୍କ ଖୋଲିବା ପାଇଁ ପଦକ୍ଷେପ ନେବେ। ବ୍ୟବସାୟିକ ପ୍ରତିନିଧିମାନେ ତାଙ୍କର କାର୍ଯ୍ୟଧାରାକୁ ଅଧିକ ସକ୍ରିୟ କରନ୍ତୁ ଏବଂ ବ୍ୟାଙ୍କଗୁଡ଼ିକ କୃଷି କ୍ଷେତ୍ରକୁ ଅଧିକ ଅଗ୍ରାଧିକାର ଦିଅନ୍ତୁ ବୋଲି ମୀନା କହିଥିଲେ।

ଭାରତ ସରକାରଙ୍କ ସ୍ୱତନ୍ତ୍ର ସଚିବ ଦେବାଶିଷ ପଣ୍ଡା କହିଲେ ଯେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବ୍ୟବସାୟିକ ପ୍ରତିନିଧି ଭାବେ କାର୍ଯ୍ୟ କରନ୍ତୁ। ଗ୍ରାମାଞ୍ଚଳରେ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ସାମାଜିକ ସୁରକ୍ଷା ଓ ବୀମା ଯୋଜନାକୁ ତ୍ୱରାନ୍ୱିତ କରିବା ଦିଗରେ କାର୍ଯ୍ୟ କରନ୍ତୁ। ଏଟିଏମ୍ ନିକଟରେ ହେଉଥିବା ବିଶୃଙ୍ଖଳା ଓ କ୍ୟାଶ୍ ଭ୍ୟାନ୍‌ର ସୁରକ୍ଷା ବାବଦରେ ଗୃହ ବିଭାଗ ସହିତ ଆଲୋଚନା କରିବାକୁ ପଣ୍ଡା କହିଥିଲେ। ମିଶନ ଶକ୍ତି କମିଶନର ସୁଜାତା କାର୍ତ୍ତିକେୟନ୍ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଅଧିକ ଋଣ ଯୋଗାଇଦେବା ପାଇଁ ବ୍ୟାଙ୍କଗୁଡ଼ିକ ଆଗେଇ ଆସିବା ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଏମ୍.କେ. ମଲ୍ଲ, ନାବାର୍ଡର ସିଜିଏମ୍ ଏ. ଚନ୍ଦ୍ରଶେଖର, ୟୁକୋ ବ୍ୟାଙ୍କର ସିଇଓ ତଥା ଏମ୍‌ଡି ଏ.କେ. ଗୋୟଲ୍, ରାଜ୍ୟ ଅର୍ଥ ପ୍ରତିଷ୍ଠାନର ସ୍ୱତନ୍ତ୍ର ସଚିବ ପି.କେ. ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



## କଂଗ୍ରେସରେ ମିଶ୍ରଣ ପର୍ବ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)– ଭାଜପା ଛାଡି ସୁଭଦ୍ରା ମିଶ୍ର ଏବଂ ଅଶୋକ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶନିବାର କଂଗ୍ରେସରେ ଯୋଗଦାନ କରିଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମାମୁନ୍ ପରିବାରବର୍ଗ


ଆଶୁ ପରିବାରବର୍ଗ


ଦୟାଶଙ୍କର ପରିବାରବର୍ଗ


ହାପି ପରିବାରବର୍ଗ


ପୂର୍ଣ୍ୟଶ୍ଲୋକ ପରିବାରବର୍ଗ


ଅର୍ଶୀ ପରିବାରବର୍ଗ


ସୂର୍ଯ୍ୟଶ୍ରୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସସ୍ମିତା ଦଲାଇ


ଦାମୋଦର ଖମାରୀ


ରାଜେଶ କୁମାର ସାହୁ


କୁମ୍‌କୁମ୍ ମହାନ୍ତି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କି ବାଇ ବୁଦ୍ଧି କଲି**
**ଛାର କଉଡ଼ି ପଣକ ପାଇଁ**
**ମୋ ପଣତ ବନ୍ଧା ଦେଲି।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନସମ୍ମାନ ବା ଇଜ୍ଜତ। ଏହା ଥରେ ଚାଲିଗଲେ ଆଉ ଯେତେ ଚେଷ୍ଟା କଲେ ମଧ୍ୟ ଫେରିଆସି ନ ଥାଏ। ତେଣୁ ବ୍ୟକ୍ତି ନିଜ କର୍ମ ପ୍ରତି ସଜାଗ ବା ସଚେତନ ରହିବା ବିଧେୟ। ସାମାନ୍ୟ ଅର୍ଥ କେତେଟା ପାଇଁ ମାନସମ୍ମାନକୁ ତଳେ ପକାଇଥିବା ବ୍ୟକ୍ତି ପଶ୍ଚାତାପ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କହି ଜାଣିଲେ ପୁଇଁ ଚିଙ୍ଗୁଡ଼ି ବିକାଯାଏ**
**କହି ନ ଜାଣିଲେ ଲାଉ କଖାରୁ ଗଡ଼ଗଡ଼ଉ ଥାଏ।**

ଜଣେ ଯଦି ଭଲ କଥା କହିପାରେ, ତା'ହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରି ଦେଇପାରେ। କହି ନ ଜାଣିଲେ ଭଲ ଜିନିଷ ମଧ୍ୟ ବିକ୍ରି ନ ହୋଇ ପଡ଼ି ରହେ। ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସେସୁକୁ ଅଧିଗ୍ରହଣ କରିବ ଟାଟା ପାୱାର

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)** ରାଜ୍ୟରେ ବିଦ୍ୟୁତ ବିତରଣ କରୁଥିବା ସେସୁର ୫୧ ପ୍ରତିଶତ ଅଂଶଧନ ଟାଟା ପାୱାର ଅଧିଗ୍ରହଣ କରିବ ବୋଲି ଜଣାପଡିଛି। ଆସନ୍ତା ବର୍ଷ ପ୍ରଥମ ସପ୍ତାହ ଶେଷ ସୁଦ୍ଧା ଟାଟା ପାୱାରକୁ ଲେଟର ଅଫ୍ ଇଣ୍ଟେଣ୍ଟ୍ ପ୍ରଦାନ କରାଯାଇ ପାରେ ବୋଲି ଅଧିକାରୀ ସୂତ୍ରରୁ ଜଣାପଡିଛି। ୨୦୦୧ ମସିହାରୁ ସେସୁର ୫୧ ପ୍ରତିଶତ ଅଂଶଧନ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ନିକଟରେ ରହିଥିଲା। ଦୀର୍ଘ ୧୯ ବର୍ଷ ପରେ ସେସୁର ଘରୋଇକରଣ ହେବାକୁ ଯାଉଛି। ସେହିପରି ସେସୁର ଘରୋଇକରଣ ପରେ ୱେସ୍କୋ, ନେସ୍କୋ ଏବଂ ସାଉଥ୍‌କୋର ଘରୋଇକରଣ ପାଇଁ ଚିନ୍ତା କରାଯାଉଥିବା ଜଣାପଡିଛି।

## ନଦୀ ପାର ହେଲେ ଗର୍ଭବତୀ

**ରାୟଗଡ଼ା ଅଫିସ,୨୧।୧୨** ରାୟଗଡ଼ା ଜିଲାରେ ଦେଖିବାକୁ ମିଳିଛି ଜନନୀ ଯନ୍ତ୍ରଣା । ଗ୍ରାମରେ ରାସ୍ତା ନ ଥିବାରୁ ଜଣେ ଗର୍ଭବତୀ ୩ କିମି ଚାଲିବା ସହ ଝଞ୍ଜାବତୀ ନଦୀ ପାର ହୋଇ ଡ଼ାକ୍ତରଖାନା ଯାଇଛନ୍ତି । ନିକଟସ୍ଥ ରାୟଗଡ଼ା ସହର ତାଡ଼ମା ପଞ୍ଚାୟତ ସିରିପାଇ ଗ୍ରାମର କମଲେଶ ହୁଇକାଙ୍କ ସ୍ତ୍ରୀ ସୁନା ହୁଇକା (୩୨)ଙ୍କ ଶନିବାର ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ଯନ୍ତ୍ରଣା ଅସହ୍ୟ ହେବାରୁ ପରିବାର ଲୋକେ ସ୍ଥାନୀୟ ଆଶାକର୍ମୀଙ୍କୁ ଜଣାଇଥିଲେ । ପରେ ଗ୍ରାମବାସୀ ସୁନାଙ୍କୁ ବୋହି ବୋହି ୩ କିମି ପାଦଚଲା ରାସ୍ତାରେ ଆଣିବା ପରେ ଝଞ୍ଜାବତୀ ନଦୀ ପାର କରିଥିଲେ । ନଦୀ ଆରପଟେ ଅଙ୍ଗନୱାଡ଼ି ଓ ଆଶାକର୍ମୀ ଅପେକ୍ଷା କରି ରହିଥିଲେ । ପରେ ସୁନାଙ୍କୁ ଏକ ଅଟୋ ଭଡ଼ା କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ସୁନା ହୁଇକା ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି । ଉଭୟେ ମାଆ ଓ ଛୁଆ ସୁସ୍ଥ ଥିବା ଜଣାଯାଇଛି ।

## ଆଇସିଏଫ୍‌ର ରେକର୍ଡ଼: ବର୍ଷକରେ ୩ହଜାର ରେଳ କୋଚ୍



**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ଚେନ୍ନାଇସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍) ଚଳିତ ବର୍ଷ ରେକର୍ଡ ସଂଖ୍ୟକ ରେଳ କୋଚ୍ ତିଆରି କରିଛି। ୨୦୧୯–୨୦ ଆର୍ଥିକ ବର୍ଷରେ ଆଇସିଏଫ୍ ୨୧୫ କାର୍ଯ୍ୟ ଦିବସରେ ୩ ହଜାର କୋଚ୍ ତିଆରି କରିପାରିଛି ବୋଲି ରେଳମନ୍ତ୍ରୀ ପୀୟୂଷ ଗୋୟଲ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଯେ, ଭାରତୀୟ ରେଳପଥ ସର୍ବଦା ଯାତ୍ରୀଙ୍କ ପାଇଁ ଉତ୍ସର୍ଗୀକୃତ ହୋଇ ରହିଛି। ମାତ୍ର ୯ ମାସରୁ କମ୍ ସମୟ ଭିତରେ ଆଇସିଏଫ୍ ଏହି ରେକର୍ଡ଼ ସୃଷ୍ଟି କରିଛି। ପୂର୍ବରୁ ୨୦୧୪ ପର୍ଯ୍ୟନ୍ତ ବର୍ଷକୁ ମାତ୍ର ୧ ହଜାର କୋଚ୍ ନିର୍ମାଣ ହୋଇପାରୁଥିଲା। ବିଗତ ବର୍ଷରେ ୨୮୯ କାର୍ଯ୍ୟ ଦିବସରୁ ହ୍ରାସ ପାଇ ଚଳିତ ବର୍ଷ ୨୧୫ରେ ପହଞ୍ଚିଛି। ଶତକଡ଼ା ୨୫.୬% ପ୍ରତିଶତ କମ୍ ସମୟ ବ୍ୟବହାର କରାଯାଇ ଏହି ରେକର୍ଡ଼ ସୃଷ୍ଟି କରାଯାଇଛି ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୨୨–୨୩ ସୁଦ୍ଧା ଆଇସିଏଫ୍ ୪୦ ବନ୍ଦେ ଭାରତ ଏକ୍ସପ୍ରେସ ତିଆରି କରିବାକୁ ଯୋଜନା ରଖିଛି।

## ଜୀବନ ନେଉଛି...

ପ୍ରଥମ ପୃଷ୍ଠାରୁ...

ଆରମ୍ଭ କରି ଉଦ୍ଧାର, ଗବେଷଣା, ସୂଚନା ଆଦି ବିଷୟରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ। ସେମାନେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଅଧିକାରୀଙ୍କୁ ଜଣାଇବେ। ବିପତ୍ତି ଆସିବା ପୂର୍ବରୁ ଓ ପରେ ଲୋକମାନଙ୍କୁ ସଚେତନ କରାଯାଇ ପାରିବ। ଫଳରେ ରାଜ୍ୟରେ ପ୍ରାକୃତିକ ବିପତ୍ତି ଯୋଗୁ ହେଉଥିବା ମୃତ୍ୟୁକୁ ଅନେକାଂଶରେ ହ୍ରାସ କରାଯାଇ ପାରିବ ବୋଲି ଡେପୁଟି ରିଲିଫ୍ କମିଶନର ପ୍ରଭାତ ରଞ୍ଜନ ମହାପାତ୍ର କହିଛନ୍ତି।

୨୦୧୧ରୁ ଏ ପର୍ଯ୍ୟନ୍ତ କେବଳ ବଜ୍ରପାତ ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ୩୧୯୮ ଜଣଙ୍କର ମୃତ୍ୟୁ ହୋଇଛି। ରାଜ୍ୟରେ ସାପ କାମୁଡା ଆଉ ଏକ ଭୟଙ୍କର ପ୍ରାକୃତିକ ବିପତ୍ତି ଭାବେ ଦେଖାଦେଲାଣି। ସର୍ପ ଦଂଶନରେ ବହୁ ଲୋକଙ୍କର ପ୍ରାଣହାନି ଘଟୁଛି। ଉପଯୁକ୍ତ ଚିକିତ୍ସା ଅଭାବ, ଗୁଣିଗାରେଡି ଏବଂ ଡାକ୍ତରଖାନାରେ ସାପ କାମୁଡା ଔଷଧ ଅଭାବ ଯୋଗୁ ରାଜ୍ୟରେ ସାପ କାମୁଡା ଜନିତ ମୃତ୍ୟୁ ବଢି ଚାଲିଛି। ସ୍ୱତନ୍ତ୍ର ରିଲିଫ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୫ରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ସାପ କାମୁଡାରେ ୩,୪୨୧ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୫–୧୬ରେ ସାପ କାମୁଡାରେ ୪୮୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୬–୧୭ରେ ୬୧୦, ୨୦୧୭–୧୮ରେ ୮୩୭, ୨୦୧୮–୧୯ରେ ୮୮୬ ଏବଂ ୨୦୧୯–୨୦ରେ ୬୦୩ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସରକାର ଏହାକୁ ୨୦୧୫ରୁ ପ୍ରାକୃତିକ ବିପତ୍ତି ଭାବେ ଘୋଷଣା କରିଛନ୍ତି। ସାପ କାମୁଡାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ସାପ କାମୁଡାରେ ମୟୂରଭଞ୍ଜ ଜିଲା ଆଗରେ ରହିଛି। ୨୦୧୯ ନଭେମ୍ବର ୨୧ ପର୍ଯ୍ୟନ୍ତ ଏହି ଜିଲାରେ ୩୧୨ ଜଣଙ୍କର ସାପ କାମୁଡାରେ ମୃତ୍ୟୁ ହୋଇଛି। ଏହା ତଳକୁ ଗଞ୍ଜାମ ୨୮୭, ବାଲେଶ୍ୱର ୨୬୬, ଅନୁଗୋଳ ୧୦୨, ଭଦ୍ରକ ୧୩୫, ଢେଙ୍କାନାଳ ୧୦୨, ଯାଜପୁର ୧୧୬, କେନ୍ଦୁଝର ଜିଲାରେ ସର୍ବାଧିକ ୧୬୩ ଜଣଙ୍କର ମୃତ୍ୟୁ ହୋଇଛି। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇପାରିଲେ ସାପ କାମୁଡାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ ବୋଲି ଡେପୁଟି ରିଲିଫ୍ କମିଶନର କହିଛନ୍ତି।

## ଯୁବକଙ୍କ ମୃତ୍ୟୁକୁ ନେଇ ଥାନାରେ ହତ୍ୟା ଅଭିଯୋଗ
# ଅଡୁଆରେ ବନ ବିଭାଗ

**ପାଲଲହଡା,୨୧।୧୨(ଡି.ଏନ.ଏ.)** ଜଙ୍ଗଲକୁ ଜାଳେଣି ସଂଗ୍ରହ ପାଇଁ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ବନ କର୍ମଚାରୀଙ୍କ ବିରୋଧରେ ପାଲଲହଡ଼ା ଥାନାରେ ଏତଲା ଦିଆଯାଇଛି। ସ୍ୱାମୀଙ୍କୁ କର୍ମଚାରୀମାନେ ପିଟି ପିଟି ମାରିଦେଇଥିବା ମୃତ ଯୁବକଙ୍କ ସ୍ତ୍ରୀ ଅଭିଯୋଗ କରିବା ପରେ ଅଡୁଆରେ ପଡ଼ିଛି ବନ ବିଭାଗ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗରୁ ପ୍ରକାଶ ଯେ, ପାଲଲହଡା ଥାନା ବାଡିସୂଆଁ ପଞ୍ଚାୟତ ସୋଲଡ଼ା ଗ୍ରାମର ବୁଧୁରାମ କୁଙ୍କାଲ ଟ୍ରାକ୍ଟର ଚାଳକ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ସନ୍ଧ୍ୟାରେ ବୁଧୁରାମ ଏବଂ ସ୍ତ୍ରୀ ପ୍ରମିଳା ଜାଳେଣି ପାଇଁ ପାଖ ଜଙ୍ଗଲକୁ ଯାଇଥିଲେ। ଦୁହେଁ କାଠ ଧରି ଫେରୁଥିବା ବେଳେ ପାଲଲହଡା ଫରେଷ୍ଟର ଭାରତୀ କପରଦାର ଏବଂ କର୍ମଚାରୀମାନେ ପିଛା କରିଥିଲେ। ଭୟରେ ସମ୍ପୃକ୍ତ ଦମ୍ପତି ଦୌଡିଥିଲେ। ସ୍ତ୍ରୀ ପ୍ରମିଳା ଘରେ ପହଞ୍ଚିଥିଲେ ହେଁ ବୁଧୁରାମ ଘରକୁ ଫେରି ନ ଥିଲେ। ଶନିବାର ସକାଳେ ବୁଧୁରାମଙ୍କ ମୃତଦେହ ଉପଖଣ୍ଡ ଚିକିତ୍ସାଳୟରେ ଥିବା ପ୍ରମିଳା ଖବର ପାଇଥିଲେ। ବୁଧୁରାମଙ୍କ ମୁହଁରେ କ୍ଷତ ଚିହ୍ନ ଥିବାରୁ ବନ କର୍ମଚାରୀମାନେ ତାଙ୍କୁ ପିଟି ପିଟି ମାରିଦେଇଥିବା ପ୍ରମିଳା ପାଲଲହଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଫରେଷ୍ଟର କପରଦାର କହିଛନ୍ତି, ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କୁ ଦେଖି ଜଙ୍ଗଲପଟୁ ଆସୁଥିବା ବୁଧୁରାମ ଦୌଡ଼ିଥିଲେ। କର୍ମଚାରୀମାନେ ତାଙ୍କ ପଛରେ ଯାଇଥିଲେ। କିଛି ସମୟ ପରେ ବୁଧୁରାମ ପଡିଥିବା ଦେଖି କର୍ମଚାରୀମାନେ ଗାଡିରେ ପାଲଲହଡା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସ୍ତ୍ରୀ କରିଥିବା ଅଭିଯୋଗ ଭିତ୍ତିହୀନ। କୌଣସି କର୍ମଚାରୀ ବୁଧୁରାମଙ୍କୁ ଆକ୍ରମଣ କରିନାହାନ୍ତି ବୋଲି ଫରେଷ୍ଟର ପ୍ରକାଶ କରିଛନ୍ତି। ପାଲଲହଡା ଥାନା ଅଧିକାରୀ କନକ ମାଝି କହିଛନ୍ତି, ପ୍ରମିଳାଙ୍କ ଅଭିଯୋଗ ଆଧାରରେ ନଂ. ୧୮୦/୧୯ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତର ଦିଗ ନିର୍ଦ୍ଧାରଣ କରାଯିବ।

# ହୋଟେଲ ମାଲିକଙ୍କ ସୂଚନାରୁ ଫିଟିଥିଲା ହତ୍ୟା ରହସ୍ୟ

**କେବଳ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ନୁହେଁ, ଅପରାଧ ରୋକିବା ଏବଂ ଠିକ ଢଙ୍ଗରେ ତଦନ୍ତ ଚଳାଇ ଅପରାଧୀଙ୍କୁ ଧରିବା ପୋଲିସର ପ୍ରମୁଖ ଦାୟିତ୍ୱ। ଏହି ଗୁରୁଦାୟିତ୍ୱ ସମ୍ପାଦନ ବେଳର ଅନୁଭୂତି ଅନେକ ପୋଲିସ ଅଧିକାରୀଙ୍କ ପାଇଁ ଅପାସୋରା ହୋଇ ରହିଥାଏ। ଏଭଳି ଏକ ଅନୁଭୂତି ସମ୍ପର୍କରେ କଟକ ପୁରୀଘାଟ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁ ଯାହା କୁହନ୍ତି...**

**ଥାନା ଅଧିକାରୀଙ୍କ ଅନୁଭୂତି**

୨୦୧୫ ମସିହା କଥା। ସେତେବେଳେ ମୁଁ ଭୁବନେଶ୍ୱର ଏୟାରଫିଲ୍ଡ ଥାନାରେ ଥାଏ। ଭୋର ପ୍ରାୟ ୫ଟାରେ ଗୋଟେ ଫୋନ କଲ୍ ଆସିଲା ଯେ, ଥାନା ଅଧୀନ କାର୍‌ଗିଲ ବସ୍ତି ନିକଟରେ ଜଣେ ନାବାଳକଙ୍କ ମୃତଦେହ ପଡ଼ିଛି। ମୁଁ ଘଟଣାସ୍ଥଳରେ ପହଞ୍ଚି ଦେଖିଲି, ଜଣେ ନାବାଳକ ବିଦ୍ୟୁତ୍ ଖୁଣ୍ଟକୁ ଡେରେଇ ହୋଇ ବସିଥିଲେ। ତାଙ୍କ ବୟସ ପ୍ରାୟ ୧୪ ବର୍ଷ ହେବ। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲି। ସ୍ଥାନୀୟ ଅଞ୍ଚଳରେ ଅନେକ ପଚରାପଚରି ପରେ ବି ନାବାଳକଙ୍କ କୌଣସି ପରିଚୟ ପାଇ ନ ଥିଲୁ। ଗଣମାଧ୍ୟମରେ ଘଟଣା ସମ୍ବନ୍ଧରେ ଖବର ପ୍ରକାଶ ପାଇବା ପରେ ଅନେକ ଚର୍ଚ୍ଚା ହୋଇଥିଲା। ଏୟାରଫିଲ୍ଡ ଭଳି ଭିଆଇପି ଅଞ୍ଚଳରେ ଏମିତି ଏକ ଘଟଣା ଘଟିଥିବାରୁ ଆମେ ଅନେକ ଚାପରେ ଥାଉ। ୩ଦିନ ହୋଇଯାଇଥାଏ, ତଥାପି ଆମ ହାତରେ କିଛି ତଥ୍ୟ ନ ଥାଏ। ୩ଦିନ ପରେ ଜଣେ ବ୍ୟକ୍ତି ଏହି ଘଟଣା ସମ୍ପର୍କରେ ଖବରକାଗଜରୁ ପଢ଼ି ଥାନାକୁ ଆସିଲେ। ନାବାଳକ ଜଣକ ତାଙ୍କ ପୁଅ ବୋଲି ସେ ଚିହ୍ନଟ କରିଥିଲେ। ଏହାପରେ ନାବାଳକଙ୍କ ପରିଚୟ ମିଳିଥିଲା। ଦୁର୍ଭାଗ୍ୟ ଯେ, କ୍ୟାପିଟାଲ ହସ୍ପିଟାଲରେ ଯେଉଁଠି ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ରଖାଯାଇଥିଲା, ଠିକ୍ ତା' ପଛପଟରେ ହିଁ ତାଙ୍କ ଘର। ଅପମୃତ୍ୟୁ ମାମଲା ହତ୍ୟା ମାମଲାରେ ପରିବର୍ତ୍ତନ ହୋଇଯାଇଥିଲା। ତେବେ କିଛି ତଥ୍ୟ ନ ଥିବାରୁ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ଆମ ପାଇଁ ଚ୍ୟାଲେଞ୍ଜ ଥିଲା। ନାବାଳକ ରହୁଥିବା ସୁଇପର କଲୋନୀ ଓ ମୃତଦେହ ଜବତ ହୋଇଥିବା ଅଞ୍ଚଳରେ ଲୋକଙ୍କୁ ପଚରାଉଚରା କରିଥିଲି। ଦୀର୍ଘ ସମୟ ପରିଶ୍ରମ ପରେ ଜଣେ ହୋଟେଲ ମାଲିକ ନାବାଳକଙ୍କ ସମ୍ବନ୍ଧରେ କିଛି ତଥ୍ୟ ଦେଇଥିଲେ। ହତ୍ୟା ଘଟଣାର ପୂର୍ବଦିନ ସେ ଉକ୍ତ ନାବାଳକଙ୍କୁ ତାଙ୍କର କିଛି ସାଙ୍ଗଙ୍କ ସହ ଦେଖିଥିଲେ। ଉକ୍ତ ବ୍ୟକ୍ତିଙ୍କ କଥା ଅନୁସାରେ ନାବାଳକଙ୍କର ଜଣେ ସାଙ୍ଗଙ୍କୁ ଆଣି ପଚରାଉଚରା କରିଥିଲି। ପ୍ରଥମେ ସେ କିଛି କହି ନ ଥିଲେ। ଅଧିକ ପଚରାଉଚରା କରିବାରୁ ଉକ୍ତ ହତ୍ୟା ଘଟଣାର ରହସ୍ୟ ଖୋଲିଯାଇଥିଲା। ନାବାଳକଙ୍କ ସାଙ୍ଗ ସବୁ ସତ କଥା ମାନି ଯାଇଥିଲେ। ହତ୍ୟା ଘଟଣାର ପୂର୍ବଦିନ ମୃତ ନାବାଳକ ଓ ତାଙ୍କର ଅନ୍ୟ ୪ଜଣ ସାଙ୍ଗ ସାଇକେଲ ଧରି ନିକଟରେ ଥିବା ଏକ କାଜୁ ବଗିଚାକୁ ବୁଲିବାକୁ ଯାଇଥିଲେ। ତେବେ ସେଠାରେ ୪ଜଣ ସାଙ୍ଗ ମିଶି ଉକ୍ତ ନାବାଳକଙ୍କ ସହ ଅପ୍ରାକୃତିକ ଯୌନସମ୍ପର୍କ ରଖିବାକୁ ଚେଷ୍ଟା କରିଥିଲେ। ନାବାଳକ ଜଣକ ସେଠାରୁ ପଳାଇଯିବାକୁ ଚେଷ୍ଟା କରିବାରୁ ସମ୍ପୃକ୍ତ ୪ ଜଣ ସାଙ୍ଗ ତାଙ୍କ ବେକକୁ ଗାମୁଛାରେ ଚାପି ଦେଇଥିଲେ। ଏଥିରେ ନାବାଳକଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିଲା। ହେଲେ ୪ଜଣ ଯାକ ନାବାଳକ ହୋଇଥିବାରୁ ସେମାନଙ୍କୁ ସୁଧାର ଗୃହକୁ ପଠାଯାଇଥିଲା।


ରଶ୍ମିରଞ୍ଜନ ସାହୁ

–ଓଁକାର ମିଶ୍ର, କଟକ ଅଫିସ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ସହ ମଙ୍ଗଳଙ୍କ ମିଳନ ପାରିବାରିକ ଜୀବନକୁ ସରସ,ସୁନ୍ଦର କରିବ। ତଥାପି ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ଟଣାଓଟରା ଭିତିରେ ପାଇବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**ବୃଷ** ମିତ୍ର ଗୃହୀ ଶୁକ୍ର ଯୋଗୁ ସ୍ୱାସ୍ଥ୍ୟ ପୂର୍ବଭଳି ରହିଲେ ମଧ୍ୟ ସାମୟିକ ଦୁର୍ବଳତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ। ଆପଣଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିପଦସ୍ଥବ୍ୟକ୍ତି ଗୁରୁ ଦାୟିତ୍ୱ ବହନ କରିବାକୁ ଅନୁରୋଧ କରିପାରନ୍ତି। ବ୍ୟବସାୟ, ପରିବହନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ। କିନ୍ତୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

**ମିଥୁନ** ଷଷ୍ଠଭାବରେ ବୁଧ ଥିବାରୁ କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବାଜନିତ ଆଜି ଘରକଥା ବୁଝିବା ପାଇଁ ମଧ୍ୟ ସମୟ ପାଇବେ ନାହିଁ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ ହେଲେ ମଧ୍ୟ ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ଆଜି ଶୁକ୍ରଙ୍କ ରାଶ୍ୟାବଲୋକନରୁ ସକାଳୁ ସକାଳୁ ଅଫିସରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। କିନ୍ତୁ ପ୍ରତିଶ୍ରୁତି ଦେଇକରି ମଧ୍ୟ ଶେଷ ସମୟରେ ପାରିବାରିକ ବନ୍ଧୁଟି ଅବିଶ୍ୱାସ କାମ କରି ପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ କରିବେ କିନ୍ତୁ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ। ଅନିୟମିତ ଭୋଜନ କାରଣରୁ ପେଟ ଗୋଳମାଳ ଦେଖାଦେଇ ପାରେ।

**ସିଂହ** କୋଣଭାବସ୍ଥ ଗ୍ରହମାନଙ୍କ ସୁପ୍ରଭାବରୁ ଆଜି ନିକଟସ୍ଥ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଅଭିଳଷିତ ଫଳ ପାଇ ଖୁସୀ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପ୍ରଶାନିକ ସ୍ତରରେ ସମସ୍ୟାର ଆଶୁ ସମାଧାନ ହୋଇଯିବ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାର ସୂଚନ ରହିଛି।

**କନ୍ୟା** କେନ୍ଦ୍ର ଓ କୋଣସ୍ଥ ଗ୍ରହଜନିତ ନିଜର ଚତୁଃପାର୍ଶ୍ୱରେ ଘଟି ଯାଉଥିବା ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ପରିବାରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ। ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହେବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା** ଦ୍ୱାଦଶସ୍ଥ ମଙ୍ଗଳ ହେତୁ ପରିସ୍ଥିତି ପ୍ରତି ଲକ୍ଷ୍ୟ କରି ନୀରବ ରହିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଆବଶ୍ୟକତା ଉପଲବ୍ଧି କରି ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** କାମ ହାସଲ କରିବା ସକାଶେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବା ସକାଶେ ଚେଷ୍ଟା କରିପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେ ନାହିଁ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଶାସ୍ତ୍ରାଧ୍ୟୟନ, ସାହିତ୍ୟ ଚର୍ଚ୍ଚା ଓ ସତ୍‌ସଙ୍ଗ, ସଭାସମିତି, ବିତର୍କରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର** ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିନ ପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ ଏବଂ କାମ ହାସଲ କରିବାର ସୁଯୋଗ ମଧ୍ୟ ପାଇପାରିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ସମସ୍ୟା ସମାଧାନ ହୋଇଯିବ। କଳା,ସାହିତ୍ୟ ଓ ଚଳଚ୍ଚିତ୍ର ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ହେବ।

**କୁମ୍ଭ** ବନ୍ଧୁମାନଙ୍କ ସହ ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ତଥାପି କୌଣସି ସମସ୍ୟାର ଆଶଙ୍କା କରି ଅସୁବିଧା ନ ଥିଲେ ମଧ୍ୟ ମନ ଅସ୍ଥିର ରହିପାରେ। ସନ୍ଧ୍ୟା ସମୟରେ ଫେରିବା ବାଟରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବିଚଳିତ ବୋଧ କରିପାରନ୍ତି। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ମୀନ** ଯେ କୌଣସି କାମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ବହୁତ ଭଲ ହେବ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ତଥାପି ଅର୍ଥ ଲାଭ, କଳା, ସାହିତ୍ୟ, ଆଲୋଚନା କ୍ଷେତ୍ରରେ ବେଶ୍ ଆଦୃତ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ପୌଷ କୃଷ୍ଣପକ୍ଷର ସର୍ବସମ୍ମତ ସଫଳା ଏକାଦଶୀ ରବିବାର, ଡିସେମ୍ବର ୨୨ ତାରିଖ, ବିଶ୍ୱଗଣିତ ଦିବସ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ, ଶାରଦା ଦେବୀଙ୍କ ଜନ୍ମଦିବସ, ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ମେଷ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଏକାଦଶୀର ଉପବାସ,ସକାଳ ଘ୬।୦୪ମି. ଗତେ ଘ୯।୧୪ମି. ମଧ୍ୟେ ଅମୃତ ବେଳା। ଦିବା ଘ୯।୦୩ମି. ଗତେ ଘ୧୦।୨୪ମି.ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୪୭ମି. ଗତେ ଘ୫।୦୮ମି. ମଧ୍ୟେ ରାହୁକାଳ।



ଅନ୍ୟ ୮ ରାଜ୍ୟ ଭଳି ମହାରାଷ୍ଟ୍ରରେ ସିଏଏ ଲାଗୁ ନ କରିବା ଲାଗି ସରକାର ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଏନ୍‌ସିପି ମୁଖ୍ୟ ଶରଦ ପାୱାର କହିଛନ୍ତି। ଏହା ଲୋକଙ୍କ ମନରେ ଭୟ ସଞ୍ଚାର କରିବା ସହ ସାମାଜିକ ଓ ଧାର୍ମିକ ମନୋଭାବରେ ଆଘାତ ଆଣୁଛି। ପାର୍ଲାମେଣ୍ଟରେ ଦଳ ଏହାକୁ ବିରୋଧ କରିଛି। ମୁଖ୍ୟ ପ୍ରସଙ୍ଗରୁ ଦୂରେଇ ରହି କେନ୍ଦ୍ର ଏନ୍‌ଆର୍‌ସି, ସିଏଏ ଲାଗୁକରି ଲୋକଙ୍କ ଆକ୍ରୋଶ ବଢ଼ାଉଛି ବୋଲି ସେ ସମାଲୋଚନା କରିଛନ୍ତି।

**ସଂକ୍ଷେପରେ**

## ଭତ୍ତା ଟଙ୍କା ହଡ଼ପ ୪ ପିଇଓ ନିଲମ୍ବିତ

ନୟାଗଡ଼ ଅଫିସ,୨୧।୧୨: ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ ଓ ଆର୍ଥିକ ଅନିୟମିତତା ନୟାଗଡ଼ ଜିଲାର ୪ ପିଇଓ (ପଞ୍ଚାୟତ ନିର୍ବାହୀ ଅଧିକାରୀ)ଙ୍କ ପାଇଁ ମହଙ୍ଗା ପଡ଼ିଛି। ସେମାନଙ୍କୁ ଜିଲାପାଳ ଡ. ପୋମା ଟୁଡୁ ଶନିବାର ନିଲମ୍ବିତ କରିଛନ୍ତି। ସେମାନେ ହେଲେ ଦଶପଲ୍ଲା ବ୍ଲକ କଳସାଖମଣ ପଞ୍ଚାୟତର ପିଇଓ ରମେଶ ଚନ୍ଦ୍ର ନାୟକ, ନୂଆଗାଁ ବ୍ଲକ ସୋରଡ଼ା ପଞ୍ଚାୟତର ପଙ୍କଜିନୀ ମଲ୍ଲିକ, ଉଦୟପୁର ପଞ୍ଚାୟତର ଡମ୍ବରୁଧର ନାୟକ ଓ ଖଣ୍ଡପଡ଼ା ବ୍ଲକ ଶାଳଝରିଆ ପଞ୍ଚାୟତର ପିଇଓ ରମେଶ ଚନ୍ଦ୍ର ବେହେରା। ରମେଶ ଚନ୍ଦ୍ର ନାୟକ, ପଙ୍କଜିନୀ ଓ ଡମ୍ବରୁଧରଙ୍କୁ ଭତ୍ତା ହଡ଼ପ ମାମଲାରେ ନିଲମ୍ବିତ କରାଯାଇଥିବା ବେଳେ ରମେଶ ଚନ୍ଦ୍ର ବେହେରାଙ୍କୁ ଆର୍ଥିକ ଅନିୟମିତତା କାରଣରୁ ନିଲମ୍ବିତ କରାଯାଇଛି। ଜିଲାପାଳ ଟୁଡୁ ଏମାନଙ୍କୁ ନିଲମ୍ବିତ କରିଥିବା ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ୫-ଟି ପ୍ରଭାବରେ ଏହି ଅଧିକାରୀଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି।

## ପୋଡ଼ାଡିହ ପଞ୍ଚାୟତ ଆବାସ ଦୁର୍ନୀତି

# ନିଲମ୍ବିତ ହେଲେ ୩ ପିଇଓ

- ବିଡିଓ, ଏବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ
- ୭୯ ହିତାଧିକାରୀଙ୍କଠାରୁ ଆଦାୟ ହେବ କାର୍ଯ୍ୟାଦେଶ ଟଙ୍କା

ଖୋର୍ଦ୍ଧା ଅଫିସ, ୨୧।୧୨

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦୁର୍ନୀତି ଘଟଣାରେ ୩ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଶନିବାର ଖୋର୍ଦ୍ଧା ଜିଲାପାଳ ନିଲମ୍ବନ କରିଛନ୍ତି। ସେମାନେ ହେଲେ ନାରାୟଣ ଜେନା, କେଦାର ବେହେରା ଓ ଜୟଦେବ ସୁବୁଦ୍ଧି। ସେହିଭଳି ବିଡିଓ ରବି ନାରାୟଣ ମାଝି ଏବଂ ଏବିଡିଓ ମହେନ୍ଦ୍ର ଜେନାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ସୁପାରିସ କରିଛନ୍ତି। ଅନ୍ୟପକ୍ଷେ ୭୯ ଜଣ ହିତାଧିକାରୀଙ୍କଠାରୁ କାର୍ଯ୍ୟାଦେଶରେ ଦିଆଯାଇଥିବା ଅନୁଦାନ ଫେରାଇ ନିଆଯିବ ବୋଲି ଜିଲାପାଳ ସିତାଂଶୁ କୁମାର ରାଉତ ଏବଂ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ ସୂଚନା ଦେଇଛନ୍ତି। ଏହି ୭୯ ହିତାଧିକାରୀଙ୍କ ବେଆଇନ କାରନାମା ଧରାପଡିଛି। ନିଲମ୍ବିତ ୩ ପିଇଓ ପୋଡାଡିହ ପଞ୍ଚାୟତରେ ୨୦୧୬-୧୭ ରୁ ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ କାର୍ଯ୍ୟ କରିଥିଲେ। ନିଲମ୍ବିତ ପିଇଓ ନାରାୟଣ ଜେନା ଏବେ ଭୁବନେଶ୍ୱର ବ୍ଲକର କଣ୍ଟାବାଡ ପଞ୍ଚାୟତରେ, ଜୟଦେବ ସୁବୁଦ୍ଧି ବେଗୁନିଆ ବ୍ଲକର କୁଞ୍ଜୁରୀ ପଞ୍ଚାୟତରେ ଓ କେଦାର ବେହେରା ବେଗୁନିଆ ବ୍ଲକର ପୋଡାଡିହ ପଞ୍ଚାୟତରେ କାର୍ଯ୍ୟରତ ଥିଲେ। ସେହିପରି ବିଡିଓ ରବି ନାରାୟଣ ମାଝି କିଛିଦିନ ତଳେ ଅନୁଗୋଳ ଜିଲାକୁ ବଦଳି ହୋଇଛନ୍ତି। ଏବିଡିଓ ମହେନ୍ଦ୍ର ଜେନା ବୋଲଗଡ ବ୍ଲକରେ କାର୍ଯ୍ୟରତ ଅଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ୨୦୧୬-୧୭ ରୁ ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ପୋଡାଡିହ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିଲା। ଏହି ପଞ୍ଚାୟତରେ ଏକାଧିକ ସ୍ୱାମୀ ଓ ସ୍ତ୍ରୀ ଆବାସ ଯୋଜନାରେ ଘର ହାତେଇଥିଲେ। ଛାତ ଘର ଥିବା ଲୋକ କାର୍ଯ୍ୟାଦେଶ ପାଇଥିବାବେଳେ ପୁରୁଣା ଘରକୁ ନୂଆ ଘର ଦେଖାଇ ବିଲ୍ କରି ନେଇଥିଲେ। ଏ ସମ୍ପର୍କରେ କେବଳ 'ଧରିତ୍ରୀ'ରେ ଏକାଧିକ ଥର ଖବର ପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ଦୁର୍ନୀତିର ଗୁମର ଖୋଲିବା ପାଇଁ ନଭେମ୍ବର ୨୧ରେ ପୋଡାଡିହର ସାମାଜିକ କର୍ମୀ ବିଭୂତି ଭୂଷଣ ଦାଶ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ପ୍ରଶାସନ ପକ୍ଷରୁ ମିଳିଥିବା ପ୍ରତିଶ୍ରୁତିର କଣ୍ଟ ପୂରିଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ନ୍ୟାୟ ନ ମିଳିବାରୁ ପୁଣି ୧୮ ତାରିଖରେ ବିଭୂତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ୨୧ ତାରିଖରେ କାର୍ଯ୍ୟାନୁଷ୍ଠାନ ହେବାର ପ୍ରତିଶ୍ରୁତି ମିଳିବା ପରେ ବିଭୂତି ଅନଶନରୁ ଓହରିଥିଲେ।

## ଅର୍ଥ ନେବା ଅଭିଯୋଗ: ଅଙ୍ଗନୱାଡି କର୍ମୀ ବହିଷ୍କୃତ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ମମତା ଯୋଜନା ହିତାଧିକାରୀଙ୍କ ନିକଟରୁ ଅର୍ଥ ନେବା ଅଭିଯୋଗରେ କନ୍ଧମାଳ ଜିଲାର ଜଣେ ଅଙ୍ଗନୱାଡ଼ି କର୍ମୀଙ୍କୁ ଶନିବାର କାର୍ଯ୍ୟରୁ ଅନ୍ତର କରାଯାଇଛି। ରାଜ୍ୟ ସରକାର ଏବେ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ 'ମୋ ସରକାର' ଅଧୀନକୁ ଆଣିଛନ୍ତି। ଶନିବାର ଜଣେ ହିତାଧିକାରୀଙ୍କୁ ଫୋନ୍‌ରେ ସେବା ସଂକ୍ରାନ୍ତରେ ପଚରାଯାଇଥିଲା। ତେବେ ଉକ୍ତ ଅଙ୍ଗନବାଡ଼ି କର୍ମୀ ତାଙ୍କୁ ସହାୟତା ରାଶି ପ୍ରଦାନ ନିମନ୍ତେ ଅର୍ଥ ମାଗିଥିବା ଅଭିଯୋଗ କରିଥିଲେ। ଏହାପରେ ତୁରନ୍ତ ଉକ୍ତ ଗ୍ରାମର ୧୦ଜଣ ମମତା ହିତାଧିକାରୀଙ୍କଠାରୁ ଅଭିଯୋଗର ସତ୍ୟାସତ୍ୟ ନେଇ ଅନୁସନ୍ଧାନ କରାଯାଇଥିଲା। ପ୍ରମାଣ ମିଳିବା ପରେ ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ବହିଷ୍କାର କରାଯାଇଛି। ସୂଚନାଯୋଗ୍ୟ, ଗତ ଡିସେମ୍ବର ୨ରୁ 'ମୋ ସରକାର' ପରିସରଭୁକ୍ତ ହେବାପରେ ପ୍ରତିଦିନ ରାଜ୍ୟର ୧୦ ଜଣ ମମତା ହିତାଧିକାରୀଙ୍କୁ ଫୋନ୍ ଯୋଗେ ବରିଷ୍ଠ ଅଧିକାରୀମାନେ ସିଧାସଳଖ କଥା ହେଉଛନ୍ତି।

## ଯୁବକଙ୍କୁ ଗଛରେ ବାନ୍ଧି ନିର୍ଦ୍ଧୂମ ପିଟିଲେ

# ପାଣି ମାଗିବାରୁ ପିଆଇଲେ ପରିସ୍ରା

ଖୋର୍ଦ୍ଧା ଅଫିସ, ୨୧।୧୨

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଗାଁ ଦାଣ୍ଡ ନଡିଆ ଗଛରେ ବାନ୍ଧି ଦୁଇ ଯୁବକଙ୍କ ସମେତ ଅନ୍ୟ ସହଯୋଗୀ ନିର୍ଦ୍ଧୂମ ପିଟିଥିଲେ। ପିଇବାକୁ ପାଣି ମାଗିବାରୁ ତାଙ୍କୁ ପରିସ୍ରା ପିଆଇ ଦେଇଥିଲେ। ଏଭଳି ଘଟଣା ଘଟିଛି ଖୋର୍ଦ୍ଧା ସଦର ଥାନା କାଇପଦର ଗାଁରେ। ୧୮ ତାରିଖରେ ଘଟଣା ଘଟିଥିବାବେଳେ ସୋସିଆଲ ମିଡିଆରେ ମାଡମରା



ଯୁବକଙ୍କୁ ମାଡ଼ ମାରୁଛନ୍ତି।

**ଜଣେ ଗିରଫ, ଜଣେ ଫେରାର**

ଘଟଣାର ଦୃଶ୍ୟର ଭିଡିଓ ଭାଇରାଲ ହୋଇଛି। ଖୋର୍ଦ୍ଧା ଏସ୍‌ପି ଅଜୟ ପ୍ରସାଦ ସ୍ୱାଇଁଙ୍କ ସୂଚନା ଅନୁସାରେ, ଘରୋଇ କନ୍ଦଳକୁ ନେଇ ମାରପିଟ୍ ଘଟଣା ଘଟିଛି। ବଙ୍ଗିଦାର ସୌମ୍ୟରଞ୍ଜନ ଦାଶଙ୍କ ଅଭିଯୋଗ ପରେ ପୋଲିସ ନଂ.୧୮୪/୧୯ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଭାଟପଡାର ରାଜେନ୍ଦ୍ର ଭୂୟାଁ ଓରଫ ରାଜାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସେହିପରି ଗଡିଆ ପାଲଟାସିଂହଙ୍କୁ ଗିରଫ କରିବାକୁ ଚେଷ୍ଟା ଜାରି ରହିଛି। ତେବେ କୋର୍ଟରେ ଉଭୟପକ୍ଷଙ୍କ ମଧ୍ୟ ସମାଧାନ କରାଯାଇ ମିଳାମିଶା ହୋଇଥିବା ଜଣାପଡିଛି ବୋଲି ସେ କହିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ବଙ୍ଗିଦା ଗାଁର ଜଣେ ଯୁବତୀଙ୍କୁ କାଇପଦର ଗାଁର ଜଣେ ଯୁବକ ଭଲ ପାଉଥିଲେ। ଘଟଣା ସମ୍ପର୍କରେ ଯୁବତୀଙ୍କ ପରିବାର ଲୋକେ ଅବଗତ ହେବା ପରେ ମିଳାମିଶାକୁ ବିରୋଧ କରିଥିଲେ। ଏପରି କି ପ୍ରେମ ନିବେଦନ କରିଥିବା ଯୁବକଙ୍କୁ ଅଗଷ୍ଟ ୧୫ରେ ମାଡ ମାରିଥିଲେ। ପରେ ଏହି ଘଟଣାର ସମାଧାନ କରାଯାଇଥିଲା। ପୂର୍ବ ରାଗକୁ ସମ୍ପୃକ୍ତ ଯୁବକ ଭୁଲିପାରୁ ନ ଥିଲେ। ସେ ନିଜ ସହଯୋଗୀଙ୍କ ସହାୟତାରେ ମାଡମରା ଘଟଣାର ମୁଖ୍ୟ କୁହାଯାଉଥିବା ବଙ୍ଗିଦାର ଯୁବକଙ୍କୁ ଅପହରଣ କରି କାଇପଦର ଗାଁ ଦାଣ୍ଡରେ ବାନ୍ଧି ପିଟିଥିଲେ। ଖବର ପାଇ ପୋଲିସ ଅପହୃତଙ୍କୁ ଉଦ୍ଧାର କରିବା ସହ ଜଣେ ଅପହରଣକାରୀଙ୍କୁ ଗିରଫ କରିଥିଲା। ଅନ୍ୟ ଜଣେ ଖସି ଯାଇଥିଲେ।



**ଜିଲା ଚିଠି**
**ଖୋର୍ଦ୍ଧା**

## ଅପେକ୍ଷାରେ ଜନସାଧାରଣ

ଜିଲାରେ ୮ମାସ ମଧ୍ୟରେ ଦୁଇ ଗୁଳିକାଣ୍ଡକୁ ଅନୁଧ୍ୟାନ କଲେ ଏଠାରେ ଜୀବନ ସୁରକ୍ଷିତ ନ ଥିବା ମନେହେଉଛି। ଦୁଇଟି ଯାକ ଘଟଣା ଘଟିଛି ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ। ଆଉ ଦୁଇଟି ମୁଣ୍ଡ ଗଡ଼ିଛି। ଯେଉଁ ତରିକାରେ ଗୁଳିକାଣ୍ଡ ଘଟିଛି ତାହା ସୁପାରିକିଲରଙ୍କ କାର୍ଯ୍ୟ ବୋଲି ଚର୍ଚ୍ଚା ହେଉଛି। ଅପରାଧୀଙ୍କୁ ତୁରନ୍ତ ଧରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାର ଆବଶ୍ୟକତା ପଡ଼ିଛି। ନଚେତ୍ ପୋଲିସ ଉପରୁ ଲୋକଙ୍କ ଆସ୍ଥା ତୁଟିଯିବ ବୋଲି କୁହାଗଲାଣି। ସହଜରେ ପୋଲିସ ଲୋକଙ୍କ ଆସ୍ଥାଭାଜନ ହୋଇପାରୁ ନାହିଁ। କାରଣ ଅଭିଯୋଗ ରଖି ପୋଲିସ ଅଭିଯୋଗ ପାଇନି ବୋଲି କହିବା ସହ ଦୁର୍ବ୍ୟବହାର କରୁଛି। ଆଉ କେତେକ ଘଟଣାରେ ମକଦ୍ଦମା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାରେ ଆଗ୍ରହ ପ୍ରକାଶ କରୁନାହିଁ। ବରଂ ଅଭିଯୁକ୍ତଙ୍କ ସହ ମିଶି ଅଭିଯୋଗକାରୀଙ୍କୁ ହଇରାଣ କରୁଛି। ଲୋକଙ୍କ ଏଭଳି ଅଭିଯୋଗ ବନ୍ଦ ହେଉନାହିଁ। ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ଗ୍ରହଣ କରି 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ତଥାପି ବି ଲୋକେ ଥାନାରୁ ନ୍ୟାୟ ପାଉନାହାନ୍ତି। ଗତ ୧୫ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ଏକ ଘରୋଇ କ୍ଲିନିକ ଭିତରେ ଶିଶୁରୋଗ ବିଶେଷଜ୍ଞ ଡା. ମାନସ ରଞ୍ଜନ ଦାସ ଏବଂ ଔଷଧ ଦୋକାନୀ କୃଷ୍ଣଚନ୍ଦ୍ର ସାହୁଙ୍କୁ ଗୁଳିମାଡ଼ ହୋଇଥିଲା। କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଡାକ୍ତର ଦାସ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଗୁଳିକାଣ୍ଡର କାରଣ ଜଣାପଡି ନାହିଁ। କିନ୍ତୁ ଅଭିଯୁକ୍ତ ଯୋଜନାବଦ୍ଧ ଭାବେ ଡାକ୍ତରଙ୍କୁ ହତ୍ୟା କରିବାକୁ ଆସିଥିବା ସ୍ପଷ୍ଟ ହୋଇଛି। ହେଲେ ଅଭିଯୁକ୍ତ ଏଯାଏ ଧରାପଡ଼ି ନ ଥିବାରୁ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ୨୦୧୯ ସାଧାରଣ ନିର୍ବାଚନ ସମୟରେ ବଡ଼ପୋଖରିଆର ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ନବୀନାବାଗଠାରେ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡର କାରଣ ଓ କେଉଁମାନେ ହତ୍ୟାକାରୀ ତାହା ଘଟଣାର ୭ମାସ ପରେ ବି ଜଣାପଡ଼ିଲାନାହିଁ। ପୋଲିସ ପରି କ୍ରାଇମବ୍ରାଞ୍ଚ ଅନ୍ଧାରରେ ବାଡ଼ି ବୁଲାଇ ନୀରବତା ଅବଲମ୍ବନ କରିଛି। ଦେଖାଯାଉ ପୋଲିସ ଓ କ୍ରାଇମବ୍ରାଞ୍ଚ କିଭଳି ଜାଲ ବିଛାଇ ହତ୍ୟା ଗୁମର ଖୋଲୁଛନ୍ତି। ଏବେ ସାଧାରଣ ଲୋକ ଉଭୟଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରି ସତ୍ୟ ଉନ୍ମୋଚନ ଅପେକ୍ଷାରେ ରହିଛନ୍ତି। – **ଲୋକନାଥ ମିଶ୍ର**

## ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ସମ୍ବଲପୁରରେ ଓକିଲଙ୍କ ଆନ୍ଦୋଳନ

ସମ୍ବଲପୁର,୨୧।୧୨(ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ବର୍ଷ ବର୍ଷ ଧରି ଆନ୍ଦୋଳନ ଚାଲିଛି। କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) ଅଧୀନରେ ଥିବା ଓକିଲ ସଂଘଗୁଡିକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଓକିଲମାନେ ମୁଖ୍ୟତଃ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ଉପରେ ଦୋଷ ଦେଇ ଖସି ଯାଉଛନ୍ତି। ଏହାଦ୍ୱାରା ଦାବି ପୂରଣ ହେଉନି ଏବଂ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ନ୍ୟାୟିକ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେଉଛି। ଏବେ ପ୍ରତି ମାସର ଶେଷ ୩ ଦିନ କାର୍ଯ୍ୟ ଦିବସକୁ ବନ୍ଦ ପାଳନ କରାଯାଉଛି। ୨୫ରୁ ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ଛୁଟି ପଡୁଛି। ଏଣୁ ଚଳିତ ମାସ ୨୧, ୨୩ ଓ ୨୪ ତାରିଖ ଶେଷ ୩ ଦିନ କାର୍ଯ୍ୟ ଦିବସ ଥିବାରୁ ଏହି ୩ ଦିନକୁ ବନ୍ଦ ପାଳନ କରିବାକୁ ସିଏସି ନିଷ୍ପତ୍ତି ନେଇଛି। ସେହି ଅନୁସାରେ ଶନିବାରଠାରୁ ୩ ଦିନିଆ ଆନ୍ଦୋଳନ ଆରମ୍ଭ ହୋଇଛି। ଏଣୁ ଶନିବାର ସମ୍ବଲପୁରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ବନ୍ଦ ରହିଥିଲା। କେତେକ ସ୍ଥାନରେ ଓକିଲମାନେ ପିକେଟିଂ କରି ବନ୍ଦ ଅଫିସଗୁଡିକ କରିଥିଲେ। ହେଲେ ଅନେକ ସ୍ଥାନରେ ଏହି ଆନ୍ଦୋଳନକୁ ସମର୍ଥନ କରି ଅଫିସଗୁଡିକ ବନ୍ଦ ରହିଥିଲା। ରେଳ ବିଭାଗ, ଆୟକର ବିଭାଗ, ବାଣିଜ୍ୟକର ବିଭାଗ, ପୋଷ୍ଟଅଫିସ, ଜିଲାପାଳଙ୍କ ଅଫିସ, କଚେରି ବନ୍ଦ ରହିଥିଲା। ଅବଶ୍ୟ ପୂର୍ବ ଘୋଷଣା ଅନୁସାରେ ବ୍ୟାଙ୍କ ଓ ବୀମା କମ୍ପାନୀଗୁଡିକ ପ୍ରତି କୋହଳ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ବିଚାରପତିମାନେ କୋର୍ଟକୁ କାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ। ହେଲେ କଚେରି ଛକରେ ଆନ୍ଦୋଳନରେ ବସିଥିବା ଓକିଲମାନଙ୍କ ଅନୁରୋଧ ରକ୍ଷା କରି ବିଚାରପତିମାନେ ଫେରିଯାଇଥିଲେ।



ସମ୍ବଲପୁର କଚେରି ଛକରେ ବିଚାରପତିମାନଙ୍କୁ ଫେରିଯିବାକୁ ଆନ୍ଦୋଳନକାରୀ ଅନୁରୋଧ କରୁଛନ୍ତି।






## ୧୨,୭୮୦ ଚାଷୀଙ୍କ ସହ କଥା ହେଲେଣି ସରକାର

**୨୦୧୯-୨୦ ଧାନ ସଂଗ୍ରହ**

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଚଳିତ ମାସ ପହିଲାରୁ ଗତ ୨୦ ତାରିଖ ଯାଏ ରାଜ୍ୟ ସରକାର କଲ୍‌ସେଣ୍ଟର ଜରିଆରେ ୧୭ ଜିଲାର ୧୨,୭୮୦ ଚାଷୀଙ୍କ ସହିତ ସିଧାସଳଖ ଫୋନ ଯୋଗେ କଥା ହୋଇଛନ୍ତି। ୧୨,୪୫୪ ଚାଷୀ ଆଗୁଆ ଟୋକନ୍ ପାଇଛନ୍ତି।
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସୂଚନାନୁଯାୟୀ, ବରଗଡ଼ ଜିଲାର ମୋଟ ୩୫୮୭, ସମ୍ବଲପୁର ୧୬୦୯, ବଲାଙ୍ଗୀର ୧୩୩୨, କଳାହାଣ୍ଡି ୧୫୦୪, ମାଲକାନଗିରି ୧୩୮୨ ଓ ସୁବର୍ଣ୍ଣପୁରର ୧୧୭୨ ଜଣ ଚାଷୀଙ୍କ ସହିତ ସିଧାସଳଖ ଫୋନ ଯୋଗେ କଥାବାର୍ତ୍ତା କରାଯାଇ ମତାମତ ସଂଗ୍ରହ କରାଯାଇଛି। ସେହିପରି ଚାଷୀମାନଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ କଲ୍‌ସେଣ୍ଟର ଜରିଆରେ ଜିଲାର ଚାଷୀମାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରାଯାଉଛି । ଚଳିତ ଖରିଫ୍ ଧାନ ବିକ୍ରି ନିମନ୍ତେ ଅନ୍‌ଲାଇନ୍‌ରେ ଚାଷୀମାନଙ୍କର ପଞ୍ଜୀକରଣ ଏବଂ ଆଧାର ସଂଯୋଗ ସହିତ ପି-ପାସ୍ ଓ ଆଗୁଆ ଟୋକନ୍ ପ୍ରଦାନ ବ୍ୟବସ୍ଥା ଧାନ କିଣାରେ ସ୍ୱଚ୍ଛତା ଆଣିବା ସହିତ ଏହା ଚାଷୀମାନଙ୍କ ଦ୍ୱାରା ଆଦୃତ ହୋଇପାରିଛି । ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟରେ ଖୋଲାଯାଇଥିବା ସ୍ୱତନ୍ତ୍ର କଲ୍‌ସେଣ୍ଟର ଜରିଆରେ ରେଜିଷ୍ଟ୍ରିଭୁକ୍ତ ଚାଷୀମାନଙ୍କ ମୋବାଇଲ୍‌କୁ ଫୋନ୍ କରାଯିବା ସହିତ ଟୋଲ୍ ଫ୍ରି ନମ୍ବର ଯୋଗେ ସେମାନଙ୍କ ଅଭିଯୋଗ ମଧ୍ୟ ଗ୍ରହଣ କରାଯାଉଛି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଖୋଲା ଇ-ଟେଣ୍ଡର ବିଜ୍ଞପ୍ତି**

ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫର୍‌କୁ ଅଣଦେଖା କରିଦିଆଯିବ। **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଏସ୍-ବିଆଇଏ-୧୯-୨୦-ପିଡବ୍ଲ୍ୟୁଏଲ୍-୦୫। କାର୍ଯ୍ୟର ନାମ:** ୩ ବର୍ଷ ପାଇଁ ଅଣ୍ଡର ଫ୍ଲୋର୍ ପିଟ୍ ହ୍ୱିଲ୍ ଲେଦ୍ ଏନ୍‌ଜିୟୁଏଫ୍-୭ ମେଶିନ୍, ଇଏଲ୍‌ଏସ୍/ଭିଲାଇର ଏଚ୍‌ୱାଇଟି ମେକ୍ ପାଇଁ ଏଏମ୍‌ସି । **କାର୍ଯ୍ୟର ମୂଲ୍ୟ:** ₹୬୬,୧୧,୭୬୯.୪୫ (ଛଅଷଠି ଲକ୍ଷ ଏଗାର ହଜାର ସାତଶହ ଉଣେଇ ଟଙ୍କା ପଇଁଚାଳିଶ ପଇସା ମାତ୍ର), **ଅମାନତ ରାଶି:** ₹୧,୩୨,୩୦୦/- ଯାହାକୁ ନେଟ୍ ବ୍ୟାଙ୍କିଙ୍ଗ୍ କିମ୍ବା "https://www.ireps.gov.in"ରେ ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଜମା କରାଯାଇପାରିବ। **କାର୍ଯ୍ୟର ସମାପ୍ତି ଅବଧି:** କାର୍ଯ୍ୟ ଆରମ୍ଭ ତାରିଖରୁ ୩୬ (ଛତିଶ) ମାସ। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୦୫।୦୨।୨୦୨୦ରିଖ ୧୧.୩୦ ଘଟିକା। ୱେବ୍‌ସାଇଟ୍ ବିବରଣୀ ଓ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ "https://www.ireps.gov.in"ରେ ଦେଖାଯାଇପାରିବ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ ।

ସିନିୟର ଡିଭିଜନାଲ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଟିଆର୍‌ଏସ୍)/
PR/R/Sr.DEE(TRS)/BIA/HL/170 ଏସ୍‌ଇସିଆର୍/ଭିଲାଇ

South East Central Railway @secrail







## ରାଜ୍ୟର ଜିଏସ୍‌ଟି ରାଜସ୍ୱ ସଂଗ୍ରହ ଉତ୍ସାହଜନକ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)- ଚଳିତ ବର୍ଷ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ରାଜ୍ୟରୁ ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ବାବଦକୁ ୮୬୩୩.୮୫ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି। ଏଥିରେ ଉଭୟ ରାଜ୍ୟ ଏବଂ କେନ୍ଦ୍ରର ଜିଏସ୍‌ଟି ରାଜସ୍ୱ ରହିଛି। ଗତବର୍ଷ ଏହି ସମୟରେ ୬୬୭୫.୮୩ କୋଟି ଟଙ୍କା ସଂଗୃହୀତ ହୋଇଥିଲା। ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହାର ୩୦.୦୮ ପ୍ରତିଶତ ରହିଛି। ଏ ବାବଦକୁ ଜାତୀୟ ହାର ୧୧.୫୩ ପ୍ରତିଶତ ରହିଛି।

## ଆଜି ଦିଲ୍ଲୀରୁ ଫେରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୫ ଦିନିଆ ଦିଲ୍ଲୀ ଗସ୍ତ ସାରି ଓଡ଼ିଶା ଫେରିବେ। ଗତ ବୁଧବାର ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଏହାର ଗୋଟିଏ ଦିନ ପରେ ଅର୍ଥାତ୍ ଗୁରୁବାର ରାଷ୍ଟ୍ରପତି ଭବନରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଯୋଗଦେଇଥିଲେ। ଏହି ବୈଠକରେ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନ ଦେବା ପାଇଁ ଦାବି ଦୋହରାଇଥିଲେ। ସେହିଭଳି ଶୁକ୍ରବାର ଏବଂ ଶନିବାର ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ବକେୟା ଥିବା ବିଭିନ୍ନ ସହାୟତା ରାଶି ସମ୍ପର୍କିତ ସମୀକ୍ଷା ବୈଠକ କାର୍ଯ୍ୟକ୍ରମ ସ୍ଥିରୀକୃତ କରାଯାଇଥିଲା। ହେଲେ ଏ ସମ୍ପର୍କିତ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିନାହିଁ।

## ପ୍ରକଳ୍ପ ସମୀକ୍ଷା କଲେ ଓଏଲ୍‌ଆଇସି ଅଧ୍ୟକ୍ଷ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ରାଜ୍ୟ ସରକାର କୃଷିର ଉନ୍ନତି ଓ କୃଷକଙ୍କ ସର୍ବାଙ୍ଗିନ ବିକାଶ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି । ଓଡିଶା ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି) ଏହି ସଂକଳ୍ପକୁ ଠିକ୍ ଭାବେ ରୂପାୟନ ପାଇଁ ପ୍ରୟାସ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ଓଏଲ୍‌ଆଇସି ଅଧ୍ୟକ୍ଷ ଅମରେଶ ପତ୍ରୀ କଟକ ଡିଭିଜନ କାର୍ଯ୍ୟାଳୟ ଗସ୍ତ କରି ଏହାର ସମସ୍ତ ବିଭାଗ, ଉପ ବିଭାଗଗୁଡିକୁ ପରିଦର୍ଶନ ସହ ପ୍ରକଳ୍ପଗୁଡିକର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦତ୍ତ ୫-ଟି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ଆର୍ଥିକ ବର୍ଷ ତଥା ୨୦୧୯-୨୦ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସାରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମୀକ୍ଷା ବୈଠକ ପରେ ଅଧ୍ୟକ୍ଷ ପତ୍ରୀ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହିତ କଟକ ସଦର ଓ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତେକ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଓ କ୍ଲଷ୍ଟର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । କୃଷକମାନେ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା କେବଳ ଧାନଚାଷ ନୁହେଁ, ବରଂ ରବି ଓ ଖରିଫ୍ ଋତୁରେ ବିଭିନ୍ନ ପନିପରିବା ଓ ଫୁଲଚାଷ କରି ଉପକୃତ ହେଉଛନ୍ତି। ତେଣୁ ଆଗାମୀ ଦିନରେ ବିଭିନ୍ନ ଉପଖଣ୍ଡକୁ ଯାଇ ଚାଷୀମାନଙ୍କ ଉଠା ଜଳସେଚନ ସଂକ୍ରାନ୍ତ ସମସ୍ୟା ଗୁଡିକର ସମାଧାନ କରି ପ୍ରକଳ୍ପ କାର୍ଯ୍ୟଗୁଡିକୁ ସମ୍ପୂର୍ଣ୍ଣ କରିବାକୁ ଉଦ୍ୟମ ଅବ୍ୟାହତ ରଖାଯିବ । ଏଥି ସହିତ ମୁଖ୍ୟମନ୍ତ୍ରୀ କୃଷିର ଉନ୍ନତି ସହିତ କୃଷକଙ୍କ ଆୟକୁ ବହୁଗୁଣିତ ହେବାର ଯେଉଁ ଲକ୍ଷ୍ୟ ରଖିଛନ୍ତି, ସେଥିରେ ଉଠା ଜଳସେଚନ ନିଗମର ସହଭାଗିତା ଜାରି ରହିବ । କଟକ ଡିଭିଜନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସମେତ କଟକ ଜିଲା ଅନ୍ତର୍ଗତ ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକଙ୍କ ପ୍ରତିନିଧିମାନେ ଯୋଗଦେଇ ନିଜ ନିଜ ଅଞ୍ଚଳର ପ୍ରକଳ୍ପଗୁଡିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ପ୍ରସ୍ତାବ ରଖିଥିଲେ ।




**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ସ୍କ୍ରାପ୍‌ର ଇ-ନିଲାମ ବିକ୍ରୟ କାର୍ଯ୍ୟକ୍ରମ**

ଫେବୃୟାରୀ ୨୦୨୦ରୁ ଏପ୍ରିଲ ୨୦୨୦ ପର୍ଯ୍ୟନ୍ତ ତିନିମାସ ଲାଗି ନିଲାମ କାର୍ଯ୍ୟକ୍ରମର ସମୟସୂଚୀ ନିମ୍ନ ଅନୁଯାୟୀ ହେବ:-

[କ] ଫେବୃୟାରୀ ୨୦୨୦

| ଜିଏସ୍‌ଡି/ରାୟପୁର | ବିଏସ୍‌ପି/ଡିଭିଜନ | ରାୟପୁର/ଡିଭିଜନ | ନାଗପୁର/ଡିଭିଜନ |
|---|---|---|---|
| ୦୫।୦୨।୨୦୨୦ | ୦୬।୦୨।୨୦୨୦ | ୦୪।୦୨।୨୦୨୦ | ୦୩।୦୨।୨୦୨୦ |
| ୧୨।୦୨।୨୦୨୦ | ୧୩।୦୨।୨୦୨୦ | ୧୧।୦୨।୨୦୨୦ | ୧୪।୦୨।୨୦୨୦ |
| ୧୮।୦୨।୨୦୨୦ | ୧୯।୦୨।୨୦୨୦ | ୧୭।୦୨।୨୦୨୦ | ୨୦।୦୨।୨୦୨୦ |
| ୨୪।୦୨।୨୦୨୦ | ୨୫।୦୨।୨୦୨୦ | ୨୬।୦୨।୨୦୨୦ | ୨୭।୦୨।୨୦୨୦ |
| ୨୮।୦୨।୨୦୨୦ | - | - | - |

[ଖ] ମାର୍ଚ୍ଚ ୨୦୨୦

| ଜିଏସ୍‌ଡି/ରାୟପୁର | ବିଏସ୍‌ପି/ଡିଭିଜନ | ରାୟପୁର/ଡିଭିଜନ | ନାଗପୁର/ଡିଭିଜନ |
|---|---|---|---|
| ୦୫।୦୩।୨୦୨୦ | ୦୨।୦୩।୨୦୨୦ | ୦୩।୦୩।୨୦୨୦ | ୦୪।୦୩।୨୦୨୦ |
| ୧୨।୦୩।୨୦୨୦ | ୦୯।୦୩।୨୦୨୦ | ୧୧।୦୩।୨୦୨୦ | ୧୩।୦୩।୨୦୨୦ |
| ୨୦।୦୩।୨୦୨୦ | ୧୮।୦୩।୨୦୨୦ | ୧୬।୦୩।୨୦୨୦ | ୧୯।୦୩।୨୦୨୦ |
| ୨୭।୦୩।୨୦୨୦ | ୨୫।୦୩।୨୦୨୦ | ୨୩।୦୩।୨୦୨୦ | ୨୪।୦୩।୨୦୨୦ |
| ୩୧।୦୩।୨୦୨୦ | ୩୦।୦୩।୨୦୨୦ | ୨୬।୦୩।୨୦୨୦ | ୨୭।୦୩।୨୦୨୦ |

[ଗ] ଏପ୍ରିଲ ୨୦୨୦

| ଜିଏସ୍‌ଡି/ରାୟପୁର | ବିଏସ୍‌ପି/ଡିଭିଜନ | ରାୟପୁର/ଡିଭିଜନ | ନାଗପୁର/ଡିଭିଜନ |
|---|---|---|---|
| ୦୮।୦୪।୨୦୨୦ | ୦୯।୦୪।୨୦୨୦ | ୦୩।୦୪।୨୦୨୦ | ୦୭।୦୪।୨୦୨୦ |
| ୨୦।୦୪।୨୦୨୦ | ୨୨।୦୪।୨୦୨୦ | ୧୫।୦୪।୨୦୨୦ | ୧୭।୦୪।୨୦୨୦ |
| ୩୦।୦୪।୨୦୨୦ | ୨୮।୦୪।୨୦୨୦ | ୨୭।୦୪।୨୦୨୦ | ୨୯।୦୪।୨୦୨୦ |

ଇ-ନିଲାମ ସମୟସୂଚୀ ଏବଂ ଇ-କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ
● ନିଲାମ ପୂର୍ବାହ୍ନ ୧୦.୦୦ ଘଟିକାରେ ଆରମ୍ଭ ହେବ ଏବଂ ଆବଶ୍ୟକ ହେଲେ ଏହା ପରବର୍ତ୍ତୀ ଦିବସ ପର୍ଯ୍ୟନ୍ତ ଚାଲୁ ରହିପାରେ। ● ସାମଗ୍ରୀ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ● ଉପଲବ୍ଧ ସ୍ଥାନ ଜିଏସ୍‌ଡି/ରାୟପୁର ଏବଂ (ବିଳାସପୁର, ନାଗପୁର ଓ ରାୟପୁର)ସ୍ଥିତ ଡିଭିଜନ। ● ସାମଗ୍ରୀର ପ୍ରକାର: ସ୍କ୍ରାପ୍ ରେଲ୍, କାଷ୍ଟ ଆଇରନ୍, ପି.ୱେ. ସ୍କ୍ରାପ୍, ମେଲ୍‌ଟିଂ, ଏମ୍‌ଏସ୍ ପରିତ୍ୟକ୍ତ ରୋଲିଂ ଷ୍ଟକ୍, କପର୍, ଆଲୁମିନିୟମ୍, ବ୍ୟାଟେରି ଭଳି ଅଣ-ଫେରୋସ୍ ଏବଂ ବହୁଳ ଷ୍ଟକ୍ର୍ ଇତ୍ୟାଦି। ● ବିସ୍ତୃତ ନିଲାମ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ଦେଖନ୍ତୁ।

CPR/10/375 ପ୍ରିନ୍ସିପାଲ ଚିଫ୍ ମ୍ୟାଟେରିଆଲ୍ ମ୍ୟାନେଜର/ବିଳାସପୁରଙ୍କ ପାଇଁ

South East Central Railway @secrail



**୧୮୪୧୫/୧୮୪୧୬ ବଡ଼ବିଲ-ପୁରୀ-ବଡ଼ବିଲ ଏକ୍ସପ୍ରେସ୍‌ର ସଂଶୋଧିତ ସମୟସୂଚୀ ଯାହା ତା୦୧।୦୧।୨୦୨୦ରିଖଠାରୁ ଲାଗୁ ହେବ**

ଏହା ନିଷ୍ପତ୍ତି ନିଆଯାଇଛି ଯେ ତା୦୧।୦୧।୨୦୨୦ରିଖଠାରୁ ୧୮୪୧୫/୧୮୪୧୬ ବଡ଼ବିଲ-ପୁରୀ-ବଡ଼ବିଲ ଏକ୍ସପ୍ରେସ୍ ନିମ୍ନପ୍ରଦତ୍ତ ସଂଶୋଧିତ ସମୟସୂଚୀ ଅନୁଯାୟୀ ଚଳାଚଳ କରିବ:-

| ୧୮୪୧୫ | | ଷ୍ଟେଶନ | | ୧୮୪୧୬ |
|---|---|---|---|---|
| ୦୯.୧୫ | ଛା. | ବଡ଼ବିଲ | ପ | ୧୬.୪୦ |
| ୧୧.୫୦/୧୧.୫୨ | ପ./ଛା. | ବାଂଶପାଣି | ପ./ଛା. | ୧୩.୩୪/୧୩.୩୫ |
| ୧୩.୧୩/୧୩.୧୫ | ପ./ଛା. | ଜାରୋଲି | ପ./ଛା. | ୧୩.୦୮/୧୩.୧୦ |
| ୧୩.୩୩/୧୩.୩୪ | ପ./ଛା. | ନୟାଗଡ଼ | ପ./ଛା. | ୧୨.୪୬/୧୨.୪୮ |
| ୧୩.୪୯/୧୩.୫୦ | ପ./ଛା. | ପର୍ଜନପୁର | | ପୁରୀ ଏବଂ ପର୍ଜନପୁର ମଧ୍ୟରେ ସମୟସୂଚୀରେ କୌଣସି ପରିବର୍ତ୍ତନ କରାଯାଇ-ନାହିଁ । ଜୁଲାଇ ୨୦୧୯ରେ ପ୍ରକାଶିତ ସମୟ ସାରଣୀ ଅନୁଯାୟୀ ଟ୍ରେନ୍ ଚଳାଚଳ କରିବ |
| ୧୪.୦୧/୧୪.୦୨ | ପ./ଛା. | ଗୁଆଲଡିହ | | |
| ୧୪.୨୦/୧୪.୨୫ | ପ./ଛା. | କେନ୍ଦୁଝରଗଡ଼ | | |
| ୧୪.୩୩/୧୪.୩୪ | ପ./ଛା. | ନାରଣପୁର | | |
| ୧୪.୪୫/୧୪.୪୬ | ପ./ଛା. | ବସନ୍ତପୁର | | |
| ୧୪.୫୯/୧୫.୦୦ | ପ./ଛା. | ସୀତାବାଞ୍ଜି | | |
| ୧୫.୧୧/୧୫.୧୨ | ପ./ଛା. | ନୀଳକଣ୍ଠେଶ୍ୱର | | |
| ୧୫.୨୯/୧୫.୩୦ | ପ./ଛା. | ହରିଚନ୍ଦନପୁର | | |
| ୧୫.୪୪/୧୫.୪୫ | ପ./ଛା. | ଚିଲିକଦରା | | |
| ୧୫.୫୫/୧୫.୫୬ | ପ./ଛା. | ଶଗଡ଼ପଟା | | |
| ୧୬.୧୩/୧୬.୧୪ | ପ./ଛା. | ଟାଙ୍ଗିରିପାଳ | | |
| ୧୬.୨୫/୧୬.୨୬ | ପ./ଛା. | ଟମକା ଜଂ. | | |
| ୧୬.୩୬/୧୬.୩୭ | ପ./ଛା. | ବାଘୁଆପାଳ | | |
| ୧୬.୪୭/୧୬.୪୮ | ପ./ଛା. | ସୁକିନ୍ଦା ରୋଡ୍ | | |
| ୧୭.୦୫/୧୭.୦୭ | ପ./ଛା. | ଯଖପୁରା | | |
| ୧୮.୦୦/ ୧୮.୦୫ | ପ./ଛା. | କଟକ | | |
| ୧୮.୪୫/୧୮.୫୦ | ପ./ଛା. | ଭୁବନେଶ୍ୱର | | |
| ୧୯.୧୫/୧୯.୨୦ | ପ./ଛା. | ଖୋର୍ଦ୍ଧା ରୋଡ୍ | | |
| ୧୯.୩୩/୧୯.୩୪ | ପ./ଛା. | କଣାସ ରୋଡ୍ | | |
| ୧୯.୩୭/୧୯.୩୮ | ପ./ଛା. | ଡେଲାଙ୍ଗ | | |
| ୧୯.୫୧/୧୯.୫୨ | ପ./ଛା. | ସାକ୍ଷୀଗୋପାଳ | | |
| ୨୦.୪୦ | ପ. | ପୁରୀ | | |

୧୮୪୧୫/୧୮୪୧୬ର ବଡ଼ବିଲ ଓ ବାଂଶପାଣି ଏବଂ ବାଂଶପାଣି ଓ ବଡ଼ବିଲ ମଧ୍ୟରେ ସମୟସୂଚୀରେ କୌଣସି ପରିବର୍ତ୍ତନ ହେବନାହିଁ

(PR-1153) ମୁଖ୍ୟ ଯାତ୍ରୀ ପରିବହନ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

ଜଗତର ଦ୍ୱନ୍ଦ୍ୱ ସଂଗ୍ରାମରେ ଧନୀର ଧନକୁ ଦେଖି ତା'ର ପକ୍ଷ ନେବନାହିଁ। ଦରିଦ୍ରର ପକ୍ଷ ମଧ ନେବ ନାହିଁ ତା'ର ଦାରିଦ୍ର୍ୟ ଲାଗି। ରାଜାର ଶକ୍ତି ଐଶ୍ୱର୍ଯ୍ୟ ଦେଖି ତାଙ୍କ ପକ୍ଷ ବି ନେବ ନାହିଁ। ଜନଗଣଙ୍କ ଆଶା ଓ ଉତ୍ସାହ ଦେଖି ସେମାନଙ୍କ ପକ୍ଷ ବି ନେବ ନାହିଁ। ସର୍ବଦା ସେହି ଏକମାତ୍ର ଭଗବାନଙ୍କ ପକ୍ଷରେ ଇ ଠିଆ ହୋଇରହିବ। ଯଦି ଭଗବାନ ତାଙ୍କ ନିଜ ବିରୋଧରେ ବି ସଂଗ୍ରାମ କରିବାକୁ ଆଦେଶ ଦିଅନ୍ତି– ତେବେ ତୁମର ସମସ୍ତ ପ୍ରାଣ ଓ ଶକ୍ତି ଦେଇ ଆନନ୍ଦରେ ତାହା ମଧ କରିବ। –ଶ୍ରୀଅରବିନ୍ଦ

# ପ୍ରତିବାଦ କାହିଁକି



ଆକାର ପଟେଲ

ସାରା ଭାରତରେ ତୀବ୍ର ପ୍ରତିବାଦର ସ୍ୱର ଉଠିବା ଓ ବିଶ୍ୱର ଗଣମାଧ୍ୟମରେ ପ୍ରଦର୍ଶିତ ହେବାର କାରଣ ବିଷୟରେ ଆମେ ଅନୁଧ୍ୟାନ କରିବା ଆବଶ୍ୟକ। ସରକାର କହୁଛନ୍ତି ଯେ, ପ୍ରତିବାଦକାରୀମାନେ ନାଗରିକତା ଆଇନ ବିଷୟରେ ଠିକ୍‌ଭାବେ ଜାଣିନାହାନ୍ତି ଏବଂ ଦ୍ୱନ୍ଦ୍ୱରେ ରହିଛନ୍ତି। କିନ୍ତୁ ସତକଥା ହେଲା ୨୦୧୪ରୁ ଏ ପର୍ଯ୍ୟନ୍ତ ସରକାରଙ୍କ ବିରୋଧରେ ଏତେ ବଡ଼ ପ୍ରତିବାଦ କେବେ ଦେଖାଯାଇ ନ ଥିଲା। ମୋ ମତରେ ପ୍ରତିବାଦକାରୀମାନେ କାହିଁକି ପ୍ରତିବାଦ କରୁଛନ୍ତି ଜାଣିନାହାନ୍ତି ବୋଲି ସରକାର ଯାହା କହୁଛନ୍ତି ତାହା ଠିକ୍ ନୁହେଁ। ଏହାର ପୃଷ୍ଠଭୂମି ବିଷୟରେ ଟିକିଏ ଆଲୋଚନା କଲେ ଠିକ୍ ହେବ।

୨୦୧୭ରେ ଆସାମ ସରକାର ଗୌହାଟୀ ଉଚ୍ଚ ନ୍ୟାୟାଳୟରେ ଏକ ସତ୍ୟପାଠ ଦାଖଲ କଲେ। ରାଜ୍ୟରେ ଥିବା ଫରେନର୍ସ ଟ୍ରିବ୍ୟୁନାଲରେ ଯେଉଁ ଓକିଲମାନେ କାମ କରୁଛନ୍ତି ସେମାନଙ୍କର ଦୁଇବର୍ଷିଆ ଚୁକ୍ତି ସମ୍ପ୍ରସାରଣକୁ ନେଇ ଏହି ସତ୍ୟପାଠ ଉଦ୍ଦିଷ୍ଟ ଥିଲା। ସରକାର ଯେଉଁ ଦଲିଲ ପ୍ରଦାନ କରିଥିଲେ ସେଥିରେ ଦର୍ଶାଇଥିଲେ ଯେ, ଖୁବ୍ ବେଶି ଲୋକଙ୍କୁ ବିଦେଶୀ ଭାବେ ଘୋଷଣା କରୁ ନ ଥିବା ଓକିଲମାନଙ୍କ ଚୁକ୍ତି ସମ୍ପ୍ରସାରଣକୁ ସରକାର ବିରୋଧ କରନ୍ତି। ୩୮୦ ଜଣ ଲୋକଙ୍କ ଦଲିଲ ପରୀକ୍ଷା କରି ସେମାନଙ୍କ ମଧ୍ୟରୁ ୧.୩୨ ପ୍ରତିଶତ ଲୋକଙ୍କୁ ବିଦେଶୀ ବୋଲି ଘୋଷଣା କରିଥିବା କାର୍ତ୍ତିକ ଚନ୍ଦ୍ର ରାୟଙ୍କ ଚୁକ୍ତିକୁ ବାତିଲ କରାଯିବା ଉଚିତ ବୋଲି ଆସାମ ସରକାର ମତ ଦେଇଥିଲେ। ସରକାରଙ୍କ ଦୃଷ୍ଟିରେ ରାୟଙ୍କ ପ୍ରଦର୍ଶନ ସନ୍ତୋଷଜନକ ନ ଥିଲା। ସେହିପରି ଦିଲୀପ କୁମାର ବର୍ମନ, ଭାବା ହଜାରିକା, ଦ୍ୱିଜେନ୍ ଦତ୍ତ, କମ୍‌ଲୁଦ୍ଦିନ ଅହମଦ ଚୌଧୁରୀ, ନିଲୟକାନ୍ତି ଘୋଷ, ନବନୀତ ମିତ୍ର ଏବଂ କୁଲେନ୍ଦ୍ର ତାଲୁକଦାରଙ୍କ ପ୍ରଦର୍ଶନ ସନ୍ତୋଷଜନକ ନ ଥିବାରୁ ସେମାନଙ୍କ ଚୁକ୍ତିକୁ ବାତିଲ କରିବାକୁ ସରକାର ସୁପାରିସ କରିଥିଲେ। ଅପରପକ୍ଷେ ୪୬୦ ଜଣଙ୍କ ଭିତରୁ ୩୪.୫୭ ପ୍ରତିଶତଙ୍କୁ ବିଦେଶୀ ଘୋଷଣା କରିଥିବା ନାରାୟଣ କୁମାର ନାଥଙ୍କ ସପକ୍ଷରେ ସରକାର ମତ ଦେଇଥିଲେ। ସେହିପରି ୧୫ରୁ ୬୦% ପର୍ଯ୍ୟନ୍ତ ଲୋକଙ୍କୁ ବିଦେଶୀ ଘୋଷଣା କରିଥିବା ଅଭିଜିତ୍ ଦାସ, ହେମନ୍ତ ମହାନ୍ତ, ନବ କୁମାର ବରୁଆ, ଧୀରଜ କୁମାର ସାଇକିଆ, ଜୁନମୋନି ବୋରା, କଳ୍ପନା ବରୁଆ, ରମାକାନ୍ତ ଖାକଲାରୀ, ଅଜୟ ପୁହାଣ ପ୍ରମୁଖଙ୍କୁ ସରକାର ଉତ୍ତମ, ସନ୍ତୋଷଜନକ ବା ଚଳନୀୟ ଇତ୍ୟାଦି କହି ସେମାନଙ୍କ ଚୁକ୍ତି ସମ୍ପ୍ରସାରଣକୁ ଅନୁମୋଦନ କରିଥିଲେ। ସୁତରାଂ ଅଧିକ ଲୋକଙ୍କୁ ବିଦେଶୀ ଘୋଷଣା କରୁଥିବା ଠିକା ଓକିଲମାନଙ୍କୁ ଉତ୍ସାହିତ ଓ ପୁରସ୍କୃତ କରାଯାଇଥିଲା। ଯେଉଁମାନେ ସରକାରଙ୍କ ଇଚ୍ଛା ଅନୁସାରେ କାମ କରୁ ନ ଥିଲେ ସେମାନଙ୍କ ଚୁକ୍ତିକୁ ରଦ୍ଦ କରିଦିଆଯାଇଥିଲା। ତା'ପରେ ବିଦେଶୀ ଘୋଷିତ ଲୋକମାନଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା।

ଯେତେବେଳେ ଜାତୀୟ ମାନବାଧିକାର କମିଶନ ଲୋକଙ୍କ ଅବସ୍ଥା ବୁଝିବା ପାଇଁ ଏକ ଟିମ୍ ପଠାଇଲେ, ସେମାନେ ଦେଖିଲେ ଯେ ବିଦେଶୀ ଘୋଷିତ ପରିବାରଗୁଡ଼ିକୁ ପୂରା ଅଲଗା କରିଦିଆଯାଇଛି। ମହିଳା ଓ ପିଲାମାନଙ୍କୁ ଗୋଟିଏ ଜେଲରେ ରଖାଯାଇଥିବା ବେଳେ ପୁରୁଷମାନଙ୍କୁ ଅଲଗା ଜେଲରେ ରଖାଯାଇଛି। ଅନେକ ଲୋକ ପାଗଳ ହୋଇଯାଇଛନ୍ତି ଏବଂ ସେମାନଙ୍କୁ ବି ଦୋଷୀ ଭାବେ ସେହି ଜେଲରେ ରଖାଯାଇଛି। ଭାରତ ନିଜ ଲୋକଙ୍କ ବିରୋଧରେ ଏମିତି କାମ କରୁଛି।

ସଭ୍ୟ ଜଗତରେ କୌଣସି ଲୋକ କିଛି ଅପରାଧ କରିଥିବା ନେଇ ସରକାର ପ୍ରମାଣ କରିବା ଦରକାର। କିନ୍ତୁ ଭାରତରେ କୌଣସି ଲୋକକୁ କାହିଁକି ଜେଲରେ ରଖାଯିବ ନାହିଁ, ସେଥିପାଇଁ ସମ୍ପୃକ୍ତ ଲୋକକୁ ନିଜ ସପକ୍ଷରେ ପ୍ରମାଣ ଦେବାକୁ ପଡୁଛି। ଏହା ହେଉଛି ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଯାହାକୁ ସାରା ଭାରତରେ କାର୍ଯ୍ୟକାରୀ କରାଯିବ ବୋଲି ଅମିତ ଶାହା କହିଛନ୍ତି ଏବଂ ଏହା ହେଉଛି ତାକୁ କାର୍ଯ୍ୟକାରୀ କରିବାର ତରିକା। ଏବେ ଦେଖିବା ନାଗରିକତା ସଂଶୋଧନ ଆଇନ (ସିଏଏ) କ'ଣ। ଏହି ଆଇନ ଅନୁସାରେ ଭାଜପା ସରକାରର ସନ୍ତୋଷ ଉତ୍ପାଦନ କଳାଭଳି ନିଜ ନାଗରିକତାର ପ୍ରମାଣ ଦେଇପାରୁ ନ ଥିବା ମୁସଲମାନମାନଙ୍କୁ ଜେଲରେ ରଖାଯିବ। ଅନ୍ୟ ଧର୍ମାବଲମ୍ବୀଙ୍କୁ ଏଥିରୁ ବାଦ୍ ଦିଆଯାଇଛି କାରଣ ଆଇନ ଅନୁସାରେ ୨୦୧୪ ଡିସେମ୍ବର ପୂର୍ବରୁ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ଅଣମୁସଲିମ୍‌ମାନଙ୍କୁ ନାଗରିକତା ପ୍ରଦାନ କରାଯିବ। କେବଳ ମୁସଲମାନମାନଙ୍କୁ ନାଗରିକତାର ପ୍ରମାଣ ଦେବାକୁ ହେବ।

ସେହିପରି ଏନ୍‌ଆର୍‌ସିର ଉଦ୍ଦେଶ୍ୟ ହେଉଛି ସରକାରଙ୍କ ସନ୍ତୋଷ ଉତ୍ପାଦନ କଳାଭଳି କାଗଜପତ୍ର ପ୍ରଦର୍ଶନ କରିପାରୁ ନ ଥିବା ଭାରତୀୟ ମୁସଲମାନମାନଙ୍କୁ ସବୁଦିନ ପାଇଁ ଜେଲରେ ରଖିବା ଏବଂ ଯେଉଁ କର୍ମଚାରୀ ସର୍ବାଧିକ ସଂଖ୍ୟକ ମୁସଲମାନଙ୍କୁ ବିଦେଶୀ ବୋଲି ପ୍ରମାଣ କରି ନ ପାରିବ ତାଙ୍କୁ ଦଣ୍ଡିତ କରିବା। ଏହି କାରଣରୁ ଅନେକ ଭାରତୀୟ ମୁସଲମାନ ଉକ୍ତ ଆଇନ ବିରୋଧରେ ପ୍ରତିବାଦ କରିବା ଦେଖାଯାଉଛି। ଅନେକ ଅଣମୁସଲମାନ ମଧ୍ୟ ଭାରତରେ ଘଟୁଥିବା ଏହିସବୁ ଅବାଞ୍ଛିତ ଘଟଣା ପ୍ରତି ଆଖି ବୁଜିଦେଇ ପାରୁନାହାନ୍ତି। ଶେଷରେ ଏହି କାରଣରୁ ଭାରତର ବୈଦେଶିକ ମନ୍ତ୍ରୀ ଚଳିତ ସପ୍ତାହରେ ଲଜ୍ଜାଜନକ ଭାବରେ ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ଏକ ପ୍ରତିନିଧି ସଭାକୁ ବାତିଲ କରିଦେଇଛନ୍ତି। କାରଣ ଅନ୍ୟ ପ୍ରତିନିଧିମାନେ ସେଠି ତାଙ୍କୁ ଭାରତରେ କ'ଣ ସବୁ ଚାଲିଛି ବୋଲି ପ୍ରଶ୍ନ ପଚାରିଲେ ସେ କି ଉତ୍ତର ଦେବେ ? ସେ ଭଲଭାବେ ଜାଣିଛନ୍ତି ଯେ, ସେ ଭାରତ ସରକାରଙ୍କ କାର୍ଯ୍ୟ ସପକ୍ଷରେ ଆତ୍ମରକ୍ଷାମୂଳକ ସଫେଇ ଦେଇପାରିବେ ନାହିଁ।

Email: aakar.patel@gmail.com

# ଈଶ୍ୱର ଭରସା



ପ୍ରକାଶ ତ୍ରିପାଠୀ

"ଆମ ଝିଅମାନେ ଆଉ ଅଧିକ ପାଠପଢ଼ିବା ଦରକାର ନାହିଁ କି ପୁରୁଷଙ୍କ ସହ ସମାସ୍କନ୍ଦ ହେବାର ଆବଶ୍ୟକତା ନାହିଁ। ଚାକିରି ବାକିରି କରି ସ୍ୱାବଲମ୍ବୀ ହେବା ପରକଥା, ପ୍ରଥମେ ସେମାନେ ବଞ୍ଚିକି ରୁହନ୍ତୁ, ଭଲରେ ରୁହନ୍ତୁ"– କ୍ଷୋଭଭରା କଣ୍ଠରେ ମୋର ଜଣେ ବାନ୍ଧବୀ କହୁଥିଲା ବେଳେ ମୁଁ ଦେଖିପାରୁଥିଲି ତାଙ୍କ ଆଖିରେ ଛଳ ଛଳ ହେଉଥିବା ଲୁହସବୁ। ନିଜ ସନ୍ତାନମାନଙ୍କର ପୀଡାକୁ ସହଜରେ ଗ୍ରହଣ କରିପାରୁ ନ ଥିବା ଜଣେ ମା'ର ଅନ୍ତର୍ବେଦନାକୁ। ତାଙ୍କ ପ୍ରତିକ୍ରିୟାରୁ ଅନୁଭବ କରିହେଉଥିଲା ନିର୍ଭୟା, ପ୍ରିୟଙ୍କା ଆଦି କନ୍ୟାମାନଙ୍କ ମା'ଙ୍କ ହୃଦୟପୀଡାକୁ। କେବଳ ମୋ ବାନ୍ଧବୀ ନୁହନ୍ତି ଏ ଦେଶର ପ୍ରତ୍ୟେକ ବଢ଼ିଲା ଝିଅଙ୍କ ମା'ମାନଙ୍କୁ ପଚାରନ୍ତୁ। ସେମାନେ ବି କ୍ଷେଦୋକ୍ତି ପ୍ରକାଶ କରିବେ ସାମ୍ପ୍ରତିକ ଅବକ୍ଷୟିଷ୍ଣୁ ସାମାଜିକ ବ୍ୟବସ୍ଥାକୁ ନେଇ। ବେଶି ପଛକୁ ଯିବାନି, ଗତ ସାତବର୍ଷ ଭିତରେ ଦିଲ୍ଲୀର ନିର୍ଭୟା ଘଟଣାଠାରୁ ଆରମ୍ଭ କରି ହାଇଦ୍ରାବାଦର ପ୍ରିୟଙ୍କା ଓ ଉତ୍ତରପ୍ରଦେଶର ଉନ୍ନାଓ ଆଦି ଘଟଣାକୁ ତର୍ଜମା କରାଯାଉ। ଲାଗେ ସତେ ଯେମିତି ବଳାତ୍କାର ଏ ଦେଶର ଏକ ଫେଶନ ପାଲଟିଯାଇଛି।

ମୋର ନୀରବତାକୁ ଲକ୍ଷ୍ୟକରି ବାନ୍ଧବୀ ପୁଣି ପ୍ରଶ୍ନ କଲେ– ଆମେ ଆମ ଝିଅମାନଙ୍କୁ ସେମାନଙ୍କର ପୂର୍ଣ୍ଣ ଆୟୁଷ ବଞ୍ଚିବାକୁ ଦେବା ନା ନାହିଁ? ଝିଅଟିଏ ଘରୁ ଗୋଡ଼ କାଢ଼ିବା ମାତ୍ରେ ତା'ର ପିଛା କରୁଛି ଭୟ ଓ ଆତଙ୍କ। ଯଦି ଆମ ଝିଅମାନଙ୍କୁ ଉଚ୍ଚଶିକ୍ଷିତା, ସ୍ୱାବଲମ୍ବୀ ଓ ଆଧୁନିକା କରିବା, ତେବେ ସେମାନଙ୍କୁ ସମ୍ମାନର ସହ ବଞ୍ଚିବାକୁ ଉପଯୁକ୍ତ କ୍ଷେତ୍ର ବା ପରିବେଶ ପ୍ରସ୍ତୁତ କରିବା ଆବଶ୍ୟକ। ନଚେତ୍ ଆମ ପୂର୍ବପୁରୁଷଙ୍କ ମଧ୍ୟଯୁଗୀୟ ମତକୁ ଗ୍ରହଣ କରିନେବା ଠିକ୍। ମାନିନେବା ଯେ ଅବଳା ଦୁର୍ବଳା। ବିନାଶ୍ରୟରେ ସେମାନେ ବଢ଼ିପାରିବେ ନାହିଁ। ଛୋଟବେଳେ ମା'–ବାପା, ବିବାହ ପରେ ପତି ଓ ବାର୍ଦ୍ଧକ୍ୟରେ ପୁତ୍ରମାନଙ୍କ ତତ୍ତ୍ୱାବଧାନରେ ସେମାନେ ରହିବା ଉଚିତ। କାରଣ ସେମାନେ କୋମଳ, ସରଳ ଓ କଷ୍ଟସହିଷ୍ଣୁ। ମାନିନେବା ଯେ ଏ ସଂସାରଟା ପୁରୁଷଙ୍କର। ଦିନ ହେଉ କି ରାତି, ଆମ କନ୍ୟାମାନେ ବାହାରକୁ ବାହାରିପାରିବେ ନାହିଁ, ହସିପାରିବେ ନାହିଁ, ସ୍ୱପ୍ନ ଦେଖିପାରିବେ ନାହିଁ, ସ୍ୱାଧୀନ ଭାବେ ବଞ୍ଚିପାରିବେ ନାହିଁ। 'ବେଟୀ ବଚାଓ, ବେଟୀ ପଢ଼ାଓ' ଆଦି ସ୍ଲୋଗାନ ଦେଇଦେଲେ ହେବନି। ଏଥିପାଇଁ ଆମେ କେମିତି ଅନୁକୂଳ ପରିବେଶ ସୃଷ୍ଟି କରିପାରୁଛେ ତାହା ବଡ଼ କଥା।

ଭ୍ରୂଣ ସ୍ଥିତିଠାରୁ ପରିଣତ ବୟସ ପର୍ଯ୍ୟନ୍ତ ନାରୀ ହିଁ ନିର୍ଯ୍ୟାତିତା। ବାନ୍ଧବୀ ସେଦିନ ମୋତେ କିଛି କହିବାକୁ ସୁଯୋଗ ଦେଇ ନ ଥିଲେ। କହିଥିଲେ– ତୁମ କାମ ଲେଖିବା। ଆଜି ମୋ କାମ କହିବା। ମୁଁ ଯାହା କହୁଛି ଶୁଣ। ଦେଶରେ ଯେତେବେଳେ ବି ପୋଲିସ ଏନକାଉଣ୍ଟର ହୋଇଛି, ସେଥିରେ ସାଧାରଣ ଲୋକେ କେବେ ବି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ। ପୋଲିସ ଏନକାଉଣ୍ଟରରେ କୌଣସି ଭଦ୍ର ବା ସଭ୍ୟ ମଣିଷ ଶିକାର ହୁଅନ୍ତି ନାହିଁ। ପୋଲିସ କାମ ପୋଲିସ କରୁଛି କହି କେବଳ ଖବରଟିକୁ ଟିଭି ବା ଖବରକାଗଜରୁ ପଢ଼ି ଚୁପ୍ ରହିଯାଆନ୍ତି। କିନ୍ତୁ ପ୍ରିୟଙ୍କା ବଳାତ୍କାର ଘଟଣାରେ ଅଭିଯୁକ୍ତମାନଙ୍କୁ ପୋଲିସର ଏନକାଉଣ୍ଟର ପରେ ସାଧାରଣ ଜନତାଙ୍କ ପକ୍ଷରୁ ଭୂୟସୀ ପ୍ରଶଂସା ମିଳିଲା। ଜନସାଧାରଣ ଚାହୁଁଥିଲେ ତତ୍‌କ୍ଷଣାତ୍ ଦଣ୍ଡ, ସେ ଯେଉଁ ଉପାୟରେ ହେଉନା କାହିଁକି। ପୋଲିସ ସେ କାମ କରିଦେଲା। ଭାରତରେ ପୋଲିସକୁ ପ୍ରଶଂସା, ସେମାନଙ୍କ ଉପରେ ଫୁଲ ବର୍ଷା, ସେମାନଙ୍କୁ କାନ୍ଧରେ ବସାଇବା ଘଟଣା ବୋଧହୁଏ ଏ ଦେଶରେ ପ୍ରଥମ। ସାଉଥ୍ ସିନେମା ଭଳି ସାଉଥ୍ ପୋଲିସର ବି ଦମ୍‌ଦାର ମନ୍ତବ୍ୟ ସୋସିଆଲ ମିଡିଆରେ ଚହଳ ପକାଇଲା। ଅନ୍ୟାନ୍ୟ ରାଜ୍ୟର ପୋଲିସ ହାଇଦ୍ରାବାଦ ପୋଲିସଠାରୁ ଶିକ୍ଷାଲାଭ କରନ୍ତୁ ବୋଲି ଅଯୌକ୍ତିକ ମନ୍ତବ୍ୟ ମୋବାଇଲରୁ ମୋବାଇଲକୁ ଘୂରିବୁଲିଲା। ଏହା ହିଁ ପ୍ରମାଣ ଦିଏ ବଳାତ୍କାର ଭଳି ପୈଶାଚିକ ଘଟଣାରେ ସାଧାରଣ ଜନତା କେତେ କ୍ରୋଧାନ୍ୱିତ। ପଲ୍ଲୀଠାରୁ ଦିଲ୍ଲୀ ଯାଏ ବଳାତ୍କାର ବିରୋଧରେ ସ୍ୱର ଶାଣିତ ହେଲା। ଖବରକାଗଜରେ ପ୍ରକାଶିତ ତଥ୍ୟ କୁହେ ଯେ, ଭାରତରେ ପ୍ରତି ଘଣ୍ଟାରେ ତିନୋଟି ବଳାତ୍କାର ମାମଲା ରେକର୍ଡ ହେଉଥିଲା ବେଳେ ଅନେକ ମାମଲା ରେକର୍ଡଭୁକ୍ତ ହୋଇପାରେ ନାହିଁ। ପ୍ରତି ଚାରିଟି ବଳାତ୍କାର ମାମଲାରେ ମାତ୍ର ଜଣେ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହୁଏ। ଆବଶ୍ୟକ ସଂଖ୍ୟକ କୋର୍ଟ ନାହିଁ, ବିଚାରପତି ନାହାନ୍ତି। ଯେଉଁ ଦେଶର କାର୍ଯ୍ୟରତ ପ୍ରଧାନମନ୍ତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରିଥିବା ଅପରାଧୀକୁ ଦଣ୍ଡ ଦେବା ପାଇଁ ପାଞ୍ଚବର୍ଷ ସମୟ ଲାଗିଯାଏ, ସେଠି ନିର୍ଭୟା ଘଟଣାରେ ବଳାତ୍କାରୀକୁ ଦଣ୍ଡ ଦେବାରେ ସାତବର୍ଷ ଲାଗିଯିବାରେ କିଛି ଅସ୍ୱାଭାବିକତା ନାହିଁ। ନିର୍ଭୟା ବଳାତ୍କାର ଘଟଣା ପରେ ଦେଶରେ କଠୋର ଆଇନ ଅଣାଗଲା, ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରାଗଲା। ନିର୍ଭୟା ପାଣ୍ଠି ଗଠନ ହେଲା। ମହିଳଙ୍କ ପାଇଁ ହେଲ୍ପଲାଇନ କାର୍ଯ୍ୟକାରୀ ହେଲା। ମାତ୍ର ଫଳ ଶୂନ। ବଳାତ୍କାର ବଢ଼ିଚାଲିଛି। ମହମବତି ଶୋଭାଯାତ୍ରା, ସୋସିଆଲ ମିଡିଆରେ ନିନ୍ଦା ପ୍ରଚାର, ଟିଭିରେ ବଳାତ୍କାରକୁ ନେଇ ଚର୍ଚ୍ଚାରେ ଏ ଦେଶରେ ବଳାତ୍କାର ଥମିବନି। ବାନ୍ଧବୀ ସେଠାରୁ ବିଦାୟ ନେବା ବେଳେ ଶେଷ ପଦଟି କହିଗଲେ ଯେ ଏ ଦେଶରେ ଆମ ଝିଅମାନଙ୍କୁ କେବଳ ଈଶ୍ୱର ଭରସା।

ଆମ ଦେଶରେ ବଳାତ୍କାର କାହିଁକି ବଢୁଛି। କ'ଣ ହୋଇପାରେ ଏହାର କାରଣ। ଦିଲ୍ଲୀର ନିର୍ଭୟା ବଳାତ୍କାର ମାମଲାରେ ନାବାଳକ କୁହାଯାଉଥିବା ପିଲାଟି ସର୍ବାଧିକ ବର୍ବର କାଣ୍ଡ କରିଥିଲା। ହାଇଦ୍ରାବାଦର ପ୍ରିୟଙ୍କା ମାମଲାରେ ଚାରି ଅଭିଯୁକ୍ତଙ୍କ ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସେଥିରୁ ତିନିଜଣ ଅଭିଯୁକ୍ତଙ୍କ ବୟସ ୧୮ରୁ ୨୦ ଭିତରେ ଅନୁମାନ କରିହୁଏ। ଏତେ ଅଳ୍ପ ବୟସରେ ଏଭଳି ପୈଶାଚିକ କାର୍ଯ୍ୟ କରିବାକୁ ସେମାନେ କିଭଳି ମନ ବଳାଇପାରିଲେ। ସମସ୍ୟା କେଉଁଠି ରହୁଛି। ଜଣେ ଆଠବର୍ଷର ପିଲା ହରିଶ୍ଚନ୍ଦ୍ର ନାଟକ ଦେଖେ। ଏହି ନାଟକରେ ସେ ଏପରି ପ୍ରଭାବିତ ହୁଏ ଯେ ସତ୍ୟପଥରେ ଚାଲିବାର ବ୍ରତ କରି ସେ ମହାତ୍ମା ହୋଇଯାଏ। କିନ୍ତୁ ଆଜିର ସମୟରେ ଆଠବର୍ଷର ପିଲା ସିନେମାରେ, ଘରେ ଟିଭିରେ, ପତ୍ରପତ୍ରିକାରେ କ'ଣ ଦେଖୁଛି? ନଗ୍ନ ଫଟୋ, ଅଶ୍ଳୀଳ ଦୃଶ୍ୟର ପସରା ତ ସର୍ବତ୍ର। କ'ଣ ପ୍ରଭାବ ପଡୁଥିବ ଆମ ପିଲାମାନଙ୍କ ମନରେ। ଏବେ ତ ଆଉ ଯୌଥ ପରିବାର ନାହିଁ। ଅଧିକ ସ୍ୱାଧୀନତା ଆଳରେ ଏକଲା ରହିବାକୁ ପସନ୍ଦ କରୁଛୁ। ଜଣଙ୍କ ରୋଜଗାରରେ ଛୋଟ ପରିବାର ଚଳିହେଉନି। କାରଣ ଆମର ଆବଶ୍ୟକତା ଅଧିକ। ଉଭୟ ସ୍ୱାମୀ–ସ୍ତ୍ରୀ କର୍ମଜୀବୀ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବାହାରେ। ଘରେ ପିଲା ଏକୁଟିଆ। ପାଠପଢା ବାଦ୍ ନିଜର ଏକଲାପଣକୁ ଦୂରେଇବା ପାଇଁ ସାଥୀ କରିଥାଏ ଟିଭି, ମୋବାଇଲ ଫୋନ ଓ ଇଣ୍ଟରନେଟ୍‌କୁ। ଏଥିରେ ଦେଖୁଛି କ'ଣ ? ଅଶ୍ଳୀଳ ଭିଡିଓ ଓ ଫଟୋ। ପାଖରେ ଜେଜେମା'–ଜେଜେବାପା ବା ଅନ୍ୟ କେହି ସମ୍ପର୍କୀୟ ଥିଲେ ସଂସ୍କାର ଶିଖିଥାନ୍ତା। ତାହା ବି ସମ୍ଭବ ନୁହେଁ। ଟିଭିରେ ଦେଖୁଛି କ'ଣ ? ରାଜନୀତି ଚର୍ଚ୍ଚା, ତର୍କ ଦେଖୁଛି ନ୍ୟୁଜ୍ ଚ୍ୟାନେଲରୁ। ପରିବାରର ଅନ୍ତର୍ଦ୍ୱନ୍ଦ୍ୱ, ଶାଶୁ–ବୋହୂ କଳି ବା ଯୁବତୀ–ଯୁବକଙ୍କ ପ୍ରେମଲୀଳା ଟିଭି ସିରିଏଲରୁ। ଏହା ବାଦ୍ ଦ୍ୱିଅର୍ଥବୋଧକ ସଂଳାପ ସମ୍ବଳିତ କମେଡି ସିରିଏଲ, ଦଙ୍ଗା, ମାରପିଟ୍, ହିଂସାତ୍ମକ ଚଳଚ୍ଚିତ୍ର ଓ ସର୍ବୋପରି ଅଶ୍ଳୀଳତାପୂର୍ଣ୍ଣ ବିଜ୍ଞାପନ। ଶୀଲା କୀ ଯବାନୀ, ମୁନି ବଦ୍‌ନାମ ହୁଇ, ଅବ୍ କରେକି ତେରେ ସାଥ୍ ଗନ୍ଦିବାତ୍ ଭଳି ଶହ ଶହ ନଗ୍ନତାରେ ଭରପୂର ସିନେମା ଗୀତରେ କଟୁଛି ଆମ ପିଲାଙ୍କ କିଶୋରାବସ୍ଥା। ଟିଭିରେ ସୁହାଗ ରାତ୍, ଚୁମ୍ବନ, ଭାବିଜୀ ଘରପର ହୈ, ଜିଜାଜୀ ଛାତପର ହୈ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ଓ ତା' ସହ ଡିଓଡ୍ରାଣ୍ଟ, କଣ୍ଡୋମ୍, କୋଲ୍ଡ ଡ୍ରିଙ୍କ୍ସ, ବିଭିନ୍ନ ପ୍ରସାଧନ ସାମଗ୍ରୀର ବିଜ୍ଞାପନ ଆଳରେ ଅଶ୍ଳୀଳତା ପ୍ରଦର୍ଶନ ଆମ କୋମଳମତି ପିଲାଙ୍କୁ କେଉଁ ଆଡକୁ ନେଉଛି ? କେବଳ ସରକାର, ପୋଲିସ, ଅଦାଲତ ସବୁ କରିବେ ବୋଲି ନିଶ୍ଚିନ୍ତ ହୋଇ ବସି ରହିବାର ସମୟ ଆଉ ନାହିଁ। ଆମ ସଂସ୍କାର ଓ ସଭ୍ୟତାକୁ ବଞ୍ଚାଇବା ପାଇଁ ପ୍ରତ୍ୟେକ ପରିବାରରୁ ଉଦ୍ୟମ ଆରମ୍ଭ ହେଉ। ନଚେତ୍ ମୋ ବାନ୍ଧବୀଙ୍କ ମନ୍ତବ୍ୟ 'ଆମ ପିଲାମାନଙ୍କୁ କେବଳ ଈଶ୍ୱର ଭରସା'କୁ ମାନିନେବାକୁ ପଡିବ।

ମୋ–୯୪୩୭୨୩୨୪୬୩,
ଇମେଲ–Prakas.tripathy09@gmail.com

# ସାମ୍ବାଦିକରୁ ସାହିତ୍ୟିକ

## ବ୍ୟକ୍ତିତ୍ୱ



ଭି. ମଧୁସୂଦନନ୍ ନାୟାର

ସାଧନାର ସ୍ୱାଦ ସେ ହିଁ ପ୍ରାପ୍ତ କରନ୍ତି ଯେତେବେଳେ ସମାଜ ଦିଏ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ୱୀକୃତି। ସେହି ସ୍ୱୀକୃତି ପ୍ରେରଣା ଯୋଗାଏ ଏକ ଜାଗାକୁ ଖେଦିଯିବାକୁ, ନିଜ ଭାବନାକୁ ଆହୁରି ଅଧିକରୁ ଅଧିକ ପରିପୁଷ୍ଟ କରିବାକୁ, ଯେମିତି କରିଛନ୍ତି କେରଳର ମାଲୟାଲମ କବି ପ୍ରଫେସର ଭି. ମଧୁସୂଦନନ୍ ନାୟାର। ସୃଜନର ଅସୀମ ସାଗରରୁ ଶବ୍ଦ ସାଉଁଟି ନିଜ ଭାବନାକୁ କବିତା ମାଧ୍ୟମରେ ପରିପ୍ରକାଶ କରି ଅତି ସରଳ ଓ ସାବଲୀଳ ଢଙ୍ଗରେ ଉପସ୍ଥାପନ କରିଛନ୍ତି। ସମାଜର ହିତରେ ତାଙ୍କ ଭାବନା କେବଳ କବିତାରେ ପରିସ୍ଫୁଟିତ ହୋଇନି ବରଂ ମନୋରଞ୍ଜନ ଦୁନିଆରେ ନିଜର ଏକ ଛାପ ଛାଡିଯାଇଛନ୍ତି। ନିକଟରେ ୨୦୧୯ର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ପ୍ରଫେସର ନାୟାର। 'ଅଚ୍ଚନ ପିରନ୍ନା ବେଦୁ' (ମାଲୟାଲମ)କାବ୍ୟ ଲାଗି ତାଙ୍କୁ ମନୋନୀତ କରାଯାଇଛି।

ମାଲୟାଲମ ସାହିତ୍ୟର କବି ତଥା ଆଲୋଚକ ନାୟାର କବିତା ଆବୃତ୍ତି କରିବାରେ ବି ଧୂରନ୍ଧର। ଏଥିଲାଗି ସେ ଖୁବ୍ ଲୋକପ୍ରିୟ। ତାଙ୍କର କାବ୍ୟ 'ନରନାଥୁ ଭ୍ରାନ୍ଥନା' ସବୁଠାରୁ ବେଶି ଆବୃତ୍ତି ଲାଭ କରିଛି। ମାଲୟାଲମରେ ଏହାର ସବୁଠୁ ବେଶି ସଂସ୍କରଣ ପ୍ରକାଶ ପାଇଛି। କବିତା ଲେଖାରେ ଥକି ଯାଇ ନାହିଁ ତାଙ୍କ ମନ। ସଂଯୋଜିତ ଶବ୍ଦ ଭିତରେ ସେ ବାନ୍ଧି ରଖିନାହାନ୍ତି ତାଙ୍କ ଭାବନାକୁ। ଆଉପାଦେ ଆଗକୁ ଯାଇ ତାହାକୁ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି ନିଆରା ଶୈଳୀରେ। ନିଜର ତଥା ଅନ୍ୟ ପ୍ରତିଷ୍ଠିତ କବିମାନଙ୍କ କବିତା ଆବୃତ୍ତି କରି ତାହାର ମ୍ୟୁଜିକ ଆଲବମ୍ ମଧ କରିଛନ୍ତି। ଏହା ହିଁ ତାଙ୍କ ବ୍ୟକ୍ତିତ୍ୱର ଭିନ୍ନ ଏକ ପରିଚୟ ଦେଉଛି।

ଥିରୁଭାନ୍ତପୁରମ୍‌ର ନେୟାଟ୍ଟିଙ୍କାରା ନିକଟରେ ଥିବା ଏକ ଛୋଟ ନଇକୂଳିଆ ଗାଁରେ ୨୫ ଫେବୃୟାରୀ, ୧୯୪୯ରେ ଭି. ମଧୁସୂଦନନ୍ ନାୟାରଙ୍କ ଜନ୍ମ। ତାଙ୍କ ମା'ଙ୍କ ନାମ କେ. ଗୌରୀକୁଞ୍ଜୀ ଆମ୍ମା। ପିତା କେ. ବେଲାୟୁଧନ୍ ପିଲାଇ କେରଳରେ ପାଳିତ ହେଉଥିବା ଥୋଟ୍ଟାମ ପାଟ୍ଟୁ ପର୍ବରେ କର୍ମକାଣ୍ଡୀୟ ଗୀତ ଆବୃତ୍ତି କରି ଲୋକପ୍ରିୟତା ଅର୍ଜନ କରିଥିଲେ। ଅତି ଛୋଟବେଳୁ ନାୟାର ଏହା ଶିଖିଯାଇଥିଲେ। ଗୀତ ଆବୃତ୍ତି କରିବାର ସେହି ଶକ୍ତି ଓ ଧାରାକୁ ଏବେ କବିତାରେ ଧରି ରଖିଛନ୍ତି। ସ୍କୁଲ୍‌ରେ ପଢ଼ିବାବେଳୁ କବିତା ଲେଖିବାରେ ସେ ଗଭୀର ମନୋନିବେଶ କରିଥିଲେ। ୧୯୮୦ରେ ତାଙ୍କର ପ୍ରଥମ କବିତା ପ୍ରକାଶ ପାଇଥିଲା। ହେଲେ ୧୯୯୨ରେ ପ୍ରକାଶ ପାଇଥିଲା ପ୍ରଥମ କାବ୍ୟ 'ନରନାଥୁ ଭ୍ରାନ୍ଥନା'। ୪୦ଟିରୁ ଊର୍ଦ୍ଧ୍ୱ ସଂସ୍କରଣରେ ଏହା ପ୍ରକାଶ ପାଇ ମାଲୟାଲମ ସାହିତ୍ୟରେ ସବୁଠୁ ବେଶି ଲୋକପ୍ରିୟତା ଅର୍ଜନ କରିଛି। ୧୮ଟି ସଂସ୍କରଣରେ ପ୍ରକାଶ ପାଇଥିବା ଛାଙ୍ଗମ୍‌ପୂଝା କ୍ରିଷ୍ଣା ପିଲାଇଙ୍କ ରାମାୟଣକୁ ବି ଏହା ଟପିଯାଇଛି। ମାଲୟାଲମରେ କବିତା ଲେଖିବା ତାଙ୍କ ପସନ୍ଦ ହୋଇଥିଲେ ହେଁ ସେ ଇଂଲିଶ, ହିନ୍ଦୀ, ସଂସ୍କୃତ ଓ ତାମିଲରେ ବି କଥା ହୋଇପାରନ୍ତି। କବିତା ସହ ତାଙ୍କର ସମୀକ୍ଷାତ୍ମକ କଥାବସ୍ତୁ , ବିଜ୍ଞାନ ଓ କେରଳର ଲୋକସାହିତ୍ୟ ଉପରେ ଆଧାରିତ ବହି ସହ ଗୋଟିଏ ଶବ୍ଦକୋଷକୁ ନେଇ ପାଞ୍ଚଟି ପୁସ୍ତକ ପ୍ରକାଶ ପାଇଛି। ଏଥି ସହିତ ୫ଟି ମାଲୟାଲମ ସିନେମା ଲାଗି ଗୀତ ଲେଖି ଜଣେ ଜଣାଶୁଣା ଗୀତିକାର ପାଲଟିଯାଇଛନ୍ତି। ତାଙ୍କ କବିତାକୁ ୪ଟି ଫିଲ୍ମରେ ମଧ ବ୍ୟବହାର କରାଯାଇଛି।

ସମାଜର ସମସ୍ୟାକୁ ଲୋକଲୋଚନକୁ ଆଣିବା ଲାଗି ପ୍ରାରମ୍ଭିକ ନାୟାର ସାମ୍ବାଦିକତାକୁ ଆଦରି ନେଇଥିଲେ। କୁଙ୍କୁମମ୍ ପ୍ରତିକା ଓ ଦୈନିକ ଭିକ୍ଷାନ୍ନମ୍‌ରୁ ସେ କାର୍ଯ୍ୟ ଆରମ୍ଭ କରିବା ସହ ଅଲ୍ ଇଣ୍ଡିଆ ରେଡିଓ, ଥିରୁଭାନ୍ତପୁରମରେ କାର୍ଯ୍ୟକ୍ରମ ଉପସ୍ଥାପକ ଭାବେ କାର୍ଯ୍ୟ କରଥିଲେ। ପରେ କେରଳ ଲିଟରେଚର ଇନ୍‌ଷ୍ଟିଚ୍ୟୁଟରେ ସହ–ସମ୍ପାଦକ ହୋଇଥିଲେ। ପରେ ସେ ଟାଣି ହୋଇଗଲେ ଶିକ୍ଷା କ୍ଷେତ୍ରକୁ। ଥିରୁଭାନ୍ତପୁରମର ସେଣ୍ଟ ଜାଭିୟର୍ସ କଲେଜରେ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ସେଠାରେ ସେ ପ୍ରାଧ୍ୟାପକ ପଦ ଅଳଙ୍କୃତ କରିବା ସହ ମାଲାୟାଲମ ସାହିତ୍ୟ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇ ସେଠାରୁ ଅବସର ନେଇଥିଲେ।

ଏହି ପ୍ରତିଭାଧରଙ୍କ ଲାଗି ପୁରସ୍କାରର ଅୟମାରମ୍ଭ ହୁଏ ୧୯୮୬ରେ। ସେ ଏହି ବର୍ଷ କୁଞ୍ଜୁ ପିଲାଇ ସମ୍ମାନ ପାଇଥିଲେ। ପରେ ୧୯୯୦ରେ କେ. ବାଲକୃଷ୍ଣ ପୁରସ୍କାର, ୧୯୯୩ରେ ନରନାଥୁ ଭ୍ରାନ୍ଥନା ଲାଗି କେରଳ ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୦୩ରେ ଅସନ ସ୍ମାରକ କବିତା ପୁରସ୍କାରମ୍, ଆର.ଜି.ମଙ୍ଗଳମ୍ ଏବଂ ସୌପର୍ଣ୍ଣିକାଥିରମ୍ ପ୍ରତିଭା ପୁରସ୍କାରମ୍ ,୨୦୧୫ରେ ଜନ୍ମାଷ୍ଟମୀ ପୁରସ୍କାରମ୍ ଓ ୨୦୧୬ରେ ପଦ୍ମପ୍ରଭା ସାହିତ୍ୟ ପୁରସ୍କାର ପାଇବା ତାଙ୍କ ସୃଜନ ସ୍ୱୀକୃତିର ଗୋଟିଏ ଗୋଟିଏ ଉପହାର ଭଳି ଲାଗେ।

ନେୟାଟ୍ଟିଙ୍କାରାସ୍ ଓ କୋଟ୍ଟୁକନମ୍‌ରେ ନାୟାରଙ୍କ ବାଲ୍ୟ ଶିକ୍ଷା ଶେଷ ହୋଇଥିଲା। ଭେଲୁ ଥାମ୍ପି ମେମୋରିଆଲ ନାୟର ସର୍ଭିସ ସୋସାଇଟି କଲେଜରୁ ପ୍ରି–ଡିଗ୍ରୀ ଶେଷକରିବା ପରେ ମହାତ୍ମା ଗାନ୍ଧୀ କଲେଜରୁ ଡିଗ୍ରୀ ହାସଲ କରିବା ପରେ ଥିରୁବନ୍ତପୁରମ୍‌ର ୟୁନିଭର୍ସିଟି କଲେଜରୁ ସ୍ନାତକୋତ୍ତର ହାସଲ କରିଛନ୍ତି। ସ୍ତ୍ରୀ ମାଳତୀ ଦେବୀ , ଦୁଇ ଝିଅ ଓ ଗୋଟିଏ ପୁଅଙ୍କୁ ନେଇ ନାୟରଙ୍କ ପରିବାର।ଏବେ ସେ ସପରିବାର ଥିରୁଭାନ୍ତପୁରମ୍‌ର ଦେବସ୍ୱମ୍ ବୋର୍ଡ ଜଙ୍କସନ୍‌ରେ ରହୁଛନ୍ତି। ତାଙ୍କ କାର୍ଯ୍ୟଧାରା ଏବକାର ପିଢିଙ୍କୁ ସାହିତ୍ୟ ସାଧନାର ପଥ ଦେଖାଇବ।

**–ଶିବ ପ୍ରସାଦ ପୁହାଣ**

## ଏଇ ଭାରତରେ

ଆମେ ପୃଥିବୀକୁ ପରିବର୍ତ୍ତନ କରିପାରିବା ନାହିଁ, କିନ୍ତୁ ଅନ୍ୟମାନଙ୍କ ଲାଗି ଏକ ଭଲ ଜୀବନର ଆଶା ସୃଷ୍ଟି କରିପାରିବା। ଏମିତି ଭାବନା ଆଣି ସମାଜସେବାରେ ଲାଗିଛନ୍ତି ନାଗାଲାଣ୍ଡର ଡିମାପୁରନିବାସୀ ସୁବୋନେମ୍ବା ଲଙ୍ଗକୁମେର୍। ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠା କରିଛନ୍ତି ସ୍କୁଲ୍। ଯୌନ ଶୋଷଣର ଶିକାର ହେଉଥିବା ଶିଶୁ ଓ ଶିଶୁଶ୍ରମିକଙ୍କୁ ଉଦ୍ଧାର କରି ଶିକ୍ଷା ଦେଉଛନ୍ତି। ୯ ବର୍ଷ ବୟସରେ ସୁବୋନେମ୍ବା ପିତାଙ୍କୁ ଓ ୧୨ବର୍ଷ ବୟସରେ ମା'ଙ୍କୁ ହରାଇ ମାମୁ ଘରେ ରହିଥିଲେ। ପିତାଙ୍କର ଜଣେ ବନ୍ଧୁଙ୍କଠାରୁ ସାହାଯ୍ୟ ପାଇ ପଢିବା ସହ ହୋଟେଲରେ ପାଣିଦେବା, ଜାଳେଣି କାଠ ସଂଗ୍ରହ କରିବା, ଅତିଥିମାନଙ୍କ ପାଇଁ ରୋଷେଇ କରିବା ସହ ଘରର ବିଭିନ୍ନ କାର୍ଯ୍ୟ କରୁଥିଲେ। ୨୦୦୦ରେ ଡିଗ୍ରୀ ହାସଲ କରିବା ପରେ ପ୍ରଥମେ ସେ ଶିକ୍ଷା ମାଧ୍ୟମରେ ଶିଶୁଶ୍ରମିକଙ୍କୁ ଥଇଥାନ କରିବା ଲାଗି କାର୍ଯ୍ୟ କରୁଥିବା ଏକ ଏନ୍‌ଜିଓରେ ଡ୍ରାଇଭର ଭାବେ କାର୍ଯ୍ୟ କରିଥିଲେ। ନିଜେ ଏକ ସେକେଣ୍ଡ ହ୍ୟାଣ୍ଡ କାର୍ କିଣି ଚଳାଉଥିଲେ। ଏନ୍‌ଜିଓ ଅନ୍ୟତ୍ର ଚାଲିଯିବା ପରେ ସ୍କୁଲରେ ସେତେବେଳେ ୧୮୦ ପିଲା ଥିଲେ। କାର ବିକ୍ରି କରି ଶିକ୍ଷକମାନଙ୍କୁ ଦରମା ଦେଇ ପୁଣି ସ୍କୁଲ୍ ଚଳାଇଥିଲେ। ଏବେ ସୁବୋନେମ୍ବା ଡିମାପୁରରେ ଏକ ସ୍କୁଲ୍, ଚୁଲିରେ ଏକ ଆବାସିକ ସ୍କୁଲ୍, ଅନୌପଚାରିକ ଭାବେ ରାଜ୍ୟର ବିଭିନ୍ନ ଜାଗାରେ ୧୫ଟି ସ୍କୁଲ୍ ଏବଂ ଏକ ମୋବାଇଲ ମେଡିକାଲ ୟୁନିଟ୍ ଚଳାଉଛନ୍ତି।

## ଚିରନ୍ତନୀ

ଭୁବନ ଭରି ଆଜି ପ୍ରେୟସୀ ମୋର ଚଳେ
ଭୁବନ ଭରି ସେ ଗୋ କାନ୍ଦେ ମୋ ବିରହରେ।
(ଆଶ୍ୱାସନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ଡିସେମ୍ବର ୧୯୯୪**

- ନବୀକରଣ ଶକ୍ତି କ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ପ୍ରାୟ ୨୫ଟି ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ମାର୍ଡ଼ି ଗୋଷ୍ଠୀ ଏବଂ ଭାଜପାର ବିରୋଧ ସତ୍ତ୍ୱେ ବହୁପ୍ରତୀକ୍ଷିତ ଝାଡଖଣ୍ଡ ଅଞ୍ଚଳ ସ୍ୱୟଂଶାସନ ପରିଷଦ ବିଲ୍ ବିହାର ବିଧାନସଭାର ଅନୁମୋଦନ ଲାଭ କରିଛି।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 9 | | | | | | | 6 |
| | | | | | | C | | | | | 3 | 8 | | |
| | | | | | 5 | | | | | | | | 2 | |
| 1 | | 4 | | 2 | | | 3 | 6 | 9 | 8 | E | | A | 7 |
| | 9 | 0 | 3 | | | | 2 | B | | 4 | | | | |
| | | 8 | B | | | | E | C | | | 7 | 9 | | |
| A | 0 | | | | 1 | | | 9 | 3 | 5 | | B | 8 | |
| | | 7 | | | 2 | | | | 6 | | 9 | | | |
| 5 | | | | | D | | | | 8 | 2 | | | | |
| | C | 6 | | | | 1 | 4 | 8 | | D | A | | 5 | |
| | | 5 | D | | | | | 2 | | | 6 | C | 9 | |
| | | | | | | A | | | | E | | | | |
| 0 | | B | | 1 | | | | | C | 7 | 5 | | | |
| | | | 5 | | 4 | D | | 0 | | | 2 | 7 | B | |
| 6 | E | | 0 | B | | | 7 | 4 | | A | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 5 | C | 6 | 3 | A | 0 | B | 9 | 8 | 2 | 7 | E | 4 |
| 7 | 9 | 4 | 1 | 2 | E | 8 | D | 3 | B | 5 | C | 0 | A | 6 |
| 0 | E | 2 | 7 | 8 | 5 | C | 9 | 4 | 6 | A | D | 1 | B | 3 |
| A | C | B | D | 0 | 4 | 1 | 6 | 2 | 3 | E | 7 | 8 | 9 | 5 |
| 6 | 3 | 8 | A | B | 9 | 7 | E | 5 | 4 | 1 | 0 | 2 | D | C |
| 3 | B | 0 | 2 | 7 | 8 | D | 4 | A | 5 | C | 6 | 9 | 1 | E |
| 8 | 4 | 6 | 5 | E | A | 0 | 3 | 9 | 2 | D | 1 | C | 7 | B |
| E | 2 | D | 0 | 9 | 1 | 6 | 7 | C | A | B | 4 | 5 | 3 | 8 |
| 9 | 1 | A | 6 | 4 | C | 5 | B | E | 7 | 3 | 8 | D | 0 | 2 |
| C | 5 | 7 | 3 | D | B | 2 | 1 | 8 | 0 | 9 | E | 6 | 4 | A |
| 2 | 0 | 3 | B | 1 | 7 | E | 5 | D | 8 | 6 | A | 4 | C | 9 |
| 5 | 6 | 9 | E | C | 2 | 4 | A | 7 | D | 0 | B | 3 | 8 | 1 |
| D | 7 | C | 8 | A | 6 | 3 | 2 | 1 | E | 4 | 9 | B | 5 | 0 |
| 4 | A | 1 | 9 | 5 | D | B | 8 | 0 | C | 2 | 3 | E | 6 | 7 |
| B | 8 | E | 4 | 3 | 0 | 9 | C | 6 | 1 | 7 | 5 | A | 2 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ମାମଲାର ତୁରନ୍ତ ବିଚାର ହେବା ଉଚିତ

ମହାଶୟ,

ଆମ ଦେଶରେ ଗ୍ରାମପଞ୍ଚାୟତଠାରୁ ଆରମ୍ଭ କରି ସଂସଦ ଯାଏ ହେଉଥିବା ବିଭିନ୍ନ ନିର୍ବାଚନ ପରେ ବିଭିନ୍ନ କାରଣରୁ ନିର୍ବାଚନୀ ମାମଲାମାନ ଦାଏର କରାଯାଇଥାଏ। ମାତ୍ର ଅନ୍ୟାନ୍ୟ ମାମଲା ପରି ଏସବୁ ମାମଲାର ବିଚାର ପାଇଁ ଦୀର୍ଘ ସମୟ ଲାଗିଥାଏ। ଜଣେ ନିର୍ବାଚିତ ପ୍ରତିନିଧି ୫ ବର୍ଷ ପାଇଁ ଉଦ୍ଦିଷ୍ଟ ପଦବୀରେ ଅଧିଷ୍ଠିତ ହୋଇ କ୍ଷମତାପ୍ରାପ୍ତ ହେବା ସହିତ ସୁବିଧାସୁଯୋଗ ପାଇଥାନ୍ତି। ମାତ୍ର ଅଧିକାଂଶ ନିର୍ବାଚନୀ ମାମଲା ଶୁଣାଣି ହେଲା ବେଳକୁ ୨ରୁ ୪ ବର୍ଷ ବା ଅଧିକ ଲାଗିଯାଇଥାଏ। ଫଳରେ ଜଣେ ନିର୍ବାଚିତ ପ୍ରତିନିଧିଙ୍କ ବିପକ୍ଷରେ ରାୟ ପ୍ରକାଶ ପାଇବା ବେଳକୁ ସେ ପଦବୀର କ୍ଷମତା ଓ ସୁବିଧା ଉପଭୋଗ କରିସାରିଥାନ୍ତି। ନିକଟରେ ଜଣେ ଅଧ୍ୟକ୍ଷା ୨ଟିରୁ ଅଧିକ ସନ୍ତାନ ଥିବା ଅଭିଯୋଗରେ ପଦବୀରୁ ବହିଷ୍କୃତ ହେବା ଖବର ପ୍ରକାଶ ପାଇଛି। ପଞ୍ଚାୟତ ନିର୍ବାଚନକୁ ପ୍ରାୟ ଅଢ଼େଇବର୍ଷ ବିତିଗଲାଣି। ଯେଉଁ ଅଭିଯୋଗ (୨ ସନ୍ତାନ) ପାଇଁ ସେ ପଦଚ୍ୟୁତ ହେଲେ ତାହା ପ୍ରମାଣ କରିବାକୁ ଆଦୌ ସମୟ ଲାଗିବା କଥା ନୁହେଁ। ନିର୍ବାଚନୀ ମାମଲା କ୍ଷେତ୍ରରେ ବିଚାର ୨ /୩ ମାସ ଭିତରେ ହେବା ଉଚିତ।

ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

### ପଡ଼ିଆ ପଡ଼ିଲାଣି ଚାଷଜମି

ଧରିତ୍ରୀ ସମ୍ପାଦକୀୟ ପୃଷ୍ଠାରେ କିଛିଦିନ ତଳେ ପ୍ରକାଶିତ ଇଂ. ହାଡିବନ୍ଧୁ ଖଣ୍ଡୁଆଳଙ୍କ 'ଚାଷୀଙ୍କୁ ଟଙ୍କା ନୁହେଁ, ଚାଷକୁ ଜଳ' ଶୀର୍ଷକ ଆଲେଖ୍ୟ ପାଠକରି ଅଧୁନା ସାମ୍ପ୍ରତିକ ଚାଷ ପ୍ରତି ଆଗ୍ରହ ସମ୍ପର୍କରେ ମନରେ ପ୍ରଶ୍ନ ଉଦ୍ରେକ ହେଲା। ରାଜଧାନୀ ଉପକଣ୍ଠରେ ଅଧୁନା ୬୦ ଭାଗ ଜମି ପଡ଼ିଆ ପଡ଼ିଲାଣି। ଚାଷଜମି ମୁଣ୍ଡରେ ଘର ତିଆରି ବା ଲୁହାବାଡ଼ କରାଯିବାରୁ ଜମିକୁ ଆଉ ବାଟ ରହୁନାହିଁ। ଆଉ ଗୋଟିଏ ବଡ ସମସ୍ୟା, ଧାନ ଅମଳ ପର୍ଯ୍ୟନ୍ତ ଯେଉଁ ଖର୍ଚ୍ଚ ଚାଷୀ ବହନ କରୁଛି, ତାହା ମିଳିପାରୁନି। ଅମଳ ହାର କମ୍ ରହୁଛି। ସୁତରାଂ ଚାଷକୁ ଜଳ ନୁହେଁ, ଚାଷୀଙ୍କୁ ଲୋଡ଼ା ଦୃଢ଼ ମନୋବଳ !

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୨ ଡିସେମ୍ବର, ୨୦୧୯



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବିଭିନ୍ନ ମନ୍ତ୍ରଣାଳୟର କାର୍ଯ୍ୟ ସମୀକ୍ଷା କରିଛନ୍ତି। ଭିତ୍ତିଭୂମି, କୃଷି ସମେତ ବିଭିନ୍ନ ସେକ୍ଟର ପାଇଁ ନିର୍ଦ୍ଦିଷ୍ଟ ନୀତି ପ୍ରସ୍ତୁତ କରିବାକୁ ସେ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୬ ମାସରେ ଭିତ୍ତିଭୂମି, କୃଷି ଓ ଗ୍ରାମାଞ୍ଚଳ ବିକାଶ ଆଦି ସେକ୍ଟରର ପ୍ରଦର୍ଶନକୁ ପ୍ରଧାନମନ୍ତ୍ରୀ ଅନୁଧ୍ୟାନ କରିଥିଲେ। କେବଳ କଠିନ ପରିଶ୍ରମ ନୁହେଁ, ବିଶେଷଜ୍ଞ ଓ ସେକ୍ଟର ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ମତାମତକୁ ଗ୍ରହଣ କରିବା ଦ୍ୱାରା ଅଧିକ ସଫଳତା ମିଳିପାରିବ ବୋଲି ମୋଦି କହିଥିଲେ।



## ସଂକ୍ଷେପରେ

### ଗାନ୍ଧିଜୀଙ୍କ ପ୍ରଚାର ପାଇଁ ଆମେରିକା କଂଗ୍ରେସରେ ବିଲ୍

ୱାଶିଂଟନ,୨୧।୧୨ ମହାତ୍ମା ଗାନ୍ଧୀ ଓ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟରଙ୍କ ଲିଗାସୀର ପ୍ରଚାର ପ୍ରସାର ପାଇଁ ସିଭିଲ ରାଇଟ୍ସ ନେତା ତଥା କଂଗ୍ରେସ ସଦସ୍ୟ ଜନ୍ ଲେଓ୍ୱିସ୍ ଆମେରିକା ପ୍ରତିନିଧି ସଭାରେ ଏକ ବିଲ୍ ଆଣିଛନ୍ତି। ଆଗାମୀ ୫ ବର୍ଷ ପାଇଁ ଏଦିଗରେ ୧୫୦ ନିୟୁତ ଡଲାର ବଜେଟ ମଞ୍ଜୁର ପାଇଁ ସେ ଦାବି କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ବିଶ୍ୱର ଦୁଇ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ବନ୍ଧୁତ୍ୱକୁ ସୁଦୃଢ଼ କରିବା ସହ ଗାନ୍ଧିଜୀ ଓ ମାର୍ଟିନ ଲୁଥରଙ୍କ ଲିଗାସୀ ଓ ଅବଦାନକୁ ସମ୍ମାନ ଜଣାଇ ଏହି ହାଉସ୍ ବିଲ୍ ଅଣାଯାଇଛି। ବିଲ୍‌ର ପ୍ରସ୍ତାବ ଅନୁଯାୟୀ ଅନ୍ତର୍ଜାତୀୟ ବିକାଶ ପାଇଁ ଗାନ୍ଧୀ-କିଙ୍ଗ୍ ଡେଭେଲପମେଣ୍ଟ ଫାଉଣ୍ଡେଶନ ପ୍ରତିଷ୍ଠା କରାଯିବ।

### ୨ ଯୁବକଙ୍କୁ ଆଜୀବନ କାରାଦଣ୍ଡାଦେଶ

ରାଇରଙ୍ଗପୁର, ୨୧।୧୨(ଡି.ଏନ୍.ଏ.)- ପଡ଼ୋଶୀ ଝାଡଖଣ୍ଡ ରାଜ୍ୟ ଜାମସେଦପୁର ଅଞ୍ଚଳର ଜନୈକା ଯୁବତୀଙ୍କୁ ହତ୍ୟା କରାଯିବା ମାମଲାର ବିଚାର କରି ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଓ ଦୌରାଜଜ ଅନୂପ ରଞ୍ଜନ ପଟ୍ଟନାୟକ ୨ ଅଭିଯୁକ୍ତ ଯୁବକଙ୍କୁ ଶନିବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଦ୍ୱୟ ହେଲେ ଜାମସେଦପୁର ଟେଲ୍‌କୋ ଥାନା ଅଞ୍ଚଳର ମୃତା ଯୁବତୀ କମଲ ମିଶ୍ରାଙ୍କ ପ୍ରେମିକ କୁହାଯାଉଥିବା ମିଥଲେଶ କୁମାର ଏବଂ ତାଙ୍କ ସହଯୋଗୀ ପରମଜିତ୍ ପ୍ରସାଦ । ଦୁଇ ଅଭିଯୁକ୍ତ ହତ୍ୟାକାରୀଙ୍କୁ ମଧ୍ୟ ୨୦ ହଜାର ଟଙ୍କା ଲୋଖାଏ ଜରିମାନା କରାଯାଇଛି। ଜରିମାନା ଅନାଦେୟ ୬ ମାସ କାରାଦଣ୍ଡାଦେଶ ଭୋଗିବାକୁ ମାଜିଷ୍ଟ୍ରେଟ୍ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖନୀୟ ଯେ, ଜାମସେଦପୁର ଅଞ୍ଚଳର ମିଥଲେଶ ଓ ପରମଜିତ୍ କମଲଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ଏକ କାର୍‌ରେ ଆଣି ଝାଡଖଣ୍ଡ ସୀମାବର୍ତ୍ତୀ ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅନ୍ତର୍ଗତ ଯାମବଣୀ ଗ୍ରାମ ପାର୍ଶ୍ୱ ଏକ ଘଞ୍ଚ ଜଙ୍ଗଲରେ ଫିଙ୍ଗି ଫେରାର୍ ହୋଇ ଯାଇଥିଲେ। ତିରିଙ୍ଗ ଥାନା ପୋଲିସ୍ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ୩ ଲଜ୍‌ରେ ଅନୈତିକ କାର୍ଯ୍ୟ



ଗିରଫ ୩ ଲଜ୍‌ର ମ୍ୟାନେଜର ଓ ଯୁବକମାନେ।

- ଧରାପଡିଥିବା ୧୬ ଯୁବକ ଗିରଫ
- ୧୬ ଯୁବତୀଙ୍କୁ ସ୍ୱଧାର ଗୃହକୁ ପଠାଗଲା
- ସମ୍ପୃକ୍ତ ଲଜ୍‌ର ୪ ମ୍ୟାନେଜର ଗିରଫ

ବାରିପଦା ଅଫିସ,୨୧।୧୨

ମୟୂରଭଞ୍ଜ ଜିଲା ବାରିପଦା ସହର ଜନଗହଳିପୂର୍ଣ୍ଣ ବଗୁଲି ମାର୍କେଟରେ ଥିବା ୩ଟି ଲଜ୍‌ରେ ଦେହ ବେପାର ଭଳି ଅନୈତିକ କାର୍ଯ୍ୟ ଚାଲିଥିବା ସନ୍ଦେହରେ ସ୍ଥାନୀୟ ଟାଉନ ଥାନା ପୋଲିସ ଶନିବାର ଚଢ଼ାଉ କରିଥିଲା। ସେଠାରୁ ଧରାପଡିଥିବା ୩୨ ଯୁବତୀଯୁବକଙ୍କ ସମେତ ହୋଟେଲ ମ୍ୟାନେଜର ଓ କର୍ମଚାରୀଙ୍କୁ ପଚରାଉଚୁରା ପରେ ଏକ ବଡଧରଣ ଅନୈତିକ କାର୍ଯ୍ୟର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ଇମୋରାଲ ଟ୍ରାଫିକ ପ୍ରିଭେନସନ ଆକ୍ଟ - ୧୯୫୬ (ଯୁ /ଏସ-୩, ୪,୫, ୬, ୭)ରେ ୩ଟି ମାମଲା (ନଂ.୪୧୧/୪୧୨/୪୧୩/୧୯)ରୁଜୁ କରି ୧୫ ଯୁବକଙ୍କ ସମେତ ୩ ହୋଟେଲର ୪ ମ୍ୟାନେଜରଙ୍କୁ ମିଶାଇ ୧୯ଜଣଙ୍କୁ ଗିରଫ କରିଛି। ୩ ଲଜ୍‌ରୁ ଉଦ୍ଧାର ୧୫ ଯୁବତୀଙ୍କୁ ସ୍ୱଧାର ଗୃହକୁ ପଠାଯାଇଛି। ଶାନ୍ତି ଲଜ୍‌ର ମ୍ୟାନେଜର ଶ୍ୟାମସୁନ୍ଦର ସେଠୀ, କ୍ରିଷ୍ଣା ଲଜ୍‌ର ମ୍ୟାନେଜର ଗଗନ ବିହାରୀ ବେହେରା, ଶ୍ରୀକ୍ରିଷ୍ଣା ଲଜ୍‌ର ମ୍ୟାନେଜର ପଙ୍କଜ କୁମାର ନାୟକ ଓ ସତ୍ୟଜିତ ମାରାଣ୍ଡିଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକଙ୍କ ସମେତ ସମ୍ପୃକ୍ତ ଯୁବତୀଙ୍କୁ ଡାକ୍ତରୀ ମାଇନା କରାଯାଇଛି।

ବାରିପଦା ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦ ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଛନ୍ତି, ଏସବୁ ହୋଟେଲରେ ଦେହ ବ୍ୟବସାୟ ଚାଲିଥିବା ସୂଚନାକୁ ଆଧାରକରି ତଦନ୍ତ କରାଯିବା ବେଳେ ଶନିବାର ସେଠାରେ ବହୁସଂଖ୍ୟକ ଯୁବତୀଯୁବକ ଥିବା ସୂଚନା ମିଳିଥିଲା। ଏସବୁ ଲଜ୍‌ରେ ତତ୍କ୍ଷଣାତ ଚଢାଉ କରିବା ସକାଶେ ୩ଟି ପୋଲିସ ଟିମ୍ ଗଢାଯାଇ ଅପରାହ୍ନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଅପରାହ୍ନ ୩ଟା ସୁଦ୍ଧା ଚଢ଼ାଉ ସରିଥିଲା। ଦେଢ଼ଘଣ୍ଟା ଧରି ପୋଲିସ ହୋଟେଲର ସମସ୍ତ କୋଠରିକୁ ତନ୍ନ ତନ୍ନ କରି ଯାଞ୍ଚ କରି ୩ ଲଜ୍‌ର ବିଭିନ୍ନ ରୁମ୍‌ରେ ଥିବା ଏହି ଯୁବତୀଯୁବକଙ୍କୁ ଉଦ୍ଧାର କରିଥିଲା। ଯୁବତୀ ଯୁବକଙ୍କ ସମେତ ଲଜ୍ ମ୍ୟାନେଜରଙ୍କୁ ଗାଡିରେ ପୋଲିସ ଥାନାକୁ ଆଣି ପଚରାଉଚୁରା କରିବା ପରେ ସେଠାରେ ଅନୈତିକ କାର୍ଯ୍ୟ ଚାଲିଥିବା ଜଣାପଡିଥିବା ନେଇ ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହି ୩ ଲଜ୍ ମଧ୍ୟରୁ ଶାନ୍ତି ଲଜ୍‌ରୁ ୨ ଯୁବତୀ, ୨ ଯୁବକ, କ୍ରିଷ୍ଣା ଲଜ୍‌ରୁ ୮ ଯୁବତୀ, ୮ ଯୁବକ ଓ ଶ୍ରୀକ୍ରିଷ୍ଣା ଲଜ୍‌ରୁ ୬ ଯୁବତୀ ଓ ୬ ଯୁବକ ଉଦ୍ଧାର ହୋଇଥିବା ପୋଲିସ କହିଛି। ଏହି ଚଢାଉରେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଓ ସବ୍ ଇନ୍ସପେକ୍ଟର ରୀତାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ।

# ବନ୍ଦ ମଦ ଦୋକାନ ଖୋଲି ରାଜସ୍ୱ ବଢ଼ାଅ: ଅବକାରୀ ମନ୍ତ୍ରୀ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ବନ୍ଦ ହୋଇପଡ଼ିଥିବା ମଞ୍ଜୁରୀପ୍ରାପ୍ତ ମଦ ଦୋକାନ ପୁନଃକାର୍ଯ୍ୟକ୍ଷମ କରି ରାଜସ୍ୱ ବଢ଼ାଅ। ଭୁବନେଶ୍ୱରରେ ଅବକାରୀ ବିଭାଗର ତ୍ରୟମାସିକ ସମୀକ୍ଷା ବୈଠକରେ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଭାଗୀୟ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ମଦମୃତ୍ୟୁ ରୋକିବା ପାଇଁ ଅବକାରୀ ଧରପଗଡ଼କୁ ଜୋର୍‌ଦାର କରିବା ସହ ମଦ ଦୋକାନ ପରିଦର୍ଶନ କରି ଅଣଶୁଳ୍କ, ବିଷାକ୍ତ, ବେଆଇନ୍, ଚୋରା ମଦ ବିକ୍ରି ଉପରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମଲ୍ଟି ଡିସ୍‌ପ୍ଲିନାରୀ ସ୍କ୍ୱାଡ଼ ଓ ଅଧିକାରୀଙ୍କ ସହଯୋଗରେ ଗଞ୍ଜେଇ ଚାଷ ନଷ୍ଟ କରିବାକୁ ମଧ୍ୟ କହିଛନ୍ତି। ବିଭାଗୀୟ ଶାସନ ସଚିବ ସୁଶୀଲ କୁମାର ଲୋହାନି ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ବିଭାଗରେ ସ୍ୱଚ୍ଛତା ଓ ରାଜସ୍ୱ ଲକ୍ଷ୍ୟ ପୂରଣ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଅବକାରୀ ଆୟୁକ୍ତ ଅଞ୍ଜନ କୁମାର ମାଣିକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଓ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଅତିରିକ୍ତ ଶାସନ ସଚିବ ଡ. ତ୍ରିବିକ୍ରମ ପ୍ରଧାନ, ପାନୀୟ ନିଗମର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ସେଠୀ, ଯୁଗ୍ମ ଶାସନ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ଅବକାରୀ ଉପାୟୁକ୍ତଙ୍କ ସହ ସମସ୍ତ ଅବକାରୀ ଅଧିକ୍ଷକ ଓ ଅବକାରୀ ଗୋଇନ୍ଦା ବିଭାଗର ଅଧିକାରୀ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅଧିକାରୀମାନେ।

# ୨୩ରେ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଗତ ତିନିଦିନ ଧରି ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇଥିଲା। ଶନିବାର ଠାରୁ ପାରଦ ପୁଣି ଉପରମୁହାଁ ହୋଇଛି। ସର୍ବ ନିମ୍ନ ୨ରୁ ୩ ଡିଗ୍ରୀ ସେଲସିୟସ ଯାଏ ବୃଦ୍ଧି ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୯, ଫୁଲବାଣୀ ୧୦, ବାଲେଶ୍ୱର ୧୦.୮, ଚାନ୍ଦବାଲି ୧୪, କଟକ ୧୩, ପାରାଦୀପ ୧୬.୧, ଭୁବନେଶ୍ୱର ୧୪.୬, ଗୋପାଳପୁର ୧୮, ପୁରୀ ୧୫.୬, ଅନୁଗୋଳ ୯.୬, ବାରିପଦା ୧୧.୬, ଝାରସୁଗୁଡା ୧୦.୮, କେନ୍ଦୁଝର ୧୦.୪, ସମ୍ବଲପୁର ୧୧.୫, ସୁନ୍ଦରଗଡ ୧୦, ହୀରାକୁଦ ୧୨.୭, ଭବାନୀପାଟଣା ୧୩.୫, ବଲାଙ୍ଗୀର ୧୩.୬, କୋରାପୁଟରେ ସର୍ବନିମ୍ନ ୧୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ରାଜ୍ୟରେ ଦକ୍ଷିଣ- ପଶ୍ଚିମ ବାୟୁ ପ୍ରବାହ ଯୋଗୁ ଥଣ୍ଡା ଅନୁଭୂତ ହେଉଥିଲା। ଡିସେମ୍ବର ମାସ ଶେଷ ହେବାକୁ ବସିଥିବା ବେଳେ ଏ ପର୍ଯ୍ୟନ୍ତ ଉତ୍ତର- ପୂର୍ବ ଦିଗରୁ ଥଣ୍ଡା ବାୟୁ ପ୍ରବାହ ଆରମ୍ଭ ହୋଇ ନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାଲୁକା ଶୀତ ରହିବ। ୨୩ ତାରିଖରୁ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ପୁଣି ୨୫ ତାରିଖ ବେଳକୁ ଶୀତର ପ୍ରକୋପ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

# ଆଇଏଏସ୍ ଅଫିସର ସ୍ତରରେ ପଦୋନ୍ନତି

## ୫ ଅଧିକାରୀଙ୍କୁ ପ୍ରମୁଖ ସଚିବ ପାହ୍ୟା

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ରାଜ୍ୟ ପ୍ରଶାସନରେ ସଂଖ୍ୟାଧିକ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଅଧିକାରୀମାନେ ୨୦୨୦ ଜାନୁୟାରୀ ପହିଲାରୁ ନୂତନ ହାରରେ ଦରମା ପାଇବେ। ଓଡ଼ିଶା ପ୍ରଶାସନରେ କାର୍ଯ୍ୟରତ ୪ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ପ୍ରମୁଖ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ଏହି ଅଧିକାରୀମାନେ ହେଉଛନ୍ତି-୧୯୯୫ ବ୍ୟାଚ୍‌ର ହେମନ୍ତ ଶର୍ମା, ବିଷ୍ଣୁପଦ ସେଠୀ, ଚିତ୍ରା ଅରୁମୁଗମ୍ ଏବଂ ସୁଶୀଲ କୁମାର ଲୋହାନୀ। ଏହି ଅଧିକାରୀ ମାନେ ଉଚ୍ଚ ପ୍ରଶାସନିକ ବର୍ଗରେ ଲେବଲ-୧୫ ଆଧାରରେ ଦରମା ପାଇବେ।

ସେହିପରି ୧୯୯୧ ବ୍ୟାଚ୍‌ର ଆଇଏଫ୍ଏସ୍ ଅଧିକାରୀ ଅନୁରାଧା ଭେମୁରୀଙ୍କୁ କନ୍ଧମାଳ ଜିଲା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ଅନୁରାଧା ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ନିକଟରେ ନୀତେନ ଚନ୍ଦ୍ର କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। ଖୁବ୍‌ଶୀଘ୍ର ଜି. ଶ୍ରୀନିବାସ ମଧ୍ୟ ରାଜ୍ୟ ଦାୟିତ୍ୱରୁ ମୁକ୍ତ ହେବେ ବୋଲି ଜଣାପଡିଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ଅନ୍ୟ କେତେ ଜଣ ଅଧିକାରୀ ମଧ୍ୟ ଡେପୁଟେଶନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟ ସରକାର ୧୩ ଜଣ ଆଇଏଏସ୍ ଅଫିସରଙ୍କୁ ପେ' ମାଟ୍ରିକ୍ସର ଲେଭଲ-୧୩କୁ ପଦୋନ୍ନତି ଦେଇଛନ୍ତି। ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଲେ ୨୦୦୭ ବ୍ୟାଚ୍ ଆଇଏଏସ୍ ଅଫିସର ଅରବିନ୍ଦ ଅଗ୍ରୱାଲ, ବଲଓ୍ୱନ୍ତ ସିଂ, ସଚିନ ରାମଚନ୍ଦ୍ର ଯାଦବ, ଜ୍ଞାନରଞ୍ଜନ ଦାସ, ବିଜୟ କୁମାର ନାୟକ, ମହମ୍ମଦ ରସିଦ ଖାନ, ପ୍ରଦୀପ୍ତ କୁମାର ମହାପାତ୍ର, ରଞ୍ଜନ କୁମାର ଦାଶ, ସଂଗ୍ରାମଜିତ୍ ନାୟକ, ସୁଶାନ୍ତ ମହାପାତ୍ର, ବିଶ୍ୱନାଥ ଆଚାର୍ଯ୍ୟ ଏବଂ ଶରତ ଚନ୍ଦ୍ର ନାୟକ। ଏଥିସହିତ କେନ୍ଦ୍ରୀୟ ଡେପୁଟେଶନରେ ଥିବା ଆଇଏଏସ୍ ରବୀନ୍ଦ୍ର ପ୍ରତାପ ସିଂଙ୍କୁ ମଧ୍ୟ ପେ' ମାଟ୍ରିକ୍ସର ଲେଭଲ-୧୩କୁ ପଦୋନ୍ନତି ଦିଆଯାଇଛି। ୫ ଆଇଏଏସ୍ ଅଧିକାରୀଙ୍କ ସୁପର ଟାଇମ ସ୍କେଲ- ଲେଭଲ ୧୪କୁ ପଦୋନ୍ନତି ପାଇଛନ୍ତି। ଏହି ଅଧିକାରୀମାନେ ହେଉଛନ୍ତି- ୨୦୦୦ ବ୍ୟାଚ୍‌ର ଟି.ଆଓ ଏବଂ ୨୦୦୪ ବ୍ୟାଚ୍‌ର ରୂପା ମିଶ୍ର, ନିରଞ୍ଜନ ସାହୁ, ପ୍ରଶାନ୍ତ କୁମାର ସେନାପତି ଓ ସୁନ୍ଦରଲାଲ ସିଲ୍ । ଅନୁରୂପ ଭାବେ ୨୦୧୧ ବ୍ୟାଚ୍‌ର ୫ ଅଧିକାରୀ କନିଷ୍ଠ ପ୍ରଶାସନିକ ବର୍ଗ(ନନ୍ -ଫଙ୍କ୍‌ସନାଲ୍) ଲେଭେଲ ୧୨କୁ ପଦୋନ୍ନତି ପାଇଛନ୍ତି। ଏହି ଅଧିକାରୀମାନେ ହେଉଛନ୍ତି- ଅରିନ୍ଦମ ଡାକୁଆ, ସମର୍ଥ ବର୍ମା, ରେଘୁ ଜି, ଆଶିଷ ଥାକରେ ଏବଂ କେ. ସୁଦର୍ଶନ ଚକ୍ରବର୍ତ୍ତୀ।

### ପଦୋନ୍ନତି ପାଇଲେ ୧୬ ଆଇପିଏସ୍ ଅଧିକାରୀ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ): ରାଜ୍ୟ ସରକାର ଶନିବାର ୧୬ଜଣ ଆଇପିଏସ୍ ଅଫିସରଙ୍କୁ ପଦୋନ୍ନତି ଦେଇଛନ୍ତି। ୪ଜଣ ଆଇପିଏସ୍ ଅଫିସରଙ୍କୁ ଏଡିଜି ଓ ୫ଜଣଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ମିଳିଛି। ଏଡିଜି ପାହ୍ୟା ପାଇଥିବା ଅଧିକାରୀ ହେଲେ ୧୯୯୫ ବ୍ୟାଚର ଆଇପିଏସ୍ ଅଫିସର ରାଧାକୃଷ୍ଣ ଶର୍ମା, ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ସନ୍ତୋଷ ବାଲା ଏବଂ କେନ୍ଦ୍ରୀୟ ଡେପୁଟେଶନରେ ଥିବା ରିତୁ ଆରୋରା। ଡିଆଇଜି ପାହ୍ୟାକୁ ପଦୋନ୍ନତି ପାଇଥିବା ଅଧିକାରୀ ହେଲେ ୨୦୦୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅନିରୁଦ୍ଧ କୁମାର ସିଂ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, କେନ୍ଦ୍ରୀୟ ଡେପୁଟେଶନରେ ଥିବା ଅମ୍ରିତା ଦାଶ, ଅନୋପ କ୍ରିଷ୍ଣା ଓ ସୁଦ୍ଧା ସିଂ। ସେହିପରି ୩ଜଣଙ୍କୁ ଆଇଜି ର୍ୟାଙ୍କ୍‌କୁ ପଦୋନ୍ନତି ମିଳିଛି। ସେମାନେ ହେଲେ ୨୦୦୨ ବ୍ୟାଚର ଆଇପିଏସ୍ ଅଫିସର ନରସିଂହ ଭୋଳ, ଅମିତେନ୍ଦ୍ର ନାଥସିଂହ୍ନା ଓ କେନ୍ଦ୍ରୀୟ ଡେପୁଟେଶନରେ ଥିବା ଏସ୍. ପ୍ରବୀଣ କୁମାର। ଅନ୍ୟପକ୍ଷରେ ୨୦୦୭ ବ୍ୟାଚର ୪ ଆଇପିଏସ୍ ଅଫିସରଙ୍କୁ ଲେବୁଲ-୧୩କୁ ପଦୋନ୍ନତି ମିଳିଛି। ସେମାନେ ହେଲେ ସାର୍ଥକ ଷଡ଼ଙ୍ଗୀ, ନୀତି ଶେଖର, ପଣ୍ଡିତ ରାଜେଶ ଉତ୍ତମରାଓ ଓ ଅବିନାଶ କୁମାର। ପଦୋନ୍ନତି ପାଇଥିବା ଆଇପିଏସ୍ ଅଫିସରଙ୍କୁ ଆଗାମୀ ଦିନରେ ନୂଆ ସ୍ଥାନରେ ଅବସ୍ଥାପିତ କରାଯିବ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି।

## ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ବସ୍- କାର୍ ଧକ୍କା

# ଡ୍ରାଇଭରଙ୍କ ସମେତ ୮ ପର୍ଯ୍ୟଟକ ଗୁରୁତର

ପୁରୀ ଅଫିସ, ୨୧।୧୨



ଦୁର୍ଘଟଣାସ୍ଥଳରେ ପୋଲିସ ଓ ଅନ୍ୟମାନେ।

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଶନିବାର ଏକ ବସ୍ ଓ କାର୍ ମଧ୍ୟରେ ଧକ୍କା ଘଟିଛି। ଏଥିରେ ଉଭୟ ଗାଡ଼ିର ସମ୍ମୁଖ ଭାଗ ଭାଙ୍ଗି ଚୂରମାର୍ ହୋଇଯାଇଥିବାବେଳେ ଡ୍ରାଇଭରଙ୍କ ସମେତ ୮ଜଣ ପର୍ଯ୍ୟଟକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗ କୋଲକାତାର ମନୋଜ ଜୟସ୍ୱାଲ, ତାଙ୍କ ସ୍ତ୍ରୀ ଲକ୍ଷ୍ମୀ, ରାଜେଶ ସାହୁ, ହେମଲତା, ଅଞ୍ଜୁ, ଅଙ୍କିତା, ନିଶାନ୍ତ ଏବଂ ଡ୍ରାଇଭର ପୁରୀ ନରେନ୍ଦ୍ରକୋଣର ଗଙ୍ଗା ନାରାୟଣ ସାହୁ। ସେମାନଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, କୋଲକାତାରୁ ଦୁଇଟି ପରିବାର ଶ୍ରୀକ୍ଷେତ୍ର ବୁଲିବାକୁ ଆସିଥିଲେ। ଶନିବାର ସକାଳେ ସେମାନେ ମହାପ୍ରଭୁଙ୍କ ଦର୍ଶନ ସାରି ଏକ ଟ୍ରାଭେଲ୍ସ ସଂସ୍ଥାରୁ କାର୍ ଭଡ଼ା ନେଇ କୋଣାର୍କ ଇକୋ ରିଟ୍ରିଟ ଫେଷ୍ଟିଭାଲ ଲାଗି ଯାଉଥିଲେ। କୋଣାର୍କକୁ ଆଉ ୮କି.ମି. ବାକି ଥିଲା। ଏହି ସମୟରେ କୋଣାର୍କ ପଟୁ ଆସୁଥିବା ଏକ ଘରୋଇ ବସ୍ ରାମଚଣ୍ଡୀ ନିକଟରେ କାର୍‌କୁ ସାମ୍ନା ପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ କୋଣାର୍କ ଅଗ୍ନିଶମ କର୍ମଚାରୀ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଖବର ପାଇ ରାମଚଣ୍ଡୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଓ ବସ୍‌କୁ ଜବତ କରିଛି। ରିଟ୍ରିଟରେ ମଜା ନେବା ସହ ଚନ୍ଦ୍ରଭାଗା ବେଳାଭୂମି ଓ କୋଣାର୍କ ମନ୍ଦିର ବୁଲିବା ପାଇଁ ସେମାନେ ଯୋଜନା କରିଥିଲେ ବୋଲି ରାଜେଶ କହିଛନ୍ତି।

## ପୋଲିସ ଗାଡି ଧକ୍କାରେ ପେଟ୍ରୋଲ ଟାଙ୍କି କର୍ମଚାରୀ ମୃତ୍ୟୁ ମାମଲା

# ଡିଜିପିଙ୍କୁ ଦେଢ଼ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

କେନ୍ଦ୍ରାପଡା ଅଫିସ,୨୧।୧୨

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନାର ଏକ ପାଟ୍ରୋଲିଂ ଗାଡି ଧକ୍କାରେ ପେଟ୍ରୋଲ ଟାଙ୍କି କର୍ମଚାରୀ ଚକ୍ରଧର ନାୟକ ମୃତ୍ୟୁ ମାମଲା (ନଂ ୧୦୬/ ୧୬)ର ରାୟ ପ୍ରକାଶ ପାଇଛି। ଗତ ୧୩ ତାରିଖରେ ଅନୁଷ୍ଠିତ ରାଷ୍ଟ୍ରୀୟ ଅଦାଲତରେ ଜିଲା ଦୌରାଜଜ୍ ବାସୁଦେବ ପଣ୍ଡା ଏହି ମାମଲାର ଶୁଣାଣି କରି ଓଡିଶା ପୋଲିସ ଡିଜିଙ୍କୁ ଦେଢ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୬ ମେ ୬ ତାରିଖ ରାତିରେ ଥାନାର ପାଟ୍ରୋଲିଂ ଗାଡି ନିକଟସ୍ଥ ତେଲ ଟାଙ୍କିକୁ ତେଲ ଭରିବା ପାଇଁ ଯାଇଥିଲା । ତେବେ ଅସାବଧାନତାବଶତଃ ଏହି ଗାଡି ତଳେ ଚାପି ହୋଇ ଟାଙ୍କି କର୍ମଚାରୀ ନାୟକଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ଚପାଇଦେବା ପାଇଁ ଥାନା ଗାଡି ପରିବର୍ତ୍ତେ ଏକ ଟ୍ରକ ଧକ୍କା ଦେଇଥିବା ଦର୍ଶାଯାଇଥିଲା। ତେବେ ଏନେଇ ଗଣମାଧ୍ୟମରେ ଖୋଲତାଡ ହେବା ସହିତ ତତ୍କାଳୀନ ମାର୍ଶାଘାଇ ଥାନା ଅଧିକାରୀ ସୁକାନ୍ତ ପାତ୍ର ଦୌରାଜଜ୍ ପଣ୍ଡାଙ୍କ କୋର୍ଟରେ ସତ ମାନି ଯାଇଥିବାରୁ କ୍ଷତିପୂରଣ ପାଇଁ ରାୟ ପ୍ରକାଶ ପାଇଛି । ଏହି ଅଭିଯୋଗ ଚକ୍ରଧରଙ୍କ ଦୁଇ ପୁଅ ପର୍ଶୁରାମ ଓ ଜୟନ୍ତ କରିଥିବାବେଳେ ମାମଲାକୁ ଆଇନଜୀବୀ ପ୍ରମୋଦ ଅଧିକାରୀ ପରିଚାଳନା କରିଥିଲେ।

## ବ୍ୟାଙ୍କମିତ୍ର ଆଳରେ ୪୦ ଲକ୍ଷ ଠକେଇ

### -ମହିଳାଙ୍କ ସମେତ ୩ ଗିରଫ

ରାଉରକେଲା ଅଫିସ,୨୧।୧୨-ବ୍ୟାଙ୍କ ମିତ୍ର ଆଳରେ ଗ୍ରାହକଙ୍କଠାରୁ ୪୦ ଲକ୍ଷ ଟଙ୍କା ଠକେଇ ଘଟଣାର ପର୍ଦ୍ଦାଫାଶ ହୋଇଛି। ଶନିବାର ସାଇବର ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୨ଲକ୍ଷ ୮୦ ହଜାର ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ବନ୍ଧମୁଣ୍ଡା ଅଞ୍ଚଳର ସନ୍ତୋଷ ପତି (୩୨), ବୀରମିତ୍ରପୁର ଅଞ୍ଚଳର ରାମା ଏକ୍କା(୩୨) ଓ ପୁଷ୍ପା କୁଜୁର(୨୮)। ପୋଲିସ ଅଭିଯୁକ୍ତଙ୍କ ୫ ମୋବାଇଲ ସହ ୩ ଲାପ୍‌ଟପ୍ ଜବତ କରିଛି।

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ବନ୍ଧମୁଣ୍ଡା ଶାଖା ମ୍ୟାନେଜର ପ୍ରମୋଦ କୁମାର ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

**OFFICE OF THE NOTIFIED AREA COUNCIL, KONARK**

email : nackonark@gmail.com
Phone No.- 06758-236826

No.2185 Dt. 20.12.2019

**QUOTATION CALL NOTICE**

The Executive Officer, Konark N.A.C. on behalf of Notified Area Council, Konark invites sealed quotation from eligible Agency / Contractor / Electrical Contractor / Electrical Engineer registered with appropriate authority (Having appropriate HT/HV License) for **"Temporary Illumination work at Chandrabhaga Mela ground, Marine drive road, Helipad and other adjacent spot (As per requirement) with Bamboo Tower on the occasion of Maghamela 2020 from Dt.31.01.2020 to Dt.01.02.2020".** The quotation paper can be purchased from Konark Office during Office house from Dt.23.12.2019 to Dt.02.01.2020 on payment of Rs.2240.00 (Rupees Two Thousand Two Hundred Forty) only towards Paper Cost (Non refundable). The quotationers will also have to deposit Rs.10,000.00 (Rupees Ten Thousand) as EMD in Cash or in shape of B.D / B.C / Deposit receipt in schedule Bank duly pledged in favour of the Executive Officer, Konark N.A.C. along with self attested copy of ITCC/ PAN, Copy of GST Regd No. / Regd. of Firm, Experience etc. The sealed quotation from the interested person in the prescribed proforma along with document mentioned above shall reach to the office of the undersigned on or before Dt.03.01.2020 by 3.00 P.M. and the same will be opened on the same day at 3.30 P.M. in presence of quotationer or their authorized representatives. Quotations reached beyond stipulated date and time shall not be considered. The intending quotationer can visit to the official website of Konark N.A.C. www.nackonark.in

The authority reserves the right to accept or reject any or all quotations without assigning any reason thereof.

**Sd./- Executive Officer**
**KONARK N.A.C**

# ଫେରିଲେ ୬୫ ଏନ୍‌ସିସି କ୍ୟାଡେଟ

## କହିଲେ ଗୁଆହାଟୀରେ ଫସିବା ଗୁଜବ

ବ୍ରହ୍ମପୁର ଅଫିସ,୨୧।୧୨

ମେଘାଳୟର ଶିଲଂରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ଟ୍ରାକିଂ କ୍ୟାମ୍ପରେ ଯୋଗଦେବାକୁ ବ୍ରହ୍ମପୁର ଏନ୍‌ସିସି ଗ୍ରୁପର ୬୫ ଜଣିଆ କ୍ୟାଡେଟ ଦଳ ଶନିବାର ବ୍ରହ୍ମପୁର ପ୍ରତ୍ୟାବର୍ତ୍ତନ କରିଛନ୍ତି। ବ୍ରହ୍ମପୁର ରେଲଷ୍ଟେଶନରେ ପହଞ୍ଚିବା ପରେ ନିକଟରେ ଗଣମାଧ୍ୟମରେ ଗୁଆହାଟୀରେ ଫସିବା ନେଇ ପ୍ରସାରିତ ଖବର ଏକ ଗୁଜବ ବୋଲି କ୍ୟାଡେଟ ସହ ଗସ୍ତରେ ସାମିଲ ହୋଇ ଥିବା ସିଟି ହାଇସ୍କୁଲର ଏନ୍‌ସିସି ଚିଫ ଅଫିସର ଗୋପାଳକୃଷ୍ଣ ମିଶ୍ର ସୂଚନା ଦେଇଛନ୍ତି । ମିଶ୍ରଙ୍କ ସୂଚନା ଅନୁସାରେ, ଚଳିତମାସ ୯ ତାରିଖରେ ସର୍ବଭାରତୀୟସ୍ତରୀୟ ଟ୍ରାକିଂ କ୍ୟାମ୍ପରେ ଯୋଗଦେବାକୁ ବ୍ରହ୍ମପୁର ଏନ୍‌ସିସି ଗ୍ରୁପର ୬୫ ଜଣିଆ କ୍ୟାଡେଟ ଦଳ ମେଘାଳୟର ଶିଲଂ ଅଭିମୁଖେ ଯାଇଥିଲେ। କିନ୍ତୁ ଟ୍ରେନ ଗୁଆହାଟିରେ ପହଞ୍ଚିବା ବିଳମ୍ବ ଯୋଗୁ ଗତ ୧୧ ତାରିଖ ରାତିରେ ଗୁଆହାଟୀରୁ ଶିଲଂ ପାଇଁ ବସ୍ ପାରିପାରି ନ ଥିଲେ । ତେଣୁ ଗୁଆହାଟୀର ଏକ ଆର୍ମି ଟ୍ରାଞ୍ଜିଟରେ ଅଟକି ଯାଇଥିଲେ । ପରେ ୧୨ ତାରିଖରେ ଗୁଆହାଟୀରେ କର୍ଫ୍ୟୁ ଯୋଗୁ ଶିଲଂ ଯାଇ ନ ପାରି ଗୁଆହାଟୀ ନିକଟରେ ଥିବା ଏକ ଏନ୍‌ସିସି କ୍ୟାମ୍ପରେ ଯୋଗ ଦେଇଥିଲେ। ଏହି ସମୟରେ ଗୁଆହାଟୀରେ ଅଟକିଥିବାରୁ ଏନ୍‌ସିସି କ୍ୟାଡେଟ ଫସିଥିବା ନେଇ କେତେକ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଯାଇଥିଲା । ଶୁକ୍ରବାର ଏନ୍‌ସିସି କ୍ୟାମ୍ପ ସରିବା ପରେ ଟ୍ରେନ ଯୋଗେ ବ୍ରହ୍ମପୁରରେ ପହଞ୍ଚିଥିବା ସେ କହିଛନ୍ତି ।



ଫେରି ଆସିଥିବା ଏନ୍‌ସିସି କ୍ୟାଡେଟଙ୍କ ସହ ନେତୃତ୍ୱ ନେଇଥିବା ଅଫିସର ।

## ପ୍ରେମୀ ଯୁଗଳଙ୍କ ମୃତଦେହ ଉଦ୍ଧାର

କବିସୂର୍ଯ୍ୟନଗର,୨୧।୧୨

କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ସୁନାପଲ୍ଲୀ ଗ୍ରାମର କୈଳାସ ନାହାକ ଜଣେ ଯୁବତୀଙ୍କୁ ୨ ବର୍ଷ ହେଲା ଭଲ ପାଉଥିଲେ। ଉଭୟଙ୍କ ମଧ୍ୟରେ ମିଳାମିଶା ବଢ଼ିଥିଲା। ଇତିମଧ୍ୟରେ ଯୁବତୀ ଜଣକ ୪ ମାସର ଅନ୍ତଃସତ୍ତ୍ୱା ହୋଇଥିଲେ। ଏହା ଘରଲୋକେ ଜାଣିବା ପରେ ବାହାଘର ପାଇଁ ପୁଅ ପରିବାର ସହ କଥା ହୋଇଥିଲେ। ମାତ୍ର ପୁଅଘର ରାଜି ହୋଇ ନ ଥିଲେ। ଫଳରେ ଯୁବତୀଙ୍କ ବାପା ଗ୍ରାମସଭା ଡାକିଥିଲେ। ସଭାରେ ଆଲୋଚନା ପରେ ଶୁକ୍ରବାର ରାତିରେ କୈଳାସଙ୍କ ବାପା ବାହାଘର ପାଇଁ ରାଜି ହୋଇଥିଲେ। ହେଲେ ୪ ମାସ ପରେ ବାହାଘର କରିବେ ବୋଲି ସର୍ତ୍ତ ରଖିଥିଲେ। କିନ୍ତୁ ପୁଅ ତୁରନ୍ତ ବାହାଘର ପାଇଁ ଜିଦ୍ ଧରିଥିଲେ। ବାପା ଫେବୃୟାରୀରେ ବାହାଘର କରିବେ ବୋଲି କହିବାରୁ କୈଳାସ ରାତି ୯ଟାରେ ବୈଠକରୁ ଉଠି ଚାଲି ଯାଇଥିଲେ। ରାତିରେ ପ୍ରେମୀଯୁଗଳ ଫୋନରେ କଥା ହୋଇ ଗାଁ ନିକଟ ପୋଖରୀ ହୁଡାରେ ଥିବା ଏକ ଗଛରେ ଝିଅର ଓଢଣିରେ ଝୁଲି ପଡିଥିଲେ।



" ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ ବ୍ୟତୀତ ସେମିଫାଇନାଲରେ ପ୍ରବେଶ ବର୍ତ୍ତମାନ ମୋର ମୂଳ ଲକ୍ଷ୍ୟ ।

–ଶ୍ରୀହରି ନଟରାଜ, ଭାରତୀୟ ସନ୍ତରଣକାରୀ

" ଗତ ଦୁଇ ସିଜନ ମଧ୍ୟରେ ୫ଟି ପ୍ରମୁଖ ଟ୍ରଫି ହାସଲ କରିଥିଲେ ମଧ୍ୟ ମାଞ୍ଚେଷ୍ଟର ୟୁନାଇଟେଡ୍ ସହ ମୁଁ ନୂଆ ଚୁକ୍ତି କରିବାକୁ ଆଗ୍ରହୀ ।

–ପେପ୍ ଗାର୍ଡିଓଲା, ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାନେଜର



## ସୁଦେଭା ୟୁଥ୍ ଲିଗ୍: ଓଡ଼ିଶା ଏଫ୍‌ସି ଚାମ୍ପିୟନ

**ଭୁବନେଶ୍ୱର, ୨୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ରେ ଚଳିତ ବର୍ଷ ପଦାର୍ପଣ କରିଥିବା ଓଡ଼ିଶାଭିତ୍ତିକ ଦଳ ଓଡ଼ିଶା ଏଫ୍‌ସିର ଜୁନିୟର ଖେଳାଳି ଏକ ବଡ଼ ସଫଳତା ପାଇଛନ୍ତି। ଓଡ଼ିଶା ଏଫ୍‌ସିର ୧୩ ବର୍ଷରୁ କମ୍ ବାଳକ ଦଳ ନୂଆଦିଲ୍ଲୀରେ ଅନୁଷ୍ଠିତ ସୁଦେଭା ୟୁଥ୍ ଲିଗ୍‌ରେ ଚାମ୍ପିୟନ ହୋଇଛନ୍ତି। ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୟୁଥ୍ ଦଳ ଶୁଟ୍ ଆଉଟ୍‌ରେ ୪-୩ ଗୋଲରେ ବାଇଚୁଙ୍ଗ ଭୁଟିଆ ଫୁଟ୍‌ବଲ ସ୍କୁଲକୁ ପରାସ୍ତ କରିଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୀମା ସୁଦ୍ଧା ଉଭୟ ଦଳ ୨ଟି ଲେଖାଏ ଗୋଲସ୍କୋର କରିବାରୁ ୨-୨ରେ ଡ୍ର' ରହିଥିଲା। ଓଡ଼ିଶା ପକ୍ଷରୁ ଆଦିତ୍ୟ (୩୦ତମ ମିନିଟ୍) ଓ ପ୍ରଣୟ (୬୭ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହାପରେ ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ୪-୩ ଗୋଲରେ ବିଜୟୀ ହୋଇଥିଲା। ଚାମ୍ପିୟନ ଓଡ଼ିଶା ଏଫ୍‌ସି ପକ୍ଷରୁ ଅସ୍ମିତ, ଅଖତ୍, ଅର୍ପିତ ଓ ସିଦ୍ଧାର୍ଥ ଶୁଟ୍ ଆଉଟ୍‌ରେ ଗୋଲସ୍କୋର କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସି ଓ ବାଇଚୁଙ୍ଗ ଭୁଟିଆ ଫୁଟ୍‌ବଲ ସ୍କୁଲ ବ୍ୟତୀତ ସୁଦେଭା ଏଫ୍‌ସି, ଏଫ୍‌ସି ନୋଏଡା, ବାଇଚୁଙ୍ଗ ଭୁଟିଆ ଫୁଟ୍‌ବଲ ଏକାଡେମୀ, ସୁଦେଭା ରେସିଡେଣ୍ଟାଲ ଫୁଟ୍‌ବଲ ସ୍କୁଲ ଅଂଶଗ୍ରହଣ କରିଥିଲା।

# ଟାଇଟଲ ନିକଟତର ଶ୍ୱେତପର୍ଣ୍ଣା

**ଭୁବନେଶ୍ୱର,୨୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଇଷ୍ଟ କୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୟୋନେକ୍ସ – ସନରାଇଜ୍ ୩୩ତମ ଜାତୀୟ ସବ୍– ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଉଦୀୟମାନ ଖେଳାଳି ଶ୍ୱେତପର୍ଣ୍ଣା ପଣ୍ଡା ଟାଇଟଲର ନିକଟତର ହୋଇଛନ୍ତି। ୧୫ ବର୍ଷରୁ କମ୍

**ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ**

ମିକ୍ସ ଡବଲ୍ସ ଇଭେଣ୍ଟରେ ସେ ଶନିବାର ଫାଇନାଲରେ ପ୍ରବେଶ କରି ଟାଇଟଲ ହାସଲରୁ ଆଉ ଗୋଟିଏ ପାଦ ଦୂରରେ ରହିଛନ୍ତି। ସେମିଫାଇନାଲ ମ୍ୟାଚ୍‌ରେ ଟପ୍ ସିଡ ମାନ୍ୟତା ପାଇଥିବା ଶ୍ୱେତପର୍ଣ୍ଣା ଓ ତାଙ୍କ ତେଲଙ୍ଗାନା ପାର୍ଟନର ସାତ୍ୱିକ ରେଡ୍ଡୀ କେ ଆଧିପତ୍ୟ ବିସ୍ତାର କରି ୨୧–୧୭, ୨୧–୧୩ରେ ଚତୁର୍ଥ ସିଡ ହରିୟାଣା ଯୋଡି ମୟଙ୍କ ରାଣା ଓ ଉନ୍ନାତି ହୁଦାଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି। ଟାଇଟଲ ପାଇଁ ଫାଇନାଲରେ ଶ୍ୱେତପର୍ଣ୍ଣା ଓ ସାତ୍ୱିକ ରବିବାର ତୃତୀୟ ସିଡ୍ ଚଣ୍ଡିଗଡ଼– ହରିୟାଣା ଯୋଡି ସମରବୀର ଓ ରିଜିଲ ସଇନିଙ୍କୁ ଭେଟିବେ। ସମରବୀର ଓ ରିଜିଲ ସେମିରେ ହରିୟାଣା ଯୋଡି ସନ୍ନୀ ନୋହରା ଇ ମୁସକାନ ସାଙ୍ଗୱାନଙ୍କୁ ୨୧–୧୨, ୨୧–୧୪ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ଡବଲ୍ସ ଇଭେଣ୍ଟରେ ଓଡ଼ିଶାର ଆୟୁଷ ପଟ୍ଟନାୟକ ସେମିରେ ପ୍ରବେଶ କରିଛନ୍ତି। ସେ ଓ ତାଙ୍କ କର୍ଣ୍ଣାଟକ ପାର୍ଟନର ଭି. ସୁହାସ ପ୍ରତିପକ୍ଷ ତେଲଙ୍ଗାନା– ଆସାମ ଯୋଡି ଉନିତ କ୍ରିଷ୍ଣା ବିଭି ଓ ଆୟାନ ରଶିଦଙ୍କୁ ୧୮–୨୧, ୨୧–୮, ୨୧–୧୯ରେ ପରାସ୍ତ କରିଛନ୍ତି। ଅପରପକ୍ଷରେ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ବିଭାଗରେ ମହାରାଷ୍ଟ୍ରର ତାରା ସାହା ଓ ଉତ୍ତର ପ୍ରଦେଶର ମାନସୀ ସିଂ ଫାଇନାଲରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ସେମିରେ ଟପ୍ ସିଡ ମାନସୀ ହରିୟାଣାର ବିଜେତା ହରିଶଙ୍କୁ ୨୧–୮, ୧୮– ୨୧, ୨୧–୧୩ରେ ପରାସ୍ତ କରିଥିଲେ। ସେହିପରି ଚତୁର୍ଥ ସିଡ ତାରା ୨୧–୧୩, ୨୧–୧୯ରେ ସପ୍ତମ ସିଡ ଉତ୍ତର ପ୍ରଦେଶର ତନୀଶା ସିଂଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।



ମ୍ୟାଚ୍ ଅବସରରେ ସାତ୍ୱିକ ରେଡ୍ଡୀ ଓ ଶ୍ୱେତପର୍ଣ୍ଣା ପଣ୍ଡା।



ପ୍ରସାଦଙ୍କୁ ଶ୍ରୀମନ୍ଦିର ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢୀ ଉପହାର ପ୍ରଦାନ କରୁଛନ୍ତି।

# ଶ୍ରୀମନ୍ଦିରରେ ପ୍ରସାଦ

**ପୁରୀ ଅଫିସ, ୨୧।୧୨:** ପୂର୍ବତନ କ୍ରିକେଟର ଭେଙ୍କଟେଶ ପ୍ରସାଦ ଶନିବାର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। କାନାଡ଼ା ବ୍ୟାଙ୍କର ଡିଜିଏମ୍ ଭାବେ ପ୍ରସାଦ ଭୁବନେଶ୍ୱରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ। ଓଡ଼ିଶାରୁ ଫେରିଯିବା ପୂର୍ବରୁ ସେ ସକାଳେ କେତେଜଣ ବ୍ୟାଙ୍କ ଅଧିକାରୀଙ୍କ ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ପ୍ରସାଦ ଅନ୍ୟମାନଙ୍କ ସହ ସିଂହଦ୍ୱାରରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ସେମାନେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢୀ ପ୍ରସାଦଙ୍କୁ ଉପହାର ସ୍ୱରୂପ ରଥ ଦଉଡ଼ି, କପଡ଼ା, କାଠ ଆଦି ରହିଥିବା ଏକ ପ୍ୟାକେଟ ପ୍ରଦାନ କରିଥିଲେ। ତେବେ ରବିବାର ବାରବାଟୀରେ ହେବାକୁ ଥିବା ଭାରତ–ୱେଷ୍ଟଇଣ୍ଡିଜ ମ୍ୟାଚ୍ ଦେଖିବାକୁ ସେ ଆସିନାହାନ୍ତି। ଏଠାରେ ଠାକୁର ଦର୍ଶନ ସାରି ସେ ଫେରିଯିବେ ବୋଲି ପ୍ରସାଦ କହିଥିଲେ।

# ୱେଷ୍ଟଇଣ୍ଡିଜ ବୋଲିଂରେ ସୁଧାର ଆବଶ୍ୟକ

**ମହିନ୍ଦର ଅମରନାଥ**

ବିଶାଖାପାଟଣାରେ ରୋହିତ ଶର୍ମା ଯେଉଁଭଳି ବ୍ୟାଟିଂ କଲେ ତାହା କ୍ରିକେଟର ସୌନ୍ଦର୍ଯ୍ୟକୁ ବଢାଇଛି। ରୋହିତଙ୍କ ସମେତ ଅନ୍ୟତମ ଓପନର ଲୋକେଶ ରାହୁଲଙ୍କ ଶତକ ସହାୟତାରେ ଦ୍ୱିତୀୟ ଦିନିକିଆରେ ବିଜୟୀ ହେବା ସହ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି। ଏବେ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆର ଗୁରୁତ୍ୱ ବଢିବା ସହ ନିର୍ଣ୍ଣାୟକ ସାବ୍ୟସ୍ତ ହେବାକୁ ଯାଉଛି। ୩୦୦ରୁ କମ୍ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହେଲେ ୱେଷ୍ଟଇଣ୍ଡିଜ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ୱେଷ୍ଟଇଣ୍ଡିଜ ବୋଲରମାନେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ରୋକିବାରେ ବିଫଳ ହୋଇଛନ୍ତି। ତେଣୁ ରବିବାର ଖେଳାଯିବାକୁ ଥିବା ତୃତୀୟ ଦିନିକିଆରେ ଭ୍ରମଣକାରୀ ବୋଲରଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ଖାସ୍ କରି ଡେଥ୍ ଓଭରରେ ଦମ୍ ଦେଖାଇବାକୁ ପଡିବ। ୱେଷ୍ଟଇଣ୍ଡିଜ ବୋଲରମାନେ ଗୋଟିଏ ଲେନ୍ଥରେ ବୋଲିଂ କରୁଛନ୍ତି। ପୁଣି ସେମାନଙ୍କ ପାଖରେ ଗତି ଓ ବିବିଧତା ନାହିଁ। ତେଣୁ ଏଭଳି ବୋଲିଂ ବିଶାଖାପାଟଣା ଭଳି ଉଇକେଟରେ କାମରେ ନ ଆସିବା ସ୍ୱାଭାବିକ୍।

ବିଭିନ୍ନ ଦୃଷ୍ଟିକୋଣରୁ ଭାରତ ଖୁସି ହେବାର କାରଣ ରହିଛି। ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ହ୍ୟାଟ୍ରିକ ଏକ ବଡ଼ ଉପଲବ୍ଧି ବୋଲି କୁହାଯାଇପାରେ। ଦଳ ବଡ଼ ସ୍କୋର ହାସଲ କରିଥିଲେ ସ୍ପିନରମାନେ ଏକ୍ସପେରିମେଣ୍ଟ ସ୍ୱାଧୀନ ଭାବେ କରିଥାନ୍ତି। କୁଲଦୀପ ବୋଲିଂରେ ବିବିଧତା ଆଣି ସଫଳତା ହାସଲ କରିଛନ୍ତି। ଦ୍ରୁତ ବୋଲର ମହମ୍ମଦ ସାମି ମଧ୍ୟ ଶ୍ରେୟର ହକ୍‌ଦାର। ଇତିମଧ୍ୟରେ ସାମି ତାଙ୍କ ବୋଲିଂ ଓ ମନୋଭାବରେ ଯଥେଷ୍ଟ ଉନ୍ନତି ଆଣିଛନ୍ତି।

ୱେଷ୍ଟଇଣ୍ଡିଜ ପାଇଁ ବୋଲିଂ ଚିନ୍ତା ସୃଷ୍ଟି କରିଛି। ଦ୍ରୁତ ବୋଲିଂରେ ବିବିଧତା ଆଣିବା ସହ ଠିକ୍ ଲେନ୍ଥରେ ବୋଲିଂ କରିବାର ଆବଶ୍ୟକତା ରହିଛି। ଖାସ୍ କରି ଭାରତ ଭଳି ଦୃଢ ବ୍ୟାଟିଂ ଲାଇନ୍ ବିପକ୍ଷରେ ବୋଲିଂରେ ଉନ୍ନତି ଆଣିବା ନିହାତି ଜରୁରୀ। ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ବଡ଼ ସ୍କୋର ହାସଲ କରିବା ଲକ୍ଷ୍ୟରେ ରହିବା ଦରକାର। ଦଳରେ ବିଗ୍ ହିଟିଂ ବ୍ୟାଟ୍ସମ୍ୟାନ ରହିଛନ୍ତି। ପ୍ରଥମ ଦିନିକିଆ ଭଳି ଏକ ଦୃଢ ଭାଗୀଦାରି ସ୍ଥାପନ କରିବାର ଆବଶ୍ୟକତା ରହିଛି। ଏହା ହୋଇ ପାରିଲେ ୱେଷ୍ଟଇଣ୍ଡିଜ ଭାରତକୁ ରୋକିବାରେ ସକ୍ଷମ ହେବ।

ପ୍ରଥମ ଦୁଇଟି ମ୍ୟାଚ୍‌ରେ ଅଧିନାୟକ ବିରାଟ କୋହଲି ବ୍ୟାଟିଂରେ ବିଫଳ ହୋଇଛନ୍ତି। ଏବେ ସେ ପ୍ରତ୍ୟାବର୍ତ୍ତନ କରି ବଡ଼ ସ୍କୋର କରିବା ସହ ଭାରତକୁ ଜିତାଇ ସିରିଜ ହାତେଇବାର ଆଶା କରାଯାଉଛି। ଦିନିକିଆରେ କୋହଲିଙ୍କର ଏହା ପ୍ରଥମ ଗୋଲ୍ଡେନ ଡକ୍ ବୋଲି ଭାବୁଛି। ବାରବାଟୀରେ ସେ ନିଶ୍ଚିତ ଭାବେ ଆଉ ରେକର୍ଡ କରିବାକୁ ଚାହିଁବେ।

–(ଗେମ୍ ପ୍ଲାନ୍)


#WhatDrivesYou
EXIDE


## ଆବିଦ୍, ମାସୁଦଙ୍କ ଶତକ: ପାକିସ୍ତାନର ଆଧିପତ୍ୟ

**କରାଚୀ,୨୧।୧୨:** ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୮୦ ରନ ପଛରେ ପଡିଥିଲେ ମଧ୍ୟ ପାକିସ୍ତାନ ଦ୍ୱିତୀୟ ଇନିଂସରେ ଦୁଇ ଓପନର ସାନ ମାସୁଦ ଓ ଆବିଦ ଅଲିଙ୍କ ବୃହତ୍ ଶତକ ସହ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ସ୍ଥିତି ଦୃଢ କରିଛି। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୭/୦ରୁ ଖେଳ ଆରମ୍ଭ କରି ଶନିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୧୦୪ ଓଭରରେ ୨ ଉଇକେଟ ହରାଇ ୩୯୫ ରନ ସଂଗ୍ରହ କରି ମୋଟ ଉପରେ ୩୧୫ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ଆଝାର ଅଲି ୫୭ ଓ ବାବର ଆଜମ ୨୨ ରନ କରି ଅପରାଜିତ ରହିଛନ୍ତି। ମାସୁଦ ୧୩୫ ଓ ଆବିଦ ୧୭୪ ରନର ଶତକୀୟ ପାଳି ଖେଳି ଲାହିରୁ କୁମାରାଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

# ସ୍ୱତନ୍ତ୍ର କ୍ଲବ୍‌ରେ ଆବିଦ

**କରାଚୀ,୨୧।୧୨:** ପାକିସ୍ତାନ ଓପନର ଆବିଦ ଅଲି(୧୫୦*) ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଶତକ ହାସଲ କରିଛନ୍ତି। ଏହା ସହିତ ଆବିଦ କ୍ରମାଗତ ପ୍ରଥମ ଦୁଇ ଟେଷ୍ଟରେ ଶତକ ହାସଲ କରିଥିବା ଟେଷ୍ଟ ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ସ୍ଥାନ ପାଇଛନ୍ତି ଆବିଦ। ଏଥିପୂର୍ବରୁ ରାୱଲପିଣ୍ଡିଠାରେ ପଦାର୍ପଣ ଟେଷ୍ଟରେ ଆବିଦ ୧୦୯ ରନ୍‌ର ଇନିଂସ ଖେଳିଥିଲେ। ବିଶ୍ୱର ୯ମ ବ୍ୟାଟ୍ସମ୍ୟାନ ଭାବେ ସେ କ୍ୟାରିୟରର ପ୍ରଥମ ଦୁଇ ଟେଷ୍ଟରେ ଶତକ ହାସଲ କରିଛନ୍ତି। ଭାରତର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ୧୯୮୪ରେ କ୍ୟାରିୟରର ପ୍ରଥମ ୩ ଟେଷ୍ଟରେ ୩ ଶତକ କରିଥିଲେ। ତାଙ୍କ ବ୍ୟତୀତ ସୌରଭ ଗାଙ୍ଗୁଲି, ରୋହିତ ଶର୍ମା, ଅଷ୍ଟ୍ରେଲିଆର ୱିଲିୟମ ପନସର୍ଫର୍ଡ, ଡଗ ୱାଲଟର, ଗ୍ରେଗ ବ୍ଲେୱେଟ୍ଟ, ୱେଷ୍ଟଇଣ୍ଡିଜର ଆଲଭିନ କାଳିଚରଣ ଓ ନ୍ୟୁଜିଲାଣ୍ଡର ଜିମି ନିଶାମ ତାଲିକାରେ ରହିଛନ୍ତି।

# ମାର୍ଟିନେଜ୍ ଜିତିଲେ ୱାର୍ଲ୍ଡ ଫ୍ଲାଇୱେଟ୍ ଟାଇଟଲ

**ଲସ୍‌ଏଞ୍ଜେଲସ, ୨୧।୧୨ (ଏଏଫ୍‌ପି)**

ମେକ୍ସିକୋର ଜୁଲିଓ ସେସାର୍ ମାର୍ଟିନେଜ୍ ଡବ୍ଲ୍ୟୁବିସି (ୱାର୍ଲ୍ଡ ବକ୍ସିଂ କାଉନ୍‌ସିଲ) ଫ୍ଲାଇୱେଟ୍ ଟାଇଟଲ ଜିତିଛନ୍ତି। ଶୁକ୍ରବାର ସେ ଏକ ୯ ରାଉଣ୍ଡ ବିଶିଷ୍ଟ ମୁକାବିଲାରେ ସେ ନିକାରାଗୁଆର କ୍ରିଷ୍ଟୋଫର ରୋସେଲ୍ସଙ୍କୁ ହରାଇ ଏହି ସଫଳତା ହାସଲ କରିଛନ୍ତି। ଆରିଜୋନାର ଫୋନିକ୍ସଠାରେ ଅନୁଷ୍ଠିତ ଏହି ଫାଇଟ୍ ପରେ ମାର୍ଟିନେଜ୍‌ଙ୍କ ବିଜୟ ଓ ପରାଜୟ ରେକର୍ଡ ୧୫–୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ପରାଜୟ ଦ୍ୱାରା ରୋସେଲ୍ସଙ୍କ ରେକର୍ଡ ୨୯–୫ ହୋଇଛି। ମାର୍ଟିନେଜଙ୍କର ଏହା ଥିଲା କ୍ରମାଗତ ୧୫ତମ ବିଜୟ। ଦୁଇଥର ପ୍ରଚେଷ୍ଟାରେ ସେ ଡବ୍ଲ୍ୟୁବିସି ଫ୍ଲାଇୱେଟ୍ ଜିତିଛନ୍ତି। ୨୪ ବର୍ଷୀୟ ମାର୍ଟିନେଜ ଗତ ଅଗଷ୍ଟରେ ଲଣ୍ଡନରେ ଚାର୍ଲି ଏଡୱାର୍ଡ୍ସଙ୍କୁ ନକ୍‌ଆଉଟ କରି ପ୍ରଥମେ ଏହି ଟାଇଟଲ ଜିତିଥିଲେ। ମାତ୍ର ଏଥିରେ ତ୍ରୁଟି ଥିବାରୁ ପରବର୍ତ୍ତୀ କାଳରେ ଏହି ଫାଇଟ୍‌କୁ ରଦ୍ଦ କରି ଦିଆଯାଇଥିଲା। ୧୧୨–ପାଉଣ୍ଡ ଡିଭିଜନ ଅନ୍ତର୍ଗତ ଅନ୍ୟ ବିଶ୍ୱ ଚାମ୍ପିୟନଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକାର ମୋରୁତି ଏମ୍‌ଥାଲେନ୍‌ଙ୍କୁ ଚଳିତ ମାସ ଶେଷ ଭାଗରେ ତାଙ୍କ ଇଣ୍ଟରନ୍ୟାଶନାଲ ବକ୍ସିଂ ଫେଡରେଶନ (ଆଇବିଏଫ୍) ଟାଇଟଲ ବଜାୟ ରଖିବାକୁ ହେବ। ୟୋକୋହାମାଠାରେ ହେବାକୁଥିବା ଏହି ବାଉଟ୍‌ରେ ସେ ଜାପାନର ଆକିରା ୟେଗାଶିଙ୍କ ସହିତ ମୁକାବିଲା କରିବେ। ଏହାଛଡ଼ା ୟୁକ୍ରେନର ଅପରାଜେୟ ଆର୍ଟେମ ଡାଲାକିଆନ୍‌ଙ୍କୁ ୱାର୍ଲ୍ଡ ବକ୍ସିଂ ଆସୋସିଏଶନ ଚାମ୍ପିୟନ ଟାଇଟଲ ବଜାୟ ରଖିବାକୁ ହେବ।

# ପଞ୍ଜାବ ପୋଲିସ, ଜମ୍ମୁ–କଶ୍ମୀର ପୋଲିସ ଟିମ୍‌କୁ ପ୍ରତ୍ୟାହାର

**ନୂଆଦିଲ୍ଲୀ, ୨୧।୧୨ (ପି.ଟି.)**

ବିଶୃଙ୍ଖଳା ଏବଂ ଦୁର୍ବ୍ୟବହାର ପାଇଁ ଭୁବନେଶ୍ୱରରେ ଚାଲିଥିବା ୬୮ତମ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତାରୁ ପଞ୍ଜାବ ପୋଲିସ ଓ ଜମ୍ମୁ–କଶ୍ମୀର ପୋଲିସକୁ ତୁରନ୍ତ ପ୍ରତ୍ୟାହାର କରିନେବା ଲାଗି ହକି ଇଣ୍ଡିଆ ଅଲ୍ ଇଣ୍ଡିଆ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏଆଇପିଏସ୍‌ସିବି)କୁ କହିଛି। ଅଣସ୍ୱୀକୃତିପ୍ରାପ୍ତ ସର୍ବତ ଦା ଭାଲ୍ଲା ହକି ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ହକି ଇଣ୍ଡିଆ ଶୃଙ୍ଖଳା କମିଟି ଚଳିତ ମାସ ପ୍ରାରମ୍ଭରେ ପଞ୍ଜାବ ଆର୍ମଡ ପୋଲିସ ଏବଂ ଜମ୍ମୁ–କଶ୍ମୀର ପୋଲିସ ହକି ଟିମ୍‌କୁ ୩ ମାସ ପାଇଁ ସର୍ବଭାରତୀୟ ଟୁର୍ନାମେଣ୍ଟରୁ ବାସନ୍ଦ କରିଥିଲା। ନୂଆଦିଲ୍ଲୀରେ ନେହେରୁ କପ୍ ହକି ଟୁର୍ନାମେଣ୍ଟ ଫାଇନାଲ ବେଳେ ପଞ୍ଜାବ ପୋଲିସ ଖେଳପଡ଼ିଆରେ ଗଣ୍ଡଗୋଳ କରିଥିଲା। ଏଥିପାଇଁ ଦଳକୁ ଆହୁରି ୩ମାସ ପାଇଁ ସସ୍‌ପେଣ୍ଡ କରାଯାଇଥିଲା। ଏହାର ୨୦୨୦ ମାର୍ଚ୍ଚ ୧୦ରୁ ୨୦୨୦ ଜୁନ୍ ୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଅର୍ଥାତ୍ ଅଣ ସ୍ୱୀକୃତିପ୍ରାପ୍ତ ସର୍ବତ ଦା ଭାଲ୍ଲା ହକି ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ହୋଇଥିବା ସସ୍‌ପେଣ୍ଡ ଆଦେଶ

**ହକି ଇଣ୍ଡିଆର ନିର୍ଦ୍ଦେଶ**

କାର୍ଯ୍ୟକାରୀ ହେବାପରେ ଏହା ଲାଗୁ ହେବ। ଶନିବାର ରହିତାଦେଶ ବିରୋଧରେ କୋର୍ଟ ଅର୍ଡର ମିଳିବା ପରେ ହକି ଇଣ୍ଡିଆ ଅଲ୍ ଇଣ୍ଡିଆ ପୋଲିସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ନିକଟକୁ ଏକ ଚିଠି ଲେଖିଛି। ଭୁବନେଶ୍ୱରରେ ଚାଲିଥିବା ୬୮ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍ ୨୦୧୯ରୁ ପଞ୍ଜାବ ପୋଲିସ ଏବଂ ଜମ୍ମୁ–କଶ୍ମୀର ପୋଲିସକୁ ତୁରନ୍ତ ପ୍ରତ୍ୟାହାର କରିନେବା ଲାଗି ଏଥିରେ ନିର୍ଦ୍ଦେଶ ଦେଇଛି।

## ପ୍ରଦୂଷିତ ବାୟୁ ଯୋଗୁ ମ୍ୟାଚ୍ ରଦ୍ଦ

**କାନବେରା, ୨୧।୧୨:** ମାନୁକା ଓଭାଲରେ ସିଡ୍‌ନୀ ଥଣ୍ଡର ଓ ଆଡିଲେଡ ଷ୍ଟ୍ରାଇକର୍ସ ମଧ୍ୟରେ ଶନିବାର ଖେଳାଯାଇଥିବା ବିଗ ବାଶ ଲିଗ୍ ମ୍ୟାଚ୍ ରଦ୍ଦ ହୋଇଯାଇଛି। ୧୬୨ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ଥଣ୍ଡର ୪.୨ ଓଭରରେ ଏକ ଉଇକେଟ ହରାଇ ୪୦ ରନ୍ କରିଥିଲା। ମାତ୍ର ପ୍ରଦୂଷିତ ବାୟୁ ଯୋଗୁ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ଷ୍ଟାଡିୟମ ନିକଟରେ ଏକ ବୁଦାରେ ନିଆଁ ଲାଗିଯିବାରୁ ଅତ୍ୟଧିକ ଧୂଆଁ ବାହାରିଥିଲା। ଏଥିଯୋଗୁ ଗ୍ରାଉଣ୍ଡରେ ଖେଳାଳିମାନେ ଠିକ୍ ସେ ଦେଖିପାରି ନ ଥିଲେ। ବାଧ ହୋଇ ଖେଳାଳି ଓ ଅଫିସିଆଲଙ୍କୁ ଗ୍ରାଉଣ୍ଡ ଛାଡ଼ିବାକୁ ପଡ଼ିଥିଲା। ଖେଳାଳି, ଫ୍ୟାନଙ୍କ ସୁରକ୍ଷା ଓ ଗ୍ରାଉଣ୍ଡ ସ୍ଥିତି ପରଖିବା ପରେ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ଡିଏଲଏସ ନିୟମ ଦ୍ୱାରା ଫଳାଫଳ ନିର୍ଣ୍ଣୟ ପାଇଁ ଥଣ୍ଡର ଦଳକୁ ଆଉ ୪ ବଲ ଅଧିକ ଖେଳିବାର ଥିଲା। ଉସମାନ ଖ୍ୱାଜା ଶୂନ୍ୟରେ ଆଉଟ୍ ହେବା ପରେ ଆଲେକ୍ସ ହେଲ୍ସ ଓ କଲମ ଫର୍ଗୁସନ ପ୍ରତ୍ୟେକ ଓଭର ପିଛା ୯ରୁ ଅଧିକ ରନ୍ କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ଭୁବନେଶ୍ୱର ବରମୁଣ୍ଡା ସ୍ଥାନରେ ବରିଷ୍ଠ ନାଗରିକଙ୍କ ରହିବା, ଖାଇବା ଏବଂ ସମସ୍ତ ପ୍ରକାର ସେବା ପାଇଁ ମାସିକ ୧୦,୦୦୦ (ଦଶହଜାର) ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ଯୋଗାଯୋଗ କରନ୍ତୁ।
80933-64768
70773-33881
Geriatric Centre
Plot No.857 / 6217,
Nilakantheswar Road, BBSR-3
Email : info@geriatric.in

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରିମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

ASTROLOGY

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

FINANCE

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରିମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

DHARITRI Career appointment Every Wednesday and Saturday

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ଆନ୍ଦୋଳନକାରୀଙ୍କ ସ୍ୱରକୁ ଚାପିଦେବା ପାଇଁ ସରକାର ଦମନ ଓ ହିଂସାର ଆଶ୍ରୟ ନେଉଛନ୍ତି।

-ପ୍ରିୟଙ୍କା ଗାନ୍ଧୀ ଭଦ୍ରା,
କଂଗ୍ରେସ ନେତ୍ରୀ

## ■ ହିଂସ୍ର ହେଉଛି ସିଏଏ ବିରୋଧୀ ଆନ୍ଦୋଳନ

# ୟୁପିରେ ଗଲାଣି ୧୭ ଜୀବନ

ଲକ୍ଷ୍ନୌ,୨୧।୧୨(ପି.ଟି.)

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ହିଂସ୍ର ହେବାରେ ଲାଗିଛି। ଉତ୍ତରପ୍ରଦେଶରେ ବିକ୍ଷୋଭ ହିଂସାରେ ୩ ଦିନରେ ୧୭ ଜଣଙ୍କ ଜୀବନ ଗଲାଣି। ଶନିବାର ରାମପୁର ସହରରେ ବିକ୍ଷୋଭ ବେଳେ ୨ଜଣ ପ୍ରାଣ ହରାଇଛନ୍ତି। ସେଠାରେ ବିକ୍ଷୋଭକାରୀମାନେ ଗାଡ଼ିମୋଟର ପୋଡ଼ାଜଳା କରିବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଦୁଇଘଣ୍ଟା ଧରି ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଜାରି ରହିଥିଲା। ଘଟଣାସ୍ଥଳକୁ ଅତିରିକ୍ତ ଅର୍ଦ୍ଧସାମରିକ ବାହିନୀ ପଠାଯାଇଛି। କାନପୁରରେ ମଧ୍ୟ ବିକ୍ଷୋଭବେଳେ ହିଂସାକାଣ୍ଡ ଘଟିଛି। ଶାନ୍ତି ରକ୍ଷା ପାଇଁ ୟୁପି ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରତି ନାଗରିକଙ୍କୁ ସରକାର ସୁରକ୍ଷା ଦେବେ। ଏଭଳି ବିକ୍ଷୋଭ ଯୋଗୁ ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହେବା ସହ ଲୋକଙ୍କର କ୍ଷତି ଘଟୁଛି ବୋଲି ରାଜ୍ୟପାଳ କହିଛନ୍ତି।

ଶନିବାର ସକାଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟପାଳଙ୍କୁ ଭେଟି ରାଜ୍ୟର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଶୁକ୍ରବାର ହିଂସାତ୍ମକ ବିକ୍ଷୋଭବେଳେ ମିରଟରେ ୫ ଜଣଙ୍କ ଜୀବନ ଯାଇଥିବାବେଳେ କାନପୁର, ବିଜ୍ନୋର ଏବଂ ଫିରୋଜାବାଦରେ ୨ ଜଣ ଲେଖାଏ, ମୁଜାଫରନଗର, ସମ୍ଭଲ ଏବଂ ବାରାଣସୀରେ ଜଣେ ଲେଖାଏ ପ୍ରାଣ ହରାଇଥିଲେ। ବାରାଣସୀରେ ପୋଲିସ ଲାଠିଚାଳନା ବେଳେ ଦଳାଚକଟାରେ ଜଣେ ୮ ବର୍ଷର ବାଳକ ପ୍ରାଣ ହରାଇଛନ୍ତି। ଗୁରୁବାର ଲକ୍ଷ୍ନୌରେ ପ୍ରତିବାଦ ହିଂସାରେ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମିରଟରେ ପ୍ରାଣ ହରାଇଥିବା ୫ ଜଣଙ୍କ ଦେହରେ ଗୁଳି କ୍ଷତଚିହ୍ନ ରହିଥିବା ଡାକ୍ତର କହିଛନ୍ତି। ବିକ୍ଷୋଭ ବେଳେ ଆହତ ଅନେକଙ୍କୁ ଚିକିତ୍ସା ପରେ ଛାଡ଼ିଦିଆଯାଇଛି।



କାନପୁରରେ ବିକ୍ଷୋଭବେଳେ ପୋଡ଼ାଜଳା।

■ରାମପୁର, କାନପୁରରେ ହିଂସା
■ବ୍ୟାପକ ଗିରଫଦାରି
■ଜାମିଆରେ ଆନ୍ଦୋଳନ ଜାରି

ଆହତ ୩ ରାପିଡ ଆକ୍ସନ ଫୋର୍ସ ଯବାନ ଓ ଜଣେ ମହିଳା ପୋଲିସ ହସ୍ପିଟାଲରୁ ଚିକିତ୍ସିତ ହୋଇ ଫେରିଛନ୍ତି।

ବାରାଣସୀର ବଜରଡିହା ଅଞ୍ଚଳରେ ଶୁକ୍ରବାର ୮ ବର୍ଷର ମହମ୍ମଦ ସାଗିର ଖେଳୁଥିବାବେଳେ ପୋଲିସ ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ଯାଇ ଲାଠିଚାଳନା କରିଥିଲା। ଫଳରେ ଦଳାଚକଟାରେ ଗୁରୁତର ଆହତ ସାଗିରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି।

ଶୁକ୍ରବାର ନମାଜ ପାଠ ପରେ ବିଭିନ୍ନ ଜିଲାରେ ବିକ୍ଷୋଭ ହିଂସାର ରୂପ ନେଇଥିଲା। ଆନ୍ଦୋଳନକାରୀମାନେ ପୋଲିସ ଉପରକୁ ଟେକାମାଡ଼ କରିବା ସହ ଭଙ୍ଗାରୁଜା ଓ ଜଳାପୋଡ଼ା କରିଥିଲେ। ପୋଲିସ ଅସାମାଜିକଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଲକ୍ଷ୍ନୌରେ ୧୫୦ ଜଣଙ୍କୁ ଗିରଫ କରିଛି। ଅନ୍ୟ ୩୬ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଶୁକ୍ରବାର ୧୪ଟି ଜିଲାରେ ଇଣ୍ଟରନେଟ ସେବା ବନ୍ଦ ଥିବାବେଳେ ଶନିବାର ଆଉ ୭ଟି ଜିଲାକୁ ଏଥିରେ ସାମିଲ କରାଯାଇଛି। ବିଭିନ୍ନ ଜିଲାରୁ ୭୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଥିବାବେଳେ ୧୫ ହଜାର ଲୋକଙ୍କ ନାଁରେ ଦଙ୍ଗା, ପୋଡ଼ାଜଳା ଆଦି ୧୦ଟି ମାମଲା ରୁଜୁ ହୋଇଛି।

ଶନିବାର ସକାଳେ ଦକ୍ଷିଣ ଦିଲ୍ଲୀର ଚାଣକ୍ୟପୁରୀରେ ଥିବା ଉତ୍ତରପ୍ରଦେଶ ଭବନ ଚାରିପଟେ ୧୪୪ ଧାରା ଜାରି ହୋଇଛି। ଜାମିଆ ମିଲିଆ ଇସ୍ଲାମିଆରେ କ୍ରମାଗତ ସପ୍ତମ ଦିନ ପାଇଁ ଆନ୍ଦୋଳନ ଜାରି ରହିଛି। ପୁରୁଣା ଦିଲ୍ଲୀରେ ବିକ୍ଷୋଭ ବେଳେ ପୋଲିସ ସହ ସଂଘର୍ଷ ଘଟି ୩୫ ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ୧୦ ଜଣଙ୍କୁ ଗିରଫ କରିଛି।

ମଧ୍ୟପ୍ରଦେଶରେ ଶୁକ୍ରବାର ସିଏଏ ବିରୋଧି ବିକ୍ଷୋଭ ହିଂସାରେ ସମ୍ପୃକ୍ତ ୩୫ ଜଣଙ୍କୁ ପୋଲିସ ଗିରଫ କରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀଙ୍କ ଢେଲାମାଡ଼ରେ ୨୦ ପୋଲିସ ଆହତ ହୋଇଥିଲେ। ସେମାନଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଜବଲପୁର ସହରର କେତେକ ଅଞ୍ଚଳରେ କର୍ଫ୍ୟୁ ଜାରି ହୋଇଥିବାବେଳେ ଭୋପାଳରେ ୬ ଘଣ୍ଟା ପାଇଁ ଇଣ୍ଟରନେଟ ସେବା ବନ୍ଦ ରଖାଯାଇଥିଲା।



ୟୁପିର ରାମପୁରରେ ବିକ୍ଷୋଭବେଳେ ପୋଡ଼ାଜଳା।

## ସିଏଏକୁ ୧୧୦୦ ଶିକ୍ଷାବିତ୍‌ଙ୍କ ସମର୍ଥନ

ନୂଆଦିଲ୍ଲୀ,୨୧।୧୨(ପି.ଟି.)

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ସମର୍ଥନ କରି ସାରା ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ଦେଶ ବାହାରୁ ୧୧୦୦ ଶିକ୍ଷାବିତ୍ ଓ ଗବେଷକ ଏକ ବିବୃତି ଜାରି କରିଛନ୍ତି। ମିଥ୍ୟା ପ୍ରଚାର, ସାମ୍ପ୍ରଦାୟିକତାବାଦ ଓ ବଂଶବାଦର ଫାଶରେ ନ ପଡିବା ପାଇଁ ସମାଜର ପ୍ରତି ବର୍ଗର ଲୋକଙ୍କୁ ସେମାନେ ଆହ୍ୱାନ ଦେଇଛନ୍ତି। ଜାଣିଶୁଣି ମିଛ ପ୍ରଚାର କରି ଏବଂ ଦେଶର ବିଭିନ୍ନ ସ୍ଥାନରେ ହିଂସା ମାଧ୍ୟମରେ ଭୟର ବାତାବରଣ ସୃଷ୍ଟି କରାଯାଉଥିବାରୁ ଏହାକୁ ଶିକ୍ଷାବିତ୍‌ମାନେ ନିନ୍ଦା କରିଛନ୍ତି। ଭୁଲିଯାଇଥିବା ସଂଖ୍ୟାଲଘୁମାନଙ୍କ ପଛରେ ପାର୍ଲାମେଣ୍ଟ ଛିଡାହୋଇ ଭାରତର ସଭ୍ୟତାର ନୀତି ଆଦର୍ଶକୁ ବଜାୟ ରଖିଛି। ଧର୍ମୀୟ ବିଦ୍ୱେଷର ଶିକାର ହୋଇ ପଳାଇ ଆସିଥିବା ସଂଖ୍ୟାଲଘୁଙ୍କୁ ନାଗରିକତ୍ୱ ପ୍ରଦାନ ନିଷ୍ପତ୍ତିକୁ ବିବୃତିରେ ସ୍ୱାକ୍ଷର କରିଥିବା ଶିକ୍ଷାବିତ୍‌ମାନେ ସ୍ୱାଗତ କରିଛନ୍ତି ଓ ପାର୍ଲାମେଣ୍ଟକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତର ଧର୍ମନିରପେକ୍ଷ ସମ୍ବିଧାନ ପାଇଁ ସିଏଏ ଉପଯୁକ୍ତ ବୋଲି ଉକ୍ତ ବିବୃତିରେ କୁହାଯାଇଛି।

## ‘ନାଗରିକତ୍ୱ ଆଇନ ପ୍ରତ୍ୟାହାର କର’

ବେଙ୍ଗାଲୁରୁ,୨୧।୧୨(ପି.ଟି.)



ରାମଚନ୍ଦ୍ର ଗୁହା

ସଂଶୋଧିତ ନାଗରିକତ୍ୱ ଆଇନ(ସିଏଏ) ଅନୈତିକ ଓ ସମ୍ବିଧାନ ବିରୋଧୀ ବୋଲି ଖ୍ୟାତନାମା ଐତିହାସିକ ରାମଚନ୍ଦ୍ର ଗୁହା କହିବା ସହ ଉକ୍ତ ଆଇନକୁ ପ୍ରତ୍ୟାହାର କରିନେବାକୁ ଦାବି କରିଛନ୍ତି। ଏଥିସହିତ ଦେଶବାସୀଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ତୁରନ୍ତ ଏନ୍‌ଆର୍‌ସି ପ୍ରତ୍ୟାହାର କରାଯିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ବେଙ୍ଗାଲୁରୁ ଟାଉନ ହଲ୍ ନିକଟରେ ଗୁରୁବାର ସିଏଏ ବିରୋଧୀ ବିକ୍ଷୋଭ ବେଳେ ଗୁହାଙ୍କ ସମେତ କେତେଜଣ ଲେଖକଙ୍କୁ ଅଟକ ରଖାଯାଇଥିଲା। ଏଭଳି ଅଟକ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ନାଗରିକର ଗଣତାନ୍ତ୍ରିକ ଅଧିକାର ବୋଲି ଗୁହା କହିଥିଲେ।

## ୟୁପି ହିଂସା ସହ ବଙ୍ଗୀୟଙ୍କ ସମ୍ପୃକ୍ତି

ଲକ୍ଷ୍ନୌ,୨୧।୧୨(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶରେ ସିଏଏ ବିରୋଧୀ ଆନ୍ଦେଳନ ବେଳେ ବ୍ୟାପକ ହିଂସାକାଣ୍ଡ ଘଟି ୧୬ ଜଣଙ୍କ ମୃତ୍ୟୁ ହେଲାଣି। ଏହି ହିଂସା ସହ ବଙ୍ଗୀୟଙ୍କ ସମ୍ପୃକ୍ତି ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। କୋଲକାତାର ୬ ଜଣ ଗୁରୁବାର ଲକ୍ଷ୍ନୌ ହିଂସାରେ ପ୍ରତ୍ୟକ୍ଷ ଭାବେ ସାମିଲ ଥିଲେ। ସେମାନଙ୍କୁ ଲକ୍ଷ୍ନୌ ପୋଲିସ ଗିରଫ କରିଛି। ହଜରତ୍‌ଗଞ୍ଜ ହିଂସାକାଣ୍ଡ ସ୍ଥଳରୁ ପୋଲିସ ୧୧ଟି ମୋବାଇଲ ଫୋନ ଜବତ କରିଥିଲା। ସେଥିରେ ବଙ୍ଗଳା ଭାଷାର ବାର୍ତ୍ତା ଥିବା ପୋଲିସ ଯାଞ୍ଚରୁ ଜାଣିବାକୁ ପାଇଛି।

**ଜବତ ମୋବାଇଲରୁ ମିଳିଲା ସୁରାକ୍**

ପଶ୍ଚିମବଙ୍ଗ ମାଲଦାର କେତେଜଣ ଯୁବକଙ୍କୁ ପୋଲିସ ପଚରାଉଚରା କରୁଛି। ଲକ୍ଷ୍ନୌ ହିଂସା ପଛରେ ବାହାର ରାଜ୍ୟର ଲୋକ ସମ୍ପୃକ୍ତ ଥିବା ପୋଲିସ ଡିଜି ଓ.ପି. ସିଂ କହିଛନ୍ତି। ଲକ୍ଷ୍ନୌ ସମେତ ଆଲିଗଡ଼, ମାଉ, ଆଜମଗଡ଼, କାନପୁର, ବରେଲି, ଶାହାଜାହାନପୁର, ଗାଜିଆବାଦ, ବୁଲନ୍ଦସହର, ସମ୍ଭାଲ, ଆହ୍ଲାବାଦରେ ହିଂସାକୁ ଦୃଷ୍ଟିରେ ରଖି ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି।

## ଜେଲ ଗଲେ ଭୀମ୍ ଆର୍ମି ମୁଖ୍ୟ

ନୂଆଦିଲ୍ଲୀ, ୨୧।୧୨(ପି.ଟି.)

ସିଏଏକୁ ବିରୋଧ କରି ଦେଶରେ ପ୍ରତିବାଦର ସ୍ୱର ବଢ଼ିବାରେ ଲାଗିଥିବାବେଳେ ଶନିବାର ଦିଲ୍ଲୀ ପୋଲିସ ବିକ୍ଷୋଭରତ ଭୀମ୍ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ଓ ତାଙ୍କ ସହଯୋଗୀଙ୍କୁ ଜାମା ମସ୍‌ଜିଦ ନିକଟରୁ ଗିରଫ କରିଛି। ତାଙ୍କୁ କୋର୍ଟରେ ହାଜର କରାଯିବା ପରେ ୧୪ ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ଜାମା ମସ୍‌ଜିଦରୁ ଜନ୍ତରମନ୍ତର ଅଭିମୁଖେ ବିକ୍ଷୋଭକାରୀମାନେ ବାହାରିବା ପରେ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। ପୂର୍ବରୁ ବିକ୍ଷୋଭ ଲାଗି ପୋଲିସ ମନାକରିବା ସହ ଦିଲ୍ଲୀ ଗେଟ୍ ନିକଟରେ ବିକ୍ଷୋଭକାରୀଙ୍କୁ ଅଟକାଇଥିଲା। କଡ଼ା ସୁରକ୍ଷା ଓ ନିଷେଧାଦେଶକୁ ବେଖାତିର କରି ହଜାର ହଜାର ଛାତ୍ର, ବିରୋଧୀ ଦଳ ନେତା ଓ କର୍ମୀମାନେ ରାଜଧାନୀରେ ବିକ୍ଷୋଭ କରିଥିଲେ। ପୋଲିସ ଆଜାଦଙ୍କୁ ଅଟକାଇବା ପରେ ସେ ମସ୍‌ଜିଦକୁ ଚାଲିଯାଇଥିଲେ। ଶନିବାର ସକାଳେ ସେ ସେଠାରେ ଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଦିଲ୍ଲୀରେ ମୋବାଇଲ ଇଣ୍ଟରନେଟ ସେବା ବନ୍ଦ କରାଯାଇଥିବାବେଳେ ପରିସ୍ଥିତି ଉପରେ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯାଇଛି।



ଚନ୍ଦ୍ରଶେଖର ଆଜାଦ

## ବିହାରରେ ବନ୍ଦବେଳେ ଭଙ୍ଗାରୁଜା

ପାଟ୍‌ନା,୨୧।୧୨(ପି.ଟି.)

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଏବଂ ଦେଶବ୍ୟାପୀ ଏନ୍‌ଆର୍‌ସି ଲାଗୁ କରାଯିବା ପ୍ରସ୍ତାବ ବିରୋଧରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଡାକରାରେ ଶନିବାର ବିହାର ବନ୍ଦ ପାଳନ କରାଯାଇଥିଲା। ଫଳରେ ବିଭିନ୍ନ ଜିଲାରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ବନ୍ଦ ବେଳେ ବ୍ୟାପକ ଭଙ୍ଗାରୁଜା ହୋଇଛି। ଆନ୍ଦୋଳନକାରୀମାନେ ଟାୟାର ଜାଳି ରାସ୍ତାରୋକୋ କରିବା ସହ ରେଳଲାଇନରେ ବସି ରହିବାରୁ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ଭାଗଲପୁର, ମୁଜାଫରପୁର ଓ ପାଟନା ଉପକଣ୍ଠରେ ବିକ୍ଷୋଭକାରୀମାନେ କାର, ଅଟୋରିକ୍ସା ଭଙ୍ଗାରୁଜା କରିଥିଲେ। ବିଭିନ୍ନ ସ୍ଥାନରେ ଆନ୍ଦୋଳନରେ ୧୦-୧୫ ବର୍ଷର ପିଲା ସାମିଲ ହୋଇଥିବା ଦେଖାଯାଇଥିଲା। ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଏକ ବଡ଼ ଶୋଭାଯାତ୍ରା ବୀର ଚାନ୍ଦ ପଟେଲ ମାର୍ଗ ପାର୍ଟି ଅଫିସରୁ ବାହାରି ଡାକବଙ୍ଗଳା ଛକ ପର୍ଯ୍ୟନ୍ତ ଯାଇଥିଲା।

## ରାଜ୍‌ଘାଟରେ ଧାରଣା ଦେବେ ସୋନିଆ

**ନୂଆଦିଲ୍ଲୀ, ୨୧।୧୨:** ସିଏଏକୁ ବିରୋଧ କରି ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବାବେଳେ ସୋମବାର ରାଜ୍‌ଘାଟଠାରେ କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ କରାଯିବ। ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଲୋକଙ୍କ ଅଧିକାର ଓ ସମ୍ବିଧାନର ସୁରକ୍ଷା ଦାବିରେ ପ୍ରତିବାଦ କରାଯିବ ବୋଲି ଜଣାପଡ଼ିଛି। ଏଥିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଦଳର ଅନ୍ୟ ପ୍ରମୁଖ ନେତାମାନେ ଯୋଗଦେଇ ସୋମବାର ଅପରାହ୍ନ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ରାଜ୍‌ଘାଟସ୍ଥିତ ମାହାତ୍ମାଙ୍କ ସମାଧିପୀଠଠାରେ ଧାରଣାରେ ବସିବେ। ସୋନିଆଙ୍କ ବାସଭବନରେ ଶନିବାର ଅନୁଷ୍ଠିତ ବୈଠକରେ ଦଳର ବରିଷ୍ଠ ନେତାମାନେ ଏକାଠି ହୋଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଲାଗି ନିଷ୍ପତ୍ତି ନେଇଥିବା ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ପ୍ରକାଶ କରିଛନ୍ତି। କେନ୍ଦ୍ରର ଏକଛତ୍ରବାଦୀ ନିଷ୍ପତ୍ତି ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଦେଶବ୍ୟାପି ଏନ୍‌ଆର୍‌ସି ଓ ସିଏଏକୁ ନେଇ ବିରୋଧ କରାଯାଉଥିବାବେଳେ ବିକ୍ଷୋଭକାରୀଙ୍କ ଉପରେ ପୋଲିସ ବର୍ବରତାକୁ ସେ ସମାଲୋଚନା କରିଛନ୍ତି।

## ୩ କୋଟି ପରିବାର ସହ ସମ୍ପର୍କ କରିବ ଭାଜପା

**ନୂଆଦିଲ୍ଲୀ,୨୧।୧୨:** ସିଏଏକୁ ନେଇ ଦେଶବ୍ୟାପୀ ବିରୋଧର ସମ୍ମୁଖୀନ ହୋଇଥିବା ଶାସକ ଭାଜପା ଆଗାମୀ ୧୦ ଦିନରେ ୩ କୋଟି ପରିବାର ନିକଟରେ ପହଞ୍ଚି ଉକ୍ତ ଆଇନ ସମ୍ପର୍କରେ ବୁଝାଇବାକୁ ଯୋଜନା କରିଛି। ସିଏଏକୁ ନେଇ ଲୋକଙ୍କ ମନରେ ରହିଥିବା ଭୁଲ ଧାରଣାକୁ ଦୂର କରିବା ପାଇଁ ଦଳ ପକ୍ଷରୁ ଶତାଧିକ ରାଲି ସମେତ ୨୫୦ରୁ ଉର୍ଦ୍ଧ୍ୱ ଖବରଦାତା ସମ୍ମିଳନୀ କରାଯିବ। ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଥିବା ଦଳର ସାଧାରଣ ସମ୍ପାଦକ ଭୁପେନ୍ଦ୍ର ଯାଦବ ଗଣମାଧ୍ୟମକୁ କହିଛନ୍ତି।

## ଦିଲ୍ଲୀ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ନୂଆଦିଲ୍ଲୀ,୨୧।୧୨(ପି.ଟି.)

ରାଜଧାନୀ ଦିଲ୍ଲୀରେ ହିଂସାତ୍ମକ ବିକ୍ଷୋଭର ଦିନକ ପରେ ଶନିବାର ଦିଲ୍ଲୀରେ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ଫ୍ଲାଗମାର୍ଚ୍ଚ କରିଛନ୍ତି। ଶନିବାର ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ, ରାଜଘାଟ, ଉତ୍ତରପ୍ରଦେଶ ଭବନ ସମେତ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଶାନ୍ତିପୂର୍ଣ୍ଣ ଥିଲା। ଶୁକ୍ରବାର ଜାମା ମସ୍‌ଜିଦ୍ ସମେତ ବିଭିନ୍ନ ସ୍ଥାନରେ ବିକ୍ଷୋଭବେଳେ ପୋଡ଼ାଜଳା ହୋଇଥିଲା। ହିଂସାକାଣ୍ଡ ଘଟିଥିବା ସିଲମପୁର ଅଞ୍ଚଳରେ ପୋଲିସର ଉତ୍ତରପୂର୍ବ ଦିଲ୍ଲୀର ସୀମାପୁରୀ ଓ ଫ୍ଲାଗ୍‌ମାର୍ଚ୍ଚ ଦେଖିବାକୁ ମିଳିଥିଲା।





ଦିଲ୍ଲୀରେ ପ୍ରବଳ ଶୀତରୁ ରକ୍ଷାପାଇବା ପାଇଁ ଛେଳିଙ୍କୁ କୋଟ ପିନ୍ଧାଯାଇଛି।

## ଥରୁର୍‌ଙ୍କ ନାଁରେ ଗିରଫ ପରୱାନା

**ନୂଆଦିଲ୍ଲୀ, ୨୧।୧୨:** କଂଗ୍ରେସ ଏମ୍‌ପି ଶଶୀ ଥରୁର୍‌ଙ୍କ ବିରୋଧରେ ଥିରୁବନନ୍ତପୁରମ୍ କୋର୍ଟ ଗିରଫ ପରୱାନା ଜାରି କରିଛନ୍ତି। ବାରମ୍ବାର ସମନ୍ ସତ୍ତ୍ୱେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ଥରୁର୍ ତାଙ୍କ ଉପନ୍ୟାସ ‘ଦ ଗ୍ରେଟ୍ ଇଣ୍ଡିଆନ୍ ନୋବେଲ୍’ ରେ କେରଳର ନାୟାର୍ ସମ୍ପ୍ରଦାୟ ମହିଳାଙ୍କ ପ୍ରତି ଅପମାନ କରିଥିବା ଅଭିଯୋଗ କରାଯାଇଥିଲା।

[ଇତିହାସର ଆଇନାରେ]

**ଡିସେମ୍ବର ୨୨ର ପ୍ରମୁଖ ଘଟଣା**

୨୦୧୭ ଡିସେମ୍ବର ୨୨ରେ ଜାତିସଂଘ ସୁରକ୍ଷା ପରିଷଦ ପକ୍ଷରୁ ଉତ୍ତର କୋରିଆର ପେଟ୍ରୋଲଜାତ ଦ୍ରବ୍ୟ ଆମଦାନୀ ଉପରେ କଟକଣା ଲଗାଯାଇଥିଲା।

୨୦୧୮ ଡିସେମ୍ବର ୨୨ରେ ଇଣ୍ଡୋନେସିଆରେ ଭୟଙ୍କର ସୁନାମି ଆସି ୪୩୦ ଜଣ ପ୍ରାଣ ହରାଇବା ସହ ହଜାରେରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

### ■ ହାଇକୋର୍ଟରେ ହାଇଦ୍ରାବାଦ ଏନ୍‌କାଉଣ୍ଟର ମାମଲା

## ଅଭିଯୁକ୍ତଙ୍କ ଶବ ପୁନଃ ବ୍ୟବଚ୍ଛେଦ ନିର୍ଦ୍ଦେଶ

ହାଇଦ୍ରାବାଦ, ୨୧।୧୨(ପି.ଟି.)

ହାଇଦ୍ରାବାଦରେ ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ହତ୍ୟା କରିଥିଲା। ମାମଲାର ତଦନ୍ତ ଜାରି ରହିଥିବାବେଳେ ତେଲଙ୍ଗାନା ହାଇକୋର୍ଟ ଶନିବାର ଅଭିଯୁକ୍ତଙ୍କ ମର ଶରୀରର ପୁନଃ ବ୍ୟବଚ୍ଛେଦ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ରାଘବେନ୍ଦ୍ର ସିଂ ଚୌହାନଙ୍କ ଖଣ୍ଡପୀଠ ଏମ୍ସର ଫୋରେନ୍‌ସିକ ବିଶେଷଜ୍ଞଙ୍କୁ ନେଇ ଆସନ୍ତା ୨୩ ତାରିଖ ସଂଧ୍ୟା ୫ଟା ସୁଦ୍ଧା ପୁଣି ଥରେ ଶବ ବ୍ୟବଚ୍ଛେଦ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

### ■ ବିଟେକ୍ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ମାମଲା

## ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ

ରାଞ୍ଚି, ୨୧।୧୨(ପି.ଟି.)

ତିନିବର୍ଷ ପୂର୍ବେ ରାଞ୍ଚିର ଜଣେ ବିଟେକ୍ ଛାତ୍ରୀଙ୍କୁ ନିଜ ଘରେ ବଳାତ୍କାର ଓ ହତ୍ୟା କରାଯାଇଥିଲା। ଶନିବାର ଏହି ମାମଲାର ଦୋଷୀ ବିହାରର ନାଳନ୍ଦା ଜିଲା ନିବାସୀ ରାହୁଲ ରାଜ୍‌ଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ଫାଶୀ ଦଣ୍ଡାଦେଶ ଦେବା ସହ ୨୦ ହଜାର ଟଙ୍କା ଜରିମାନା ଲଗାଇଛନ୍ତି। ବିଚାରପତି ଜଷ୍ଟିସ ଏ.କେ. ମିଶ୍ର ଶୁକ୍ରବାର ଏହି ମାମଲାରେ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଝାଡ଼ଖଣ୍ଡ ସରକାରଙ୍କ ଅନୁମୋଦନ କ୍ରମେ ଏହି ମାମଲାର ତଦନ୍ତ ସିବିଆଇ କରିଥିଲା। ଚଳିତ ବର୍ଷ ଜୁନରେ ଅଭିଯୁକ୍ତ ରାହୁଲଙ୍କୁ ଗିରଫ କରାଯାଇଥିଲା। ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା।

## ଫୈଜାବାଦ କୋର୍ଟ ବିସ୍ଫୋରଣ ମାମଲା
## ୨ ଜଣଙ୍କୁ ଆଜୀବନ ଜେଲ

ଫୈଜାବାଦ, ୨୧।୧୨(ପି.ଟି.)

୨୦୦୭ ନଭେମ୍ବରରେ ଉତ୍ତର ପ୍ରଦେଶର ଫୈଜାବାଦ କୋର୍ଟରେ ହୋଇଥିବା ବୋମା ବିସ୍ଫୋରଣ ମାମଲାରେ ଶନିବାର ସ୍ୱତନ୍ତ୍ର ଆତଙ୍କ ନିରୋଧୀ ଅଦାଲତ ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। କୋର୍ଟ ପରିସରରେ ୨ଟି ବିସ୍ଫୋରଣ କରାଯିବା ଫଳରେ ୫ ବ୍ୟକ୍ତି ମୃତ୍ୟୁବରଣ କରିବା ସହ ୨୪ ଆହତ ହୋଇଥିଲେ। ଅତିରିକ୍ତ ଜିଲା ସେସନ୍ସ ଜଜ୍ ଅଶୋକ କୁମାର ସ୍ୱତନ୍ତ୍ର କୋର୍ଟ ରୁମ୍‌ରେ ଏହି ରାୟ ଦେଇଛନ୍ତି। ଅଭିଯୁକ୍ତ ତାରିକ୍ କ୍ୱାସିମ୍ ଓ ମହମ୍ମଦ ଅଖ୍‌ତାରଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦିଆଯାଇଥିବାବେଳେ ପ୍ରମାଣ ଅଭାବରୁ ତୃତୀୟ ଅଭିଯୁକ୍ତ ସଜ୍ଜଦ ଉର୍ ରହେମନଙ୍କୁ କୋର୍ଟ ଦୋଷମୁକ୍ତ କରିଛନ୍ତି। ପ୍ରକାଶଥାଉ କି, ଚତୁର୍ଥ ଅଭିଯୁକ୍ତ ଖାଲିଦ ମୁଜାହିଦ୍ ପୋଲିସ ହାଜତରେ ପ୍ରାଣ ହରାଇଥିଲେ।

## ପାକ୍‌ରେ ପ୍ରଫେସରଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ଇସ୍‌ଲାମାବାଦ, ୨୧।୧୨(ପି.ଟି.):** ଫେସ୍‌ବୁକ୍‌ରେ ଈଶ୍ୱରଙ୍କୁ ନିନ୍ଦାକରିବା ଅଭିଯୋଗରେ ଶନିବାର ପାକିସ୍ତାନର ଏକ କୋର୍ଟ ମୁସ୍‌ଲିମ ପ୍ରଫେସର ଜୁନୈଦ ହାଫିଜ୍‌ଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ପଞ୍ଜାବର ମୁଲ୍‌ତାନସ୍ଥିତ ହାଫିଜ୍ ବହଉଦ୍ଦିନ ଜାକାରିୟା ବିଶ୍ୱବିଦ୍ୟାଳୟରେ ହାଫିଜ୍ ଭିଜିଟିଂ ଅଧ୍ୟାପକ ଭାବେ କାମ କରନ୍ତି। ୨୦୧୩ ମାର୍ଚ୍ଚରେ ତାଙ୍କୁ ଏହି ମାମଲାରେ ଗିରଫ କରାଯାଇଥିଲା। ୨୦୧୪ରୁ ମାମଲାର ଶୁଣାଣି କରାଯିବା ସହ ମୁଲ୍‌ତାନର କେନ୍ଦ୍ରୀୟ ଜେଲରେ ହାଫିଜ୍‌ଙ୍କୁ ରଖାଯାଇଥିଲା। ଅତିରିକ୍ତ ସେସନ୍ସ ଜଜ୍ କାଶିଫ କାୟୁମ୍ ହାଫିଜ୍‌ଙ୍କୁ ମୃତ୍ୟୁ ଦଣ୍ଡାଦେଶ ସହ ୫୦ ଲକ୍ଷ ଟଙ୍କା ଜରିମାନାଦେଶ ଦେଇଛନ୍ତି। ପ୍ରକାଶଥାଉ କି, ହାଫିଜ୍‌ଙ୍କ ଓକିଲ ରଶିଦ୍ ରେହମାନଙ୍କୁ ୨୦୧୪ରେ ଗୁଳିକରି ହତ୍ୟା କରାଯାଇଥିଲା।

## ଯୁବ ପ୍ରତିଭା

### ବିଦିଶା ପାତ୍ର

ବ୍ରହ୍ମପୁରର ଯୁବ କଣ୍ଠଶିଳ୍ପୀ ବିଦିଶା ପାତ୍ର । ମାତ୍ର ୧୯ ବର୍ଷ ବୟସରେ ରାଜ୍ୟର କୋଣ ଅନୁକୋଣରେ ଜଣେ କଣ୍ଠଶିଳ୍ପୀ


ବିଦିଶା

ଭାବେ ସୃଷ୍ଟି କରିପାରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ। ବି. ସୁନୀତା ପାତ୍ର ଓ ବି. ନିରଞ୍ଜନ ପାତ୍ରଙ୍କ କନ୍ୟା ବିଦିଶା ପିଲାବେଳୁ ହିଁ ସ୍କୁଲ ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିଲେ । ତେବେ ପ୍ରଥମ ଥର ପାଇଁ ୨୦୧୭ରେ ଶ୍ରେଷ୍ଠ ବ୍ରହ୍ମପୁର କାର୍ଯ୍ୟକ୍ରମ ମଞ୍ଚରେ ସଙ୍ଗୀତ ପରିବେଷଣ କରି ଚର୍ଚ୍ଚିତ ହୋଇଥିଲେ । ୟୁଟ୍ୟୁବ୍‌ରେ ମଧ୍ୟ ଗାଇ ସେ ସାରା ରାଜ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ । ଏହାପରେ ସେ ବହୁ ଜିଲାସ୍ତରୀୟ ମହୋତ୍ସବରେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିଭୋର କରିଛନ୍ତି । ୨୦୧୮ରେ ଭଦ୍ରକର ଓଡ଼ିଶା ରାଜ୍ୟ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ପ୍ରଥମ କରି ଜଜ୍ ଭାବେ ଦାୟିତ୍ୱ ତୁଲାଇଛନ୍ତି । ସ୍ୱଳ୍ପ ବୟସରେ ନିଜସ୍ୱ ପ୍ରତିଭା ପାଇଁ ୨୦୧୫-୧୬ ଏବଂ ୨୦୧୬-୧୭ରେ ମୁଖ୍ୟମନ୍ତ୍ରୀ ଟ୍ରଫି ହାସଲ କରିଛନ୍ତି । ଭଦ୍ରକର ଓଡ଼ିଶା ରାଜ୍ୟ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ୨୦୧୮ରେ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ଶ୍ରେଷ୍ଠ ଗାୟିକା ଭାବେ କଳାଶ୍ରୀ ସମ୍ମାନ, ୨୦୧୯ରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ, ଭଦ୍ରକରେ ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ(ଓୟୁଜେ) ପକ୍ଷରୁ ସମ୍ମାନିତ ହୋଇଛନ୍ତି ।




# ଉନ୍ମେଷ

ବର୍ଷ ୨୦୧୯ ଶେଷ ପାଦରେ ଉପନୀତ। ଖୁବ୍ କମ୍ ଦିନ ଭିତରେ ଏକ ନୂତନ ବର୍ଷ ଆଗମନରେ ଏହା ବିଦାୟ ନେବ ଆମ ଗହଣରୁ । ତେବେ ଏ ବର୍ଷ ମଧ୍ୟରେ ଆଗାମୀ ଆଶା ପୃଷ୍ଠାରେ ପ୍ରକାଶ ପାଇଛି ଅନେକ ପ୍ରସଙ୍ଗ। ତନ୍ମଧ୍ୟରୁ ନିର୍ବାଚିତ କେତୋଟି ବିଷୟ ଏବଂ ଯୁବପ୍ରତିଭା ସମ୍ପର୍କରେ...



### ମନୋଜ ମହାରଣା

ବର୍ତ୍ତମାନ ଗିନିଜ୍ ମ୍ୟାନ୍ ଭାବେ ସାରା ରାଜ୍ୟରେ ପରିଚିତ ଗଞ୍ଜାମ ଜିଲା ପୋଲସରା ବ୍ଲକ୍ ଅନ୍ତର୍ଗତ ଭାବରଡ଼ାରେ ରହୁଥିବା ଗୀତାଞ୍ଜଳି ଏବଂ ଭଗବାନ ମହାରଣାଙ୍କ ପୁଅ ମନୋଜ। ଏହା ପଛର କାରଣ ହେଲା, ଗୋଟିଏ କି ଦୁଇଟି ନୁହେଁ, ତାଙ୍କ ନାମରେ ରହିଛି ତିନି ତିନିଟି ଗିନିଜ୍ ୱାର୍ଲ୍ଡ ରେକର୍ଡ। ଯୁକ୍ତ ତିନି ପଢୁଥିବା ସମୟରେ ଏକରୁ ଏକ ହଜାର ପର୍ଯ୍ୟନ୍ତ ବର୍ଗଫଳ ଲେଖି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିଲେ । ୨୦୧୭ରେ ପାଟିରେ ୨୧ଜଳନ୍ତା କ୍ୟାଣ୍ଡେଲକୁ ରଖି ପୁଣି ଥରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ । ତଥାପି ଲକ୍ଷ୍ୟ ଥିଲା ଗିନିଜ୍ ବିଶ୍ୱ ରେକର୍ଡ। ୨୦୧୭ ଅଗଷ୍ଟ ୨୮ ତାରିଖରେ ବ୍ରହ୍ମପୁର ଟାଉନ୍ ହଲ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପାଟିରେ ୪୫୯ଟି ଷ୍ଟ୍ର ରଖି ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡକୁ ପଠାଇବା ପରେ ସଂସ୍ଥା ପକ୍ଷରୁ ସ୍ୱୀକୃତି ମିଳିଥିଲା । ପରେ ପରେ ମନୋଜ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡଠାରୁ ଆରମ୍ଭ କରି ୧୧ ଥର ସେଟର୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡ ଏବଂ ୩ ଥର ଗିନିଜ୍ ୱାର୍ଲଡ ରେକର୍ଡରେ ନିଜ ନାମ ଲେଖିବାରେ ସଫଳ ହୋଇପାରିଛନ୍ତି। ଏହାବ୍ୟତୀତ ସମାଜସେବା କ୍ଷେତ୍ରରେ ମଧ୍ୟ ନିଜର ଅବଦାନ ପାଇଁ ସେ ପ୍ରକୃତିବନ୍ଧୁ ପୁରସ୍କାର, ବୁଧଖୋଲ ମହୋତ୍ସବ, ଗଞ୍ଜାମ ଜ୍ୟୋତି ସମ୍ମାନ ସହ ୧୩ଟି ଅନ୍ୟ ସମ୍ମାନ ଓ ପୁରସ୍କାର ପାଇଛନ୍ତି । ନିଜେ ୧୦ଥର ରକ୍ତ ଦେବା ସହ ୨ଟି ଶିବିର ଆୟୋଜନ କରିଛନ୍ତି । ଏପରିକି ୩ଟି ବହି ଓ ୬ଶହରୁ ଅଧିକ କବିତା ମଧ୍ୟ ଲେଖିଛନ୍ତି।

### ଆର୍ଯ୍ୟରୂପା ଦାସ

ମାତ୍ର ତିନିବର୍ଷ ବୟସରୁ ନିଜ ନୃତ୍ୟର ଯାଦୁ ଦେଖାଇ ଅନେକ ସମ୍ମାନ ଓ ପ୍ରଶଂସା ସାଉଁଟିଛନ୍ତି ବରଗଡ଼ ଗୋପାଳୁଣୀନଗରରେ ରହୁଥିବା ମଧୁଲିତା ଏବଂ ଅକ୍ଷୟ ଦାସଙ୍କ ଝିଅ ଆର୍ଯ୍ୟରୂପା। ବର୍ତ୍ତମାନ ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଯୁକ୍ତ୨ କଳା ୨ୟ ବର୍ଷ ଛାତ୍ରୀ ହୋଇଥିଲେ ହେଁ ଓଡ଼ିଶୀ ନୃତ୍ୟରେ ବିଶାରଦ ହାସଲ କରିସାରିଛନ୍ତି। ଓଡ଼ିଶୀ ବ୍ୟତୀତ ମାହାରୀ ଏବଂ ସମ୍ବଲପୁରୀ ନୃତ୍ୟ ଶିଖିଥିବା ଆର୍ଯ୍ୟରୂପା ମଡର୍ନ ଡ୍ୟାନ୍ସରେ ବି ନିପୁଣା। ଇତିମଧ୍ୟରେ ସେ ରାଜ୍ୟର ଅନେକ ଜିଲା ସମେତ ଅଯୋଧ୍ୟା, କଲିକତା, ତ୍ରିପୁରା, ଚଣ୍ଡିଗଡ଼, ନୂଆଦିଲ୍ଲୀ ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ଜାତୀୟସ୍ତରୀୟ ଉତ୍ସବରେ ନୃତ୍ୟ ପରିବେଷଣ କରି ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କୁ ମିଳିଛି ଦର୍ପଣ ପ୍ରତିଭା ସମ୍ମାନ, ରାଜୀବ ଗାନ୍ଧୀ ସଦ୍‌ଭାବନା ଅ।ୱ।ର୍ଡ, ଦେବସ୍ମୃତି ସମ୍ମାନ, ସୁର ସଙ୍ଗୀତ ସମ୍ମାନ, ଭାରତୀୟ ସଂସ୍କୃତି ସମ୍ମାନ ଭଳି ଅନେକ ପୁରସ୍କାର। ଏହା ବ୍ୟତୀତ ସେ ମୁନ୍ ଟିଭିରେ ପ୍ରସାରିତ ଡ୍ୟାନ୍ସିଂ କୁଇନ୍, ଇ ଟିଭିରେ ପ୍ରସାରିତ ବୁମ୍ ସାକାଲାକା ଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଜୟିନୀ ମୁକୁଟ ବି ପିନ୍ଧି ସାରିଛନ୍ତି।

### ବବିତା ଦାସ

ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ନୃତ୍ୟଗୁରୁ ଭାବେ ଶ୍ରୀକ୍ଷେତ୍ରରେ ଏକ ପରିଚିତ ନାମ ବବିତା ଦାସ। ମାଆ ମିନତି ଏବଂ ବାପା ଗଙ୍ଗାଧର ପିଲାବେଳୁ ଝିଅର ସଙ୍ଗୀତ ଓ ନୃତ୍ୟଶିକ୍ଷା ପ୍ରତି ଥିବା ଆଗ୍ରହ ଦେଖି ନୃତ୍ୟଶିକ୍ଷା ଆରମ୍ଭ କରାଇଥିଲେ। ସେବେଠୁ ସେ ଗୋଟେ ପରେ ଗୋଟେ ସଫଳତାର ଶିଡି ଚଢ଼ି ଚାଲିଛନ୍ତି। ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ ତରଫରୁ ନୃତ୍ୟ ବିଶାରଦ ଓ ନୃତ୍ୟ ଭାସ୍କର ଉପାଧି ଲାଭ କରିଛନ୍ତି। ଏଥିସହିତ ସେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସ୍ୱୟଂଶାସିତ)ରୁ ଦର୍ଶନ ଶାସ୍ତ୍ରରେ ସ୍ନାତକ ଏବଂ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ଅଗରତାଲା ଏକଲବ୍ୟ କ୍ୟାମ୍ପସ୍‌ରୁ ଏମ୍. ଶିକ୍ଷାଶାସ୍ତ୍ରୀ ଶିକ୍ଷା ସମାପ୍ତ କରିଛନ୍ତି। ସେ ଶ୍ରୀକ୍ଷେତ୍ରର ବିଭିନ୍ନ ସାଂସ୍କୃତିକ ମଞ୍ଚଠାରୁ ରାଜ୍ୟ ତଥା ରାଜ୍ୟ ବାହାରେ ନିଜର କଳା ନୈପୁଣ୍ୟତା ପ୍ରକାଶ କରି ସାଉଁଟିଛନ୍ତି ଅନେକ ପ୍ରଶଂସା। ଜଣେ ସଫଳ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ୨୦୦୨ରେ କୋଲ୍‌କାତା ପ୍ରାଚୀନ କଳାକେନ୍ଦ୍ରରେ ସ୍ୱର୍ଣ୍ଣ ପଦକ, ୨୦୦୪ରେ ପୁରୀ ପ୍ରଣତି କଳାମନ୍ଦିର ପକ୍ଷରୁ ଶ୍ରେଷ୍ଠ ନୃତ୍ୟଶିଳ୍ପୀ ସମ୍ମାନ, ୨୦୧୧ରେ ଭୁବନେଶ୍ୱର ପୂଜ୍ୟପୂଜା ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମାନ, ୨୦୧୬ରେ ପୁରୀ ଶିଶୁ ମହୋତ୍ସବରେ ନୃତ୍ୟଗୁରୁ ସମ୍ମାନ; ଏଥିସହିତ ଶ୍ରୀକ୍ଷେତ୍ରଶ୍ରୀ ସମ୍ମାନ, ସମର ଫେଷ୍ଟ୍ ଏବଂ ଗ୍ଲୋରୀଫେଷ୍ଟ୍ ନୃତ୍ୟଗୁରୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। କଳା ପ୍ରତିଷ୍ଠାନ, ଲିଙ୍ଗରାଜ କଳା ନିକେତନରେ ନୃତ୍ୟ ଶିକ୍ଷାଦାନ କରିଛନ୍ତି।

### ରାଜେଶ କୁମାର ରାଉତ


ରାଜେଶ

ସମାଜରେ ନିଷ୍ପେଷିତ ଅନାଥ ଶିଶୁ, ଅସହାୟ ଏବଂ ରୋଗୀଙ୍କ ଲାଗି ଦେବଦୂତ ସାଜିଛନ୍ତି ଯାଜପୁର ଜିଲା ବ୍ୟାସନଗରରେ ରହୁଥିବା ମା' ରୁକ୍ମିଣୀ ଏବଂ ବିଶ୍ୱନାଥ ରାଉତଙ୍କ ପୁଅ ରାଜେଶ କୁମାର (ଟିକିନା) । ପାଠପଢ଼ା ପରେ ଚାକିରି ପଛରେ ନ ଗୋଡ଼ାଇ ସମାଜସେବାକୁ ଆପଣେଇ ନେଲେ। ଧୀରେ ଧୀରେ ନିଜେ ରକ୍ତଦାନ କରିବା ସହ 'ରକ୍ତଦାତା ଜୀବନଦାତା' ନାମକ ଏକ ସଂଗଠନ କରି ଅନ୍ୟର ପ୍ରାଣ ରକ୍ଷା ଲାଗି ରକ୍ତ ଦେବାପାଇଁ ବିଭିନ୍ନ ଯୁବସମାଜକୁ ଆହ୍ୱାନ ଦେଲେ। ବର୍ତ୍ତମାନ ସେ ୩୦ ଜଣ ଥାଲାସେମିଆ ରୋଗୀଙ୍କ ଜୀବନ ବଞ୍ଚାଇ ରଖିବା ଲାଗି ଦୃଢ଼ ସଂକଳ୍ପ ନେଇ ରକ୍ତ ସଂଗ୍ରହ କରି ଯଥା ସମୟରେ ଯୋଗାଇ ଦେଉଛନ୍ତି। ଯଦି କେହି ବ୍ୟକ୍ତି ହଠାତ୍ ଜାତୀୟ ରାଜପଥରେ କିମ୍ବା ଟ୍ରେନ୍ ଧକ୍କାରେ ଆହତ ହୁଅନ୍ତି ତେବେ ତୁରନ୍ତ ସେ ତାଙ୍କୁ ନେଇ ଚିକିତ୍ସା କରାଇଥାନ୍ତି। ଅନାଥ ଶିଶୁମାନଙ୍କୁ ଉଦ୍ଧାର କରି ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ହସ୍ତାନ୍ତର କରିଥାନ୍ତି। ପରିବେଶ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ସ୍ଥାନରେ ଚାରାରୋପଣ, ସମାଜକୁ ନିଶାମୁକ୍ତ କରିବା ପାଇଁ ନିଶାମୁକ୍ତ ଅଭିଯାନ କରି ଜନସଚେତନତା ସୃଷ୍ଟି କରୁଛନ୍ତି । କେବଳ ଡାକ୍ତରଖାନାକୁ ଯାଇ ନୁହେଁ ବିଭିନ୍ନ ଆଦିବାସୀ ସାହିକୁ ଯାଇ ରୋଗୀଙ୍କ ସେବା ଶୁଶ୍ରୂଷା କରିବା ସହ ସେମାନଙ୍କ ପିଲାଙ୍କୁ ପାଠ ପଢାଇବା ପାଇଁ ସଚେତନତା ସୃଷ୍ଟି ମଧ୍ୟ କରୁଛନ୍ତି। ଏଭଳି ସମାଜଧର୍ମୀ କାର୍ଯ୍ୟ ଲାଗି ବର୍ତ୍ତମାନ ସୁଦ୍ଧା ଜିଲା ଏବଂ ଜିଲା ବାହାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୪୦ଟି ମାନପତ୍ର ଓ ସମ୍ବର୍ଦ୍ଧନା ପାଇସାରିଥିବା ରାଜେଶ ଏହି କାର୍ଯ୍ୟ ତାଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରୁଥିବା ପ୍ରକାଶ କରନ୍ତି।



### କାହ୍ନା ମହାନ୍ତି

ତେଲୁଗୁ ଟେଲିଭିଜନ୍ ଜଗତରେ ଜଣେ ସଫଳ ଡ୍ୟାନ୍ସର ଏବଂ କୋରିଓଗ୍ରାଫର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ୍‌ର ମାର୍କଣ୍ଡିରେ ରହୁଥିବା ମାମି ଏବଂ ତାରାକାନ୍ତ ମହାନ୍ତିଙ୍କ ପୁଅ କାହ୍ନା। ସେ ବିଭିନ୍ନ ତେଲୁଗୁ ଏବଂ ଓଡ଼ିଆ ଡ୍ୟାନ୍ସିଂ ରିଅଲିଟି ଶୋ'ରେ ଅଂଶଗ୍ରହଣ କରି ଦର୍ଶକଙ୍କ ମନ ଛୁଇଁଛନ୍ତି। ଇତିମଧ୍ୟରେ ସେ ବାଙ୍ଗାଲୋରରେ କନ୍ନଡ ଭାଷାରେ ଏବଂ ହାଇଦ୍ରାବାଦରେ ତେଲୁଗୁ ଭାଷାରେ ପ୍ରସାରିତ କେତେକ ରିଅଲିଟି ଶୋ' କୋରିଓଗ୍ରାଫି କରି ସମସ୍ତଙ୍କ ଲାଗି ଏକ ପରିଚିତ ଚେହେରା ପାଲଟିଯାଇଛନ୍ତି। ହାଇଦ୍ରାବାଦରେ ରହି ନିଜେ ବିଭିନ୍ନ ଡ୍ୟାନ୍ସ ଫର୍ମ ଶିଖିବା ସହ ଏକ ଡ୍ୟାନ୍ସ ଇନଷ୍ଟିଚ୍ୟୁଟ୍ ମଧ୍ୟ ଖୋଲିଛନ୍ତି।

### ସ୍ମରଣିକା ଦାଶ

ପୁରୀ ନିବାସୀ ମାତା ସ୍ନେହଲତା ଏବଂ ପିତା ଅଭୟ କୁମାର ଦାଶଙ୍କ ଝିଅ ସ୍ମରଣିକା। ବର୍ତ୍ତମାନ ସେ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ। ସେ ଶ୍ରୀକ୍ଷେତ୍ରଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି ନିଜର କଳା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏଥିରେ ଗୁରୁ ବବିତା ଦାଶ ଓ ଯୁବ ନୃତ୍ୟଶିଳ୍ପୀ ରୋଜାଲିନ ପଣ୍ଡାଙ୍କ ପ୍ରେରଣା ଆଗକୁ ବଢ଼ିବାକୁ ସହଯୋଗ କରିଛି ବୋଲି ସେ ପ୍ରକାଶ କରନ୍ତି। ଭବିଷ୍ୟତରେ ଓଡ଼ିଶୀରେ ପିଏଚ୍‌ଡି ହାସଲ କରି ନିଜର କଳାନୁଷ୍ଠାନ ଗଠନ କରିବା ସହ ଶ୍ରୀକ୍ଷେତ୍ରରେ ଏକ ବିଶାଳ ଓଡ଼ିଶୀ ମହୋତ୍ସବ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏହା ବ୍ୟତୀତ ଅଧିକରୁ ଅଧିକ କୁନି କୁନି ପିଲାଙ୍କ ମଧ୍ୟରେ ଓଡ଼ିଶୀ ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ସେମାନଙ୍କୁ ଶିଖାଇ ରାଜ୍ୟ ତଥା ରାଜ୍ୟ ବାହାରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର କରି ଏହାର ଗୌରବ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି ସ୍ମରଣିକା।


ସ୍ମରଣିକା
ଆର୍ଯ୍ୟରୂପା
ବବିତା



# ପରଲୋକରେ ପାହାଡ଼ି କନ୍ୟା

**ସା**ଧାରଣ ନିର୍ବାଚନ ଫଳାଫଳକୁ ନେଇ ସାଧାରଣରେ ଉତ୍ସୁକତା ଲାଗି ରହିଥିବା ବେଳେ ମେ ୨୩ ସନ୍ଧ୍ୟାରେ ପହଞ୍ଚିଥିଲା ପାହାଡ଼ି କନ୍ୟା ଏଭରେଷ୍ଟ ଆରୋହିଣୀ କଳ୍ପନା ଦାସଙ୍କ ପରଲୋକ ଖବର। ଶାଢ଼ି ପରିହିତା କଳ୍ପନା ଅଭିଯାନ ଶେଷ କରି ଫେରୁଥିବାବେଳେ ଖସିପଡ଼ି ପ୍ରାଣ ହରାଇବା ଘଟଣା କେବଳ ଢେଙ୍କାନାଳ ନୁହେଁ ରାଜ୍ୟକୁ ଶୋକରେ ବୁଡ଼ାଇ ଦେଇଥିଲା।

ବର୍ଷ ଆରମ୍ଭରୁ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା ଢେଙ୍କାନାଳ-ଅନୁଗୋଳ ଜିଲାରେ ଚହଳ ପକାଇଥିଲା। ନିର୍ବାଚନରୁ ଏମ୍‌ପି ତଥାଗତ ସତପଥୀଙ୍କ ଦୂରେଇ ରହିବା ନିଷ୍ପତ୍ତି ବିଦାୟୀ ବର୍ଷରେ ଅନ୍ୟତମ ଚର୍ଚ୍ଚିତ ଘଟଣା ପାଲଟିଥିଲା। ସେହିପରି ପାହାଡ଼ି କନ୍ୟାଙ୍କ ପରଲୋକ ଠାରୁ ଗଜରାଜର ନରସଂହାର, ଅଳସୁଆ ହାଟ, ବ୍ରାହ୍ମଣୀ ଡଙ୍ଗା ବୁଡ଼ି ଓ ଭରତପୁର ଖଣି ଦୁର୍ଘଟଣା ଅନେକଙ୍କ ଆଖିରୁ ଅଶ୍ରୁ ଗଡ଼ାଇଥିଲା। ଓଜେଏସ୍‌ରେ ଟପ୍ପର ଏବଂ ବିଧବା ବୋହୂଙ୍କୁ ଶାଶୁ ବିବାହ ଦେବା ଘଟଣା ମଧ୍ୟ କମ୍ ଚର୍ଚ୍ଚାର ବିଷୟ ନ ଥିଲା। ବର୍ଷ ଉଣେଇଶର ଏସବୁ ଖବରକୁ ନେଇ ଢେଙ୍କାନାଳ ସଂସ୍କରଣର ସ୍ୱତନ୍ତ୍ର ଉପସ୍ଥାପନା।



# ଗଜରାଜର ନରସଂହାର

**ଜ**ଣେ କି ଦୁଇଜଣ ନୁହନ୍ତି, ଗୋଟିଏ ରାତିରେ ଦନ୍ତାହାତୀ ନେଇଥିଲା ୫ଜଣଙ୍କ ଜୀବନ। ଶୁଣ୍ଢରେ ଟେକି ଫୋପାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା ୫ଜଣଙ୍କୁ। ଏପ୍ରିଲ ୧୮ ବିଳମ୍ବିତ ରାତିରେ ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳର ଷଣ୍ଢ ଗାଁ ଓ ନିକଟସ୍ଥ ସନ୍ଥପଡ଼ାରେ ଗଜରାଜ ଘଟାଇଥିଲା ଏପରି ନରସଂହାର। ତାଳବରଡ଼ା ତାଟି କରି ଉକ୍ତ ଗାଁରେ ରହୁଥିବା ପାଲଲହଡା ଗୋବିନ୍ଦପୁର ଅଞ୍ଚଳର କାଳିଆ ସିଂ, ଦେଢ଼ବର୍ଷର ଝିଅ ଅନିଷା, ଭଉଣୀ ସାରଥି ସିଂ ଓ ତାଙ୍କ ପଡ଼ୋଶୀ ସମ୍ବଲପୁର କ୍ଷେତରାଜପୁର ଅଞ୍ଚଳର ସୁନିତା ସେଠ୍‌ଙ୍କ ଜୀବନ ନେଇଥିଲା ଦନ୍ତା। ଏହାପରେ ୨ କିମି ଦୂର ସନ୍ଥପଡା ଗ୍ରାମର ଭ୍ରମରବର ସାମଲ (୭୦)ଙ୍କୁ ଆକ୍ରମଣ କରି ଖଣ୍ଡ ଖଣ୍ଡ କରିଦେଇଥିଲା। ହାତୀ ଆକ୍ରମଣରେ ଏକାବେଳେ ଏତେ ସଂଖ୍ୟକ ମଣିଷଙ୍କ ଜୀବନ ଯିବା କେବଳ ତାଳଚେର ନୁହେଁ, ରାଜ୍ୟରେ ପ୍ରଥମ ଘଟଣା ହୋଇଥିବାରୁ ସେତେବେଳେ ଏହା ସବୁଠି ଚହଳ ପକାଇଥିଲା। ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜରୁ ବ୍ରାହ୍ମଣୀ ନଦୀ ପାର ହୋଇ ଚାଲିଆସିଥିବା ଉକ୍ତ ଦନ୍ତାହାତୀର ଏପରି ଉନ୍ମତ୍ତକାଣ୍ଡରେ ସ୍ତବ୍ଧ ହୋଇଯାଇଥିଲେ ସମସ୍ତେ।





# ପୋକ୍ସୋ ଆକ୍ଟରେ ପ୍ରଥମ ଫାଶୀ

**ଅ**ନୁଗୋଳ ସହର ଉପକଣ୍ଠରେ ଜାନୁୟାରୀ ୨୦ରେ ଘଟିଥିବା ନାବାଳିକା ଛାତ୍ରୀ ବଳାତ୍କାର ଓ ହତ୍ୟା ଘଟଣାର ରାୟ ଜୁଲାଇ ୨୬ରେ ପ୍ରକାଶ ପାଇଥିଲା। ଅନୁଗୋଳର ଅତିରିକ୍ତ ଦୌରାଜଜ୍ କମ୍ ସ୍ୱେଶାଲ ପୋକ୍ସୋ ଜଜ୍ ଅଭିଯୁକ୍ତ ଅନାମ ଓରଫ ଶ୍ରୀନିବାସ ଦେହୁରୀ(୨୨)ଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ। ଘଟଣାକୁ ମାସେ ପୂରିବା ପୂର୍ବରୁ ଅର୍ଥାତ୍ ଫେବୃୟାରୀ ୧୯ରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ମାର୍ଚ୍ଚ ୧୯ରେ ଟ୍ରାଏଲ ଆରମ୍ଭ ହୋଇଥିଲା ଓ ୪ ମାସ ପରେ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ। ଏହାଥିଲା ପୋକ୍ସୋ ଆଇନରେ ରାଜ୍ୟରେ ପ୍ରଥମ ଫାଶୀ ଦଣ୍ଡାଦେଶ।

# ଜିଲାପାଳଙ୍କ ଆକାଉଣ୍ଟରୁ ୫୯ ଲକ୍ଷ ଗାଏବ

**ଅ**ନୁଗୋଳ ଜିଲାପାଳଙ୍କ ଆକାଉଣ୍ଟରୁ ୫୯ ଲକ୍ଷ ଟଙ୍କା ଗାଏବ ଅଭିଯୋଗ ସେପ୍ଟେମ୍ବର ୧୪ରେ ଚର୍ଚ୍ଚାର ବିଷୟ ହୋଇଥିଲା। ୨୦୧୭ ଡିସେମ୍ବର ୧୫ରୁ ୨୦୧୮ ମେ ୩୧ ମଧ୍ୟରେ ତତ୍କାଳୀନ ଜିଲାପାଳ ଅନିଲ ସାମଲଙ୍କ ଦସ୍ତଖତ ଜାଲିଆତି କରାଯାଇ ଉକ୍ତ ଟଙ୍କା ଉଠାଇ ନିଆଯାଇଥିବା ଅଡିଟରୁ ଧରାପଡ଼ିଥିଲା। ଅଭିଯୋଗ ପାଇ ପୋଲିସ ଉକ୍ତ ଆକାଉଣ୍ଟ ଥିବା ବ୍ୟାଙ୍କର ତତ୍କାଳୀନ ମ୍ୟାନେଜର ଶକ୍ତି ବେଦାନ୍ତ ଦାସଙ୍କୁ ଗିରଫ କରିଥିଲା।



# ବିଧବା ବୋହୂଙ୍କୁ ବିବାହ ଦେଲେ ଶାଶୁ

**୫** ମାସ ତଳେ ବିବାହ କରିଥିବା ପୁଅ ରଶ୍ମିରଞ୍ଜନଙ୍କ ମୃତ୍ୟୁ ପରେ ବିଧବା ବୋହୂ ଲିଲିଙ୍କୁ ପୁତୁରା ସହ ବିବାହ ଦେଇ ସମାଜ ପାଇଁ ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲେ ଅନୁଗୋଳ ଜିଲା ତାଳଚେର ବ୍ଲକ ଗୋବରା ଗ୍ରାମର ପୂର୍ବତନ ସରପଞ୍ଚ ପ୍ରତିମା ବେହେରା। ସେପ୍ଟେମ୍ବର ୧୧ ତାରିଖରେ ଘଟିଥିବା ଏହି ଘଟଣା କେବଳ ଜିଲା ନୁହେଁ ସେତେବେଳେ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା।

# ବ୍ରାହ୍ମଣୀରେ ବୁଡ଼ିଲା ଡଙ୍ଗା



**ସେ**ପ୍ଟେମ୍ବର ୭ରେ ବ୍ରାହ୍ମଣୀ ନଦୀରେ ଘଟିଥିଲା ଦୁର୍ଘଟଣା। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଖଡଗପ୍ରସାଦ ଘାଟରୁ କୁନ୍ଦନଦେଇପୁରକୁ ଆସୁଥିବା ଏକ ହୁଲି ଡଙ୍ଗା କେବୁଲ ତାରରେ ଛନ୍ଦି ହୋଇ ଓଲଟି ପଡ଼ିବାରୁ ଲିଭିଯାଇଥିଲା ୪ଜଣଙ୍କ ଜୀବନ ଦୀପ। ମୃତକଙ୍କ ମଧ୍ୟରେ ଥିଲେ କୁନ୍ଦନଦେଇପୁର ଗ୍ରାମର ବିଶ୍ୱଜିତ୍ ଆଚାର୍ଯ୍ୟ, ରୋଡ୍ ଗ୍ରାମର ରମେଶ ସାହୁ, ବିଜୟ ନାୟକ ଏବଂସୁଶାନ୍ତସାହୁ।

# ଦୂରେଇଲେ ତଥାଗତ ଫେରିଲେ ରାଜା



**ଗ**ତ ସାଧାରଣ ନିର୍ବାଚନରେ ଢେଙ୍କାନାଳ ଲୋକ ସଭା ଆସନକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଥିଲା। ୪ଥର ଏମ୍‌ପି ହୋଇଥିବା ତଥାଗତ ସତପଥୀ ୨୦୧୯ ନିର୍ବାଚନରୁ ହଠାତ୍ ନିଜକୁ ଦୂରେଇ ରଖିବା ରାଜ୍ୟ ରାଜନୀତିରେ ଚହଳ ପକାଇ ଦେଇଥିଲା। ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ତଥା ଢେଙ୍କାନାଳ ରାଜା କାମାକ୍ଷାପ୍ରସାଦ ସିଂହଦେଓ ଦୀର୍ଘ ୧୫ ବର୍ଷ ପରେ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇ ଢେଙ୍କାନାଳରୁ ଦଳୀୟ ପ୍ରାର୍ଥୀ ହେବା ଆଲୋଚନାର ବିଷୟ ପାଲଟିଥିଲା।



# ହାଟବେଳେ ଯାଇଥିଲା ୪ ଜୀବନ

**ଢେ**ଙ୍କାନାଳ ଷ୍ଟେଶନ ବଜାର ରୋଡ୍‌ରେ ଥିବା ଅଳସୁଆ ହାଟରେ ଜୁନ ୯ରେ ଘଟିଯାଇଥିଲା ଏକ ଦୁର୍ଘଟଣା। ସକାଳ ୮ଟା ୧୫ରେ ହାଟ ନିକଟ ଡି. ହଂସରାଜ ନାମକ ପରିତ୍ୟକ୍ତ ରାଇସ୍‌ମିଲ୍‌ର ପାଚେରି ଭୁଶୁଡ଼ି ପଡ଼ିବାରୁ ୪ ବ୍ୟବସାୟୀ ସଦର ଥାନା ଟାଇଁପୁରପାଟଣାର ସଂଗ୍ରାମ ସାହୁ, ଗେଙ୍ଗୁଟିଆ ଗ୍ରାମର ରାମଚନ୍ଦ୍ର ସାହୁ, ଗୁରୁଜଙ୍ଗର ଅଭିମନ୍ୟୁ ବିଶ୍ୱାଳ ଓ ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି କମଗରା ସିଦ୍ଧପଡା ଗ୍ରାମର ମାୟାଧର ମଲିକ ଚାପିହୋଇ ପ୍ରାଣ ହରାଇଥିଲେ।



# ଓଜେଏସ୍ ଟପ୍ପର ଈପ୍‌ସିତା

**ଓ**ଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ପରୀକ୍ଷା ୨୦୧୮-୧୯ରେ ଟପ୍ପର ହୋଇଥିଲେ ଅନୁଗୋଳ ଶୁଶୁଡ଼ାର ଝିଅ ଈପ୍‌ସିତା ଅଭିନନ୍ଦିତା ମିଶ୍ର(୨୪)। ରୋଟାରି ପବ୍ଲିକ ସ୍କୁଲରେ ସ୍କୁଲ ଶିକ୍ଷା, ଡିଏଭି ପବ୍ଲିକ ସ୍କୁଲରେ କଲେଜ ଶିକ୍ଷା ପରେ ଭୁବନେଶ୍ୱରସ୍ଥିତ ୟୁନିଭର୍ସିଟି ଲ' କଲେଜରେ ସ୍ନାତକ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଥିବା ଏଲ୍‌ଏଲ୍‌ଏମ୍‌ରେ ସ୍ନାତକୋତ୍ତର କରିଥିଲେ ଈପ୍‌ସିତା। ପ୍ରଥମ ଥର ଓଜେଏସ୍ ପରୀକ୍ଷାରେ ତାଙ୍କୁ ଶ୍ରେଷ୍ଠ ହେବାର ସଫଳତା ମିଳିଥିଲା।



# ବଳାତ୍କାର ପରେ ହତ୍ୟା

**ବ**ର୍ଷ ଆରମ୍ଭ ହେଉ ହେଉ ଅନୁଗୋଳ ସହର ଉପକଣ୍ଠରେ ଘଟିଯାଇଥିଲା ଏକ ଅଭାବନୀୟ ଘଟଣା। ଜାନୁୟାରୀ ୨୦ ରବିବାର ମଧ୍ୟାହ୍ନରେ ଜଣେ ୮ମ ଶ୍ରେଣୀର ନାବାଳିକା ଛାତ୍ରୀ ବାପାଙ୍କ ପାଇଁ ଖାଇବା ଧରି ଯାଉଥିବା ବେଳେ ତାଙ୍କୁ ପ୍ରେମ ନିବେଦନ କରି ବିଫଳ ହେବାରୁ ଅଭିଯୁକ୍ତ ଅନାମ ଓରଫ ଶ୍ରୀନିବାସ ଦେହୁରୀ ବଳାତ୍କାର ପରେ ହତ୍ୟା କରିଥିଲା। ଘଟଣା ଏତେ ବୀଭତ୍ସ ଥିଲା ଯେ ଏହାକୁ ନେଇ ଅନୁଗୋଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ୩ ଦିନ ପରେ ଅଭିଯୁକ୍ତ ଅନାମଙ୍କୁ ପୋଲିସ କଲିକତାରୁ ଗିରଫ କରିଥିଲା। ଏପରି କି ମାସେ ମଧ୍ୟରେ କୋର୍ଟରେ ଚାର୍ଜଶିଟ୍ ମଧ୍ୟ ଦାଖଲ କରିଥିଲା ଅନୁଗୋଳ ପୋଲିସ।

# କାଳ ସାଜିଲା କୋଇଲା ଖଣି



ଯେଉଁ ଖଣିରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ ଶେଷରେ ସେହି ଖଣି ହିଁ କାଳ ସାଜି ନେଇଗଲା ୪ଜଣଙ୍କ ଜୀବନ। ଜୁଲାଇ ୨୩ ରାତିରେ ଅନୁଗୋଳ ଜିଲା ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ଭରତପୁର କୋଇଲା ଖଣିରେ ଘଟିଥିଲା ଏହି ଦୁର୍ଘଟଣା। ବ୍ଲାଷ୍ଟିଂ ପରେ ଏହି ଓପନକାଷ୍ଟ ଖଣିର ସରଫେସ ମାଇନର ଫେସ୍‌ରେ ଏକ ବିରାଟ ମାଟି ଅତଡା ଧସି ଯିବାରୁ ୧୩ ଜଣ ଶ୍ରମିକ, କର୍ମଚାରୀ ଫସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଡ୍ରାଇଭର ପିପୁନ ବିଶ୍ୱାଳ, ସୁପରଭାଇଜର ରଶ୍ମିରଞ୍ଜନ ବେହେରା, ସିକ୍ୟୁରିଟି ଗାର୍ଡ ରମେଶ ଦାସ ଓ ପମ୍ପ ଖଲାସୀ କାର୍ତ୍ତିକେଶ୍ୱର ମହାପାତ୍ରଙ୍କ ମୃତ୍ୟୁ ହୋଇଥିଲା।

# ଆଖି ଗାଏବ ଚର୍ଚ୍ଚା

ବ୍ୟବଚ୍ଛେଦ ପୂର୍ବରୁ ମୃତଦେହରୁ ଆଖି ଗାଏବ ଅଭିଯୋଗକୁ ନେଇ ଜୁଲାଇ ୧୯ରେ ଚର୍ଚ୍ଚାକୁ ଆସିଥିଲା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ। ଶବ

ସଂରକ୍ଷଣ ଗୃହରେ ରଖାଯାଇଥିବା ୪ ବର୍ଷର ଶିଶୁକନ୍ୟା ପ୍ରୀତି ଗୋଛାୟତଙ୍କ ୨ ଆଖି ଚୋରି କରାଯାଇଥିବା ବାପା ବଅଁରପାଳ ଥାନା ନୂଆହତା ଗ୍ରାମର ଅଞ୍ଜନ ଗୋଛାୟତ ଅଭିଯୋଗ ଆଣିବା ପରେ ସହରରେ ଆଲୋଡ଼ନ ଖେଳିଯାଇଥିଲା। ଶହ ଶହ ଲୋକ ମେଡିକାଲରେ ପହଞ୍ଚି ହୋହଲ୍ଲା କରିବାରୁ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାର ୩ ଦିନ ପରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଛେଣ୍ଡିପଦା ବ୍ଲକ କୁଶକିଳା ଗ୍ରାମର ଜମ୍ବେଶ୍ୱର ନାଏକଙ୍କ ମୃତଦେହରୁ ଜୁଲାଇ ୨୩ରେ ଆଖି ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଥିଲା।





ଫିଲ୍ମ 'ମର୍ଦାନୀ-୨' ସମାଜରେ ଦୈନିକ ଘଟୁଥିବା ଘଟଣାର ପ୍ରତିଛବି ଉପରେ ଆଧାରିତ। ଏଥିରେ ସମାଜ ପ୍ରତି ଏକ ବାର୍ତ୍ତା ରହିଥିବାରୁ ଦର୍ଶକମାନେ ଏହାକୁ ଏତେ ଭଲ ପାଇଛନ୍ତି।

-ରାଣୀ ମୁଖାର୍ଜୀ, ବଲିଉଡ୍ ଅଭିନେତ୍ରୀ



# ଓକିନୋସିମା ଆଇସ୍‌ଲ୍ୟାଣ୍ଡକୁ ମହିଳାଙ୍କ ପ୍ରବେଶ ମନା

**ଟୋକିଓ:** ବିଶ୍ୱରେ ଏମିତି କିଛି ସ୍ଥାନ ଅଛି, ଯାହା କିଛି ନା କିଛି କାରଣ ପାଇଁ ବେଶ୍ ପ୍ରସିଦ୍ଧ। ସେହିପରି ଏକ ସ୍ଥାନ ରହିଛି ଜାପାନରେ। ଏହା ଓକିନୋସିମା ଆଇସ୍‌ଲ୍ୟାଣ୍ଡ ନାମରେ ଜଣାଶୁଣା। ବିଶେଷକରି ଏଠାକୁ ଯିବା ପାଇଁ ମହିଳାମାନଙ୍କୁ ବାରଣ କରାଯାଇଛି। ସେହିପରି ପୁରୁଷମାନେ ଗଲେ ମଧ୍ୟ ସେମାନଙ୍କ ପ୍ରତି କଡ଼ା ନିୟମ ରହିଛି। ୭୦୦ ବର୍ଗମିଟର ପରିବେଷ୍ଟିତ ଏହି ଦ୍ୱୀପ ସମ୍ପର୍କରେ କୁହାଯାଏ, ୪ର୍ଥରୁ ୯ମ ଶତାବ୍ଦୀରେ କୋରିଆ ଏବଂ ଚାଇନାର ଏହା ବାଣିଜ୍ୟିକ କେନ୍ଦ୍ର ଥିଲା। ଏହି ଦ୍ୱୀପକୁ ପବିତ୍ର ବୋଲି ମନାଯାଇଥାଏ। ତେଣୁ ଧାର୍ମିକ ଅନୁସାରେ ଏଠାକୁ ମହିଳାମାନଙ୍କୁ ଯିବା ପାଇଁ ସମ୍ପୂର୍ଣ୍ଣ ବାରଣ ରହିଛି। ଆଉ ଏକ ଖାସ୍‌କଥା ହେଲା ପୁରୁଷଙ୍କୁ ଏଠାକୁ ଯିବା ପାଇଁ ହେଲେ ପ୍ରଥମେ ବିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼ିଥାଏ। ବର୍ଷକରେ ଏହି ଦ୍ୱୀପକୁ ୨୦୦ରୁ ଅଧିକ ପୁରୁଷ ଯାଇପାରିବେ ନାହିଁ ବୋଲି ନିୟମ ରହିଛି। ସେହିପରି ଏଠାକୁ ଯିବା ସମୟରେ କୌଣସି ସାମଗ୍ରୀ ସାଥୀରେ ନେଇ ଯାଇପାରିବେ ନାହିଁ। ସେଠାରୁ ଫେରିବା ସମୟରେ ବି ଘାସଟିଏ ଆଣିପାରିବେ ନାହିଁ। ଏଠାରେ ସମୁଦ୍ର ଦେବୀଙ୍କ ମନ୍ଦିର ରହିଛି। ଜାହାଜ ସୁରକ୍ଷା ପାଇଁ ସେତେବେଳେ ଏହି ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଉଥିଲା।



# ଭାରତ ଓ ଗଣିତ

## ରାଷ୍ଟ୍ରୀୟ ଗଣିତ ଦିବସ




ପ୍ରତିବର୍ଷ ୨୨ ଡିସେମ୍ବରରେ ଭାରତରେ ରାଷ୍ଟ୍ରୀୟ ଗଣିତ ଦିବସ ପାଳନ କରାଯାଏ। ପ୍ରଖ୍ୟାତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ଜନ୍ମଦିବସକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଉଛି। ଗଣିତରେ ରାମାନୁଜନଙ୍କ ଉଲ୍ଲେଖନୀୟ ଯୋଗଦାନକୁ ଏହି ଅବସରରେ ସ୍ମରଣ କରାଯାଇଥାଏ। ୨୨ ଡିସେମ୍ବର ୧୮୮୭ରେ ତାମିଲନାଡୁର ଇରୋଡ ସହରରେ ରାମାନୁଜନଙ୍କ ଜନ୍ମ। ଗଣିତ ବିଶ୍ଳେଷଣ, ସଂଖ୍ୟା ସିଦ୍ଧାନ୍ତ,ଇନ୍‌ଫାନାଇଟ ସିରିଜ ସହ ଗଣିତର ବିଭିନ୍ନ କ୍ଷେତ୍ରରେ ତାଙ୍କର ଯୋଗଦାନ ରହିଛି। ମାତ୍ର ୩୩ ବର୍ଷ ମଧ୍ୟରେ ସେ ଗଣିତ କ୍ଷେତ୍ରରେ ଏମିତି କାର୍ଯ୍ୟ କରିଛନ୍ତି ଯାହା ଗଣିତ ଇତିହାସରେ ଚିରଦିନ ରହିଯିବ। କୌଣସି ଔପଚାରିକ ଶିକ୍ଷା ବିନା ସେ ଗଣିତରେ ଏମିତି କିଛି ସୃଷ୍ଟି କରିଯାଇଛନ୍ତି ଯାହା ସମସ୍ତଙ୍କୁ ଚକିତ କରିଛି। ରାମାନୁଜନ୍ ୟୁଲର, ଗସ୍ ଓ ଆର୍କିମିଡିସ୍‌ଙ୍କଠାରୁ କିଛି କମ୍ ନଥିଲେ। ଏହାକୁ ଲକ୍ଷ୍ୟକରି ୨୦୧୨ରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂ ରାମାନୁଜନଙ୍କ ୧୨୫ତମ ଜନ୍ମଦିନକୁ ରାଷ୍ଟ୍ରୀୟ ଗଣିତ ଦିବସ ଭାବେ ଘୋଷଣା କରିଥିଲେ। ଏହି ବର୍ଷ ପ୍ରଥମେ ଦେଶରେ ଏହାକୁ ପାଳନ କରାଯାଇଥିଲା। ସେବେଠାରୁ ଦେଶର ବିଭିନ୍ନ ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟ ତଥା ଅନ୍ୟ ଶିକ୍ଷାନୁଷ୍ଠାନରେ ଏହାକୁ ପାଳନ କରାଯାଇଆସୁଅଛି। ଗଣିତ କ୍ଷେତ୍ରରେ ବିଶ୍ୱକୁ ଭାରତର ଅବଦାନ ଅତୁଳନୀୟ। ଭାରତୀୟ ଉପମହାଦେଶ ସହ ଗଣିତର ଇତିହାସ ୩ ହଜାର ବର୍ଷ ହେବ ଯୋଡିହୋଇ ରହିଛି। ଶୂନର ଧାରଣା ଭାରତରୁ ସୃଷ୍ଟି ହୋଇଛି ଓ ୟୁରୋପୀୟ ଦେଶଗୁଡିକରେ ଗଣିତର ବିକାଶ ହେବା ପୂର୍ବରୁ ଭାରତରେ ଏହାର ବିକାଶ ହୋଇଥିଲା ବୋଲି କୁହାଯାଏ। ବିଦ୍ୟାର୍ଥୀଙ୍କ ମଧ୍ୟରେ ଗଣିତର ଆଦର ବୃଦ୍ଧି କରିବା ଲାଗି ୟୁନେସ୍କୋ ବି ଭାରତ ସହ ମିଳିତ ଭାବେ ବିଶ୍ୱ ସ୍ତରରେ ଅନେକ ପଦକ୍ଷେପ ଗ୍ରହଣ କରିଛି।

# ୨୦୨୦ରେ ବାଜିପାରେ ଶାହାନାଇ

## ନତାଶାଙ୍କ ହାତ ଧରିବେ ବରୁଣ



**ମୁମ୍ବାଇ:** ବଲିଉଡ୍ ଅଭିନେତା ବରୁଣ ଧାୱନଙ୍କର ସାହାନାଇ ବାଜିବ। ୨୦୨୦ ଏପ୍ରିଲ କିମ୍ବା ମେ' ପ୍ରଥମ ସପ୍ତାହରେ ସେ ତାଙ୍କ ପ୍ରେମିକା ନତାଶା ଦଲାଲଙ୍କୁ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। ଯାହା ଶୁଣିବାକୁ ମିଳୁଛି, ଦୁଇଜଣଙ୍କ ବିବାହ ପାଇଁ ସମସ୍ତ ପ୍ରସ୍ତୁତି ଏବେଠାରୁ ଆରମ୍ଭ ହୋଇଗଲାଣି। ଏକ ସାକ୍ଷାତକାରରେ ବିବାହ ସମ୍ପର୍କରେ ବରୁଣଙ୍କୁ ପଚରାଯାଇଥିଲା କେବେ ବିବାହବନ୍ଧନରେ ବାନ୍ଧି ହେଉଛନ୍ତି। ସେ ଏବେ ନୁହେଁ ବୋଲି କହିଥିଲେ। ମାତ୍ର ସମ୍ପର୍କୀୟମାନେ କହୁଛନ୍ତି, ତାଙ୍କର ବିବାହ ଖୁବ୍‌ଶୀଘ୍ର ହେବ। ପ୍ରେମିକାଙ୍କୁ କେବେ ବିବାହ କରୁଛନ୍ତି ବୋଲି ବରୁଣଙ୍କୁ ପଚରାଗଲେ ସେ ସବୁବେଳେ କୁହନ୍ତି, ବିବାହ ସମ୍ପର୍କରେ ଭାବିବାକୁ ପଡ଼ିବ....ଏବେ ନୁହେଁ। ପ୍ରକାଶଯୋଗ୍ୟ, ବରୁଣ ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନସର ଥ୍ରୀ ଡି'ରେ ଖୁବ୍‌ଶୀଘ୍ର ନଜର ଆସିବେ। ଏଥିସହିତ ବରୁଣ ଏବଂ ସାରା ଅଲ୍ଲୀ ଖାଁ ଫିଲ୍ମ 'କୁଲି ନଂ-୧' ୨୦୨୦ ମେ'ରେ ରିଲିଜ ହେବ। ତେଣୁ ବରୁଣଙ୍କ ବିବାହ ଘୁଞ୍ଚିପାରେ ବୋଲି ଅନୁମାନ କରାଯାଉଛି।

# ପଥର ଖଣିରୁ ମିଳିଲା ସର୍ବ ପୁରାତନ ଜୀବାଶ୍ମ

ୱାଶିଂଟନ: ଆମେରିକାର ଏକ ପଥର ଖଣିରୁ ୩୮ କୋଟି ୬୦ ଲକ୍ଷ ବର୍ଷ ତଳର ପୁରାତନ ଜଙ୍ଗଲ ଜୀବାଶ୍ମ ମିଳିଛି। ଜଙ୍ଗଲରେ ଥିବା ବୃକ୍ଷଗୁଡ଼ିକ ମାଟିତଳେ ଚାପି ହୋଇ ବିଘଟିତ ହୋଇ ଜୀବାଶ୍ମରେ ପରିଣତ ହୋଇଛନ୍ତି।



ଗବେଷକ ଏହାକୁ ସର୍ବ ପୁରାତନ ଜୀବାଶ୍ମ ବୋଲି ଅନୁମାନ କରୁଛନ୍ତି। ନ୍ୟୁୟର୍କର କାହିରା ସହର ନିକଟସ୍ଥ ୨୦ରୁ ୩୦ ଲକ୍ଷ ବର୍ଷ ପୁରୁଣା ଏକ ଜଙ୍ଗଲରେ ଥିବା ପଥର ଖଣିରୁ ଏହି ଜୀବାଶ୍ମକୁ ଉଦ୍ଧାର କରାଯାଇଛି। ଜୀବାଶ୍ମ ୩୨ ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିବା ଗବେଷକ ଦାବି କରିଛନ୍ତି। ଜୀବାଶ୍ମ ନ୍ୟୁୟର୍କଠାରୁ ଆରମ୍ଭ ହୋଇ ପେନସିଲ୍‌ଭାନିଆ ପର୍ଯ୍ୟନ୍ତ ବ୍ୟାପିଥିବା ଅନୁମାନ କରାଯାଉଛି। ସେତେବେଳେ ଗଛଗୁଡ଼ିକ ୬୫ ଫୁଟରୁ ଅଧିକ ଉଚ୍ଚା ହେଉଥିବା ଗବେଷକ କହିଛନ୍ତି। ଆମେରିକାର ବିଘମଟନ୍ ବିଶ୍ୱବିଦ୍ୟାଳୟ, ନ୍ୟୁୟର୍କ ଷ୍ଟେଟ୍ ମ୍ୟୁଜିୟମ୍ ଏବଂ ବ୍ରିଟେନ୍‌ର କାର୍ଡିଫ୍ ବିଶ୍ୱବିଦ୍ୟାଳୟର ଗବେଷକ ଦଳ ଏହି ଜୀବାଶ୍ମକୁ ଅନୁଧ୍ୟାନ କରୁଛନ୍ତି।



**ମୁମ୍ବାଇ:** ବଡ଼ ପରଦାରୁ ବେଶ୍ କିଛିଦିନ ହେବ ଦୂରେଇ ରହିଥିବା ଟ୍ୱିଙ୍କଲ ଖାନ୍ନା କିନ୍ତୁ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ। ଚଳିତବର୍ଷ ତାଙ୍କ ଜନ୍ମଦିନରେ ସ୍ୱାମୀ ଅକ୍ଷୟ କୁମାର ପିଆଜର ଏକ କାନଫୁଲ ତାଙ୍କୁ ଉପହାର ଦେଇଥିଲେ ବୋଲି ଜଣାପଡିଥିଲା। ହେଲେ ଏବେ ସେ ସେହି କାନଫୁଲଟିକୁ ପିନ୍ଧି ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଥିବା ଦେଖିବାକୁ ମିଳିଛି। ଏହାସହ ସେ ଖୁସି ବ୍ୟକ୍ତକରି ଲେଖିଛନ୍ତି କି, 'ମୋତେ ଏହି ମୂଲ୍ୟବାନ କାନଫୁଲ ପିନ୍ଧିବାକୁ ଏକ ଅବସର ମିଳିଥିବାରୁ ମୁଁ ବହୁତ ଖୁସି'। ଗଜା ହେବା ପୂର୍ବରୁ ସେ ଏହାକୁ ପିନ୍ଧି ନେଇଛନ୍ତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, 'ଦ କପିଲ ଶର୍ମା ଶୋ'ରେ ଅକ୍ଷୟ ନିଜ ଫିଲ୍ମ 'ଗୁଡ୍ ନ୍ୟୁଜ'ର ପ୍ରମୋଶନ ପାଇଁ ଯାଇଥିବାବେଳେ ଟ୍ୱିଙ୍କଲଙ୍କ ଜନ୍ମଦିନରେ ଉପହାର ଦେବାକୁ ଏକ ପିଆଜ କାନଫୁଲ ନେଇ ଆସିଥିଲେ।

# ପିଆଜ କାନଫୁଲ ପିନ୍ଧିଲେ ଟ୍ୱିଙ୍କଲ

# କ୍ଲବ୍ କ୍ରିକେଟରୁ ଆଇପିଏଲ୍



ପ୍ରବୀଣ ତାମ୍ବେ

ଆଇପିଏଲ ଏଭଳି ଏକ ପ୍ଲାଟଫର୍ମ, ଯେଉଁଠାରେ ପ୍ରାୟତଃ ଅନ୍ତର୍ଜାତୀୟ ଷ୍ଟାରମାନେ ଖେଳନ୍ତି। ମାତ୍ର ଆଇପିଏଲରେ ଏମିତି ଜଣେ ଖେଳାଳି ଅଛନ୍ତି, ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ତ ପର କଥା ସେ ଘରୋଇ କ୍ରିକେଟରେ ମଧ୍ୟ ଖେଳି ନ ଥିଲେ। ଆଉ ଯେଉଁ ବୟସରେ କ୍ରିକେଟରମାନେ ଅବସର ନେଇ ଅନ୍ୟ କାର୍ଯ୍ୟରେ ମନ ଦିଅନ୍ତି, ସେ ବୟସରେ ଆଇପିଏଲରେ ସେ ପଦାର୍ପଣ କରିଥିଲେ। ସେ ହେଉଛନ୍ତି ଲେଗ୍ ସ୍ପିନର ପ୍ରବୀଣ ତାମ୍ବେ। ୨୦୧୩ରେ ୪୧ ବର୍ଷ ୨୧୨ ଦିନ ବୟସରେ ସେ ଆଇପିଏଲ ପ୍ରଥମ ମ୍ୟାଚ୍ ଖେଳିଥିଲେ। ସେହିବର୍ଷ ହିଁ ତାଙ୍କୁ ମୁମ୍ବାଇ ପାଇଁ ରଣଜୀ ଖେଳିବାକୁ ସୁଯୋଗ ମିଳିଥିଲା। ଏହାର ପରବର୍ଷ ସେ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ପାଇଁ କୋଲକୋତା ନାଇଟ ରାଇଡର୍ସ(କେକେଆର୍) ବିପକ୍ଷରେ ହ୍ୟାଟ୍ରିକ ନେଇ ଚର୍ଚ୍ଚାକୁ ଆସିଥିଲେ। ୨୦୧୪ ଆଇପିଏଲରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ସେ ସ୍ଥାନ ପାଇଥିଲେ। ଏପର୍ଯ୍ୟନ୍ତ ସେ ୩୯ ଟି୨୦ ମ୍ୟାଚ୍‌ରେ ୪୪ ଉଇକେଟ ନେଇସାରିଛନ୍ତି। ତାଙ୍କୁ ପୁଣି ଥରେ ୨୦୨୦ ଆଇପିଏଲରେ ଦେଖିବାକୁ ମିଳିବ। ୨୦ ଲକ୍ଷ ଟଙ୍କାର ବେସ ପ୍ରାଇସରେ ତାଙ୍କୁ କେକେଆର୍ କିଣିଛି। ଆଇପିଏଲର ୧୩ତମ ସଂସ୍କରଣର କୌଣସି ମ୍ୟାଚ୍‌ରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳିଲେ, ଆଇପିଏଲ ଖେଳିବାରେ ସେ ସବୁଠୁ ବରିଷ୍ଠ ଖେଳାଳି ହେବେ। ତାଙ୍କୁ ଏବେ ୪୮ ବର୍ଷ। କୌତୁହଳର କଥା ହେଉଛି, କେକେଆର୍ ଦଳର କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ (୩୮)ଙ୍କଠାରୁ ତାମ୍ବେ ୧୦ ବର୍ଷ ବଡ଼।

# କିଡ୍‌ନୀ ଷ୍ଟୋନ୍ ଦୂରକରେ ଜହ୍ନି



**ନୂଆଦିଲ୍ଲୀ:** ବ୍ୟସ୍ତବହୁଳ ଜୀବନରେ ଖାଦ୍ୟରେ ଅନିୟମିତତା ଯୋଗୁ କେତେକଙ୍କଠାରେ କିଡ୍‌ନୀ ଷ୍ଟୋନ ଦେଖାଯାଇଥାଏ। ତେବେ ଏଥିରୁ ଦୂରେଇ ରହିବାର ଉପାୟ ହାତ ପାଆନ୍ତାରେ ରହିଛି। ନିୟମିତ ଜହ୍ନି ଖାଇଲେ ଏଥିରୁ ମୁକ୍ତି ମିଳିଥାଏ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ ଓ ପ୍ରୋଟିନ୍ ରହିଥାଏ। ନିୟମିତ ଜହ୍ନି ଖାଇବା ଦ୍ୱାରା କିଡ୍‌ନୀ ସ୍ୱାଭାବିକ ଭାବେ କାର୍ଯ୍ୟ କରିବା ସହିତ ମେଦବହୁଳତାରୁ ମଧ୍ୟ ମୁକ୍ତି ମିଳିଥାଏ। ଏହା ଶରୀରରେ ଜମି ରହିଥିବା ଅଦରକାରୀ ଚର୍ବିକୁ ବାହାର କରିଦେଇଥାଏ। ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏହା ମହୌଷଧି ସଦୃଶ କାର୍ଯ୍ୟ କରିଥାଏ। ଜହ୍ନିରେ କ୍ୟାରୋଟିନ୍ ନାମକ ରାସାୟନିକ ପଦାର୍ଥ ଥାଏ, ଯାହା ଦୃଷ୍ଟିଶକ୍ତି ବୃଦ୍ଧି କରେ। ବିଭିନ୍ନ ଚର୍ମ ସଂକ୍ରମଣରୁ ଜହ୍ନି ଦୂରେଇ ରଖେ। ଏହା ଶରୀରର ରୋଗ ପ୍ରତିରୋଧ ଶକ୍ତି ମଧ୍ୟ ବଢ଼ାଇଥାଏ।

# ଝିଅ ହେବ ତ ଏମିତି

**ଗିରିଡିହ:** ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହେବା ପରେ ତାଙ୍କର ଅନ୍ତିମ ସଂସ୍କାର ଓ ସବୁ କର୍ମର ଅଧିକାର ପୁଅର ବୋଲି ହିନ୍ଦୁ ଧର୍ମରେ ରହିଥିବା ପରମ୍ପରାକୁ ପଛକୁ କରି ଦେଇଛନ୍ତି ଝାଡ଼ଖଣ୍ଡର ଗିରିଡିହର ଚାରି ଭଉଣୀ। ସେମାନେ ପିତାଙ୍କ ଶବକୁ କାନ୍ଧରେ ନେଇ ପୁଅଙ୍କ ଭଳି ସେମାନଙ୍କ କର୍ତ୍ତବ୍ୟ ନିଭାଇ ସମାଜକୁ ପ୍ରେରଣାଦାୟକ ବାର୍ତ୍ତା ଦେଇଛନ୍ତି। ମୃତ ବ୍ୟକ୍ତିଙ୍କ ନାମ ବଦ୍ରି ସାଓ୍। ଧନୱାର ବ୍ଲକ୍‌ର ଝୋରଣ୍ଡା ବସ୍‌ଷ୍ଟାଣ୍ଡ ପାଖରେ ସେ ସପରିବାର ରହୁଥିଲେ। ତାଙ୍କର ଚାରି ଝିଅ, ପୁଅ ନାହିଁ। ସବୁ ଝିଅଙ୍କର ବାହାଘର ବି ହୋଇଛି। ଦୀର୍ଘଦିନ ରୋଗରେ ପୀଡିତ ରହିବା ପରେ ୮୫ ବର୍ଷ ବୟସରେ ବଦ୍ରିଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ବଦ୍ରିଙ୍କ ଅନ୍ତିମ ସଂସ୍କାର ଲାଗି ସମସ୍ତେ ଚିନ୍ତିତ ରହିଥିବାବେଳେ ତାଙ୍କ ଚାରିଝିଅ ତାଙ୍କୁ କାନ୍ଧରେ ଶ୍ମଶାନକୁ ନେଇଥିଲେ। ସେଠାରେ ସବୁ କର୍ମ ବି ସମାପନ କରିଥିଲେ।





ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
- କନ୍‌ଫୁସିଅସ

# ଏ ସପ୍ତାହର କାର୍ଯ୍ୟକ୍ରମ

## ରବିବାର(୨୨।୧୨।୨୦୧୯)

### ଭୁବନେଶ୍ୱର

- ବିଏସ୍‌ସିଏଲ୍, ବିଡିଏ ଓ ମୋହୁଆ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ମଧୁସୂଦନ ପାର୍କ, ପୋଖରୀପୁଟ, ସକାଳ ୬ଟା ୩୦।
- ସ୍ନେହୀ ସମାଜର ୫୧ତମ ସାଧାରଣ ଅଧିବେଶନ, ଭଞ୍ଜକଳା ମଣ୍ଡପ, ସକାଳ ୯ଟା।
- ବାଣୀ ବିହାରର ଷ୍ଟାଟିଷ୍ଟିକ୍ସ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟନ, ଅଡିଟୋରିୟମ, ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ସଭା, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା ୩୦।
- ସଞ୍ଚାରର ସପ୍ତମ ସ୍ୱନକ୍ଷତ୍ର ଉତ୍ସବ, ହୋଟେଲ କେଶରୀ, ମାଷ୍ଟର କ୍ୟାଣ୍ଟିନ, ପୂର୍ବାହ୍ନ ୧୦ଟା ୩୦।
- ନିମାପଡ଼ା ସାହିତ୍ୟ ସଂସଦର ୬ଷ୍ଠ ବାର୍ଷିକ ଜାତୀୟ ସାହିତ୍ୟୋତ୍ସବ ଅବସରରେ ସାରସ୍ୱତ ସମ୍ବର୍ଦ୍ଧନା, ଜାତୀୟ ଆଲୋଚନାଚକ୍ର ଓ ରାଜ୍ୟସ୍ତରୀୟ କବିତା ପାଠ, ପାନ୍ଥନିବାସ, ଲୁଇସ୍ ରୋଡ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସାମ୍ବାଦିକ ୟୁନିୟନ ଓ ଜାତୀୟ ସାମ୍ବାଦିକ ୟୁନିୟନର ୪୮ତମ ପ୍ରତିଷ୍ଠା ଦିବସ, ଉତ୍କଳ ସମ୍ମିଳନୀ କକ୍ଷ, ୟୁନିଟ-୨, ପୂର୍ବାହ୍ନ ୧୧ଟା।
- ଉତ୍କଳ ବିକାଶ ପରିଷଦ ପକ୍ଷରୁ ଆଲୋଚନାଚକ୍ର, କୃଷକ ନିବାସ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- କ୍ରାନ୍ତିବୀର ଫାଉଣ୍ଡେସନ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୧୫।
- ତ୍ରିଦିବସୀୟ ଦିବ୍ୟଜୀବନ ସଂଘ ପ୍ରଶିକ୍ଷଣ ସାଧନା ଶିବିର, ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ଅପରାହ୍ନ ୨ଟା ୩୦।
- ଏରୋଡ୍ରମ ଏରିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ, ନିୟୁ ଫରେଷ୍ଟ ପାର୍କ ଖେଳପଡ଼ିଆ, ଅପରାହ୍ନ ୪ଟା।
- ଭିଏସ୍‌ଏସ୍ ନଗରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ, କ୍ୟାମ୍ପସ ପରିସର, ଅପରାହ୍ନ ୪ଟା।
- ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, କଳିଙ୍ଗ ବିହାର, ଘାଟିକିଆ, ଅପରାହ୍ନ ୪ଟା ୩୦।
- ଟାଇମ୍ ପାସ୍ ପୁସ୍ତକପର୍ବରେ ଗଳ୍ପପୁସ୍ତକ ଲୋକାର୍ପଣ ଉତ୍ସବ, ହୋଟେଲ କେଶରୀ, ଅପରାହ୍ନ ୫ଟା।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ଓ ରବିଶା ଆର୍ଟ ଫାଉଣ୍ଡେଶନ ପକ୍ଷରୁ 'ସ୍ପେସ୍ ଆଣ୍ଡ ସ୍ପେସ୍', ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର କଳାକେନ୍ଦ୍ରର ସାଂସ୍କୃତିକ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ, କଳାକେନ୍ଦ୍ରର ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ଓଡ଼ିଆ କଣ୍ଠଶିଳ୍ପୀ ସୁନୀଲ ପରିଡ଼ାଙ୍କ ସଙ୍ଗୀତ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଝୁମୁକା ପକ୍ଷରୁ ୩୩ତମ ସାରସ୍ୱତ ସମାରୋହ, ଇଣ୍ଡିଆନ ରେଡକ୍ରସ ସୋସାଇଟି, ସଚିବାଳୟ ମାର୍ଗ, ସନ୍ଧ୍ୟା ୬ଟା।

### କଟକ

- ନୂଆବଜାରସ୍ଥିତ ପୂର୍ବାଞ୍ଚଳ କଲ୍ୟାଣ ସମିତିର ସପ୍ତଦଶ ବାର୍ଷିକ ଉତ୍ସବ, ଜାତୀୟ ଧାନ ଗବେଷଣା କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ମାଧ୍ୟମିକ ଶିକ୍ଷା ପରିଷଦର ୬୪ତମ ପ୍ରତିଷ୍ଠା ଦିବସ ଉତ୍ସବ, ପରିଷଦର ମୁଖ୍ୟ କାର୍ଯ୍ୟାଳୟ ପରିସର, ବଜ୍ରକବାଟୀ ରୋଡ, ପୂର୍ବାହ୍ନ ୧୧ଟା।

### କଣ୍ଟାପଡ଼ା

- ବ୍ୟବସାୟ ଓ ଶିଳ୍ପ ଉଦ୍ୟୋଗ ସଫଳତା ଶୀଷର୍କ କର୍ମଶାଳା, ବିଶ୍ୱଶାନ୍ତି ସରୋବର, ଅନନ୍ତପୁର, ଫୁଲନଖରା, ପୂର୍ବାହ୍ନ ୧୦ଟା।

### ଖୋର୍ଦ୍ଧା

- ଖୋର୍ଦ୍ଧା ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ଖୋର୍ଦ୍ଧା ଷ୍ଟାଡିୟମ, ସନ୍ଧ୍ୟା ୬ଟା।

### ପୁରୀ

- ମଇରନ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ, ଘନୀପୁର, ପୁରୀ, ସକାଳ ୮ଟା।
- ଅଲ୍ ଓଡ଼ିଶା ଟାୟାର ଡିଲର୍ସ ଆସୋସିଏଶନ ପକ୍ଷରୁ ସମ୍ମିଳନୀ, ଶ୍ରୀ କ୍ରିଷ୍ଣା ରିସର୍ଟ, ଅପରାହ୍ନ ୧ଟା ୩୦।

### ବାଲିଅନ୍ତା

- ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ଅଲାରପୁର(ରଙ୍ଗବଜାର)ସ୍ଥିତ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିର, ସକାଳ ୮ଟା ୩୦।
- ଜାତୀୟ ସେବା ଶିବିର(ବାଳିକା ବିଭାଗ), ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ପୂବାହ୍ନ ୯ଟା।
- ଜୟଦେବ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ବେଣ୍ଟପୁର, ପୂର୍ବାହ୍ନ ୧୧ଟା।

## ସୋମବାର(୨୩।୧୨।୨୦୧୯)

### ଭୁବନେଶ୍ୱର

- ତ୍ରିଦିବସୀୟ ଦିବ୍ୟଜୀବନ ସଂଘ ପ୍ରଶିକ୍ଷଣ ସାଧନା ଶିବିର, ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ସକାଳ ୬ଟା।
- ଆମେରିକାନ ଫେଡେରେଶନ ଅଫ ମୁସଲିମ୍ ଅଫ୍ ଇଣ୍ଡିଆନ ଓରିଜିନ(ଏଏଫ୍‌ଏମ୍‌ଆଇ) ଆୱାର୍ଡ ଉତ୍ସବ, ରେଳ ଅଡିଟୋରିମ, ମଞ୍ଚେଶ୍ୱର, ସକାଳ ୯ଟା ୩୦।
- ବାଣୀବିହାରର ଷ୍ଟାଟିଷ୍ଟିକ୍ସ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟନ, ଅଡିଟୋରିୟମ, ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ, ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ଶିଶୁ ମଙ୍ଗଳ ପରିଷଦ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ହୋଟେଲ କଳିଙ୍ଗ ଅଶୋକ, ପୂର୍ବାହ୍ନ ୧୧ଟା।
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ୟୁନିଟ-୮ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍କୁଲ ପରିସର, ଅପରାହ୍ନ ୩ଟା।
- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ବଡ଼ଗଡ଼, ଅପରାହ୍ନ ୪ଟା।
- କଳିଙ୍ଗ ଏଜୁକେଶନାଲ ଆଣ୍ଡ ସୋସିଆଲ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସିୱାଇଏସ୍‌ଡି ସଭାକକ୍ଷ, ଫର୍ଚ୍ଚୁନ ଟାୱାର ସମ୍ମୁଖ, ଅପରାହ୍ନ ୪ଟା ୩୦।
- ୟୁନିଟ-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ 'କ୍ଲିମ ଓଚେ' କର୍ମଶାଳା, ସ୍କୁଲ ପରିସର, ଅପରାହ୍ନ ୪ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ଓ ରବିଶା ଆର୍ଟ ଫାଉଣ୍ଡେଶନ ପକ୍ଷରୁ 'ସ୍ପେସ୍ ଆଣ୍ଡ ସ୍ପେସ୍', ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର କଳାକେନ୍ଦ୍ରର ସାଂସ୍କୃତିକ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ, କଳାକେନ୍ଦ୍ରର ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ଦି ମଦର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ବମିଖାଲ କେନାଲ ରୋଡ, ସନ୍ଧ୍ୟା ୬ଟା ୩୦।
- ତ୍ରୟୋଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ଚଉଷଠି ଯୋଗିନୀ ମନ୍ଦିର ପରିସର, ହୀରାପୁର, ସନ୍ଧ୍ୟା ୬ଟା ୩୦।

### ଖୋର୍ଦ୍ଧା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ବାଲିପାଟଣା ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

### ବାଲିଅନ୍ତା

- ବିଜ୍ଞାନମେଳା ଓ ମୀନାବଜାର, ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର, ପୂର୍ବାହ୍ନ ୧୧ଟା।
- ୫ମ ବାର୍ଷିକ ସାଇ ନାମ ସଂକୀର୍ତ୍ତନର କଳସଯାତ୍ରା, ଶ୍ରୀ ସାଇ କ୍ଷେତ୍ରପାଳ ସେବାଶ୍ରମ, ଇନ୍ଦ୍ରପାଳ, ଅପରାହ୍ନ ୫ଟା।

## ମଙ୍ଗଳବାର(୨୪।୧୨।୨୦୧୯)

### ଭୁବନେଶ୍ୱର

- ତ୍ରିଦିବସୀୟ ଦିବ୍ୟଜୀବନ ସଂଘ ପ୍ରଶିକ୍ଷଣ ସାଧନା ଶିବିର, ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ସକାଳ ୬ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ଲଳିତ କଳା ଏକାଡେମୀ ପକ୍ଷରୁ ବର୍ଣ୍ଣକ୍ରୀଡ଼ା, ଧଉଳି କଲେଜ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସ୍, ଧଉଳି, ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ବଡ଼ଗଡ଼, ଅପରାହ୍ନ ୪ଟା।
- ୟୁନିଟ-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ 'କ୍ଲିମ ଓଚେ' କର୍ମଶାଳା, ସ୍କୁଲ ପରିସର, ଅପରାହ୍ନ ୪ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ଓ ରବିଶା ଆର୍ଟ ଫାଉଣ୍ଡେଶନ ପକ୍ଷରୁ 'ସ୍ପେସ୍ ଆଣ୍ଡ ସ୍ପେସ୍', ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ତ୍ରୟୋଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ଚଉଷଠି ଯୋଗିନୀ ମନ୍ଦିର ପରିସର, ହୀରାପୁର, ସନ୍ଧ୍ୟା ୬ଟା ୩୦।

### ବାଲିଅନ୍ତା

- ଅଷ୍ଟପ୍ରହରୀ ସାଇ ନାମ ସଂକୀର୍ତ୍ତନ, ଇନ୍ଦ୍ରପାଳ, ଶ୍ରୀ ସାଇକ୍ଷେତ୍ରପାଳ ସେବାଶ୍ରମ, ପୂର୍ବାହ୍ନ ୯ଟା।

## ବୁଧବାର(୨୫।୧୨।୨୦୧୯)

### ଭୁବନେଶ୍ୱର

- ବିଶ୍ୱ ଓଡ଼ିଶୀ ଉତ୍ସବ, ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ଓ ରବିଶା ଆର୍ଟ ଫାଉଣ୍ଡେଶନ ପକ୍ଷରୁ 'ସ୍ପେସ୍ ଆଣ୍ଡ ସ୍ପେସ୍', ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ତ୍ରୟୋଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ଚଉଷଠି ଯୋଗିନୀ ମନ୍ଦିର ପରିସର, ହୀରାପୁର, ସନ୍ଧ୍ୟା ୬ଟା ୩୦।

### ବାଲିଅନ୍ତା

- ନଗରଭ୍ରମଣ ଓ ସାଂସ୍କୃତି କାର୍ଯ୍ୟକ୍ରମ, ଇନ୍ଦ୍ରପାଳ ଶ୍ରୀ ସାଇ କ୍ଷେତ୍ରପାଳ ସେବାଶ୍ରମ, ପୂବାହ୍ନ ୧୧ଟା।

## ଗୁରୁବାର(୨୬।୧୨।୨୦୧୯)

### ଭୁବନେଶ୍ୱର

- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ଲିଙ୍ଗିପୁରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ, ନୂଆଗାଁ ମ୍ୟୁନିସିପାଲିଟି ରୋଡ, ଅପରାହ୍ନ ୪ଟା।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ଓ ରବିଶା ଆର୍ଟ ଫାଉଣ୍ଡେଶନ ପକ୍ଷରୁ 'ସ୍ପେସ୍ ଆଣ୍ଡ ସ୍ପେସ୍', ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।

### ବାଲିଅନ୍ତା

- ଜୀବନବିନ୍ଦୁ କାର୍ଯ୍ୟକ୍ରମ, ଶ୍ରୀ ବାଣେଶ୍ୱର ଡିଗ୍ରୀ କଲେଜ ପରିସର, ପୂର୍ବାହ୍ନ ୧୦ଟା।

## ଶୁକ୍ରବାର(୨୭।୧୨।୨୦୧୯)

### ଭୁବନେଶ୍ୱର

- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।।

### ବାଲିଅନ୍ତା

- ରାଜ୍ୟସ୍ତରୀୟ ଶିକ୍ଷକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ, ନହରକଣ୍ଟା, ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- ଜାତୀୟ ସେବା ଶିବିର(ବାଳିକା ବିଭାଗ)ର ଉଦ୍‌ଯାପନୀ ଉତ୍ସବ, ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

## ଶନିବାର(୨୮।୧୨।୨୦୧୯)

### ଭୁବନେଶ୍ୱର

- ମା' ଭଗବତୀ ବିକାଶ ପରିଷଦର ତ୍ରୟୋଦଶତମ ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ମ୍ୟୁଜିକ ଇନ୍ ଦି ପାର୍କ, ଅପରାହ୍ନ ୫ଟା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ମଧୁସ୍ମିତା



ପ୍ରସନ୍ନ



ପଦ୍ମଜା



ସୂର୍ଯ୍ୟକାନ୍ତ





ସୁନିଲ



ପ୍ରଦୀପ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ଓୟୁଏଟି ସମାବର୍ତ୍ତନ ଉତ୍ସବ

# ୧୧୪ଜଣଙ୍କୁ ସ୍ୱର୍ଣ୍ଣ, ଅଂଶୁମାନ୍‌ଙ୍କୁ ଡିଏସ୍‌ସି ଉପାଧି

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**





ଓୟୁଏଟି ସମାବର୍ତ୍ତନ ଉତ୍ସବରେ ଇଞ୍ଜିନିୟର ଅଂଶୁମାନ ଦାସଙ୍କୁ ସମ୍ମାନସୂଚକ ଡିଏସ୍‌ସି ଉପାଧି ପ୍ରଦାନ କରାଯାଉଛି।

ଉତ୍ପାଦନ ପରେ ଖାଦ୍ୟଶସ୍ୟ ନଷ୍ଟ ହେବା କୃଷି କ୍ଷେତ୍ରରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ଭାରତର ବିଭିନ୍ନ କ୍ଷେତ୍ରରେ ପ୍ରାୟ ୮୨ କୋଟି ଟନ୍ ଖାଦ୍ୟ ଉତ୍ପାଦନ ହେଉଛି। ସେଥିମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ନଷ୍ଟ ହୋଇଯାଉଛି। ତେଣୁ ଏହାର ମୁକାବିଲା ନିମନ୍ତେ ଖାଦ୍ୟଦ୍ରବ୍ୟ ସଂରକ୍ଷଣ, ପ୍ରକ୍ରିୟାକରଣ ଏବଂ ଖାଦ୍ୟକୁ ମୂଲ୍ୟଯୁକ୍ତ କରିବାକୁ ପଡ଼ିବ ବୋଲି ଇମ୍ଫାଲସ୍ଥିତ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଏସ୍. ଆୟାପ୍ପାନ କହିଛନ୍ତି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ୩୮ତମ ସମାବର୍ତ୍ତନ ଉତ୍ସବରେ ପ୍ରଫେସର ଆୟାପ୍ପାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି କହିଲେ, କୃଷିକ୍ଷେତ୍ର ସହିତ ପ୍ରାଣୀସମ୍ପଦ ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ବର୍ତ୍ତମାନ ପରିବର୍ତ୍ତିତ ପାଣିପାଗକୁ ଦେଖି ଚାଷ କରିବାକୁ ପଡ଼ିବ ବୋଲି କହିଥିଲେ। ଶିକ୍ଷା ସମାପ୍ତି ପରେ ଗ୍ରାମାଞ୍ଚଳକୁ ଯାଇ କୃଷକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବା ନିମନ୍ତେ ଆୟାପ୍ପାନ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଆଧ୍ୟାତ୍ମିକ ଭାବର ବିକାଶ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ତ୍ୟାଗ ଭାବ ଓ ଅନ୍ୟର ଉପକାର କରିବା ଦ୍ୱାରା ଜୀବନ ସରସ ସୁନ୍ଦର ହୋଇପାରିବ ବୋଲି ରାଜ୍ୟପାଳ କହିଛନ୍ତି।

**୭୪୦ ଜଣଙ୍କୁ ସ୍ନାତକ, ୪୮୨ ସ୍ନାତକୋତ୍ତର ଓ ୩୦ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ**



ବିଶ୍ୱବିଦ୍ୟାଳୟ କୁଳପତି ଡ. ପଵନ କୁମାର ଅଗ୍ରୱାଲ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଗତବର୍ଷ ବିଶ୍ୱବିଦ୍ୟାଳୟ ତରଫରୁ ସଙ୍କର କିସମ ମକା କଳିଙ୍ଗରାଜ ଏବଂ କପାର ଉନ୍ନତ କିସମ ବିଏସ୍ ୨୭୯ ବିକଶିତ ହେବା ସହିତ ଅନେକ ଜ୍ଞାନକୌଶଳ ଉଦ୍ଭାବନ କରାଯାଇଥିବା ସେ ପ୍ରକାଶ କରିଥିଲେ। ଏହି ଅବସରରେ ନାଲ୍‌କୋର ପୂର୍ବତନ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଇଞ୍ଜିନିୟର ଅଂଶୁମାନ ଦାସଙ୍କୁ ସମ୍ମାନସୂଚକ ଡିଏସ୍‌ସି ଉପାଧି ଓ ୧୧୪ ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏହାଛଡ଼ା ୭୪୦ ଜଣଙ୍କୁ ସ୍ନାତକ, ୪୮୨ ଜଣଙ୍କୁ ସ୍ନାତକୋତ୍ତର ଏବଂ ୩୦ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଛି।

# ଐତିହ୍ୟ ପ୍ରେମୀଙ୍କୁ ଗୁମ୍ଫା କାହାଣୀ

## ଖଣ୍ଡଗିରି-ଉଦୟଗିରିରେ ୯୭ତମ ଐତିହ୍ୟ ପଦଯାତ୍ରା

**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)**

ଖଣ୍ଡଗିରି-ଉଦୟଗିରି ପାହାଡ଼ରେ ୯୭ତମ ଐତିହ୍ୟ ପଦଯାତ୍ରା 'ମଙ୍କ୍, କେଭ୍ ଆଣ୍ଡ୍ କିଙ୍ଗସ୍' ଅନୁଷ୍ଠିତ ହୋଇଯାଇଛି। ପରିବାର, ବନ୍ଧୁ, ଆଇଟି ବିଶେଷଜ୍ଞ ଓ ବିଦେଶରୁ ଆସିଥିବା ସ୍ଥପତିଙ୍କୁ ନେଇ ମୋଟ ୨୦ ଜଣ ପର୍ଯ୍ୟଟକ ଏଥିରେ ସାମିଲ ହୋଇଥିଲେ। ଛୋଟ ପିଲା ଓ ଐତିହ୍ୟ ପ୍ରେମୀଙ୍କୁ ପଦଯାତ୍ରାରେ ଦେଖିବାକୁ ମିଳିଥିଲା, ଯେଉଁମାନେ ଗୁମ୍ଫାଗୁଡ଼ିକର କାହାଣୀ ଶୁଣିବାକୁ ଇଚ୍ଛା କରିବା ସହ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ପାହାଡ଼ରେ ଲୁଚି ରହିଥିବା କଳିଙ୍ଗର ଇତିହାସ ସହିତ ମହାବୀର ଜୈନଙ୍କ ବିଷୟରେ ସେମାନେ ଜାଣିବାକୁ ପାଇଥିଲେ। ପଦଯାତ୍ରା ସହ ଐତିହ୍ୟର କାହାଣୀ ଓଡ଼ିଶାର ପୁରୁଣା ଇତିହାସକୁ ବୁଝିବାରେ ବହୁତ୍ ସାହାଯ୍ୟ କରିବ। ଏପରି ସ୍ଥାନଗୁଡ଼ିକୁ ସଂରକ୍ଷିତ କରାଯାଇ ରଖାଯାଇଛି, ଯାହାକି ଏକ ବହୁତ ଭଲ ବିଷୟ। ଏପରି ଐତିହାସିକ ସ୍ଥାନଗୁଡ଼ିକର ଆହୁରି ଅଧିକ ରକ୍ଷଣାବେକ୍ଷଣ ଆବଶ୍ୟକ ବୋଲି ପର୍ଯ୍ୟଟକମାନେ ପ୍ରକାଶ କରିଥିଲେ।

# ଏମ୍‌ସିଏଲ୍ ଖଣିରୁ କୋଇଲା ଚୋରା ଚାଲାଣ ଧରିଲା ଏସ୍‌ଟିଏଫ୍

## ଜଣେ ଗିରଫ, ୧୧ କୋଇଲା ବୋଝେଇ ଟ୍ରକ୍ ଜବତ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ଅନୁଗୋଳ ଓ ତାଳଚେରରେ ଏମ୍‌ସିଏଲ୍‌ର ଏକାଧିକ ଖଣିରୁ ବେଆଇନ ଭାବେ କୋଇଲା ଚାଲାଣ କରାଯାଉଛି। ମାଫିଆମାନେ ରାତିରେ ବେଶ୍ ସକ୍ରିୟ ରହିବା ସହ ଚୋରାରେ କୋଇଲା ଚାଲାଣ କରି କୋଟି କୋଟି ଟଙ୍କା ମୁନାଫା ପାଉଛନ୍ତି। ଏ ସମ୍ପର୍କରେ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଶୁକ୍ରବାର ରାତିରେ ଅନୁଗୋଳ ଓ ତାଳଚେରରେ ଥିବା ବିଭିନ୍ନ ଖଣିରେ ଚଢାଉକରି ଚୋରା ଚାଲାଣ ଧରିଛି। ଚଢାଉ ସମୟରେ ଜଣେ ଖଣି ମାଫିଆ ଧରାପଡିଥିବାବେଳେ ବହୁ ଦଲାଲ ଓ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ୧୧ କୋଇଲା ବୋଝେଇ ଗାଡି ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କଟକ ଖୁଣ୍ଟୁଣୀର ଚିତ୍ତରଞ୍ଜନ ବେହେରା(୨୮)। ଏସ୍‌ଟିଏଫ୍ କେସ୍ ନଂ-୧୫/୧୯, ଦଫା ୩୭୯, ୪୧୩, ୧୨୦(ବି), ୪୨୦, ୪୬୭, ୪୬୮, ୪୭୧, ୪୭୨ ଓ ୩୪ ଲଗାଇ ଚିତ୍ତରଞ୍ଜନଙ୍କୁ ତାଳଚେର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି। ଏସ୍‌ଟିଏଫ୍‌କୁ ମିଳିଥିବା ସୂଚନାନୁସାରେ, ଏହି ବେଆଇନ କୋଇଲା ଚାଲାଣ ପଛରେ ଏକାଧିକ ବଡ଼ ର୍‍ୟାକେଟ କାମ କରୁଛି। ସମ୍ପୃକ୍ତ ମାଫିଆମାନେ ବିଳମ୍ବିତ ରାତିରେ ବିଭିନ୍ନ ଖଣିରୁ ବେଆଇନ ଭାବେ କୋଇଲା ଉତ୍ତୋଳନ କରି ଏଭଳି ଚୋରା ଚାଲାଣ କରୁଛନ୍ତି। କୋଇଲା ଚାଲାଣ ପଛରେ ସ୍ଥାନୀୟ କେତେକ ମୁଷ୍ଟିମେୟ ଲୋକଙ୍କ ହାତ ଥିବା ଜଣାପଡ଼ିଛି। ଏପରି ଘଟଣାରେ ପୂର୍ବରୁ ଏସ୍‌ଟିଏଫ୍ ୧୩ ଜଣଙ୍କୁ ଗିରଫ କରିଥିଲା। ଆଗାମୀ ଦିନରେ ଚଢାଉ ଜୋର୍‌ଦାର କରାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।





ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ରବିବାର ହେବାକୁ ଥିବା ତୃତୀୟ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ ପାଇଁ ଶନିବାର କଟକ ବାରବାଟୀ ଷ୍ଟାଡିୟମ ଗ୍ୟାଲେରୀରେ ବାଲୁକାଶିଳ୍ପୀ ସିଦ୍ଧାର୍ଥ ବେହେରାଙ୍କ ପ୍ରସ୍ତୁତ ବାଲୁକାକଳା।



ସମ୍ମାନ ପାଇବାକୁ ନୁହେଁ, ଆମେ ସମ୍ମାନ ପାଇବାକୁ ହକ୍‌ଦାର,
ଏହି ଚେତନା ଆମକୁ ଗୌରବର ଅଧିକାରୀ କରାଏ।
- ଆରିଷ୍ଟଟଲ





ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଉଥିବା ଗଛ ଓ ଭକ୍ତଙ୍କ ଲାଗି ପ୍ରସ୍ତୁତ ବ୍ୟାରିକେଡ୍।

## ସଂକ୍ଷେପରେ

### ବଡ଼ଦିନ, ନୂଆବର୍ଷ ପାଇଁ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ଶୋ'

**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ):** ଆସନ୍ତା ବଡ଼ଦିନ ଓ ନୂଆବର୍ଷର ଭିଡ଼କୁ ଲକ୍ଷ୍ୟ ରଖି ଡିସେମ୍ବର ୨୧ରୁ ଜାନୁୟାରୀ ୧ ଯାଏ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ସ୍ୱତନ୍ତ୍ର ଶୋ'ର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ରୁ ରାତି ୭ଟା ଯାଏ ପ୍ରତି ଅଧ ଘଣ୍ଟାର ବ୍ୟବଧାନରେ ଗୋଟିଏ ଲେଖାଏ ଶୋ' ଚାଲିବ। ଶୋ'ଗୁଡ଼ିକ କ୍ରମାନ୍ୱୟରେ ଓଡ଼ିଆ ଓ ହିନ୍ଦୀ ଭାଷାରେ ପ୍ରଦର୍ଶନ କରାଯିବ। ଦଳଗତ ଭାବେ ସ୍କୁଲ ଓ କଲେଜରୁ ଆସୁଥିବା ଛାତ୍ରୀଛାତ୍ର ପୂର୍ବରୁ ପ୍ଲାନେଟାରିୟମ୍ ସହ ଯୋଗାଯୋଗ କରିବା ପାଇଁ ନିର୍ଦ୍ଦେଶକ ରସିଦ୍ ଖାନ୍ ଅନୁରୋଧ କରିଛନ୍ତି। ପ୍ଲାନେଟାରିୟମ୍ କେବଳ ସୋମବାର ବନ୍ଦ ରହିବ ବୋଲି ସେ କହିଛନ୍ତି।

### ଗୁଣୁପୁର-ରାଉରକେଲା ଏକ୍ସପ୍ରେସ୍ ଦୈନିକ ଚାଲିବ
### ଗୁରୁବାରଠୁ ଓଡ଼ିଆରେ ରେଳ ଟିକଟ ଶୁଭାରମ୍ଭ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ):** ଆସନ୍ତା ଗୁରୁବାରଠାରୁ ଗୁଣୁପୁର-ରାଉରକେଲା(୧୮୧୧୭-୧୮୧୧୮) ଏକ୍ସପ୍ରେସ ଏବେ ଦୈନିକ ଚଳାଚଳ କରିବ। ଏହା ପୂର୍ବରୁ ସପ୍ତାହକୁ ୬ ଦିନ ଚାଲୁଥିଲା। ସେହିପରି ଏହିଦିନ ଓଡ଼ିଆରେ ଅଣସଂରକ୍ଷିତ ଟିକଟ ଶୁଭାରମ୍ଭ ହେବ। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୪ରୁ ଓଡ଼ିଆରେ ଟିକେଟ ପ୍ରଚଳନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ମୃତ୍ୟୁ ଘଟିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା।

### ଗ୍ୱାଲିଅରରେ ଯବାନଙ୍କ ମୃତ୍ୟୁ

**ବେଗୁନିଆ/ବୋଲଗଡ,୨୧।୧୨ (ଡି.ଏନ.ଏ.):** ଭାରତୀୟ ସେନାରେ କାର୍ଯ୍ୟରତ ଜଣେ ଯବାନଙ୍କ ଗ୍ୱାଲିଅରରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ନାରାୟଣ ସାହୁ(୩୩)। ଘର ବେଗୁନିଆ ଥାନା ଅନ୍ତର୍ଗତ ବୋଲଗଡ ବ୍ଲକ ଅଧୀନ ଦେଉଳି(ଦୁର୍ଗାପ୍ରସାଦ) ଗାଁରେ। ସେ ସେଠାରେ ସେନାରେ ଲାନ୍ସ ନାଏକ ଭାବେ କାର୍ଯ୍ୟ କରୁଥିଲେ। ନାରାୟଣଙ୍କ ଶରୀର ଅସୁସ୍ଥ ଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଶନିବାର ପୂର୍ବାହ୍ନରେ ବେଗୁନିଆ ଥାନାକୁ ଖବର ଆସିଥିଲା। ନାରାୟଣଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ପୋଲିସ ପକ୍ଷରୁ ଅବଗତ କରାଯାଇଥିଲା। ତାଙ୍କ ମୃତଦେହ ବ୍ୟବଚ୍ଛେଦ ଲାଗି ପରିବାର ଲୋକ ଜଣେ ଆସିବା ଦରକାର ବୋଲି ଆର୍ମି ଅଫିସରଙ୍କୁ ଡାକ୍ତରଖାନା କର୍ତ୍ତୃପକ୍ଷ ଜଣାଇଥିଲେ। ଏ ସମ୍ପର୍କରେ ବେଗୁନିଆ ଥାନା ଏସ୍‌ଆଇ ବିଜୟ କୁମାର ମଲିକ କୁହନ୍ତି, ନାରାୟଣଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଶରୀର ଅସୁସ୍ଥ ଥାଇ ନାରାୟଣ ମୃତ୍ୟୁବରଣ କରିଛନ୍ତି ବୋଲି ଆମ ପାଖକୁ ଖବର ଆସିଛି। ନାରାୟଣଙ୍କ ବାପାଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ତାଙ୍କ ବାପା ପଞ୍ଚୁ ସାହୁ ପୁଅର ମୃତଦେହ ଆଣିବା ଲାଗି ଗ୍ୱାଲିଅର ଯାଇଥିବା ଥାନା ସୂତ୍ରରୁ ପ୍ରକାଶ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠାବ, ଆଇଟିଡିଏ ଯନ୍ତ୍ରୀ ଗିରଫ

**କଟକ ଅଫିସ, ୨୧।୧୨:** ମୟୂରଭଞ୍ଜ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ଯନ୍ତ୍ରୀ ଦୁର୍ଗାମାଧବ ମିଶ୍ରଙ୍କୁ ଶନିବାର ଭିଜିଲାନ୍ସ ଗିରଫ କରିଛି। ସେ ବାରିପଦାଠାରେ ଥିବା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ (ପିଏ)ଙ୍କ ଅଫିସରେ କାର୍ଯ୍ୟରତ ଥିଲେ। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ନେଇ ଅଭିଯୋଗ ହୋଇଥିବାବେଳେ ଗୁରୁବାର ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ଅଧିକାରୀମାନେ ମିଶ୍ରଙ୍କ ଘର, ଅଫିସ ସମେତ ମୋଟ ୫ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରିଥିଲେ । ଏହି ସ୍ଥାନଗୁଡ଼ିକ ଯାଞ୍ଚ କରାଯିବା ପରେ ମୋଟ ୯୨ ଲକ୍ଷ ୭୯ହଜାର ୯୧୮ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ଶନିବାର ତାଙ୍କୁ ଅଦାଲତରେ ହାଜର କରାଯାଇଥିଲା। ତେବେ ଅଦାଲତ ତାଙ୍କୁ ଅଧିକ ପଚରାଉଚରା ପାଇଁ ଆସନ୍ତା ଜାନୁଆରୀ ୩ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**କଟକରେ କ୍ରିକେଟ୍ କ୍ରେଜ୍**

# ସୀମା ଟପିଲା ଟିକେଟ କଳାବଜାର



କଟକ ଅନ୍ତର୍ଜାତୀୟ ମ୍ୟାଚ ଦେଖିବା ପାଇଁ ବହୁତ ଇଚ୍ଛା। ଟିକେଟ ବିକ୍ରି ହେବାର ପୂର୍ବ ରାତିରୁ ଧାଡିରେ ଛିଡା ହୋଇଥିଲି। ହେଲେ ଟିକେଟ ମିଳିଲାନି। ଜଣେ ବ୍ୟକ୍ତି ୭୦୮ ଟଙ୍କା ମୂଲ୍ୟର ଟିକଟକୁ ୪ହଜାର ଟଙ୍କାରେ ବିକ୍ରି କରିବା ପାଇଁ କହିଥିଲେ। ଏତେ ଟଙ୍କା ଦେଇ ଟିକଟ କିଣିବା ମୋ ପକ୍ଷରେ ସମ୍ଭବ ନୁହେଁ। ତେଣୁ ଏଥର ଷ୍ଟାଡିୟମରେ ମ୍ୟାଚ ଦେଖିବାରୁ ବଞ୍ଚିତ ହେବା ଶୁଣି ଦୁଃଖ ଲାଗୁଛି।
- **ଚନ୍ଦ୍ରକାନ୍ତ ଦାସ, କ୍ରିକେଟ ପ୍ରେମୀ**



ସବୁଥର ଖେଳ ଦେଖେ। ଏଥର ମଧ ଟିକେଟ କିଣିବାକୁ ଯାଇଥିଲି। ହେଲେ କାଉଣ୍ଟରରୁ ଟିକେଟ ନ ପାଇବାରୁ ନିରାଶ ହୋଇ ଫେରିବାକୁ ପଡିଥିଲା। ପରେ ଜଣଙ୍କଠାରୁ ବାଧ ହୋଇ ୪ଶହ ଟଙ୍କାର ଟିକେଟକୁ ୨୪ଶହ ଟଙ୍କାରେ କିଣିଛି।
- **ହୃଷୀକେଶ ଦାସ, କ୍ରିକେଟ ପ୍ରେମୀ**

**କଟକ ଅଫିସ, ୨୧।୧୨**

କଟକ ବାରବାଟୀ ଷ୍ଟାଡ଼ିୟମରେ ରବିବାର ଅନୁଷ୍ଠିତ ହେବ ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନ୍ତିମ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍। ଏ ନେଇ ସହରରେ କ୍ରିକେଟ କ୍ରେଜ୍ ଦେଖିବାକୁ ମିଳିଛି। ଶନିବାର ଉଭୟ ଦଳ ବାରବାଟୀ ଷ୍ଟାଡ଼ିୟମରେ ଅଭ୍ୟାସ କରିଥିଲେ। ଏହାକୁ ଦେଖିବା ପାଇଁ ଷ୍ଟାଡିୟମରେ ଦର୍ଶକଙ୍କ ଭିଡ଼ ଜମିଥିଲା। ମୁଖ୍ୟତଃ ଇ-ଟିକେଟ୍ ଓ କାଉଣ୍ଟରରୁ ଟିକେଟ କ୍ରୟ କରିବାରେ ଅସମର୍ଥ ହୋଇଥିବା ବହୁ ବ୍ୟକ୍ତି ଷ୍ଟାଡ଼ିୟମ ଚାରିପଟେ ଘୂରି ବୁଲୁଥିବା ଦେଖିବାକୁ ମିଳିଥିଲା। ସେମାନେ ଯେନତେନ ପ୍ରକାରେ ଟିକେଟ କିଣିବାକୁ ପ୍ରୟାସ ଚଳାଇଥିଲେ। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟକ୍ତି ଟିକେଟର ନିର୍ଦ୍ଧାରିତ ମୂଲ୍ୟଠାରୁ ୪/୫ଗୁଣା ଅଧିକ ମୂଲ୍ୟରେ ବିକ୍ରି କରିବାକୁ ପଛାଇ ନ ଥିଲେ। ଗତ ଦିନରେ ଏଠାରେ ଅନୁଷ୍ଠିତ ହୋଇଥିବା ମ୍ୟାଚ୍‌ରେ ଟିକେଟ କଳାବଜାର ହୋଇଥିଲେ ମଧ ଚଳିତଥର ଏହା ସୀମା ଟପିଛି। କ୍ରିକେଟ ପ୍ରେମୀମାନେ ୪୦୦ ଟଙ୍କାର ଟିକେଟକୁ ୨ ହଜାରରୁ ଅଢ଼େଇ ହଜାର ଟଙ୍କା ଦେଇ କିଣିଥିବା ଜଣାପଡିଛି। ସେହିପରି ଗ୍ୟାଲେରିକୁ ଛାଡ଼ି କର୍ପୋରେଟ୍ ବକ୍ସ, ସ୍ପେଶାଲ ଏନ୍‌କ୍ଲୋଜର, ଭିଆଇପି ବକ୍ସ, ନିୟୁ ପ୍ୟାଭିଲିୟନର ଟିକେଟ୍‌ଗୁଡ଼ିକ ୩୦୦୦ରୁ ୫୦୦୦ ଟଙ୍କାରେ ଦର୍ଶକମାନେ କିଣିଛନ୍ତି। ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ)ର କେତେଜଣ ପୂର୍ବତନ ପଦାଧିକାରୀ, ଅନୁବନ୍ଧିତ କ୍ଲବର କର୍ମକର୍ତ୍ତା ଓ ଷ୍ଟାଡିୟମରେ କାର୍ଯ୍ୟରତ କେତେଜଣ କର୍ମଚାରୀ ଟିକେଟ କଳାବଜାର କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ୧ ଓ ୩ ନଂ. ଗ୍ୟାଲେରିର ଚାହିଦା ଅଧିକ ଥିବାରୁ ୭୦୦ ଟଙ୍କାର ଏହି ଟିକେଟ୍ ୩୫୦୦ରୁ ୪୦୦୦ ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ଫଳରେ ଅଧିକ ମୂଲ୍ୟ ଦେଇ ଟିକେଟ କ୍ରୟ କରିପାରୁ ନ ଥିବା ଦର୍ଶକଙ୍କୁ ଏଥିପାଇଁ ନିରାଶ ହେବାକୁ ପଡ଼ିଛି।

ଗତ ୧୯ ତାରିଖରେ କାଉଣ୍ଟରରେ ଟିକେଟ ବିକ୍ରି କରାଯାଇଥିଲା। କାଉଣ୍ଟରରେ ୧୦ହଜାର ଟିକେଟ ଉପଲବ୍ଧ ଥିବା ଓସିଏ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲା। ମାତ୍ର ଟିକେଟ୍ କିଣିବାକୁ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ରାତି ଅନିଦ୍ରା ହୋଇ ଲାଇନ୍‌ରେ ଛିଡ଼ା ହୋଇଥିଲେ। ଫଳରେ ଅନେକ ବ୍ୟକ୍ତି ଟିକେଟ ନ ପାଇ ନିରାଶ ହୋଇଥିଲେ। ଅନ୍ୟପକ୍ଷରେ କିଛି ବ୍ୟକ୍ତି ଦିନମଜୁରିଆଙ୍କୁ ଟଙ୍କା ଦେଇ ଧାଡ଼ିରେ ଛିଡ଼ା କରାଇଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଉକ୍ତ ଟିକେଟକୁ ଚଢା ଦରରେ ବିକ୍ରି କରିଥିବା ଦେଖିବାକୁ ମିଳିଛି। ରବିବାର ଏହି ଟିକେଟ୍‌ଗୁଡ଼ିକର ମୂଲ୍ୟ ଆହୁରି ଅଧିକ ହେବ ବୋଲି ଆଶା କରାଯାଉଛି। ତେବେ ଟିକେଟ କଳାବଜାରିକୁ ରୋକିବା ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ଜାଣିବା ପାଇଁ କଟକ ଡିସିପି ଅଖିଳେଶ୍ୱର ସିଂଙ୍କୁ ଯୋଗାଯୋଗ କରାଯିବାରୁ ସେ ଫୋନ୍ ଉଠାଇ ନ ଥିଲେ।

## ଟିମ୍ ଇଣ୍ଡିଆ ଜର୍ସିର ଚାହିଦା





ଶନିବାର ଉଭୟ ଟିମ୍‌ର ଖେଳାଳିଙ୍କ ଅଭ୍ୟାସ ଦେଖିବାକୁ ଷ୍ଟାଡିୟମରେ ଦର୍ଶକଙ୍କ ଭିଡ ଲାଗିଥିଲା। ମ୍ୟାଚକୁ ଦୃଷ୍ଟିରେ ରଖି ଜର୍ସି ବିକ୍ରି କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବ୍ୟବସାୟୀମାନେ ଷ୍ଟାଡିୟମ ପାଖରେ ରୁଣ୍ଡ ହୋଇଛନ୍ତି। ସେମାନଙ୍କ ପାଖରେ ସର୍ବାଧିକ ଭାରତୀୟ ଦଳର ଜର୍ସି ରହିଛି। ତେବେ ଲୋକମାନେ ଅଧିନାୟକ ବିରାଟ କୋହଲି, ରୋହିତ ଶର୍ମାଙ୍କ ଭଳି ଖେଳାଳିଙ୍କ ଜର୍ସିକୁ କିଣିଥିବା ଦେଖିବାକୁ ମିଳିଥିଲା। ବଡକଥା ହେଲା ଭାରତୀୟ ଦଳରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀ ନ ଥିଲେ ମଧ ବହୁ ଦର୍ଶକ ତାଙ୍କ ୭ ନମ୍ବର ଜର୍ସି କିଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏପରି କି ଅନେକ ଦର୍ଶକ ମୁଣ୍ଡରେ ଧୋନୀଙ୍କ ନାମ ଲେଖିଛନ୍ତି।

### ସଜେଇ ହୋଇଛି କଟକ

ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ସହରକୁ ସଜ୍ଜିତ କରାଯାଇଛି। କଟକ ମହାନଗର ନିଗମ ପକ୍ଷରୁ ରିଂବନ୍ଧ ଓ ବଡ ବଡ ପାଚେରିରେ ରଙ୍ଗିନ ଚିତ୍ର ଅଙ୍କାଯାଇଛି। ଏପରି କି ଷ୍ଟାଡିୟମ ନିକଟ କାନ୍ଥଗୁଡିକରେ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲିଙ୍କ ଠାରୁ ଆରମ୍ଭ କରି ସଚିନ ତେନ୍ଦୁଲକର, ପ୍ରଜ୍ଞାନ ଓଝା ଓ ଦେବାଶିଷ ମହାନ୍ତିଙ୍କ ପ୍ରତିଛବି ସ୍ଥାନ ପାଇଛି। ଏଥିସହ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ଅନ୍ତର୍ଜାତୀୟ ବ୍ୟକ୍ତିତ୍ୱଙ୍କ ଚିତ୍ର ମଧ କାନ୍ଥରେ ଅଙ୍କନ କରାଯାଇଛି।

## ଜାତୀୟସ୍ତରୀୟ 'ହୌସଲା'ରେ ଓଡ଼ିଶା ଚାମ୍ପିୟନ୍

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ନୂଆଦିଲ୍ଲୀରେ ଡିସେମ୍ବର୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତା 'ହୌସଲା-୨୦୧୯'ରେ ଓଡ଼ିଶା ଦ୍ୱିତୀୟଥର ପାଇଁ ଚାମ୍ପିୟନ ହୋଇଛି। କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ରାଷ୍ଟ୍ରୀୟ ଜନସହଯୋଗ ଏବଂ ବାଲ୍‌ବିକାଶ ସଂସ୍ଥା ଆନୁକୂଲ୍ୟରେ ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ରାଜ୍ୟରେ ଶିଶୁ ଯତ୍ନ ଗୃହରେ ରହୁଥିବା ଅନ୍ତେବାସୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଓଡ଼ିଶା ସର୍ବାଧିକ ୧୪ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୪ ବ୍ରୋଞ୍ଜ ପାଇ ଦଳଗତ ଚାମ୍ପିୟନ ହୋଇଥିବାବେଳେ ଛତିଶଗଡ଼ ରନର୍ସ ଅପ୍ ହୋଇଛି। ପୂର୍ବତନ କ୍ରିକେଟ୍ ଖେଳାଳି ତଥା ଏମ୍‌ପି ଗୌତମ ଗମ୍ଭୀର ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ସଚିବ ରବୀନ୍ଦ୍ର ପାୱାର, ସ୍ୱତନ୍ତ୍ର ସଚିବ ଅଜୟ ତିର୍କୀ, ଯୁଗ୍ମ ସଚିବ ଆସ୍ଥା ଶର୍ମା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଓଡ଼ିଶାର ୨୪୦ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ନେଇ ରାଜ୍ୟସ୍ତରୀୟ 'ହୌସଲା' ଡିସେମ୍ବର ୧ ଓ ୨ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୩୯ ଜଣ ପ୍ରତିଯୋଗୀ ଜାତୀୟ ସ୍ତରରେ ଭାଗନେବା ପାଇଁ ଦିଲ୍ଲୀ ଯାଇଥିଲେ। ଏହି ସଫଳତା ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ବିଜେତା ଦଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଓଡିଏମ୍‌ରେ 'ଜେଜେମା-ଜେଜେବାପା' ଦିବସ
## ଶିଶୁର ବ୍ୟକ୍ତିତ୍ୱ ବିକାଶ ପରିବାରରୁ ଆରମ୍ଭ ହୁଏ



**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)**

ଛାତ୍ରୀଛାତ୍ରଙ୍କ ଜୀବନ ହିଁ ପ୍ରକୃଷ୍ଟ ସାଧନାର ସମୟ। ଗୁଣାତ୍ମକ ଶିକ୍ଷା ସହିତ ନୈତିକ ମୂଲ୍ୟବୋଧ ହିଁ ବିଦ୍ୟାର୍ଥୀ ଜୀବନ ଠିକ୍ ମାର୍ଗ ଦର୍ଶନ କରିଥାଏ। ଏ କ୍ଷେତ୍ରରେ ମାତାପିତା, ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁର ବ୍ୟକ୍ତିତ୍ୱ ବିକାଶ ପରିବାରରୁ ହିଁ ଆରମ୍ଭ ହୋଇଥାଏ ବୋଲି ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି।

ଶନିବାର ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ୩୧ତମ ବାର୍ଷିକୋତ୍ସବ 'ସ୍ପେକ୍ଟ୍ରା-୨୦୧୯' ଅବସରରେ ପୂଜ୍ୟପୂଜା ସମାରୋହ ଓ ଜେଜେମା-ଜେଜେବାପା ଦିବସ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପାଣିଗ୍ରାହୀ କହିଲେ, ଭାରତୀୟ ସଂସ୍କୃତି ଓ ପରମ୍ପରାରେ ପୂଜ୍ୟପୂଜା ସ୍ଥାନ ସ୍ୱତନ୍ତ୍ର। ଏହି ଅତୀତ ଗୌରବକୁ ସ୍ମରଣ କରିବା ସହ ଛାତ୍ରୀଛାତ୍ର ଗୁରୁ-ଗୁରୁଜନ ଏବଂ ମାତାପିତାଙ୍କ ପାଇଁ ଜୀବନ ଉତ୍ସର୍ଗ କରିବା ଭଳି କାର୍ଯ୍ୟ କଲେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିବ। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମନ୍ତ୍ରୀ ପାଣିଗ୍ରାହୀ ବିଦ୍ୟାଳୟର ବହୁମୁଖୀ ଯୋଜନା, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସଫଳତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ବରିଷ୍ଠ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ଡ. ପି.କେ. ଦାସ, ସଦସ୍ୟା ଡ. ଜ୍ୟୋତ୍ସ୍ନା ମହାପାତ୍ର, ସିଓଓ ସ୍ୱୟନ୍ ସତ୍ୟେନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷା ଝିନୁକ୍ ଦାରାୟ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ସିଏଏ, ଏନ୍‌ଆରସି ବିରୋଧୀ ଆନ୍ଦୋଳନ**

## ସାମିଲ ହେଲେ ବୁଦ୍ଧିଜୀବୀ, ଯୁବବର୍ଗ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଓ ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ (ଏନ୍‌ଆର୍‌ସି)କୁ ବିରୋଧ କରି ବିଭିନ୍ନ ରାଜ୍ୟରେ ହିଂସା ଜାରି ରହିଛି। ଓଡିଶାରେ ବିଭିନ୍ନ ସଂଗଠନ ପକ୍ଷରୁ ଚାଲିଥିବା ଆନ୍ଦୋଳନରେ ଶନିବାର ବୁଦ୍ଧିଜୀବୀ ଓ ଯୁବବର୍ଗ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କିଏ ବାଜା ବଜାଇ କେନ୍ଦ୍ରର ମୋଦି ସରକାରଙ୍କ ବିରୋଧରେ ନାରାବାଜି କରୁଥିଲେ ତ ଆଉ କିଏ ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ ପ୍ରତିବାଦ ଜଣାଇଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ମୋଦି ଓ ଅମିତ ଶାହ ସମ୍ବିଧାନର ହତ୍ୟା କରିଥିବା ଅଭିଯୋଗ କରି କ୍ୟାଣ୍ଡେଲ ଜଳାଇ ବିରୋଧ ପ୍ରଦର୍ଶନ କରିଥିଲେ। ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନର ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଲେ, ଭାରତ ହେଉଛି ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ଜାତି,ବର୍ଣ୍ଣ ଓ ଧର୍ମ ଆଧାରରେ ଭେଦଭାବ କରାଯିବ ନାହିଁ। କିନ୍ତୁ କେନ୍ଦ୍ର ସରକାର କ୍ଷମତାକୁ ଆସିବା ପରେ ସିଏଏ ଓ ଏନ୍‌ଆରସିକୁ ଆଣି ସମ୍ବିଧାନକୁ ହତ୍ୟା କରିଛନ୍ତି। ଏନ୍‌ଆର୍‌ସି ସାରା ଦେଶରେ ଲାଗୁକଲେ କେତେ କୋଟି ଟଙ୍କା ଖର୍ଚ୍ଚ ହେବ ତାହାର ହିସାବ ମୋଦି ସରକାର ଦେବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ବିକ୍ଷୋଭରେ ସଞ୍ଜୀବ ପତ୍ରୀ, ମାନସ ରଞ୍ଜନ, ସତୀଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।





ଜ୍ଞାନୀ ଲୋକମାନେ ଧନନଷ୍ଟ କିମ୍ବା ମୃତ୍ୟୁ ପାଇଁ ଶୋକ କରନ୍ତି ନାହିଁ।
- ବ୍ୟାସଦେବ



## ସଂକ୍ଷେପରେ

### ଅପହୃତ ଯୁବକ ୬ ଘଣ୍ଟା ପରେ ଉଦ୍ଧାର

ପୁରୁଣା ଭୁବନେଶ୍ୱର,୨୧। ୧୨ (ଡି.ଏନ.ଏ.)- କମିଶନରେଟ୍ ପୋଲିସ ଅଞ୍ଚଳରେ ଅପରାଧୀଙ୍କର ପ୍ରଭାବ ଜୋର ଧରିଛି। ଦିନ ଦ୍ୱିପ୍ରହରରେ ଯୁବକଙ୍କୁ ଅପହରଣ କରି ମୁକ୍ତି ଜାମିନ୍ ରଖିବା ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ। ଘଟଣା ଘଟିଛି ଧଉଳି ଥାନା ଅଧୀନ କୁକୁଡ଼ାଘାଇ ପାଟଣା ଅଞ୍ଚଳରେ। ଅଭିଯୋଗ ମୁତାବକ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଅଭିଯୋଗକାରୀ ସାରସ୍ୱତ ମହାପାତ୍ରଙ୍କୁ ଫୋନ ଯୋଗେ କୁକୁଡ଼ାଘାଇ ଅଞ୍ଚଳରେ ଜମି ଦେଖାଇବାକୁ ପ୍ରଫୁଲ୍ଲ ନାୟକ ନାମକ ଜଣେ ବ୍ୟକ୍ତି ଫୋନ କରିଥିଲେ। ଗଙ୍ଗୁଆ ବନ୍ଧ ନିକଟରେ ସାରସ୍ୱତ ପହଞ୍ଚିବା ପରେ ପୂର୍ବରୁ ଯୋଜନା ବଦ୍ଧ ଭାବେ ଛକି ରହିଥିବା ପ୍ରଫୁଲ୍ଲଙ୍କ ସମେତ ୪ରୁ ୫ଜଣ ପେସାଦାର ଅପରାଧୀ ତାଙ୍କୁ ଉଠାଇ ନେଇଥିଲେ। ସାରସ୍ୱତ କିଛି କହିବା ପୂର୍ବରୁ ସେମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୨ଲକ୍ଷ ଟଙ୍କା ମାଗିଥିଲେ। ପରେ ତାଙ୍କୁ ମାଡମାରି ତାଙ୍କ ବେକରୁ ୨୦ ଗ୍ରାମ ଓଜନର ସୁନା ଚେନ ଓ ୨୧୦୦ ଟଙ୍କା ଲୁଟି ନେଇଥିଲେ। ଏଥିରେ ଭୟଭୀତ ହୋଇ ଅପହରଣକାରୀଙ୍କ ଦାବି ପୂରଣ କରିବାକୁ ସ୍ତ୍ରୀଙ୍କୁ ଟଙ୍କା ଯୋଗାଡ କରି ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିବାକୁ ଫୋନ ଯୋଗେ କହିଥିଲେ। ମାତ୍ର ସ୍ତ୍ରୀଙ୍କ ଉପସ୍ଥିତ ବୁଦ୍ଧି ଖଟାଇ ୧୦୦ ନମ୍ବରକୁ ଫୋନ କରିଥିଲେ। ଖବର ପାଇ ପିସିଆର ପହଞ୍ଚି ରାତି ୯ଟାରେ ତାଙ୍କୁ ଉଦ୍ଧାର କରିଥିଲା।

### ଟ୍ରାକ୍ଟର ଚୋରଙ୍କୁ ଧରିଲେ ଗାଁ ଲୋକେ

ବାଲିପାଟଣା,୨୧।୧୨(ଡି.ଏନ୍.ଏ.)- ବାଲିପାଟଣା ଥାନା ଅନ୍ତର୍ଗତ ତୁରିନ୍ତିରା ଗ୍ରାମର ଅଶୋକ କୁମାର ସାହୁଙ୍କ ଟ୍ରାକ୍ଟରକୁ ଶୁକ୍ରବାର ମଧ ରାତ୍ରିରେ ଚୋରି କରିନେଉଥିବା ବେଳେ ଚୋରଙ୍କୁ କାବୁ କରିଛନ୍ତି ଗାଁ ଲୋକେ। ପ୍ରାପ୍ତ ସୂଚନା ଅନୁଯାୟୀ, କଟକ ବାଙ୍କି ଅଞ୍ଚଳର ସୁକୁନା ନାୟକ ଶୁକ୍ରବାର ରାତିରେ ଟ୍ରାକ୍ଟର ନେଇ ଖସି ଯାଉଥିଲେ। ଗାଁ ଲୋକେ ଜାଣିପାରି ପଛରୁ ଗୋଡ଼ାଇଥିଲେ। ଅଠାନ୍ତର ଛକରେ ସୁକୁନା ଟ୍ରାକ୍ଟର ଛାଡ଼ି ଖସିଯିବାକୁ ଉଦ୍ୟମ କରିଥିଲେ। ଏକ ଗାଡ଼ିଆରେ ଲୁଚି ଯାଇଥିଲେ। ଗାଁ ଲୋକେ ତାଙ୍କୁ ଧରି ବାଲିପାଟଣା ପୋଲିସରେ ଦେଇଥିଲେ। ପୋଲିସ ଏନେଇ କେସ୍ ନଂ.୩୨୫/୧୯ରେ ଏକ ମାମଲା ରୁଜୁ କରିଛି।

### ଗଡ଼େଶ୍ୱର ହାଟର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)- ବୀର ସୁରେନ୍ଦ୍ର ସାଏ ନଗର ସ୍ଥିତ ଗଡେଶ୍ୱର ହାଟ ବଣିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସନ୍ତା ୨୦୨୦-୨୧ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ସଂଘର ସଦସ୍ୟମାନଙ୍କ ସର୍ବସମ୍ମତି କ୍ରମେ ଲକ୍ଷ୍ମଣ ସାହୁଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ମନୋରଞ୍ଜନ ସାହୁଙ୍କୁ ବଣିକ ସଂଘର ସମ୍ପାଦକ ଭାବେ ମନୋନୀତ କରାଯାଇଥିବା ବେଳେ ପ୍ରମୋଦ ସାହୁଙ୍କୁ ସହ ସମ୍ପାଦକ ଏବଂ ପ୍ରଶାନ୍ତ କୁମାର ସାଥୁଆଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ବ୍ୟବସାୟୀମାନଙ୍କ ସହଯୋଗରେ ହାଟର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଭାପତି ସାହୁ କହିଛନ୍ତି। ଗତ ବର୍ଷ କାର୍ଯ୍ୟକାରୀ ସଭାପତି ନିଜର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିବାରୁ ତାଙ୍କୁ ପୁନର୍ବାର ମନୋନୀତ କରାଯାଇଛି।

### ୨୩ରୁ 'ଓଡ଼ିଶା ବାଇନେଲ୍'

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ): 'ଓଡ଼ିଶା ବାଇନେଲ୍'ର ୪ର୍ଥ ସଂସ୍କରଣ ଆସନ୍ତା ଡିସେମ୍ବର ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ପରିସରରେ ଅନୁଷ୍ଠିତ ହେବ। ମୁଦ୍ରା ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା ପର୍ଯ୍ୟଟନ ସହାୟତାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ଅଂଶଗ୍ରହଣ କରିବେ। ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ଫିଲ୍ମ, ଫଟୋଗ୍ରାଫି ଓ ଫ୍ୟାଶନ ଶୋ' ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ସାଜିବ। ରାଜ୍ୟ ଏବଂ ରାଜ୍ୟ ବାହାରର କଳାକାରଙ୍କ ସହ ଜାପାନ, ଇଂଲଣ୍ଡ, ବ୍ରାଜିଲ, ସୁଇଡେନ୍ ଏବଂ ମେକ୍ସିକୋର କଳାକାରମାନେ ଅଂଶଗ୍ରହଣ କରିବେ। ଏ ନେଇ ମୁଦ୍ରା ଫାଉଣ୍ଡେଶନର ସହ ପ୍ରତିଷ୍ଠାତା ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ମାସାକୋ ଓନୋ ସୂଚନା ଦେଇଛନ୍ତି।

# ସ୍କୁଲ ଖେଳପଡ଼ିଆ ନବୀକରଣ କଲା ବିଏମ୍‌ସି, ବିଡିଏ

- ୫ ସରକାରୀ ସ୍କୁଲରୁ ହେଲା ଆରମ୍ଭ
- ବ୍ୟବହୃତ ବର୍ଜ୍ୟ ଓ ଟାୟାରରୁ ପ୍ରସ୍ତୁତ ହେବ ଖେଳ ଉପକରଣ

ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)



ନବୀକରଣ ହୋଇଥିବା ପଡ଼ିଆରେ ପିଲାମାନେ ଖେଳୁଛନ୍ତି।

ସରକାରୀ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଶାରୀରିକ ତଥା ମାନସିକ ବିକାଶ କଥା ଚିନ୍ତା କରୁଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟକ କର୍ତ୍ତୃପକ୍ଷ (ବିଡିଏ)। ସ୍କୁଲ୍‌ଗୁଡ଼ିକରେ ରହିଥିବା ଖେଳପଡ଼ିଆର ନବୀକରଣ ପାଇଁ ଏହି ଦୁଇ କର୍ତ୍ତୃପକ୍ଷ ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ବାଙ୍ଗାଲୋରର ଏକ ଠିକା ସଂସ୍ଥା ଆଛିଲି କ୍ରିଏଶନ ସହ ହାତ ମିଶାଇଛନ୍ତି। ସଂସ୍ଥା ପକ୍ଷରୁ ସ୍କୁଲର ଖେଳ ପଡ଼ିଆକୁ ସମ୍ପୂର୍ଣ୍ଣ ନବୀକରଣ କରାଯିବା ସହ ବର୍ଜ୍ୟ ଓ ବ୍ୟବହୃତ ଗାଡିମୋଟର ଟାୟାରରେ ନୂଆ ଢାଞ୍ଚା ନିର୍ମାଣ କରାଯିବ। ପ୍ରାଥମିକ ଭାବେ ଭୁବନେଶ୍ୱରର ୫ ସରକାରୀ ବିଦ୍ୟାଳୟରେ କାର୍ଯ୍ୟ ଆରମ୍ଭ ହୋଇଛି। ଆଗାମୀ ଦିନରେ ସହରର ସମସ୍ତ ସ୍କୁଲ୍ ଖେଳପଡ଼ିଆର ନବକଳେବର କରାଯିବ ବୋଲି ବିଡିଏ ଓ ବିଏମ୍‌ସି ପକ୍ଷରୁ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି। ସୂଚନାନୁସାରେ, ଖେଳପଡ଼ିଆକୁ ଭାଗ ଭାଗ କରାଯାଇ ସେଥିରେ ଭିନ୍ନ ଭିନ୍ନ ଢାଞ୍ଚାରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିରେ 'ଦି ହିଭିଂ ହୁପ୍', 'ଷ୍ଟିପିଂ ଷ୍ଟେନ୍‌ସ', 'କ୍ୟୁବ୍ କ୍ଲାଇମ୍ବର', 'ସ୍ୱିଂ', 'କ୍ୟାଟର ପିଲାର' ଓ 'ଟ୍ୱିଷ୍ଟର' ଖେଳ ଉପକରଣ ଲଗାଯିବ। ମୁଖ୍ୟତଃ ସେଗୁଡ଼ିକୁ ବ୍ୟବହୃତ ବର୍ଜ୍ୟ ଅଥବା ଟାୟାରରେ ତିଆରି କରାଯିବ। ବର୍ତ୍ତମାନ ସାଲିଆ ସାହିର ଏକାମ୍ର ବିହାର ପ୍ରାଇମେରୀ ସ୍କୁଲ, ବାପୁଜିନଗର ୟୁଜିୟୁପି ସ୍କୁଲ, ପଳାଶପଲ୍ଲୀସ୍ଥିତ ମୁକ ବଧିର ବିଦ୍ୟାଳୟ, ଶାନ୍ତିନଗର ବସ୍ତିର ଏଫ.ସି.ଆଇ କଲୋନୀ ଓ ସାଲିଆସାହି ବିର୍ଶାମୁଣ୍ଡା ପଡ଼ିଆରେ ଏହି ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ବ୍ୟବହୃତ ବର୍ଜ୍ୟକୁ ପୁନଃଚକ୍ରଣ କରାଯିବା ପରେ ପିଲାଙ୍କ ପାଇଁ ସେଥିରୁ ଖେଳିବା ପାଇଁ ଉପକରଣ ପ୍ରସ୍ତୁତ କରାଯାଇଛି। ପିଲାମାନଙ୍କୁ ଏକ ଇକୋ ଫ୍ରେଣ୍ଡ୍ଲି ପରିବେଶ ସହ ଖେଳକୁଦ କରିବାକୁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ

# ଭଙ୍ଗାଗଲା ଲିଙ୍ଗରାଜ ଥାନା




ଜେସିବି ଦ୍ୱାରା ଲିଙ୍ଗରାଜ ଥାନାକୁ ଉଚ୍ଛେଦ କରାଯାଉଛି।

ପୁରୁଣା ଭୁବନେଶ୍ୱର, ୨୧।୧୨ (ଡି.ଏନ.ଏ.)
ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଅବୈଧ ନିର୍ମାଣ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଶନିବାର ମିଳିତ ଉଚ୍ଛେଦ ଟିମ୍ ବ୍ରିଟିଶ୍ ଅମଳର ଲିଙ୍ଗରାଜ ଥାନା କୋଠାଟିକୁ ଭାଙ୍ଗିଥିଲା। ଥାନା ମାଲଖାନରୁ ଶୁକ୍ରବାର ନଥିପତ୍ର ହଟାଯିବା ପରେ ଶନିବାର ୩ଟି ଡ୍ରୋଜର ସାହାଯ୍ୟରେ କୋଠାଟିକୁ ଭାଙ୍ଗି ଦିଆଯାଇଥିଲା।

### ନୂଆ ଥାନା କାର୍ଯ୍ୟାଳୟ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ଶ୍ରୀଲିଙ୍ଗରାଜ ମନ୍ଦିର ଦକ୍ଷିଣ ଦ୍ୱାର ନିକଟସ୍ଥ ମା' ଦକ୍ଷିଣ ଚଣ୍ଡୀ କଲ୍ୟାଣ ମଣ୍ଡପକୁ ଲିଙ୍ଗରାଜ ଥାନା ସ୍ଥାନାନ୍ତର ହୋଇଛି। ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜମିରେ ବିଏମ୍‌ସି ଦ୍ୱାରା ନିର୍ମାଣ ହୋଇଥିବା ଏହି କଲ୍ୟାଣ ମଣ୍ଡପଟି ଥାନାରେ ପରିଣତ ହେବାକୁ ଯାଉଛି। ତେଣୁ କଲ୍ୟାଣ ମଣ୍ଡପର ମୂଳ ନକ୍ସାଟିକୁ ଯେନତେନ ପ୍ରକାର ବଦଳାଇ ଥାନା ପାଇଁ ଆବଶ୍ୟକ ଗୃହ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶନିବାର କଲ୍ୟାଣ ମଣ୍ଡପର ରୋଷଶାଳାକୁ ବଦଳାଇ ଥାନା ପାଇଁ ନୂଆ କରି ଗ୍ୟାରେଜ, ତା'ର ଦକ୍ଷିଣ ପାର୍ଶ୍ୱକୁ ରୁମ୍ ଭାଗ କରାଯାଇ ମାଲଖାନା, ହାଜତ, ଏହାର ପାଖରେ ଆଇଆଇସିଙ୍କ କାର୍ଯ୍ୟାଳୟ ନିର୍ମାଣ ଚାଲିଛି। କଲ୍ୟାଣ ମଣ୍ଡପର ଭୋଜନାଳୟକୁ ଥାନା କାର୍ଯ୍ୟାଳୟରେ ପରିଣତ କରାଯିବ। ସେହିଭଳି ଅଭ୍ୟର୍ଥନା ପ୍ରକୋଷ୍ଠ ସହ ଷ୍ଟାଫ୍ ଟଏଲଟ୍, ସ୍ୱତନ୍ତ୍ର ଟଏଲଟ, ପାନୀୟ ଜଳ ଏବଂ ଭିଏଚଏଫ୍ ବ୍ୟବସ୍ଥା ଗୃହ ସହ ସୁନ୍ଦର ଆଲୋକୀକରଣ ପାଇଁ କାର୍ଯ୍ୟ ହେଉଛି ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଏକାମ୍ର କ୍ଷେତ୍ରର ଶ୍ରୀଲିଙ୍ଗରାଜ ମନ୍ଦିରଐତିହ୍ୟ ସ୍ଥଳକୁ ସୌନ୍ଦର୍ଯ୍ୟକରଣ କରିବା ସହ ଏଭଳି ଏକ ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱ ଐତିହ୍ୟ ମାନଚିତ୍ରରେ ସ୍ଥାନୀତ କରିବାକୁ ରାଜ୍ୟ ସରକାରଙ୍କ ମେଗା ପ୍ରକଳ୍ପ ପାଇଁ ବିଏମସି, ବିଡ଼ିଏ, ଜିଏ ଓ ମନ୍ଦିର ପ୍ରଶାସନର ମିଳିତ ଉଚ୍ଛେଦ ଟିମ୍ ଅବୈଧ ନିର୍ମାଣ ଭଙ୍ଗା କାର୍ଯ୍ୟ ଜୋରସୋର ଚଳାଇଛନ୍ତି।

# ନନ୍ଦେଶ୍ୱର ହତ୍ୟାକାରୀଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଜଟଣୀ ଥାନା ପିତାପଲ୍ଲୀ ଛକ ଶଳା ନନ୍ଦେଶ୍ୱର ହତ୍ୟା ମାମଲାର ରାୟ ଶନିବାର ଭୁବନେଶ୍ୱର ଜିଲା ଦୌରାଜଜ-୩ରେ ପ୍ରକାଶ ପାଇଛି। କୋର୍ଟ ହତ୍ୟାକାରୀ ପିତାପଲ୍ଲୀର ସୌମ୍ୟରଞ୍ଜନ ସ୍ୱାଇଁ(୨୫)ଙ୍କୁ ଆଜୀବନ କାରା ଦଣ୍ଡାଦେଶ ଶୁଣାଇଛନ୍ତି। ବିଚାରପତି ଲୁନା ମହାନ୍ତି ୨୩ଜଣ ସାକ୍ଷୀ,୧୪ ଡକ୍ୟୁମେଣ୍ଟ ଓ ଫରେନ୍‌ସିକ୍ ପ୍ରମାଣପତ୍ର ଅନୁଧ୍ୟାନ କରିବା ପରେ ରାୟ ଦେଇଛନ୍ତି। ଦଫା ୩୪୧ ପାଇଁ ଏକ ମାସ କାରାଦଣ୍ଡ ସହ ୫ଶହ ଟଙ୍କା ଜରିମାନା। ଜରିମାନା ନ ଦେଲେ ୫ଦିନ ଅଧିକ କାରାଦଣ୍ଡ, ଦଫା ୩୦୭ ପାଇଁ ୪ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା। ଅନାଦେୟ ହେଲେ ୨ମାସ ଅଧିକ ସଜା। ଦଫା ୩୦୨ରେ ଆଜୀବନ କାରାଦଣ୍ଡ ସହ ୮ହଜାର ଟଙ୍କା ଜରିମାନା। ଏହି ଜରିମାନା ନ ଦେଲେ ୪ ମାସ ଅଧିକ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଗୋଡିପୋଖରୀ ସାହି ନିୟୁ କଲୋନୀରେ ରହୁଥିବା ଶଳା ନନ୍ଦେଶ୍ୱରଙ୍କ ବାହାଘର ଆଉ ୭ ଦିନ ରହିଥିଲା। ୨୦୧୪ ମେ ୩୧ ଅପରାହ୍ଣରେ ସେ ତାର ସାଙ୍ଗ କୃଷ୍ଣ ପ୍ରସାଦ ରାମଙ୍କୁ ନେଇ କାର୍ଡବାଣ୍ଟିବାକୁ ଯାଇ ପିତାପଲ୍ଲୀ ଛକରେ ଥିବା ଅଭିଯୁକ୍ତ ସୌମ୍ୟରଞ୍ଜନଙ୍କ ଦୋକାନ ଆଗରେ ଛିଡା ହୋଇଥିଲେ। ସେଠାରେ କମେଣ୍ଟମରାକୁ ନେଇ ସୌମ୍ୟରଞ୍ଜନଙ୍କ ସହ ଶଳା ନନ୍ଦେଶ୍ୱରଙ୍କ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୌମ୍ୟରଞ୍ଜନ ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡର ପଛକୁ ପିଟି ଦେଇଥିଲେ। ଏଥିସହ ନନ୍ଦେଶ୍ୱରଙ୍କୁ ଉଦ୍ଧାର କରିବାକୁ ଯାଇ ସାଙ୍ଗ କୃଷ୍ଣପ୍ରସାଦ ଆକ୍ରମଣର ଶିକାର ହୋଇ ଆହତ ହୋଇଥିଲେ। ଚକ୍ରାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ନନ୍ଦେଶ୍ୱରଙ୍କୁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜଟଣୀ ଥାନାରେ ମୃତ ନନ୍ଦେଶ୍ୱରଙ୍କ ଭାଇ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ଦଫାରେ ହତ୍ୟା ମାମଲା (ନଂ-୨୦୬/୧୪) ରୁଜୁ କରି ଅଭିଯୁକ୍ତ ସୌମ୍ୟରଞ୍ଜନଙ୍କୁ ଗିରଫ କରିଥିଲା। ଏହି ମାମଲାର ପରିଚାଳନା ପିପି ପ୍ରଦୀପ୍ତ କୁମାର ମିଶ୍ର କରୁଥିବାବେଳେ ବିବେକ ରଞ୍ଜନ ପଟ୍ଟନାୟକ ସହଯୋଗ କରୁଥିଲେ।

## ବୈଜ୍ଞାନିକ ପଦ୍ଧତିରେ ଚିକିତ୍ସାକୁ ଗୁରୁତ୍ୱ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

'ଦି ଆସୋସିଏଶନ ଅଫ୍ ସର୍ଜନ୍‌ସ ଅଫ୍ ଇଣ୍ଡିଆ' ପକ୍ଷରୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୩ଦିନ ବ୍ୟାପୀ ଚାଲିଥିବା 'ଏସିକନ୍'ର ୭୯ତମ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଛି। ଓଡ଼ିଶାରେ ୪ର୍ଥ ଥର ପାଇଁ ଆୟୋଜିତ ଏହି ସମ୍ମିଳନୀରେ ଚିକିତ୍ସା ପଦ୍ଧତିରେ ବୈଜ୍ଞାନିକ ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଭାରତ ଓ ସାର୍କ ଦେଶଗୁଡିକରୁ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ପରିଚାଳନା ସଚିବ ଡା ଶ୍ରୀଜୟ ପଟ୍ଟନାୟକ କହିଲେ, 'ଏସିକନ୍-୨୦୧୯'ର ଆୟୋଜନ କରିବା ଆମ ପାଇଁ ଏକ ସ୍ୱପ୍ନ ଥିଲା। ଚିକିତ୍ସା କ୍ଷେତ୍ରରେ ବୈଷୟିକ ଜ୍ଞାନ ତଥା ବୈଜ୍ଞାନିକ ପଦ୍ଧତିର ଉପଯୋଗ ଏକ ବଡ଼ ସଫଳତା। ଏହି ସଫଳତାର ଉତ୍ସବ ମନାଇବାକୁ ଗୋଟିଏ ମଞ୍ଚରେ ଦେଶ ଓ ବିଦେଶର ପ୍ରତିନିଧି ଏକାଠି ହେବା ଏକ ବଡ ଉପଲବ୍ଧି ବୋଲି ଆୟୋଜକ ତଥା ସଂଘର ଅଧ୍ୟକ୍ଷ ଡା ସି.ଆର୍. ଦାସ କହିଥିଲେ। ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ପଦ୍ମଶ୍ରୀ ଏ.ଏସ୍. କିରନ୍ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

# ଭିମ୍‌ସାରର ୧୯୬୫ ବର୍ଗର ୫୫ତମ ବାର୍ଷିକୋତ୍ସବ



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)
ଭିମ୍‌ସାରର ୧୯୬୫ ବର୍ଗର ୫୫ତମ ବାର୍ଷିକୋତ୍ସବ ଓ ପ୍ରଥମ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପ୍ରୋକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ତଥା ପଦ୍ମଭୂଷଣ ରମାକାନ୍ତ ରଥ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସାତକଡ଼ି ହୋତା, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଡା. ଅନୀତା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଲେଖିକା ଡା. ଅନୀତା ପଣ୍ଡାଙ୍କ ୩ଟି ପୁସ୍ତକ ସହ ବହୁ ସାହିତ୍ୟିକଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ବିମଳା ସିଂ ମଞ୍ଚ ପରିଚାଳନା କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ




ଅଧ୍ୟାପକ ଓ ଅତିଥିଙ୍କ ଗହଣରେ ଶିଶୁ ପ୍ରତିଭାମାନେ।

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଦେଶକୁ ସମୃଦ୍ଧି ପଥରେ ଅଗ୍ରସର କରିବାରେ ଗୁଣାତ୍ମକ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରେ। ତେଣୁ ଜ୍ଞାନରେ ଆମ୍ଭେମାନେ ଧନୀ ହେବା ଉଚିତ୍। ସୃଜନ କାର୍ଯ୍ୟ, କର୍ତ୍ତବ୍ୟ ଓ ଶୃଙ୍ଖଳା କେବଳ ଜଣେ ବ୍ୟକ୍ତିଙ୍କୁ ଶିଖରରେ ପହଞ୍ଚାଏ ନାହିଁ, ବରଂ ସମଗ୍ର ଦେଶ ସମୃଦ୍ଧ ହୁଏ। ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର(ସିସିଡବ୍ଲ୍ୟୁଏସ୍‌ଡି) ପକ୍ଷରୁ ସୂଚନା ଭବନରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏହା କହିଛନ୍ତି। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଜୟନ୍ତୀ ରଥ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ପ୍ରାକ୍ତନ ପ୍ରଶାସକ ଗୋସ୍ୱାମୀ ଗୋଲାମ ଦେବତା, ଖବରଦାତା ବିମଳ କୁମାର ଭଞ୍ଜଦେଓ ଅତିଥି ଭାବେ ଯୋଗଦେଇ ପୁରସ୍କୃତ ଶିଶୁ ପ୍ରତିଭାମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରବିନାରାୟଣ ମହାନ୍ତି, ମଞ୍ଜୁ ରାୟ, ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ଚୌଧୁରୀ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ମୂଲ୍ୟବୋଧ ଶିକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ସମଗ୍ର ରାଜ୍ୟର ୧୬ ହଜାର ପିଲାଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ପ୍ରତିଯୋଗିତା କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ୨୬୪ ଜଣ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ସିସିଡବ୍ଲ୍ୟୁଏସ୍‌ଡିର ସଭାପତି ସୁଧାନିଧି ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଯୋଜନା ନିର୍ଦ୍ଦେଶିକା ଜ୍ୟୋତ୍ସ୍ନା ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ଆର୍. ସୁନନ୍ଦା ଚୌଧୁରୀ ଧନ୍ୟବାଦ ଦେଇଥିଲେ।

### ସମୁଦ୍ରରେ ଭାସିଯାଇ ଛାତ୍ର ନିଖୋଜ, ଜଣେ ଉଦ୍ଧାର

ପୁରୀ ଅଫିସ, ୨୧।୧୨
ପୁରୀ ଜିଲା ଅସ୍ତରଙ୍ଗର ପୀର ଜାହାନିଆ ସମୁଦ୍ରରେ ଶନିବାର ଜଣେ ଇଞ୍ଜିନିୟରିଂ ଛାତ୍ର ଭାସିଯାଇ ନିଖୋଜ ଥିବାବେଳେ ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ଛାତ୍ର ହେଲେ କଟକର ପି. ଧର୍ମା। ସେହିପରି ଉଦ୍ଧାର ଛାତ୍ର ହେଲେ ଅଙ୍କିତ କୁମାର ସାହୁ। ଖବର ପାଇ କୋଣାର୍କ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ଧର୍ମାଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଏକାଧିକ ଛାତ୍ର ବସ ଯୋଗେ ପିକ୍‌ନିକ୍ ଲାଗି ପୀର ଜାହାନିଆକୁ ପର୍ଯ୍ୟଟନସ୍ଥଳକୁ ଆସିଥିଲେ। ଅପରାହ୍ଣରେ ସମସ୍ତେ ଜାହାନିଆ ନିକଟ ସମୁଦ୍ରକୁ ଗାଧୋଇବାକୁ ଯାଇଥିବାବେଳେ ଉଭୟ ବୁଡ଼ିଯାଇଥିଲେ।




ସାମନ୍ତରାପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ଛାତ୍ରୀଛାତ୍ରମାନେ ଶନିବାର କ୍ରିସ୍‌ମାସ ପୂର୍ବରୁ ଉତ୍ସବ ପାଳନ କରୁଛନ୍ତି।




ଏସ୍‌ଡିଏ ନୃତ୍ୟ ପ୍ରତିଷ୍ଠାନର ୫ମ ବାର୍ଷିକ ଉତ୍ସବ ସ୍ଥାନୀୟ ଜାଭିୟର ଛକ ସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା କଳାକାର ଏବଂ ଅତିଥି ।

## ଓଡ଼ିଶା ପରିବେଶ କଂଗ୍ରେସ୍‌ର ଦ୍ୱିତୀୟ ଦିବସ

# ବିକାଶ ନୁହେଁ, କ୍ଷତି କରୁଛି ଖଣି

**ଦାୟିତ୍ୱ ଭୁଲିଯାଉଛନ୍ତି ଖଣିଶିଳ୍ପ ସଂସ୍ଥା**

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଖଣି ଉତ୍ତୋଳନ ଦ୍ୱାରା ଓଡିଶାର ବିକାଶ କେବେବି ସମ୍ଭବ ନୁହେଁ। ଏହା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ। ଓଡିଶା ପରିବେଶ କଂଗ୍ରେସରେ ଯୋଗଦେଇଥିବା ବିଶେଷଜ୍ଞମାନେ ପରିବେଶ ଉପରେ ଖଣିର କୁପ୍ରଭାବକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏହି ମତ ଦେଇଛନ୍ତି। ଶନିବାର ଦ୍ୱିତୀୟ ଦିବସରେ ଖଣି ଶିଳ୍ପ ସଂସ୍ଥାଗୁଡ଼ିକର ଦାୟିତ୍ୱବୋଧ, ନିରନ୍ତର ଖଣି ଉତ୍‌ଖନନ ଏବଂ ସାମାଜିକ ଓ ଅର୍ଥନୈତିକ କ୍ଷତିର କିଭଳି ଭରଣା ସଂକ୍ରାନ୍ତରେ ଦିବସବ୍ୟାପୀ ଆଲୋଚନା ହୋଇଥିଲା। ଏହି ଅବସରରେ ବିଶେଷଜ୍ଞମାନେ କହିଲେ, ଆବଶ୍ୟକଠାରୁ ଅଧିକ ଖଣି ଉତ୍ତୋଳନ ଯୋଗୁ ଗୋଟିଏ ପଟେ ଖଣିଜ ସମ୍ପଦ ସରି ଆସୁଥିବାବେଳେ ଅନ୍ୟପଟରେ ଖଣିରୁ ବାହାରୁଥିବା ବର୍ଜ୍ୟପଦାର୍ଥ ସମସ୍ତଙ୍କ ପାଇଁ ବିପଦ ସାଜୁଛି। ଖଣି ଉତ୍ତୋଳନ କରୁଥିବା ଶିଳ୍ପ ସଂସ୍ଥାଗୁଡ଼ିକ ଖଣିରୁ ଯେଉଁ ଅନୁପାତରେ ଲାଭବାନ ହେଉଛନ୍ତି ସେହି ହାରରେ ନିଜ ଦାୟିତ୍ୱ ତୁଲାଉ ନାହାନ୍ତି। ଖଣିଜନିତ ପ୍ରଦୂଷଣ ନିୟନ୍ତ୍ରଣ କରିବାଠାରୁ ଆରମ୍ଭକରି ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଶିଳ୍ପସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱବୋଧ ରହିଛି। ଖଣି ଲାଇସେନ୍ସ ମିଳିଗଲେ କେବଳ ନିଜ ଲାଭକଥା ନ ଭାବି ସ୍ଥାନୀୟ ଅଞ୍ଚଳର ଉନ୍ନତି, ପ୍ରଭାବିତ ବାସିନ୍ଦାଙ୍କ ଜୀବନ ଜୀବିକା ଓ ଉପାର୍ଜନ ବ୍ୟବସ୍ଥା ଏବଂ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେବାର ଆବଶ୍ୟକ ରହିଛି ବୋଲି ବକ୍ତାମାନେ କହିଥିଲେ।
ଖଣି ପାଇଁ ଲକ୍ଷ ଲକ୍ଷ ଗଛ କଟାଯାଉଥିବାବେଳେ କାମ୍ପା ପାଣ୍ଠିର ଠିକ ବିନିଯୋଗ ହୋଇପାରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଏସ୍‌ଆର୍‌ସି ପ୍ରଦୀପ ଜେନା କହିଲେ, ଖଣି ସଂସ୍ଥାଗୁଡ଼ିକ ସରକାରୀ ନୀତି ନିୟମକୁ ନିଷ୍ଠାର ସହ କାର୍ଯ୍ୟକାରୀ କରନ୍ତୁ। କେବଳ ସରକାରଙ୍କୁ ସିଆର୍‌ଏସ୍ ପାଣ୍ଠି ବିନିଯୋଗର ତଥ୍ୟ ନ ଦେଖାଇ ଲୋକଙ୍କ ପାଇଁ ଆନ୍ତରିକତାର ସହ କାମ କରିବା ଉଚିତ୍ ବୋଲି ସେ କହିଥିଲେ। ଓଏମ୍‌ସିର ବରିଷ୍ଠ ଅଧିକାରୀ ରାମନାଥ ପ୍ରହରାଜ, ଭେଲ୍‌ର ପୂର୍ବତନ ଜିଏମ୍ ଇଂ. ରବିନାରାୟଣ ଷଡଙ୍ଗୀ, ବରିଷ୍ଠ ସାମ୍ବାଦିକ ସନ୍ଦିପ ମିଶ୍ର, ସାମ୍ବାଦିକ ରାଜେଶ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡିଶାରେ ଖଣିଜନିତ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଓୟୁଏଟିର ପୂର୍ବତନ କୁଳପତି ଡ. ଡି. ପି. ରୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫ମ ବୈଷୟିକ ଅଧିବେଶନରେ ନିରନ୍ତର ଖଣି ପ୍ରସଙ୍ଗକୁ ନେଇ ବିଭିନ୍ନ କ୍ଷେତ୍ରରୁ ଆସିଥିବା ବିଶେଷଜ୍ଞମାନେ ଆଲୋଚନା କରିଥିଲେ।

# SUNDAY classifieds




## BRIDE WANTED

Karan boy 38 Judicial officer, only son settle BBSR. 9090703282. D-15844

Brahmin Administrator 35/ 5'9", Cuttack searching bride (odisha), 8338083380, 8480611745. D-68934

Khandayat, 5'5", 25 - 30 years, fair, slim, Post Graduate Bride wanted for the 43 years, 5'8", MBA, LLB Groom, having construction business in Bhubaneswar. Contact- 9861022055, 9938219397. D-15785

## GROOM WANTED

Widow bride JE-36, Clerk 40, Teacher 43 (caste-no-bar)- 7873374269. D-68635

Age 35 Govt. Teacher ବିଧବା ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ any caste ପୁଅ ଦରକାର। 7381366103. D-67922

Beautiful Khandayat girl 1993/ 5'3", sound health, Rasi- 5/3, Diploma ETC, Father Businessman. Contact- 9861078320. D-67520

Now Matrimonial ads. only on Wednesday & Sunday Book 1 Get 1 FREE

Brahmapur ବାସିନ୍ଦା Khandayat CISF ରେ Head Incharge 40 ବର୍ଷ ଝିଅ ପାଇଁ ବରପାତ୍ର ଆବଶ୍ୟକ। 8895398591. D-15783

Kaibarta Govt. Teacher 37/ 5'2", Dhenkanal searching groom. 8338083380, 8480611745. D-68935

Beautiful CHAMAR bride, 26yrs, 5'4", Sagittarius 19/9, B.Sc/ BEd, working Govt. sector. Searching for a suitable match. Contact- 9337759465, 8144217780. D-15845

## automobile

### SALE

Zen Estilo, 2009, OD Number, 55000KM, for sale. 8637295022. D-68319

## real estate

### SALE

Immediatly sale 4BHK Duplex, Bhagabat Sandhan genuine byers, broker excuse, 8458088833. D-48720

Demarkated gharabari plot sale near Sundarpada 550 per sqft., close to 100 feet road. 8328995545. D-68734

**1500 sqft. gharabari plots on Sundarapada-Jatni road with developed 40ft mainroad & 30' internal road main entrance gate with security room & electricity. 9Km from airport Bhubaneswar 2km. before Xavier University for sale: 9937162220.** D-15831

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68453

**Bhubaneswar** ପିତାପଲ୍ଲୀଛକରେ **NH**କୁ ଲାଗିକି **plot** ମିଳୁଅଛି। **9090963952.** D-68451

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

Agriculture land for sale Patrapada Gahir near AIIMS. Broker excuse. 8895549929. D-67737

4/5BHK Duplex with Gated Community at Balianta (Land- 1400 & Construction- 2200 @ 60,00,000 / 2600 @ 70,00,000). Land at Trisulia- 1200/-, Aiims- 1650/-, Rudrapur- 1750/-, Raghunathpur- 2200/-, Pitapalli- 1.5cr, Banguary- 3.5cr, Raghunathpur- 7cr. Mplanets: 9938219397/ 9861022055. D-15826

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

ଭୁବନେଶ୍ୱର ଫୁଲନଖରା ତ୍ରିନାଥବଜାର ନିକଟରେ ଘରବାରି, **Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘରକଲା ଭଳି **developed** ପ୍ଲଟ୍ କିଣନ୍ତୁ। **(Limited plots).** ଯୋଗାଯୋଗ– **7381029351, 9937111658.** D-68455

**Bhubaneswar Infocity-2** ଆଗରେ **sqft.560/-immediate possession then registration. 9658383304, 9348232008.** D-68456

**New Duplex, 3BHK sale at Gudia Pokhari, Bhubaneswar with all amenities plan approved bank finance available 7077598070.** D-68919

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15714

Own gharabari corner plot- 2000sqft. for sale. At- Nissan car Showroom, (Bhubaneswar-Cuttack road), 8253273211. D-68933

SC House ready to move 23,50,000/- finishing Hanspala- 8093465134, 9668194157. D-68633

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15713

Patta Holder gharabari private plot near Keshora Bank Colony, Bhubaneswar, 9437283845. D-67264

**6380sqft. land with one single storied house (2871sqft.) and one 3 storied house (1383sqft. with 461sqft. on each floor) at Giri road, Berhampur is for sale. Contact: 9820700400.** D-68039

Gharabari plots Tankapani road Sai Temple east facing (finance available) Simplex B.J.E.M-(2) 15,80,000/-, 7735738102. D-15841

**New year offer 1bhk, 2bhk flat at Puri, just pay 2lakh with all accessories. 9583879744.** D-15843

Patta land 3500sqft. at Sishupalgarh, 2KM from Lingaraj Temple. Please contact- Hindustan Jewellers, 9437033691. D-68320

2BHK flat near Garage Chhak and Ravi Talkies Market Area, Bhubaneswar. 7873492433. D-68321

## construction

Construct your building as per your terms and condition. Contact: 9937064680. D-27284

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15827

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

**52seat capacity, modular kitchen, fully AC, running condition Restaurant for sale at Jayadurga nagar, Cuttack road, Bhubaneswar. 7008257791, 9937099977, 9438525977.** D-68634

## to-let

300 Sqft. Shop, A/43 near Reliance Fresh, Ruchika Market, Baramunda, Bhubaneswar. 8917512423, 8763246739. D-67269

2800 sft. with three bedroom for residence or office at Gangotri Nagar, Samantarapur. 9437929890. D-15832

Space for commercial Bank/ Corporate/ Companies/ Institution, Damana square near Max Show room per sqft. Rs.50 for 1st, 2nd and 3rd floor welfurnished, lift, Power back up available. 8249083968, 7978414100. D-15593

2BHK IBT Marble flats at Mainroad Unit-8 Soubhagya Nagar. 9000001508. D-67738

1BR, Drawing, Bath, Kitchen for small Family/ Student/ Bachelor near Ravitalkies, Siba Nagar, Tankapani road, Bhubaneswar. 9437562371. D-67263

1Room with bathroom at Main Road Soubhagyanagar for office/ residence. 9000004523. D-67736

Independent house 1300sqft. Pragati Enclave, Chandrasekharpur for Office/ Residence. 09437165036. D-15823

3BHK independent house with parking, Santha Vihar, Lingipur, BBSR. 8114351359, 9439357429. D-61070

## packers & movers

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## healthcare

Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies & gents smart therapist, 9668814589. D-68733

Newly open full body massage by ladies, gents therapist. 8018656899 D-60858

Monalisa Massage Club: All types body massage with hiprofile smart lady rooms service available- 9708545108. D-15810

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68730

Ayurvedic full body massage by ladies, gents therapist. 7008773793 D-60859

Take full body therapy. Just call 7852986810. D-68528

Full body herbal massage with refreshment expert therapist. 7381239385, 06742540855. D-68929

Experience full body massage with us (expert). Call: 7377048581, 06742597822. D-68930

Ayurvedic full body massage ladies and gents. Contact: 9861064981. D-68732

Herbal full body massage by smart / expert therapist. Contact: 8338067247. D-68931

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68932

Refresh your mind and soul with best therapy at Orchid Salon/Spa. 9937287222. D-68729

## business

**Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935.** D-67267

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

### ଓଡ଼ିଶା ହିନ୍ଦୁ ଦେବୋତ୍ତର କମିଶନରଙ୍କ ଅଦାଲତ, ଭୁବନେଶ୍ୱର

ମକଦ୍ଦମା ନଂ– ଓ.ଏ.୧୧/୨୦୧୯
(ଦେବୋତ୍ତର ଆଇନର ୩୦ଧାରା)

ଶ୍ରୀ ରାଧାନାଥ ଦାସ ଏବଂ ଅନ୍ୟ ଦୁଇଜଣ........ଦରଖାସ୍ତକାରୀଗଣ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଶ୍ରୀ ଦଧିବାମନ ଦେବ, ବିଜେ–ଗ୍ରାମ– ସାହସପୁର, ପୋ/ଥା– ବାଣପୁର, ଜିଲ୍ଲା– ଖୋର୍ଦ୍ଧା ଅନୁଷ୍ଠାନର ମୌରସିନ୍ୟାସୀ ଲଡୁକେଶ୍ୱର ଦାସଙ୍କର ମୃତ୍ୟୁ ପରେ ତାଙ୍କର ତିନି ପୁଅ ଶ୍ରୀ ରାଧାନାଥ ଦାସ, ବୟସ–୬୪, ଶ୍ରୀ ଗୁରୁପ୍ରସାଦ ଦାସ, ବୟସ– ୬୦ ଏବଂ ଶ୍ରୀ ଗୋପାଳକୃଷ୍ଣ ଦାସ, ବୟସ–୫୨, ଗ୍ରାମ– ସାହସପୁର, ପୋ/ଥା– ବାଣପୁର, ଜି– ଖୋର୍ଦ୍ଧା ତାଙ୍କର ଉତ୍ତରାଧିକାରୀ ଏବଂ ପୁତ୍ର ଭାବରେ ଉପରୋକ୍ତ ଅନୁଷ୍ଠାନର ମୌରସିନ୍ୟାସୀ ଦାବିକରି ଉପରୋକ୍ତ ମକଦ୍ଦମା ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତ୍‌ରେ ଦାଏର କରିଅଛନ୍ତି। ଏହି ମକଦ୍ଦମାରେ ଶ୍ରୀ ରାଧାନାଥ ଦାସ ଏବଂ ଗୁରୁ ପ୍ରସାଦ ଦାସ ଦରଖାସ୍ତକାରୀ ଥିବାବେଳେ ଶ୍ରୀ ଗୋପାଳକୃଷ୍ଣ ଦାସଙ୍କୁ ନାମକୁ ମାତ୍ର ପ୍ରତିବାଦୀ ଭାବରେ ପକ୍ଷଭୁକ୍ତ କରିଅଛନ୍ତି।

ଏଥିରେ କାହାର କିଛି ଆପତ୍ତି ଅଭିଯୋଗ ଥିଲେ ଆସନ୍ତା ତା.୨୧।୦୧।୨୦୨୦ ରିଖ ଦିବା ୧୦ଘ.୩୦ମିନିଟ୍ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହେବେ। ଅନ୍ୟଥା କାହାର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଏଥକୁ ଅଦାଲତ୍‌ର ସହି ମୋହର ସହ ଦିଆଗଲା।

–ସ୍ୱା.–
ଶ୍ରୀ ଚିତ୍ତରଞ୍ଜନ ମହାପାତ୍ର
ଓଡ଼ିଶା ହିନ୍ଦୁ ଦେବୋତ୍ତର କମିଶନର, ଭୁବନେଶ୍ୱର

ଭୁବନେଶ୍ୱର
ତା.୨୭।୧୧।୨୦୧୯

### NOTICE UNDER ORDER 5 RULE 20 C.P.C.

### IN THE COURT OF THE DISTRICT JUDGE, DHENKANAL

Guardian MISC. Case No. 208/ 2019
Swayamjeet Das and other......... Petitioners.

Versus

Swayam Prava Das..... Opp. Party.

Where as the Petitioner Jitendra Das son of late Sadananda Das of Laxmi Bazar, P.S. Town, P.O/ District- Dhenkanal has filed the above case for appointment of Guardian of Swayamjeet Das son of late Sanjukta Das of Laxmi Bazar, P.S. Town, P.O/ District- Dhenkanal in respect of property and person. U/S 7 and 9 of guardianship and wards Act, 1890. It is hereby noticed that if any body having any interest or objection regarding appointment of guardian he/ she/ they may contest the case in support of his/ her/ their claim and to appear in person through his/ her/ their pleader in the court of the District Judge, Dhenkanal on the 21st day of January 2020 at 10.30 A.M failing which the case will be heard and determined in his/ her/ their absence.

Given under my hand and seal of this court this 9th day of December 2019.

Approved. District Judge, Dhenkanal.

SD/-
District Judge
Dhenkanal.
D-15846

## ଜନ୍ମଦିନ ଶୁଭେଚ୍ଛା



(ଅର୍ଣ୍ଣୀ)

### ସାଇଜୟାନୀ ସାହୁ

ସ୍ଥାନ– ବଇଣ୍ଡା (କଦଳୀମୁଣ୍ଡା), ଅନୁଗୋଳ

ତୋର ୬ତମ ଜନ୍ମବାର୍ଷିକ ଉତ୍ସବରେ ପ୍ରଭୁ ଶ୍ରୀ ଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ ।

**ଶୁଭେଚ୍ଛା ସହ:**
ବାପା, ମା', ଅଜା, ଆଇ, ମାମୁ, ମାଉସୀ, ମଉସା, ଦିଦି, ଅପା, ଭାଇ, ଭଉଣୀ, ଓ ସାହୁ ପରିବାରବର୍ଗ ।

ଧ–୧୫୮୫୦

## ଜନ୍ମଦିନ ଶୁଭେଚ୍ଛା



### ଆଶୁ (ସିଦ୍ଧାର୍ଥ)

ରୋଡ୍–ନଂ–୩, ୟୁନିଟ୍–୯, ଭୁବନେଶ୍ୱର

ଆଜି ତୋର ଜନ୍ମଦିନରେ ମା' ମଙ୍ଗଳାଙ୍କ ଚରଣ ତଳେ ଆମ୍ଭମାନଙ୍କର ଏତିକି ଗୁହାରି ତୋତେ ପଣତ ତଳେ ମା' ଘଷ୍ଟ ଘୋଡ଼େଇ ରଖିଥାନ୍ତୁ। ନୀରୋଗ ରଖନ୍ତୁ, ବହୁତ ବିଦ୍ୟା ଦିଅନ୍ତୁ, ଭଲ ମଣିଷଟିଏ କରନ୍ତୁ ଓ ତୋର ଚଲାପଥରେ ସର୍ବଦା ସାହାଭରସା ହୁଅନ୍ତୁ।

**ଆଶୀର୍ବାଦ ସହ:**
ହେ ଅଜା, ଆଇ, ବାବା, ମାମା, ମାଉସୀ, ମମି, ବାପା, ଗୁଡୁଲି ଦିଦି।

ଧ–୧୫୮୨୨

## 5th Birthday Anniversary



### PUNYASLOKA RATHA

**Banpur, Sakhigopal**

High highness blessing from Lord Jagannath.

**Best Wishes From:**
Grand father, Grand mother, Ajja, Aai, Mamu, Father, Mother, Uncle, Anti, Mamuajja family & friends. Courtesy- 3D world Internet, Sakhigopal.

D-67611

## ଜନ୍ମବାର୍ଷିକୀ ଶୁଭେଚ୍ଛା



(ମାମୁନ୍)

### ଅଭିଲିପ୍‌ସା ଦାସ

ଚମ୍ପାବସ୍ତ, ବାଲିପାଟଣା, ଖୋର୍ଦ୍ଧା

ଆଜି ତୋର ପବିତ୍ର ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଭବିଷ୍ୟତ ଜୀବନ ସୁଖମୟ ଓ ସମୃଦ୍ଧିମୟ ହେଉ ବୋଲି ପ୍ରାର୍ଥନା କରୁଛୁ।

**ଶୁଭେଚ୍ଛା ସହ:**
ବାବା, ମାମା, ଦାଦା, ଖୁଡ଼ୀ, ଜେଜେ, ମା', ସାନ ଜେଜେ, ସାନ ମା', ରିପୁନ୍, ରିଷି, ମାମୁ, ମାଉସୀ, ଅଜା, ଆଇ

ଧ–୧୫୮୪୯

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## Birthday Wish



### SURYASRI

Wishing you a very Happy Birthday! May all your dreams come true.

**HAPPY BIRTHDAY TO YOU**

D-59862

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**MAA TARINI COMMUNICATION**
Prop. Susanta Kumar Nanda
N-1/286, IRC Village, Gastro Kideny Care Line
Mob: 9437211887

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

## ମନେ ପଡନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଆଦିତ୍ୟ କୁମାର ରାୟ ମହାପାତ୍ର**
ନଦିଗାଁ, ଉଆସସାହି, ଧୁଷୁରୀ, ଭଦ୍ରକ

ଆବିର୍ଭାବ: ୦୧।୦୧।୧୯୪୧
ତିରୋଧାନ: ୨୨।୧୨।୨୦୧୮

ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ତମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।

**ଶୋକସନ୍ତପ୍ତ ପରିବାର:**
ଝିଲି, ରଣଜିତ୍, ନୁକୁ, ଖକନ, ଫୁକୁ, ଛବି, ଖୁସି, ବୁବୁ, ପୁଚୁ, ପୁଚି, କେକେ, ରଙ୍ଗୋଲି, କୁନିଝିଅ, ତିତିଲି, ବିନ୍ଦିଆ, ଭଉଣୀ–ଭିଣୋଇ ଓ ଭଣଜା ଭାଣିଜୀ ।

ଧ–୧୫୮୪୭

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶଶିକଳା ବେହେରା**
ସୋଲପାଟ, ପାରିପଦା–ନିଜାମ୍‌ପୁର, ମଙ୍ଗଳପୁର, ଯାଜପୁର

ଆବିର୍ଭାବ: ୧୦।୧୦।୧୯୫୨
ତିରୋଧାନ: ୧୩।୧୨।୨୦୧୭

ବୋଉ ଲୋ ! ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ତୋର ସେହି ମମତା ବୋଳା ସ୍ନେହ, ଶ୍ରଦ୍ଧାରୁ ଆମେ ଆଜି ବଞ୍ଚିତ। କେମିତି ଭୁଲିବୁ କହ ? ତୋର ସେହି ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଓ ସରଳ ଜୀବନ ଆମପାଇଁ ସର୍ବଦା ଅନୁକରଣୀୟ। ଆଜିର ଏହି ପୁଣ୍ୟ ତିଥିରେ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

**ହତଭାଗ୍ୟ ପୁତ୍ର: ମଣ୍ଟୁ, ଟିଟୁ, ପୁତ୍ରବଧୂ: ରିଲି ଓ ମମ, ସମସ୍ତ ଝିଅ–ଜ୍ୱାଇଁ, ନାତି–ନାତୁଣୀ, ଆତ୍ମୀୟସ୍ୱଜନ ଓ ଶୋକସନ୍ତପ୍ତ ବେହେରା ପରିବାରବର୍ଗ ।**

ଧ–୧୫୮୪୮

## ବାରବାଟୀ ବାଉନ୍ସର



ଫ୍ଲଡ୍ ଲାଇଟ୍‌ରେ ବାରବାଟୀ ଷ୍ଟାଡ଼ିୟମ୍। (ଫଟୋ: ରାଜକିଶୋର ମହାନ୍ତି)




ପିଚ୍ ନିରୀକ୍ଷଣ କରିବା ପରେ କିରନ ପୋଲାର୍ଡ

# ବର୍ଷର ଶେଷ ମ୍ୟାଚ ପାଇଁ ପ୍ରସ୍ତୁତି

**କଟକ ଅଫିସ,୨୧।୧୨: ଭାରତୀୟ ଦଳ ବାରବାଟୀ ଷ୍ଟାଡିୟମରେ ରବିବାର '୨୦୧୯'ର ଶେଷ ମ୍ୟାଚ୍ ଖେଳିବ। ଚଳିତବର୍ଷ ଭାରତୀୟ କ୍ରିକେଟ ନିମନ୍ତେ ଏହା 'ସୁପର-ସଣ୍ଡେ' ବୋଲି କୁହାଯାଉଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଏହି ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ଶନିବାର ଉଭୟ ଦଳ ଅଭ୍ୟାସକୁ ଓହ୍ଲାଇଥିଲେ। ପୂର୍ବାହ୍ଣରେ ବିରାଟ ବାହିନୀ ଓ ଅପରାହ୍ଣରେ କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ ଇଣ୍ଡିଜର ଖେଳାଳି ଅଭ୍ୟାସ ଶେଷ କରି ଫେରିଛନ୍ତି। ତେବେ ଏଠାରେ ଉକ୍ତ ଦ୍ୱିପାକ୍ଷିକ ସିରିଜ୍‌ର ନିର୍ଣ୍ଣାୟକ ଫଳାଫଳ ଜଣାପଡ଼ିବ, ଯାହା ଓଡ଼ିଶାର ଏହି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ଇତିହାସରେ ଲିପିବଦ୍ଧ ହେବାକୁ ଅପେକ୍ଷା କରିଛି...**

### ୩୭ବର୍ଷ ପରେ କଟକରେ ନିର୍ଣ୍ଣାୟକ

୧୯୮୨ ମସିହାରେ ଅନ୍ତର୍ଜାତୀୟ କ୍ରିକେଟ ସିରିଜର ନିର୍ଣ୍ଣାୟକ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିଲା। ସେହି ବର୍ଷ ଜାନୁୟାରୀ ମାସରେ ଇଂଲଣ୍ଡ ବିପକ୍ଷ ଏକଦିବସୀୟ ସିରିଜ୍‌ର ୩ୟ ମ୍ୟାଚ୍ ଭାରତ ଏଠାରେ ଖେଳିଥିଲା। ପୂର୍ବ ୨ ମ୍ୟାଚରେ ସ୍ଥିତି ୧-୧ରେ ରହିଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇ ଟ୍ରଫି ହାସଲ କରିଥିଲା। ଦୀର୍ଘ ୩୭ବର୍ଷର ବ୍ୟବଧାନ ପରେ ପୁଣି ଥରେ ଏଠାରେ ଏଭଳି ରୋମାଞ୍ଚକର ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି। ଗୋଟିଏ ଲେଖାଏ ମ୍ୟାଚ ଜିତି ଭାରତ ଓ ଇଣ୍ଡିଜ ଦଳ ସମାନ ସ୍ଥିତିରେ ଅଛନ୍ତି। ରବିବାରର ମ୍ୟାଚ୍ ଯିଏ ଜିତିବ ସେ ଟ୍ରଫିର ହକ୍‌ଦାର ହେବ।



ପିଣ୍ଟୁ ବେହେରା

### ରୋହିତଙ୍କ ଫ୍ୟାନ୍ ନିରାଶ

ରୋହିତ ଶର୍ମାଙ୍କ ଫ୍ୟାନ୍ ଶନିବାର ନିରାଶ ହୋଇଛନ୍ତି। ଗ୍ୟାଲେରି ନଂ-୬ ଓ କ୍ଲବ ହାଉସରେ କ୍ରିକେଟପ୍ରେମୀ ଭାରତୀୟ ଦଳର ଅଭ୍ୟାସ ଦେଖିବାକୁ ଭିଡ଼ ଜମାଇଥିଲେ। ଏଥିରେ ଶହଶହ ରୋହିତଙ୍କ ପ୍ରଶଂସକ ଉପସ୍ଥିତ ଥିଲେ। ଏପରିକି ରୋହିତ ଶର୍ମାଙ୍କ ଜର୍ସିର ନକଲ ପିନ୍ଧି ଗ୍ୟାଲେରିକୁ ଆସିଥିଲେ। ହେଲେ ଭାରତୀୟ ଦଳର ଅଭ୍ୟାସରେ ରୋହିତ ଆସି ନ ଥିବା ଦେଖିବାକୁ ମିଳିଥିଲା। ରୋହିତଙ୍କ ସମେତ ଲୋକେଶ ରାହୁଲ, ରିଷଭ ପନ୍ତ, ମହମ୍ମଦ ସାମି ଓ ଯୁଜଭେନ୍ଦ୍ର ଚହଲ ମଧ୍ୟ ଅଭ୍ୟାସରେ ଅନୁପସ୍ଥିତ ଥିଲେ।

### କୋହଲିଙ୍କ ବିଗ୍‌ଫ୍ୟାନ ପିଣ୍ଟୁ

ପେଟରେ ସଚିନ ତେନ୍ଦୁଲକର ଓ ଛାତିରେ ବିରାଟ କୋହଲିଙ୍କ ଟାଟୁ। ଦେହ ସାରା କୋହଲିଙ୍କୁ ଭଲପାଇବାର ଚିହ୍ନ। ଭାରତୀୟ ଦଳର ଅଭ୍ୟାସ ସମୟରେ ବାଉଣ୍ଡରୀ ନିକଟରେ ଉପସ୍ଥିତ ଥିବା କୋହଲିଙ୍କ ଏହି ବିଗ୍ ଫ୍ୟାନ୍ ଜଣଙ୍କ ହେଲେ ପିଣ୍ଟୁ ବେହେରା। ପିଣ୍ଟୁ ଶନିବାର ସମସ୍ତଙ୍କ ନଜର ପରିସରକୁ ଆସିଥିଲେ। ଭାରତୀୟ ଦଳର ସମସ୍ତ ଖେଳାଳିଙ୍କ ନଜର ମଧ୍ୟ ପିଣ୍ଟୁଙ୍କ ଉପରେ ପଡ଼ିଥିଲା। ତେବେ ପୂର୍ବରୁ ପିଣ୍ଟୁ କୋହଲିଙ୍କୁ ଭେଟିଥିବା କହିଛନ୍ତି।

### ପୋଲାର୍ଡଙ୍କ ପାଇଁ ବିଶେଷ ବ୍ୟବସ୍ଥା

ୱେଷ୍ଟଇଣ୍ଡିଜ ଦଳ ଅଭ୍ୟାସକୁ ଆସିବା ପରେ ଉପସ୍ଥିତ କ୍ରିକେଟପ୍ରେମୀ କେବଳ ପୋଲାର୍ଡଙ୍କ ନାମ ଚିତ୍କାର କରିଥିଲେ। ପୋଲାର୍ଡ ପିଚ୍ ଅନୁଧ୍ୟାନ କରିବା ପରେ ବ୍ୟାଟିଂ ଅଭ୍ୟାସ କରିଥିଲେ। ତେବେ ପୋଲାର୍ଡଙ୍କୁ ପାଖରେ ପାଇ ବାଉଣ୍ଡରୀ ନିକଟରେ ଥିବା ଦର୍ଶକ ତାଙ୍କ ସହ ସେଲ୍‌ଫି ଉଠାଇବାକୁ ଭିଡ଼ ଜମାଇଥିଲେ। ପୋଲିସ ବାଧ୍ୟ ହୋଇ ପ୍ୟାଭିଲିୟନ ସମ୍ମୁଖ ଅଞ୍ଚଳକୁ ସ୍ୱତନ୍ତ୍ର ଭାବେ ବ୍ୟାରିକେଡ ବ୍ୟବସ୍ଥା କରିଥିଲା।

— ରିପୋର୍ଟ:କୁମାରଶ୍ରୀ

## ଶତକଠାରୁ ପାଦେ ଦୂରରେ କୁଲଦୀପ

**କଟକ ଅଫିସ, ୨୧।୧୨:** ବାରବାଟୀ ଦିନିକିଆ ମ୍ୟାଚ୍ ଭାରତୀୟ ଚାଇନାମ୍ୟାନ ବୋଲର କୁଲଦୀପ ଯାଦବଙ୍କ ପାଇଁ ସ୍ମରଣୀୟ ହୋଇପାରେ। ବିଶାଖାପାଟଣାରେ ଅନୁଷ୍ଠିତ ମ୍ୟାଚ୍‌ରେ ହ୍ୟାଟ୍ରିକ ଉଇକେଟ୍ ଅକ୍ତିଆର କରିଥିବା କୁଲଦୀପ ଦିନିକିଆରେ ବର୍ତ୍ତମାନ ସୁଦ୍ଧା ୫୫ ମ୍ୟାଚ୍‌ରୁ ୯୯ ଉଇକେଟ୍ ହାସଲ କରିସାରିଲେଣି। ଯଦି କଟକରେ କୁଲଦୀପ ଆଉ ଗୋଟିଏ ଉଇକେଟ୍ ହାସଲ କରନ୍ତି ତେବେ ଦିନିକିଆରେ ସେ ୧୦୦ ଉଇକେଟ୍ କ୍ଲବରେ ସାମିଲ ହେବେ। ଏଥିସହ ଦିନିକିଆରେ ୧୦୦ ଉଇକେଟ୍ ହାସଲ କରିବାରେ ସେ ଭାରତର ଯୁଗ୍ମ ଦ୍ରୁତତମ ବୋଲର ହେବେ। ପୂର୍ବରୁ ଭାରତ ପକ୍ଷରୁ ମହମ୍ମଦ ସାମିଙ୍କ ନାମରେ ଦ୍ରୁତତମ ଦିନିକିଆ ୧୦୦ ଉଇକେଟ୍ ହାସଲ ରେକର୍ଡ ରହିଛି। ସାମି ୫୬ ମ୍ୟାଚ୍ ଖେଳି ଏହି ମାଇଲଷ୍ଟୋନ ଛୁଇଁଥିଲେ। ସାମିଙ୍କ ସହ ସମକକ୍ଷ ହେବାକୁ ଏବେ କୁଲଦୀପଙ୍କ ନିକଟରେ ସୁଯୋଗ ରହିଛି।

## ଦଳରେ ମୋ ଦାୟିତ୍ୱ ବଢ଼ିଛି: ଆୟାର

**କଟକ, ୨୧।୧୨(କ୍ରୀଡ଼ା ପ୍ରତିନିଧି):** ବାରବାଟୀ ଷ୍ଟାଡିୟମରେ ରବିବାର ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ସିରିଜ ନିର୍ଣ୍ଣାୟକ ମ୍ୟାଚ ଅନୁଷ୍ଠିତ ହେବ। ଏହା ଉଭୟ ଦଳ ପାଇଁ କର ଅବା ମର ପରିସ୍ଥିତି ସୃଷ୍ଟି କରିଛି। ଭାରତୀୟ ଦଳର ପ୍ରତି ସଦସ୍ୟ ମଧ୍ୟ ଏହାର ଗୁରୁତ୍ୱ ଉପଲବ୍ଧି କରିଛନ୍ତି। ଶନିବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶ୍ରେୟାସ ଆୟାରଙ୍କ ପ୍ରତିକ୍ରିୟାରୁ ଏହା ସୂଚନା ମିଳିଛି। କ୍ୟାରିୟର ଆରମ୍ଭରେ ମୋ ଉପରେ ଏତେଟା ଦାୟିତ୍ୱ ନ ଥିଲା। ମାତ୍ର ଅଭିଜ୍ଞ ହେବା ସହ ଦାୟିତ୍ୱ ବଢ଼ିଛି। ୪ ନମ୍ବରରେ ବ୍ୟାଟିଂ କରୁଥିବାରୁ ଦାୟିତ୍ୱସମ୍ପନ୍ନଭାବେ ଖେଳିବାକୁ ପଡୁଛି ବୋଲି କହିଛନ୍ତି ଏହି ୨୫ ବର୍ଷୀୟ ଖେଳାଳି। ଚଳିତ ସିରିଜର ପ୍ରଥମ ୨ଟି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିବା ଆୟାର ଆଗାମୀ ମ୍ୟାଚରେ ମଧ୍ୟ ସମାନ ପ୍ରଦର୍ଶନ ଆଶା ରଖିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟ ଏବଂ ଅନ୍ତର୍ଜାତୀୟ କ୍ରିକେଟ ମଧ୍ୟରେ ଅନେକ ପ୍ରଭେଦ ରହିଛି। ଉଚ୍ଚସ୍ତରରେ ଖେଳିବାବେଳେ ଅଧିକ ଦାୟିତ୍ୱ ଥାଏ। ମୁଁ ଏବେ ମୋ ଗେମ୍‌କୁ ଭଲଭାବେ ବୁଝି ପାରିଛି ଏବଂ ସେହି ଅନୁସାରେ ଖେଳୁଛି। କେତେବେଳେ ସିଙ୍ଗଲ୍ ରନ ନେଇ ଷ୍ଟ୍ରାଇକ୍ ରୋଟେଟ କରିବାକୁ ପଡ଼ିବ ଏବଂ କେତେବେଳେ ଆକ୍ରମଣାତ୍ମକ ଖେଳିବାକୁ ହେବ ତାହା ମୁଁ ବୁଝି ସାରିଛି ବୋଲି ଆୟାର କହିଛନ୍ତି।



ସିରିଜର ପ୍ରଥମ ଦିନିକିଆରେ ଆୟାର ୮୮ ବଲ୍‌ରୁ ୭୦ ରନ କରିଥିଲେ। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଲେ ଯେ, ଗେମ୍‌ର ସ୍ଥିତି ନେଇ ଖେଳିବାକୁ ହୋଇଥାଏ। ସେହିଦିନ ସେପରି କିଛି ଆବଶ୍ୟକ ଥିଲା ବୋଲି ମୁଁ ଭାବିଥିଲି। ସେତେବେଳେ ଦଳ ମୋ ଠାରୁ ବଡ଼ ଶଟ୍ ଚାହୁଁ ନ ଥିଲା। ବଡ଼ ପାର୍ଟନରଶିପ୍ ଆବଶ୍ୟକ ଥିଲା। ତେଣୁ ମୁଁ ସ୍କୋର କିପରି ଆଗକୁ ବଢ଼ିବ ତା' ଉପରେ ଧ୍ୟାନ ଦେଇଥିଲି। ସେହି ମ୍ୟାଚରେ ପ୍ରଦର୍ଶନକୁ ନେଇ ମୁଁ ଖୁସି ଅଛି ବୋଲି ସେ ପ୍ରକାଶ କରିଛନ୍ତି। ୩ ଦିନପରେ ବିଶାଖାପାଟଣାରେ ଅନୁଷ୍ଠିତ ମ୍ୟାଚରେ ସେ ୩୨ ବଲ୍‌ରୁ ୫୩ ରନ କରିଥିଲେ। ପିଚ୍ ଓ ଦଳର ସ୍ଥିତିକୁ ନେଇ ସେ ଆକ୍ରମଣାତ୍ମକ ଖେଳିଥିଲେ ବୋଲି କହିଛନ୍ତି। ପୂର୍ବରୁ ମୁଁ ୫ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସୁଥିଲି। ଏବେ ୪ ନମ୍ବରରେ ଖେଳୁଛି। ଯେଉଁ ସ୍ଥାନରେ ଖେଳିଲେ ମଧ୍ୟ ମୁଁ ସହଜ ମନେ କରୁଛି ଏବଂ ଦଳର ଆବଶ୍ୟକତାକୁ ନେଇ ବ୍ୟାଟିଂ କରୁଛି ବୋଲି କହିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଆୟାର ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

## ଶ୍ରେଷ୍ଠ ପ୍ରଦର୍ଶନ କଲେ ବି ବିଜୟ ସହଜ ହେବନି: ସିମନ୍ସ

**କଟକ, ୨୧।୧୨(କ୍ରୀଡ଼ା ପ୍ରତିନିଧି):** ଚଳିତ ଭାରତ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରେ ୱେଷ୍ଟଇଣ୍ଡିଜ ଉତ୍ସାହୀ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛି। ଆଗାମୀ ମ୍ୟାଚରେ ସିରିଜ ନିର୍ଣ୍ଣୟ ହେଉଥିବାରୁ ଆମେ ନିଶ୍ଚିତଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ। ମାତ୍ର ଏହା ସତ୍ତ୍ୱେ ଭାରତକୁ ହରାଇବା ସହଜ ହେବନାହିଁ ବୋଲି ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି ୱେଷ୍ଟଇଣ୍ଡିଜ କୋଚ୍ ଫିଲ୍ ସିମନ୍ସ। "ଚଳିତ ସିରିଜରେ ଆମ ଦଳର ଖେଳାଳିମାନେ ପ୍ରତିଶ୍ରୁତିବଦ୍ଧତା ଦେଖାଇଛନ୍ତି। ଭାରତକୁ ଆମେ କଡ଼ା ଟକ୍କର ଦେଇଛୁ। ପ୍ରଥମ ଦିନିକିଆ ଜିତିଛୁ। ମାତ୍ର ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିବାରେ ସକ୍ଷମ ହୋଇଛି। ଆଗାମୀ ମ୍ୟାଚରେ କ'ଣ କରିବାକୁ ହେବ ଖେଳାଳିମାନେ ଜାଣିଛନ୍ତି। ତେବେ ଆମେ ଶ୍ରେଷ୍ଠ ପ୍ରଦର୍ଶନ କଲେ ମଧ୍ୟ ଭାରତ ବିପକ୍ଷରେ ବିଜୟ ସହଜ ହେବନାହିଁ" ବୋଲି ଗତ ଅକ୍ଟୋବରରେ ଦଳର କୋଚ୍ ଦାୟିତ୍ୱ ଗ୍ରହଣ କରିଥିବା ସିମନ୍ସ ପ୍ରକାଶ କରିଛନ୍ତି।

ଗତ ଦଶନ୍ଧି ମଧ୍ୟରେ ୱେଷ୍ଟଇଣ୍ଡିଜ ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ। ଗତ ମାସରେ ଆଫଗାନିସ୍ତାନ ବିପକ୍ଷରେ ୩-୦ରେ ସିରିଜ ବିଜୟକୁ ଛାଡ଼ିଦେଲେ ୨୦୧୪ ଅଗଷ୍ଟ ପରଠାରୁ ଦଳ ୧୬ଟି ଦ୍ୱିପାକ୍ଷିକ ସିରିଜ ଖେଳିଥିଲେ ହେଁ ଗୋଟିଏ ହେଲେ ଜିତି ପାରିନାହିଁ। "ଆମେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଶକ୍ତିଶାଳୀ ଦଳ ଗଠନ ପଥରେ ରହିଛୁ। ଆଗାମୀ ମ୍ୟାଚରେ ମଧ୍ୟ ଆମେ ଲକ୍ଷ୍ୟପଥରୁ ବିଚ୍ୟୁତ ହେବୁନାହୁଁ। ୱେଷ୍ଟଇଣ୍ଡିଜ ଏବେ ସକାରାତ୍ମକ ଖେଳୁଛି। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ଚମତ୍କାର ପ୍ରଦର୍ଶନ କରୁଛନ୍ତି। ଶାଇ ହୋପ୍ ଏବଂ ଶିମରନ ହେଟ୍‌ମେର ବଢ଼ିଆ ଫର୍ମରେ ଅଛନ୍ତି। ତେଣୁ ଆଗାମୀ ମ୍ୟାଚରେ ଆମେ ଟକ୍କର ଦେବାକୁ ନିଶ୍ଚିତ ଉଦ୍ୟମ କରିବୁ ବୋଲି କହିଛନ୍ତି। ବାରବାଟୀ ପିଚ୍‌ରେ ୩୦୦ରୁ ୩୨୦ ରନ ଚେଜ୍ କରିହେବ ବୋଲି ଅନୁମାନ କରିଛନ୍ତି ଏହି ପୂର୍ବତନ ଖେଳାଳି। ଭାରତ ପରି ଦଳ ବିପକ୍ଷରେ ଖେଳିବାବେଳେ ପ୍ରଥମେ ବ୍ୟାଟିଂ ହେଉ କି ଦ୍ୱିତୀୟରେ ସବୁବେଳେ ୩୦୦ରୁ ୩୨୦ ପର୍ଯ୍ୟନ୍ତ ରନ କରିବାକୁ ମନରେ ରଖିବାକୁ ପଡ଼ିବ ବୋଲି କହିଛନ୍ତି। ଗତ ଟି୨୦ ଓ ଚଳିତ ଦିନିକିଆ ସିରିଜରେ ଉଭୟ ଦଳ ଖେଳାଳିଙ୍କ ମଧ୍ୟରେ ସମ୍ପର୍କ କିଛିଟା ତିକ୍ତ ହୋଇଥିବା ପରିଲକ୍ଷିତ ହୋଇଛି। ମାତ୍ର ସିମନ୍ସ ଏହାକୁ ସକାରାତ୍ମକ ଦୃଷ୍ଟିରେ ନେଇଛନ୍ତି। ଦୁଇ ଦଳ ମଧ୍ୟରେ ସେମିତି କିଛି ନାହିଁ ବୋଲି କହିଛନ୍ତି। ଆମେ ଗୋଟିଏ ହୋଟେଲରେ ରହୁଛୁ, ଗୋଟିଏ ସ୍ଥାନରେ ଖାଉଛୁ। ଉତ୍ତମ ସମ୍ପର୍କ ମଧ୍ୟରେ ସବୁକିଛି ଚାଲିଛି ବୋଲି ସେ କହିଛନ୍ତି। ଆଇପିଏଲ କ୍ରିକେଟ ଖେଳାଳିଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିଛି ବୋଲି ସ୍ୱୀକାର କରିଛନ୍ତି ସିମନ୍ସ। ମାତ୍ର ଏହା ତାଙ୍କ କ୍ୟାରିୟରରେ ବଡ଼ ପରିବର୍ତ୍ତନ ଆଣିବ ବୋଲି ଶେଲ୍‌ଡ୍ରନ୍ କଟ୍ରେଲ ଭାବିବା ଉଚିତ ନୁହେଁ ବୋଲି କହିଛନ୍ତି କୋଚ୍ ସିମନ୍ସ।






ବାରବାଟୀରେ ସଚିନଙ୍କ ପ୍ରଶଂସକ ସୁଧୀର।



ଶନିବାର ଭାରତୀୟ ଦଳର ଅଭ୍ୟାସ ସେସନରେ ଉପସ୍ଥିତ ଦର୍ଶକ।




# ବାରବାଟୀରେ ଆଜି ମହା ମୁକାବିଲା

**କଟକ, ୨୧।୧୨ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟର ମକ୍କାଭାବେ ପରିଚିତ ବାରବାଟୀ ଷ୍ଟାଡିୟମ ଏବେ ଚଳଚଞ୍ଚଳ। ଏହି ଐତିହାସିକ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହେବ ଭାରତ-ୱେଷ୍ଟଇଣ୍ଡିଜ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ। ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ। ମ୍ୟାଚର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଉଭୟ ଦଳ ବେଶ୍ କିଛି ସମୟ ନେଟ୍ସରେ ଶନିବାର ଝାଳ ବୁହାଇଛନ୍ତି। ପ୍ରଥମ ୨ଟି ଗେମ୍ ପରେ ଚଳିତ ସିରିଜ ୧-୧ ସ୍ଥିତିରେ ଥିବାରୁ ବାରବାଟୀ ମ୍ୟାଚର ଗୁରୁତ୍ୱ ବଢ଼ି ଯାଇଛି। ଏଠାରେ ଖେଳାଯିବ ନିର୍ଣ୍ଣାୟକ ମ୍ୟାଚ। ଯିଏ ଜିତିବ ସିରିଜ୍ କବ୍‌ଜା କରିବ। ତେଣୁ ଓଡ଼ିଶା ଦର୍ଶକ ଏଠାରେ ଏକ ରୋମାଞ୍ଚକ ମ୍ୟାଚ ଉପଭୋଗ କରିବା ଆଶା ରହିଛି।

## କ୍ରମାଗତ ସିରିଜ ବିଜୟ ଲକ୍ଷ୍ୟ

ଭାରତ ଏହା ପୂର୍ବରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ରମାଗତ ୯ ଥର ଦ୍ୱିପାକ୍ଷିକ ସିରିଜ ବିଜୟୀ ହୋଇଛି। ତେଣୁ ବାରବାଟୀରେ ମ୍ୟାଚ ଜିତି ଦଳ ଏହି ସଂଖ୍ୟାକୁ ୧୦ରେ ପହଞ୍ଚାବା ଲକ୍ଷ୍ୟ ରଖିଛି। ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ ବିସ୍ମିତ କଲାଭଳି ପ୍ରଦର୍ଶନ କରିଥିଲେ ହେଁ ବିଶାଖାପାଟଣାରେ ଟିମ୍ ଇଣ୍ଡିଆ ଅଲରାଉଣ୍ଡ ଖେଳ ଦେଖାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଅଧିନାୟକ ବିରାଟ କୋହଲିଙ୍କ ବିରଳ ଡକ୍(୦)କୁ ଛାଡ଼ିଦେଲେ ଭାରତୀୟ ଦଳର ଅନ୍ୟ ସମସ୍ତ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଚମତ୍କାର ଖେଳିଥିଲେ।

## ରେକର୍ଡ କରିବେ ରୋହିତ

ଗତ ମ୍ୟାଚରେ ରୋହିତ ଶର୍ମା ଓ ଲୋକେଶ ରାହୁଲଙ୍କ ଦ୍ୱିଶତକୀୟ(୨୨୦) ଭାଗୀଦାରି ମୁଖ୍ୟ ଆକର୍ଷଣରେ ରହିଥିଲା। ସେହି ମ୍ୟାଚରେ ୧୫୯ ରନ କରିଥିବା ରୋହିତ ଶର୍ମା କଟକରେ ଏକ ରେକର୍ଡର ଅଧିକାରୀ ହେବାର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ସେ କଟକରେ ମାତ୍ର ୯ ରନ କଲେ ଜଣେ ଓପନରଭାବେ କ୍ରିକେଟର ସମସ୍ତ ଫର୍ମାଟରେ ସର୍ବାଧିକ ରନ ସଂଗ୍ରହକାରୀଭାବେ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ସନଥ ଜୟସୁରିୟାଙ୍କ ୨୨ ବର୍ଷର ରେକର୍ଡ ଭାଙ୍ଗିବେ। ଗତବର୍ଷ ଜୁନ୍‌ରେ ଆଇସିସି ବିଶ୍ୱକପରେ ପାକିସ୍ତାନ ବିପକ୍ଷ ମ୍ୟାଚଠାରୁ ରୋହିତ ସ୍ଥିର ପ୍ରଦର୍ଶନ କରି ଆସିଛନ୍ତି। ଚଳିତ ସିରିଜରେ ସେ ୱେଷ୍ଟଇଣ୍ଡିଜ ଦଳ ପାଇଁ ଚିନ୍ତାର କାରଣ ପାଲଟି ଯାଇଛନ୍ତି। ତାଙ୍କ ବ୍ୟତୀତ ଗତ ମ୍ୟାଚରେ ଫର୍ମର ନମୁନା ଦେଖାଇଥିବା ଶ୍ରେୟାସ ଆୟାର ଓ ରିଷଭ ପନ୍ତ ଏଠାରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ବର୍ଷଶେଷ କରିବା ଲକ୍ଷ୍ୟରେ ଅଛନ୍ତି।

## ଆରମ୍ଭ କରିବେ ସଇନୀ

ଦିଲ୍ଲୀ ଦ୍ରୁତ ବୋଲର ନବଦୀପ ସଇନୀ ଆଗାମୀ ମ୍ୟାଚରେ ଏକଦିବସୀୟ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବା ଯଥେଷ୍ଟ ସମ୍ଭାବନା ରହିଛି। ଦୀପକ ଚହର ଆହତ ଥିବାରୁ ତାଙ୍କ ସ୍ଥାନରେ ସଇନୀଙ୍କୁ ଦଳରେ ନିଆ ଯାଇଛି। ମହମ୍ମଦ ସାମି ଓ ଶାର୍ଦ୍ଦୁଳ ଠାକୁରଙ୍କ ଉପରେ ଗୁରୁ ଦାୟିତ୍ୱ ରହିବ। ଗତ ମ୍ୟାଚରେ ଉଇକେଟ ନେବାରେ ହ୍ୟାଟ୍ରିକ କରିଥିବାରୁ କୁଲଦୀପ ଯାଦବ ମଧ୍ୟ ଦର୍ଶକଙ୍କ ନଜରରେ ରହିବେ।

## ହାଇସ୍କୋରିଂ ମ୍ୟାଚ

ବିଶାଖାପାଟଣା ପରି ବାରବାଟୀରେ ମଧ୍ୟ ହାଇସ୍କୋରିଂ ମ୍ୟାଚ ହେବା ସମ୍ଭାବନା ରହିଛି। ଏ ସମ୍ପର୍କରେ କ୍ୟୁରେଟର କିଛି ସ୍ପଷ୍ଟ କରି ନ ଥିଲେ ହେଁ ବାରବାଟୀ ଏହାର ଦର୍ଶକଙ୍କୁ ଏକ ରୋମାଞ୍ଚକ ମ୍ୟାଚ ଭେଟିଦେବା ଅପେକ୍ଷାରେ ରହିଛି। ମ୍ୟାଚକୁ ଶୃଙ୍ଖଳିତ, ସଫଳ ଏବଂ ଚର୍ଚ୍ଚିତ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି।

## ଆଶାରେ ୱେଷ୍ଟଇଣ୍ଡିଜ

ଚେନ୍ନାଇ ମ୍ୟାଚରେ ବାମ-ଡାହାଣହାତୀ ବ୍ୟାଟିଂ କମ୍ବିନେଶନ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲା। ହେଟମେର ଓ ଶାଇ ହୋପ୍ ୱେଷ୍ଟଇଣ୍ଡିଜ ବିଜୟର ନେତୃତ୍ୱ ନେଇଥିଲେ। ବିଶାଖାପାଟଣାରେ ମଧ୍ୟ ଯଦି ଆୟାର ଡାଇରେକ୍ଟ ଥ୍ରୋ କରି ହେଟମେରଙ୍କୁ ରନଆଉଟ କରି ନ ଥାନ୍ତେ ତେବେ ହୁଏତ ୱେଷ୍ଟଇଣ୍ଡିଜ ନିଶ୍ଚିତ ଲଢ଼େଇ କରିଥାନ୍ତା। ଚେନ୍ନାଇରେ କ୍ୟାରିୟର ଶ୍ରେଷ୍ଠ ୧୩୯ ରନ କରିଥିବା ହେଟମେରଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ଆଗାମୀ ସଂସ୍କରଣ ପାଇଁ କିଙ୍ଗ୍ସ ଇଲେଭେନ ପଞ୍ଜାବ ୮.୫ କୋଟି ଟଙ୍କାରେ କିଣିଛି। ତେଣୁ ହେଟମେରଙ୍କ ମନୋବଳ ଏବେ କାହିଁ କେତେ ଉପରେ। ଆଇପିଏଲ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିଛି ବୋଲି କୋଚ୍ ଫିଲ୍ ସିମନ୍ସ ସ୍ୱୀକାର କରିଛନ୍ତି। ଶାଇ ହୋପ୍ ଚଳିତ ବର୍ଷ ରୋହିତଙ୍କ ପଛକୁ ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ତେଣୁ ୱେଷ୍ଟଇଣ୍ଡିଜ ଆଗାମୀ ମ୍ୟାଚ ଜିତି ସିରିଜ ବିଜୟୀ ହେବାକୁ ଆଶା ରଖିଛି।

## କାକରର ପ୍ରଭାବ ରହିବ

ଗତ ୨ଟି ମ୍ୟାଚରେ ୱେଷ୍ଟଇଣ୍ଡିଜ ଅଧିନାୟକ କିରନ ପୋଲାର୍ଡ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ମ୍ୟାଚରେ ସେ ନିଜ ରଣନୀତିରେ ସଫଳ ମଧ୍ୟ ହୋଇଥିଲେ। ଆଗାମୀ ମ୍ୟାଚରେ ମଧ୍ୟ ଟସ୍ ଜିତିବା ଦଳ କିଛି ନିଷ୍ପତ୍ତି ନେବାପୂର୍ବରୁ ଅନେକ କିଛି ଭାବିବେ ନିଶ୍ଚିତ। କାରଣ ଏଠାରେ କାକରର ପ୍ରଭାବ ରହିବ। ଦ୍ୱିତୀୟରେ ବୋଲିଂ କରିବା ଦଳ ପାଇଁ ହିତକର ହେବ କି ନାହିଁ ସେ ସମ୍ପର୍କରେ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ପଡ଼ିବ।

## ଧାରା ଭାଙ୍ଗିବା ଲକ୍ଷ୍ୟ

ୱେଷ୍ଟଇଣ୍ଡିଜ ଗତ ୧୩ ବର୍ଷ ଧରି ଭାରତ ବିପକ୍ଷରେ ଦ୍ୱିପାକ୍ଷିକ ଦିନିକିଆ କ୍ରିକେଟ ସିରିଜ ଜିତି ପାରିନାହିଁ। ଏବେ ଦଳ ପାଇଁ ସୁବର୍ଣ୍ଣ ସୁଯୋଗ ଆସିଛି। ଏହାର ସଦୁପଯୋଗ କରି ଦଳ ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିଛି। ବାରବାଟୀରେ ୨ ବର୍ଷ ପୂର୍ବରୁ ଏକ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେଥିରେ ଭାରତ ଇଂଲଣ୍ଡକୁ ୧୫ ରନରେ ଭାରତ ପରାସ୍ତ କରିଥିଲା।






ନୂଆ ରୂପ ନେଇଥିବା କ୍ଲକ୍ ଟାୱାରକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାଭେରି ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା।

## ଭାରତ ବନାମ ୱେଷ୍ଟଇଣ୍ଡିଜ

### ଭାରତୀୟ ଦଳ

ବିରାଟ କୋହଲି(ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ରିଷଭ ପନ୍ତ(ଉଇକେଟ କିପର), କେଦାର ଯାଦବ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସାମି, କୁଲଦୀପ ଯାଦବ, ନବଦୀପ ସଇନୀ, ମନୀଷ ପାଣ୍ଡେ, ଶିବମ୍ ଦୁବେ, ମୟଙ୍କ ଅଗ୍ରୱାଲ, ୟୁଜବେନ୍ଦ୍ର ଚହଲ।

### ୱେଷ୍ଟଇଣ୍ଡିଜ ଦଳ

କିରନ ପୋଲାର୍ଡ(ଅଧିନାୟକ), ଇଭିନ ଲିଓ୍ୱିସ, ସାଇ ହୋପ୍ (ଉଇକେଟ କିପର), ଶିମରନ ହେଟମେର, ରଷ୍ଟନ ଚେଜ୍, ନିକୋଲାସ ପୁରନ, ଜାସନ ହୋଲ୍ଡର, କେମୋ ପଲ୍, ଆଲଜାରି ଜୋସେଫ, ଖାରେ ପିଏରେ, ଶେଲଡନ କଟ୍ରେଲ, ସୁନୀଲ ଆମ୍ବ୍ରିସ, ବ୍ରେଣ୍ଡନ କିଙ୍ଗ୍, ରୋମାରିଓ ଶେଫର୍ଡ, ହେଡେନ ୱାଲ୍ସ।

### ମ୍ୟାଚ ଆରମ୍ଭ: ଅପରାହ୍ନ ୧ଟା ୩୦

- ଭେନ୍ୟୁ: ବାରବାଟୀ ଷ୍ଟାଡିୟମ
- ଅମ୍ପାୟର: ଶନ୍ ଜର୍ଜ, ନୀତୀନ ମେନନ
- ତୃତୀୟ ଅମ୍ପାୟର: ରଡ୍ ଟୁକର
- ମ୍ୟାଚ ରେଫରି: ଡେଭିଡ ବୁନ୍

## ବାରବାଟୀରେ ଦିନିକିଆ ରେକର୍ଡ

| ମ୍ୟାଚ୍ | ବିଜେତା | ତାରିଖ |
|---|---|---|
| ଭାରତ ବନାମ ଇଂଲଣ୍ଡ | ଭାରତ ୫ ଉଇକେଟରେ ବିଜୟୀ | ଜାନୁୟାରୀ ୨୭, ୧୯୮୨ |
| ଭାରତ ବନାମ ଇଂଲଣ୍ଡ | ଇଂଲଣ୍ଡ ୧ ରନରେ ବିଜୟୀ | ଡିସେମ୍ବର ୨୭, ୧୯୮୪ |
| ଅଷ୍ଟ୍ରେଲିଆ ବନାମ ଜିମ୍ବାୱେ | ଅଷ୍ଟ୍ରେଲିଆ ୭୦ ରନରେ ବିଜୟୀ | ଅକ୍ଟୋବର ୩୦, ୧୯୮୭ |
| ଭାରତ ବନାମ ନ୍ୟୁଜିଲାଣ୍ଡ | ଭାରତ ୫ ଉଇକେଟରେ ବିଜୟୀ | ଡିସେମ୍ବର ୧୨, ୧୯୮୮ |
| ଇଂଲଣ୍ଡ ବନାମ ପାକିସ୍ତାନ | ଇଂଲଣ୍ଡ ୪ ଉଇକେଟରେ ବିଜୟୀ | ଅକ୍ଟୋବର ୨୨, ୧୯୮୯ |
| ଭାରତ ବିନାମ ଶ୍ରୀଲଙ୍କା | ଶ୍ରୀଲଙ୍କା ୩୬ ରନରେ ବିଜୟୀ | ଡିସେମ୍ବର ୨୮, ୧୯୯୦ |
| ଭାରତ ବନାମ ୱେଷ୍ଟଇଣ୍ଡିଜ | ଭାରତ ୮ ଉଇକେଟରେ ବିଜୟୀ | ନଭେମ୍ବର ୯, ୧୯୯୪ |
| ଭାରତ ବନାମ କେନିଆ | ଭାରତ ୭ ଉଇକେଟରେ ବିଜୟୀ | ଫେବୃୟାରୀ ୧୮ ,୧୯୯୬ |
| ଭାରତ ବନାମ ଅଷ୍ଟ୍ରେଲିଆ | ମ୍ୟାଚ୍ ବାତିଲ | ଅକ୍ଟୋବର ୨୭, ୧୯୯୬ |
| ଭାରତ ବନାମ ଜିମ୍ବାୱେ | ଭାରତ ୩୨ ରନରେ ବିଜୟୀ | ଏପ୍ରିଲ ୯, ୧୯୯୮ |
| ଭାରତ ବନାମ ଜିମ୍ବାୱେ | ଭାରତ ୩ ଉଇକେଟରେ ବିଜୟୀ | ଡିସେମ୍ବର ୨, ୨୦୦୦ |
| ଭାରତ ବନାମ ଇଂଲଣ୍ଡ | ଇଂଲଣ୍ଡ ୧୬ ରନରେ ବିଜୟୀ | ଜାନୁୟାରୀ ୨୨, ୨୦୦୨ |
| ଭାରତ ବିନାମ ନ୍ୟୁଜିଲାଣ୍ଡ | ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ | ନଭେମ୍ବର ୬, ୨୦୦୩ |
| ଭାରତ ବନାମ ୱେଷ୍ଟଇଣ୍ଡିଜ | ଭାରତ ୨୦ ରନରେ ବିଜୟୀ | ଜାନୁୟାରୀ ୨୦୦୭ |
| ଭାରତ ବନାମ ଇଂଲଣ୍ଡ | ଭାରତ ୬ ଉଇକେଟରେ ବିଜୟୀ | ନଭେମ୍ବର ୨୬, ୨୦୦୮ |
| ଭାରତ ବନାମ ଶ୍ରୀଲଙ୍କା | ଭାରତ ୭ ଉଇକେଟରେ ବିଜୟୀ | ଡିସେମ୍ବର ୨୧, ୨୦୦୯ |
| ଭାରତ ବନାମ ୱେଷ୍ଟଇଣ୍ଡିଜ | ଭାରତ ୧ ଉଇକେଟରେ ବିଜୟୀ | ନଭେମ୍ବର ୨୯,୨୦୧୧ |
| ଭାରତ ବନାମ ଅଷ୍ଟ୍ରେଲିଆ | ମ୍ୟାଚ୍ ବାତିଲ | ଅକ୍ଟୋବର ୨୬, ୨୦୧୩ |
| ଭାରତ ବନାମ ଶ୍ରୀଲଙ୍କା | ଭାରତ ୧୬୯ ରନରେ ବିଜୟୀ | ନଭେମ୍ବର ୨, ୨୦୧୪ |
| ଭାରତ ବନାମ ଇଂଲଣ୍ଡ | ଭାରତ ୧୫ ରନରେ ବିଜୟୀ | ଜାନୁୟାରୀ ୧୯, ୨୦୧୭ |




## ଭଲ ନାହିଁ ବିରାଟଙ୍କ ରେକର୍ଡ

**କଟକ, ୨୧।୧୨(କ୍ରୀଡ଼ା ପ୍ରତିନିଧି):** ଅନ୍ତର୍ଜାତୀୟ କ୍ରିକେଟରେ ଏବେ ବିରାଟ କୋହଲି ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଖେଳାଳିଭାବେ ଉଭା ହୋଇଛନ୍ତି। ଖେଳାଳିଭାବେ ହୁଅନ୍ତୁ କି ଅଧିନାୟକ ବିରାଟ ଏବେ ଅନେକ ରେକର୍ଡର ଅଧିକାରୀ। ଦିନିକିଆ କ୍ରିକେଟରେ ଦ୍ରୁତ ୧୦୦୦୦ ରନ ରେକର୍ଡର ଅଧିକାରୀ କୋହଲିଙ୍କର ବାରବାଟୀ ଷ୍ଟାଡିୟମରେ କିନ୍ତୁ ରେକର୍ଡ ଭଲ ନାହିଁ। ଏଠାରେ ସେ ଏକଦିବସୀୟ ଓ ଟି୨୦କୁ ମିଶାଇ ୪ଟି ମ୍ୟାଚ ଖେଳିଥିଲେ ହେଁ ମାତ୍ର ୩୪ ରନ କରିବାକୁ ସକ୍ଷମ ହୋଇଛନ୍ତି। ତିନୋଟି ଦିନିକିଆରେ ସେ ଯଥାକ୍ରମେ ୩, ୨୨ ଓ ୧ ରନ କରିଥିବାବେଳେ ଗୋଟିଏ ଟି୨୦ରେ ୮ ରନ କରିବାକୁ ସକ୍ଷମ ହୋଇଛନ୍ତି। ଭାରତର କୌଣସି ଭେନ୍ୟୁ(ଅତିକମ୍‌ରେ ୩ଟି ମ୍ୟାଚ ଖେଳିଥିବା)ରେ ବିରାଟଙ୍କର ଏହା ସବୁଠାରୁ ଖରାପ ରେକର୍ଡ। ବାରବାଟୀରେ ନିଜ ନାମରେ ଥିବା ଏହି ଅଲୋଡ଼ା ରେକର୍ଡକୁ ଭାଙ୍ଗିବାକୁ ନିଶ୍ଚିତ ଉଦ୍ୟମ କରିବେ ବିରାଟ। ଏଥିପାଇଁ ଶନିବାର ନେଟ୍ସରେ ବେଶ୍ କିଛି ସମୟ ତାଙ୍କୁ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା। ଚଳିତ ସିରିଜର ୨ଟି ମ୍ୟାଚରେ ସେ ଯଥାକ୍ରମେ ୪ ଓ ୦ରେ ଆଉଟ ହୋଇଥିବାରୁ ସିରିଜ ନିର୍ଣ୍ଣାୟକ ମ୍ୟାଚରେ ତାଙ୍କଠାରୁ କ୍ରିକେଟପ୍ରେମୀ ଏକ ବଡ଼ ସ୍କୋର ଆଶା କରୁଛନ୍ତି। ୨୦୧୭ରେ ଏଠାରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଟି୨୦ ମ୍ୟାଚରେ ସେ ଦଳର ନେତୃତ୍ୱ ନେଇଥିଲେ। ତେଣୁ ଏଠାରେ ଖେଳିବା ଏବଂ ଅଧିନାୟକ ଦାୟିତ୍ୱ ତୁଲାଇବାରେ ତାଙ୍କର ଅଭିଜ୍ଞତା ରହିଛି।

### ହଲ୍ ଭଡ଼ା ବାବଦ ଆଦାୟ ଅର୍ଥ ଅନିୟମିତତା ପ୍ରସଙ୍ଗ

# ସ୍ୱାସ୍ଥ୍ୟମନ୍ତ୍ରୀ, ୨ପୂର୍ବତନ କିରାଣିଙ୍କୁ ଲୋକାୟୁକ୍ତଙ୍କ ନୋଟିସ

**ପୁରୀ ଅଫିସ,୨୧।୧୨**

ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍‌ପିଟାଲର ସମ୍ମିଳନୀ କକ୍ଷ ଭଡା ବାବଦକୁ ଆଦାୟ ଅର୍ଥରେ ଲକ୍ଷାଧିକ ଟଙ୍କା ଅନିୟମିତତା ଅଭିଯୋଗ ଉପରେ ଶୁକ୍ରବାର ଲୋକାୟୁକ୍ତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀଙ୍କୁ ନୋଟିସ ଜାରି କରିଛନ୍ତି। ଏହି ଘଟଣାର ସବିଶେଷ ରିପୋର୍ଟ ଆଗାମୀ ଶୁଣାଣି ପୂର୍ବରୁ ଦାଖଲ ଲାଗି ରାୟରେ କହିଛନ୍ତି। ଏଥିସହିତ ଏହି ଘଟଣାରେ ସମ୍ପୃକ୍ତ ଥିବା ଉକ୍ତ କଲେଜର ଦୁଇଜଣ ପୂର୍ବତନ କିରାଣି ଅଜୟ କୁମାର ଦାସ ଓ ହିମାଂଶୁ ଶେଖର ଦାଶଙ୍କୁ ଆଗାମୀ ଶୁଣାଣି ପୂର୍ବରୁ ନିଜ ରିପୋର୍ଟ ଦାଖଲ ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜାନୁୟାରୀ ୧୪ ରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୩୧ରେ କଲେଜ ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରା ଲୋକାୟୁକ୍ତଙ୍କ ନିକଟରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ। ଏହି ଘଟଣାର ସବିଶେଷ ରିପୋର୍ଟ ସେ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରିଥିଲେ। ହଲ ଭଡା ଆଦାୟ ନାଁରେ ଲକ୍ଷାଧିକ ଟଙ୍କାର ହେରଫେର ହୋଇଥିବା ନେଇ ସୂଚନା ଅଧିକାର କର୍ମୀ

**ଗୋପବନ୍ଧୁ ଆୟୁର୍ବେଦ କଲେଜ**

ବଟକୃଷ୍ଣ ପ୍ରଧାନ ଲୋକାୟୁକ୍ତ ସମେତ ଭିଜିଲାନ୍ସ ଏସ୍‌ପି, ଭୁବନେଶ୍ୱରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଅକ୍ଟୋବର ୧୮ରେ ପୁରୀ ଓ ଭୁବନେଶ୍ୱର ଭିଜିଲାନ୍ସ ୟୁନିଟ୍ ମିଳିତ ଭାବେ କଲେଜରେ ଚଢଉ କରି ରେକର୍ଡପତ୍ର ଯାଞ୍ଚ କରିଥିଲେ। ଏଥିସହିତ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜବତ କରିଥିଲେ। ସେହି ସମୟରେ ଆର୍ଥିକ ଅନିୟମିତତା ପ୍ରସଙ୍ଗକୁ କଲେଜ ଅଧ୍ୟକ୍ଷ ବେହେରା ସ୍ୱୀକାର କରିଥିଲେ। ସମ୍ପୃକ୍ତ ଦୁଇ କିରାଣିଙ୍କଠାରୁ ୧ଲକ୍ଷ ୮୫ହଜାର ଟଙ୍କା ଆଦାୟ କରାଯାଇଥିବା ନେଇ ଗଣମାଧ୍ୟମକୁ କହିଥିଲେ। ତେବେ ସରକାରୀ ଅର୍ଥ ତୋସରପାତ ନେଇ ଦୁଇ କିରାଣିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସୂଚନା ଅଧିକାର କର୍ମୀ ପ୍ରଧାନ ଦାବି କରିଛନ୍ତି। ପ୍ରକାଶ ଯେ, ପୂର୍ବତନ କିରାଣି ହିମାଂଶୁଙ୍କଠାରୁ ବିଭିନ୍ନ ସାମଗ୍ରୀ କିଣା ବାବଦକୁ ୧୧ଲକ୍ଷ ୫୧ ହଜାର ୯୦୩ ଟଙ୍କା ୨୦୧୭-୧୮ ଆର୍ଥିକ ବର୍ଷରେ ଆତ୍ମସାତ କରିଥିବା ନେଇ ଅଭିଯୋଗ ଆସିଥିଲା।











HURRY UP! 10 DAYS LEFT

Scratch & WIN! GOLD COIN OFFER ^WIN UP TO 10 GM GOLD COIN

| | ALTO (P) | VITARA BREZZA (D) | DZIRE (P) | DZIRE (D) | SWIFT (P) | SWIFT (D) | CELERIO (P) | EECO (5/7 SEATER) |
|---|---|---|---|---|---|---|---|---|
| କଞ୍ଜୁମର ଅଫର* | ₹47500 | ₹40000 + 5 Yr. Warranty | ₹30000 | ₹30000 + 5 Yr. Warranty | ₹30000 | ₹25000 + 5 Yr. Warranty | ₹30000 | ₹15000 |
| ଏକ୍ସଚେଞ୍ଜ୍ ଅଫର* | ₹15000 | ₹20000 | ₹20000 | ₹20000 | ₹20000 | ₹20000 | ₹15000 | ₹20000 |
| କର୍ପୋରେଟ୍ ଅଫର* | ₹5000 | ₹10000 | ₹5000 | ₹10000 | ₹5000 | ₹10000 | ₹5000 | ₹5000 |
| ମୋଟ ସଞ୍ଚୟ* | ₹67500 | ₹89500 | ₹55000 | ₹77000 | ₹55000 | ₹70750 | ₹50000 | ₹40000 |

ALTO ALTO K10 SWIFT VITARA BREZZA DZIRE CELERIO EECO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

**JYOTE MOTORS**
BHUBANESWAR: LEWIS ROAD: CALL: 9776615020, 8338033883, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108

**SKY AUTOMOBILES**
BHUBANESWAR: CALL: 9776645711. CUTTACK: CALL: 9776677771, 7381873818.
DHENKANAL: CALL: 9776900005. JAJPUR: CALL: 9776900777.

**NARAYANI MOTORS**
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473.
PURI: CALL: 9583022035. PARADEEP: CALL: 9583022034/ 06722-228044.

**ODYSSEY MOTORS**
ANGUL: CALL: 7752076136, 9776901481.
PALLAHARA: CALL: 7873565435, 9437831123.

*Terms and Conditions apply. All offers are brought to you by Maruti Suzuki dealers. Offers may vary from city to city, and variant to variant for all models. Corporate offer value is maximum offer value, and same is applicable to selected corporates only. For diesel variants, warranty amount calculated is of the highest variant. Offer valid till stock lasts. ^Best year-end offers and Best year-end exchange bonus would not be applicable on Vitara Brezza and Celerio. Offer is not applicable on S-Presso & Ertiga. Exchange offer valid at True Value outlets only. ^Offer applicable on all Models except New Ertiga Petrol. Offer valid from 2nd to 31st December, 2019. The value of 1gm gold coin is ₹3500/-. The scratch card is not transferable. Accessories shown may not be part of standard equipment. The article is released in Hindustan Times. Offers are valid till 31st December 2019.



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଜ୍ଞାନୀ ଲୋକମାନେ ଧନନଷ୍ଟ କିମ୍ବା ମୃତ୍ୟୁ ପାଇଁ ଶୋକ କରନ୍ତି ନାହିଁ।
- ବ୍ୟାସଦେବ



## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ମଦ ଜବତ: ୩ ଗିରଫ

**ଆଠଗଡ,୨୧।୧୨(ସ୍ୱ.ପ୍ର.)** ଆଠଗଡ ଅବକାରୀ ବିଭାଗ ପକ୍ଷରୁ ଶନିବାର ଭିରୁଡା ଗ୍ରାମ ନିକଟ ଜଙ୍ଗଲରେ ଅଚାନକ ଚଢ଼ାଉ କରାଯାଇଛି। ତିଗିରିଆ ପୋଲିସ ଓ ବନବିଭାଗ କର୍ମଚାରୀଙ୍କ ଦ୍ୱାରା ଏହି ଚଢ଼ାଉ କରାଯାଇ ୫୨୬୦ ଲିଟର ଗୁଡ ମହୁଲ ମିଶା ପୋଚ ନଷ୍ଟ କରାଯାଇଛି। ଏଥିସହ ୨୪୦ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ରନ୍ଧା ମଦ ନେଇ ଯାଉଥିବା ବେଳେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଭିରୁଡା ଗ୍ରାମର ସୁର ବେହେରା, ପବିତ୍ର ଧଳ ଓ ଅନ୍ତର୍ଯ୍ୟାମୀ ନାୟକ। ସେମାନଙ୍କଠାରୁ ଯଥାକ୍ରମେ ୨୦,୧୮ ଓ ୧୬ ଲିଟର ଦେଶୀମଦ ଜବତ କରାଯାଇଛି। ଅବକାରୀ ନିରୀକ୍ଷକ ସଂଜିତ ବାର୍ଲା ଏହି ଚଢ଼ାଉର ନେତୃତ୍ୱ ନେଇଥିବା ବେଳେ କଟକ ୨ନଂ ଭ୍ରାମ୍ୟମାଣ ଭାରପ୍ରାପ୍ତ ଅଧିକାରୀ ରମେଶଚନ୍ଦ୍ର ଶତପଥୀ, ଆଠଗଡ ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ଭଞ୍ଜ, ନରସିଂହପୁର ଭାରପ୍ରାପ୍ତ ଅଧିକାରୀ ଥାର୍ପା ମାରାଣ୍ଡି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ନରାଜ, ୨୧।୧୨ (ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରକିଶୋର ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ବାଙ୍କୀ ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ମଧୁପୁର ସରପଞ୍ଚ ସୁମିନା ପ୍ରଧାନ ଓ ବେଲଗଛିଆ ସରପଞ୍ଚ ମାନିନୀ ସାହୁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ରାଉତ, ବିଜୟ କୁମାର ସାହୁ, ହିରଣ୍ୟା ସ୍ୱାଇଁ ଓ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ଅଜୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ଶିକ୍ଷୟିତ୍ରୀ,ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

### ୩ ବାଲି, ପଥର ବୋଝେଇ ଟ୍ରାକ୍ଟର ଜବତ

**ବଡମ୍ବା,୨୧।୧୨(ଡି.ଏନ୍.ଏ):** ବଡ଼ମ୍ବା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର ଚଢ଼ାଉ କରାଯାଇ ୩ ବାଲି ଓ ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ତହସିଲଦାର ଅନିଲ କୁମାର ପଟ୍ଟନାୟକ ଓ ଅତିରିକ୍ତ ତହସିଲଦାର ସୁରଥ ଚନ୍ଦ୍ର ରାଉତ ବଡମ୍ବା ପୋଲିସ୍ ସହାୟତାରେ ଏହି ଚଢ଼ାଉ କରିଥିଲେ। ବେଆଇନ ଭାବେ ବାଲି ଓ ପଥର ଚାଲାଣ କରାଯାଉଥିବା ଖବରପାଇ ଗୋପମଥୁରା, ଚୁଣାପୁର ଓ ବଡମ୍ବା ନରସିଂହପୁର ମୁଖ୍ୟ ରାସ୍ତାରୁ ଏହି ଗାଡିଗୁଡିକୁ ଜବତ କରାଯାଇଥିଲା। ସମ୍ପୃକ୍ତ ଗାଡି ମାଲିକଙ୍କ ନିକଟରୁ ୨୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଥିବା ନେଇ ଅତିରିକ୍ତ ତହସିଲଦାର ରାଉତ ସୂଚନା ଦେଇଛନ୍ତି।

### ବାଲିଝରୀ ମା'ମହାଲକ୍ଷ୍ମୀ ମହୋତ୍ସବ ଉଦ୍‌ଯାପିତ

**ନରସିଂହପୁର,୨୧।୧୨(ଡି.ଏନ୍.ଏ.):** ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିଝରୀଠାରେ ୭ ଦିନଧରି ଅନୁଷ୍ଠିତ ହେଉଥିବା ମହାଲକ୍ଷ୍ମୀ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର, ମୁଖ୍ୟବକ୍ତା ବ୍ଲକ ଅଧକ୍ଷ କିଶୋରଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ସାମାଜିକ କର୍ମୀ ଜୟକୃଷ୍ଣ ନାୟକ, ନରେନ୍ଦ୍ର କୁମାର ଦାଶ, ପୂଜା କମିଟି ସମ୍ପାଦକ ପ୍ରାଣକୃଷ୍ଣ ସୁବୁଦ୍ଧି, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପୂଜା କମିଟି ସମ୍ପାଦକ ସୁବୁଦ୍ଧି ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ସନାତନ ସ୍ୱାଇଁ ସଞ୍ଚାଳନ କରିଥିଲେ। ଏଥିରେ ବାଲିଝରୀ ସରପଞ୍ଚ ମନମୋହନ ନାୟକ ଅଧକ୍ଷତା କରିଥିଲେ। ଏହି ଅବସରରେ ଶ୍ୟାମସୁନ୍ଦରପୁର, ବାଲିଝରିର ୧୮ ପୂଜା ମଣ୍ଡପର ସଭାପତି ସମ୍ପାଦକଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟିଖୋଳାକୁ ନେଇ ଗୋଷ୍ଠୀ ସଂଘର୍ଷ

**ଖୁଣ୍ଟୁଣୀ,୨୧।୧୨(ଡି.ଏନ୍.ଏ.)**



ଉତ୍ତ୍ୟକ୍ତ ଲୋକେ ପୋକଲିନ୍ ଭାଙ୍ଗି ଦେଇଛନ୍ତି।

- ଉଭୟ ପକ୍ଷରୁ ୬ ଆହତ
- ପୋକ୍‌ଲିନ୍, ବାଇକ୍ ଭଙ୍ଗାରୁଜା
- ମାଟିଉଠା ବନ୍ଦ କଲା ପୋଲିସ

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖଣ୍ଡବନ୍ଧ ଏବଂ ମାଣିତରା ଗ୍ରାମ ସଂଲଗ୍ନ ଏକ ବିବାଦୀୟ ଜମିରୁ ମାଟିଖୋଳାକୁ ନେଇ ଶନିବାର ଅପରାହ୍ଣରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମାଣିତରା ଏବଂ ଖଣ୍ଡବନ୍ଧ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଏହାକୁ ନେଇ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉଭୟ ପକ୍ଷରୁ ୬ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଖୁଣ୍ଟୁଣୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ରେଙ୍ଗାଲୀ ବନ୍ଧ ଯୋଜନା କାର୍ଯ୍ୟ କରୁଥିବା ଜଣେ ଠିକାଦାର ଆଉ ଜଣେ ବ୍ୟକ୍ତିଙ୍କ ଜରିଆରେ ବିବାଦୀୟ ଜମିରୁ ମାଟି ଉଠାଉଥିଲେ। ସଂପୃକ୍ତ ବ୍ୟକ୍ତି ଜଣକ ପୋକ୍‌ଲିନ୍ ଦ୍ୱାରା ମାଟି ଖୋଳୁଥିଲେ। ଏଥିରେ ମାଣିତରା ଗ୍ରାମର କେତେକ ବ୍ୟକ୍ତି ସହଯୋଗ କରୁଥିଲେ। ତେବେ ଖଣ୍ଡବନ୍ଧ ଗ୍ରାମର କେତେକ ବ୍ୟକ୍ତି ପହଞ୍ଚି ଏହାକୁ ବିରୋଧ କରିଥିଲେ। ଫଳରେ ମାଣିତରା ଏବଂ ଖଣ୍ଡବନ୍ଧ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଏହାକୁ ନେଇ ଗଣ୍ଡଗୋଳ ଦେଖାଦେଇଥିଲା। ଖଣ୍ଡବନ୍ଧର କିଛି ବ୍ୟକ୍ତି ଠିକାଦାରଙ୍କ ଏକ ବାଇକ୍ ଏବଂ କୋପ୍‌ଲିନ୍ ମେଶିନକୁ ଭଙ୍ଗାରୁଜା କରିଛନ୍ତି। ଏଥିସହ ଜଣେ ସୁପରଭାଇଜର୍‌ଙ୍କୁ ମଧ୍ୟ ସେ ମାଡ଼ ମାରିଛନ୍ତି। ଅପରପକ୍ଷେ ମାଣିତରା ଗ୍ରାମର କିଛି ବ୍ୟକ୍ତି ଖଣ୍ଡବନ୍ଧ ଗ୍ରାମର ରଶ୍ମିତା ବେହେରାଙ୍କ ଘରେ ପଶି ୩/୪ଜଣଙ୍କୁ ମାଡ଼ ମାରିଥିବା ନେଇ ସେ ଖୁଣ୍ଟୁଣୀ ଥାନାରେ ଏତଲା ଦେଇଛନ୍ତି। ଖବର ପାଇ ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ରା ଦାସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ବିବାଦୀୟ ଜମିରୁ ମାଟିଖୋଳା ବନ୍ଦ କରିଥିଲେ। ଆସନ୍ତା ସୋମବାର ଆଠଗଡ଼ ତହସିଲଦାର୍ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ଦାସ ପ୍ରକାଶ କରିଛନ୍ତି। ରିପୋର୍ଟ ଲେଖାଯିବାବେଳକୁ ଠିକାଦାରଙ୍କ ପକ୍ଷରୁ ଏତଲା ଦିଆଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଏହି ଜମିର ଦାବିଦାର ନେଇ କିଛି ବର୍ଷ ପୂର୍ବେ ବିବାଦ ସୃଷ୍ଟି ହୋଇଥିଲା। ଏଯାଏଁ ତାହାର ସମାଧାନ ହୋଇପାରୁ ନାହିଁ।

## ୪ଦିନ ହେଲା ପଥପ୍ରାନ୍ତ ସୁବିଧା କେନ୍ଦ୍ର ବନ୍ଦ
# ଅସୁବିଧା ଭୋଗୁଛନ୍ତି ପର୍ଯ୍ୟଟକ

**ବାଙ୍କୀ,୨୧।୧୨(ସ୍ୱ.ପ୍ର)**

ଡମପଡ଼ା ବ୍ଲକ ଅନ୍ତର୍ଗତ ଜାତମୁଣ୍ଡିଆ ପଥପ୍ରାନ୍ତ କେନ୍ଦ୍ର ୪ଦିନ ହେବ ବନ୍ଦ ରହିଛି। ଫଳରେ ପର୍ଯ୍ୟଟକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ୩୧।୭।୨୦୧୮ରେ ଜାତମୁଣ୍ଡିଆଠାରେ ଏହି ପଥପ୍ରାନ୍ତ ସୁବିଧାକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ଜାତମୁଣ୍ଡିଆ ସେତୁ ହେବାପରଠାରୁ ଦୈନିକ ଶହ ଶହ ଲୋକ ଏଠାକୁ ବିଶ୍ରାମ ପାଇଁ ଆସିଥାନ୍ତି। ନିକଟରେ ଅଂଶୁପା ହ୍ରଦ ରହିଥିବା ହେତୁ ବହୁ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସିଥାଆନ୍ତି। ମାତ୍ର ଏବେ ପଥପ୍ରାନ୍ତ କେନ୍ଦ୍ର ବନ୍ଦ ଥିବାରୁ ଲୋକେ ଏଠାକୁ ଆସି ନିରାଶ ହେଉଛନ୍ତି। ଏ ସମ୍ପର୍କରେ ସୁବିଧା କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିବା ଠିକା ସଂସ୍ଥାର କର୍ମଚାରୀ କହିଛନ୍ତି, ସେମାନଙ୍କୁ ୪ ମାସ ହେବ ଦରମା ମିଳି ନ ଥିବାରୁ କେନ୍ଦ୍ରଟିକୁ ବନ୍ଦ କରିଛନ୍ତି। ପୂର୍ତ୍ତବିଭାଗ କଟକ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ମହାପାତ୍ରଙ୍କ କହିବାନୁସାରେ, ପୂର୍ତ୍ତବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ସମ୍ପୃକ୍ତ ଠିକା ସଂସ୍ଥାକୁ ପଥପ୍ରାନ୍ତ କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ଅନୁମତି ଦିଆଯାଇଥିଲା। କର୍ମଚାରୀଙ୍କ ଦରମା ସମ୍ପର୍କରେ ସେ ସରକାରଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି।

## ୨ୟ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ
# ସେମିଫାଇନାଲରେ ବଲରାଜ କ୍ଲବ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ତିଗିରିଆ, ୨୧।୧୨ (ଡି.ଏନ୍.ଏ.)** ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡ଼ିୟମରେ ଶନିବାର ୨ୟ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟଜ୍ୟୋତି ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧାସ୍ଥିତ ଆରିୟନ୍ ଏକାଡେମୀକୁ ୧–୦ ଗୋଲରେ ହରାଇ ଭଞ୍ଜନଗରସ୍ଥିତ ବଲରାଜ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଅତ୍ୟନ୍ତ ସଂଘର୍ଷ ପୂର୍ଣ୍ଣ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କୌଣସି ଟିମ୍ ଗୋଲସ୍କୋର କରିବାକୁ ସକ୍ଷମ ହୋଇ ନଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ବଲରାଜ କ୍ଲବର ୯ନମ୍ବର ଖେଳାଳି ଅନିଲ ରାଓ ଏକ ମାତ୍ର ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ। ମ୍ୟାଚରେ ମୁଖ୍ୟ ଅତିଥିଭାବେ ପାଞ୍ଚଗାଁ ସରପଞ୍ଚ ନିରୁପମା ଦାଶ ଓ ସମ୍ମାନିତ ଅତିଥି ସମିତି ସଭ୍ୟା ଅନୁପମା ସ୍ୱାଇଁ ଯୋଗଦେଇଥିଲେ। ଖେଳକୁ ରେଫରି ସଞ୍ଜିବ ଦାସ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ରଜାକ ଖାନ, ସେକ ମୋକିମ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ପ୍ରତାପ ଚନ୍ଦ୍ର ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ ବଲରାଜ କ୍ଲବ୍ ଓ ପାରାଦୀପସ୍ଥିତ ସ୍ୱସ୍ତିକ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କହିଛନ୍ତି।

## ଛତୁ ପ୍ରଶିକ୍ଷଣ ଶିବିର

**ବାଙ୍କୀ,୨୧।୧୨(ସ୍ୱ.ପ୍ର)**

ବାଙ୍କୀ ଉପଖଣ୍ଡ ସହକାରୀ ଉଦ୍ୟାନ ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୪ ଦିବସୀୟ ଛତୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର ସମାନ୍ତରାୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ଉପଖଣ୍ଡ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ ଯୋଗଦେଇଥିଲେ। ମିଶନ ଶକ୍ତି ଓ ଉଦ୍ୟାନ ବିଭାଗର ମିଳିତ ସହଯୋଗରେ ଏହି ଶିବିର ଆୟୋଜନ କରାଯାଉଛି। ୨୦ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚତୁ ଚାଷ ସମ୍ପର୍କିତ ତାଲିମ ଦିଆଯାଉଛି। ଶିବିରରେ ପାଳ ଛତୁ ଏବଂ ଧିଙ୍ଗିରି ଛତୁର ଆବଶ୍ୟକତା, ଚାଷ ପ୍ରଣାଳ ଓ ବଜାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ବାଙ୍କୀ ସହକାରୀ ଉଦ୍ୟାନ ଅଧିକାରୀ ବିଜୟ କୁମାର ପଣ୍ଡା ଓ ଡମପଡ଼ା ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ସଂଗୀତା ନାୟକ ଏଥିରେ ଯୋଗଦେଇ ଛତୁ ଚାଷର ମିଳିବାକୁ ଥିବା ସରକାରୀ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ବାଙ୍କୀ ବ୍ଲକ ପ୍ରକଳ୍ପ ଅଧିକାରୀ ଲିଲିବାଳା ବେହେରା ଓ ଡମପଡ଼ା ବ୍ଲକ ପ୍ରକଳ୍ପ ଅଧିକାରୀ ହରପ୍ରିୟା ସାହୁ ଏଥିରେ ଯୋଗଦେଇଥଲେ। ବାଙ୍କୀ କୃଷି ବିଶେଷଜ୍ଞ ସୁଜିତ୍ କୁମାର ପାଢ଼ୀ ଛତୁ ଚାଷର ବିଭିନ୍ନ ପ୍ରଣାଳି ସମ୍ବନ୍ଧରେ ବୈଜ୍ଞାନିକ ତଥ୍ୟ ପ୍ରଦାନ କରିଥିଲେ।

# ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



ବାଙ୍କୀରେ ଧାନମଣ୍ଡି ଉଦ୍‌ଘାଟନ କରାଯାଉଛି।

**ବାଙ୍କୀ/ତିଗିରିଆ, ୨୧।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ଡମପଡ଼ା ବ୍ଲକ ଅନ୍ତର୍ଗତ ଢ଼ଁସର ସେବା ସମବାୟ ସମିତିରେ ଶନିବାର ଧାନ ମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କିଣାଯାଇଛି। କାର୍ଯ୍ୟକ୍ରମକୁ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଉଦ୍‌ଘାଟନ କରିଥିଲେ। ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସେବା ସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ଚାଷୀମାନେ କିପରି ମଣ୍ଡିରେ ଧାନ ଦେଇ ପ୍ରାପ୍ୟ ଅନଲାଇନ୍ ମାଧ୍ୟମରେ ପାଇପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିନରେ ୧୯ଜଣ ଚାଷୀଙ୍କଠାରୁ ୫୦୦କୁଇଣ୍ଟାଲ୍‌ରୁ ଉର୍ଦ୍ଧ୍ୱ ଧାନ କିଣାଯାଇଛି। ଢ଼ଁସର ସେବା ସମବାୟ ସମିତିର ସଭାପତି ଯୋଗେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ଚିତ୍ତରଞ୍ଜନ ସାହୁ, ସହ ସମ୍ପାଦକ ଦେବରାଜ ବିଶ୍ୱାଳ, ଡାଟା ଏଣ୍ଟ୍ରି ଅପରେଟର ଅନିଲ ରାଉତ, ନିର୍ଦ୍ଦେଶକ ରାମଚନ୍ଦ୍ର ସାହୁ, ଗଣେଶ୍ୱର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସେହିପରି ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଛି। ମୁଖ୍ୟଅତିଥି ଭାବେ ସମିତି ସଭାପତି ପ୍ରକାଶ କୁମାର ରାଉତ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସମ୍ପାଦକ ଚନ୍ଦନ ଜେନା ପୂର୍ବତନ ଜିଲା ପରିଷଦ ସଭ୍ୟା ବାସନ୍ତୀ କର, ତିଗିରିଆ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ହାଡିବନ୍ଧୁ ରଣା, ଧାନ କ୍ରୟ କମିଟି ମେମ୍ବର ଅନ୍ତର୍ଯ୍ୟାମୀ ଦେବତା, ସତ୍ୟବାଦୀ ନାୟକ, ସାହାଦତ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମିଲର ୨୫ଜଣ ଚାଷୀଙ୍କଠାରୁ ୬୭୦.୮୦ କୁଇଣ୍ଟାଲ ଧାନ କ୍ରୟ କରିଥିଲେ।

## ଆନ୍ତଃ ଜିଲା ବାଇକ୍ ଚୋରି ର୍‍ୟାକେଟ୍
# ୭ ବାଇକ୍ ଜବତ: ଆଉ ୨ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୧।୧୨**

ଏକ ଆନ୍ତଃଜିଲା ବାଇକ ଚୋରି ର୍‍ୟାକେଟର ଆଉ ୨ ଜଣ ଅଭିଯୁକ୍ତଙ୍କୁ ଲାଲବାଗ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲାର କିରଣ କୁମାର ଜେନା ଓ ସୁନୀଲ ଖାନ୍ (୨୦)। ସେମାନଙ୍କ ନିକଟରୁ ୭ଟି ବାଇକ ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୨୭୦/୧୯) ରୁଜୁ ହୋଇଛି। ଶୁକ୍ରବାର କିରଣ ଓ ସୁନିଲ କଟକରେ ବୁଲୁଥିବା ସୂଚନା ପାଇବା ପରେ ପୋଲିସ ସେମାନଙ୍କୁ ତ୍ରିଶୂଳିଆ ଅଞ୍ଚଳରୁ ଧରିଥିଲା। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ପୋଲିସ ଏହି ଗ୍ୟାଙ୍ଗର କାର୍ପେଟଦାର ସୀତାକାନ୍ତ ପଟ୍ଟନାୟକ ଓ ଇଞ୍ଜିନିୟରିଂ ଛାତ୍ର ପୃଥ୍ୱୀରାଜ ମହାନ୍ତିଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କ ନିକଟରୁ ୧୬ଟି ଗାଡି ଜବତ କରିଥିଲା। ଲାଲବାଗ ଥାନା ଅଧିକାରୀ ଆଶୁତୋଷ ମିଶ୍ରଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲାର ଦେବାଶିଷ ସାମଲଙ୍କ ଗାଡି ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ଖୋର୍ଦ୍ଧା ଜିଲାର ସୀତାକାନ୍ତ ଓ ପୃଥ୍ୱୀରାଜଙ୍କୁ ପୋଲିସ ଗିରଫ କରିଥିବାବେଳେ କିରଣ ଓ ସୁନୀଲ ଫେରାର ହୋଇଯାଇଥିଲେ। ଏମାନେ ୩୦ରୁ ଅଧିକ ବାଇକ୍ ଚୋରିରେ ସମ୍ପୃକ୍ତ ଥିବା ପୋଲିସ କହିଛି।

## ୧୦ ଦିନରେ ପହଞ୍ଚିଲା ରତାପାଟ ମହାଲକ୍ଷ୍ମୀ ପୂଜା ଉତ୍ସବ

**ବଡମ୍ବା,୨୧।୧୨ (ଡି.ଏନ୍.ଏ.)** ବଡମ୍ବା ବ୍ଲକ୍ ଅନ୍ତର୍ଗତ ରତାପାଟ ଗ୍ରାମରେ ଅନୁଷ୍ଠିତ ହୋଇଯାଇଥିବା ମହାଲକ୍ଷ୍ମୀ ପୂଜା ଉତ୍ସବ ୧୦ ଦିନରେ ପହଞ୍ଚିଛି। ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଏହି ଉତ୍ସବରେ ଯୋଗଦେଇ ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ହରିହର ବଳବନ୍ତରାୟ, ରଜନୀକାନ୍ତ ବଳବନ୍ତରାୟ, ପ୍ରଫୁଲ୍ଲ କୁମାର ବରାଳ, ବଳଭଦ୍ର ରାଉତ, ଦେବାଶିଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିଯୋଗିତା

**ନରାଜ, ୨୧।୧୨ (ଡି.ଏନ୍.ଏ.)**

ବାରଙ୍ଗ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ନରଣପୁର ଉପ୍ରା ବିଦ୍ୟାଳୟ ପରିସରରେ ଏକ ଦିବସୀୟ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବାରଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ସରୋଜ କୁମାର ସାହୁ, ମୁଖ୍ୟବକ୍ତାଭାବେ ବେଲଗଛିଆ ପଞ୍ଚାୟତ ସରପଞ୍ଚ ମାନିନୀ ସାହୁ, ସମ୍ମାନିତ ଅତିଥି ଶିକ୍ଷା ଅଧିକାରୀ ଭାରତୀ ଆଚାର୍ଯ୍ୟ, ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଖେଳ ଦ୍ୱାରା ଶାରୀରିକ ଓ ମାନସିକ ବିକାଶ ହେଉଥିବାରୁ ପିଲାମାନଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ଅତିଥିମାନେ କହିଥିଲେ। ମଞ୍ଜୁଲତା ଭୂୟାଁ, ତପସ୍ୱିନୀ ସାହୁ, ବଂଶୀଧର ବେହେରା ଓ ପ୍ରକାଶ କୁମାର ପ୍ରଧାନ କ୍ରୀଡା ପ୍ରତିଯୋଗିତାକୁ ପରଚାଳନା କରିଥିଲେ। ଏହି ଅବସରରେ ୧୦୦ମି ଦୌଡ, ସଟପୁଟ ,ଅଡ଼ ମ୍ୟାନ ଆଉଟ, ଚିତ୍ରାଙ୍କନ, ଆଳୁ ଚାମଚ ଓ ମ୍ୟୁଜିକ ଚେୟାର ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଭୀମସେନ ଦାସ,ଚାରୁଲତା ସାହୁ, ଲକ୍ଷ୍ମୀପ୍ରିୟା ବେହେରା ଓ ଗଣେଶ୍ୱର ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ସ୍ମୃତିସଭା

**ସାଲେପୁର, ୨୧।୧୨(ଡି.ଏନ୍.ଏ)**

ସାଲେପୁର ବ୍ଲକ୍ ପୁରୁଷୋତ୍ତମପୁର ଗ୍ରାମରେ ଶନିବାର କଥା ସମ୍ରାଟ ତଥା ପଦ୍ମଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ୨୯ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ସୁରେନ୍ଦ୍ର ମେମୋରିଆଲ୍ କ୍ଲବ୍ ପରିସରରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଦେବେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସତ୍ୟାଭାମାପୁର ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରତିମା ଭୋଇ, ସମ୍ମାନିତ ଅତିଥି ଭାବେ ମଧୁସୂଦନ ନାଗରିକ ମଞ୍ଚର ସଭାପତି ସୁରେନ୍ଦ୍ର ମହାରଣା ଯୋଗଦେଇ ସୁରେନ୍ଦ୍ରଙ୍କ ସ୍ମୃତିଚାରଣ କହିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱରଞ୍ଜନ ସାହୁ, କେଦାରନାଥ ଭୋଇ, ଲିଙ୍ଗରାଜ ପାଣି, ରାମଚନ୍ଦ୍ର ପାଣି, ଅଭିମନ୍ୟୁ ରାଉତ ଓ ସୁବାସ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସୀତାରାମ ମାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।



ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।

# ବିଚାର କ୍ଷେତ୍ରରେ ନିମ୍ନ ଅଦାଲତର ସ୍ଥାନ ସ୍ୱତନ୍ତ୍ର

**କଟକ ଅଫିସ, ୨୧।୧୨**

ନ୍ୟାସନାଲ ଜୁଡିସିଆଲ ଏକାଡେମୀ ଆନୁକୂଲ୍ୟରେ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରରେ ଦୁଇଦିନିଆ ଆଲୋଚନାଚକ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମ କୋର୍ଟର ଅବସରପ୍ରାପ୍ତ ବିଚାରପତି ବଲବୀର ସିଂହ ଚୌହାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ 'ଅନୁକୂଳତମ ଗୁଣବତ୍ତା ଏବଂ ଦକ୍ଷତା ଭିତ୍ତିକ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଥିବା ଆହ୍ୱାନ ଓ ସୁଯୋଗ' ଶୀର୍ଷକ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଚୌହାନ କହିଲେ ଯେ, ଆମ ସମ୍ବିଧାନରେ ସୁପ୍ରିମକୋର୍ଟକୁ ଅସୀମ କ୍ଷମତା ମିଳିଛି। ସେହିପରି ସମ୍ବିଧାନର ୨୨୬ ଓ ୨୨୭ ଧାରାରେ ମଧ୍ୟ ବିଭିନ୍ନ ରାଜ୍ୟର ହାଇକୋର୍ଟକୁ ଯଥେଷ୍ଟ କ୍ଷମତା ଦିଆଯାଇଛି। ଅନ୍ୟପକ୍ଷରେ ତହସିଲ, ସବ୍‌ଡିଭିଜନ ଓ ଜିଲାସ୍ତରର ଅଦାଲତ ଗୁଡିକର ମଧ୍ୟ ଦେୱାନୀ ଓ ଫୌଜଦାରୀ ଦଣ୍ଡ ସଂହିତାରେ କ୍ଷମତା ପରିସର ବ୍ୟାପକ କରାଯାଇଛି। କିନ୍ତୁ ମାମଲାର ବିଚାର କ୍ଷେତ୍ରରେ ନିମ୍ନ ଅଦାଲତର ସ୍ଥାନ ସ୍ୱତନ୍ତ୍ର ରହିଛି। ଏଣୁ ସମାଜର ପ୍ରତ୍ୟେକ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିମ୍ନ ଅଦାଲତର ବିଚାର ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯିବା ଉଚିତ୍ ବୋଲି ଜଷ୍ଟିସ ଚୌହାନ କହିଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାଭେରୀ ଯୋଗଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନ୍ୟାୟପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନ୍ୟାସନାଲ ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଜଷ୍ଟିସ ଜି. ରଘୁରାମ କହିଥିଲେ ଯେ, ଦେଶର ସମସ୍ତ ଅଦାଲତରେ ମାମଲା ବୃଦ୍ଧି ହେଉଥିବାରୁ ନ୍ୟାୟାଳୟ ଗୁଡ଼ିକ ଉପରେ ଚାପ ପଡୁଛି। ଫଳରେ ନ୍ୟାୟାଳୟ ଗୁଡିକରୁ କ୍ରମେ ଗୁଣାତ୍ମକ ରାୟର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏଥିପାଇଁ ରହିଥିବା ପ୍ରତିବନ୍ଧକ ଏଡାଇବା ପାଇଁ ଏପରି ଆଲାଚନାଚକ୍ରର ଆବଶ୍ୟକତା ରହିଛି। ଏହି ଅବସରରେ ସେ ଆଲୋଚନାଚକ୍ରର ସଂକ୍ଷିପ୍ତ ଚିଠା ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଜଷ୍ଟିସ ଏସ୍.କେ ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ଓଡ଼ିଶା ସମେତ ଝାଡଖଣ୍ଡ, ଛତିଶଗଡ଼ ଓ ବିହାରର ହାଇକୋର୍ଟ ବିଚାରପତିଙ୍କ ସମେତ ନିମ୍ନ ଅଦାଲତର ଜଜ୍‌ମାନେ ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ବରିଷ୍ଠ ବିଚାରପତିମାନେ।



ଜ୍ଞାନୀ ଲୋକମାନେ ଧନନଷ୍ଟ କିମ୍ବା ମୃତ୍ୟୁ ପାଇଁ ଶୋକ କରନ୍ତି ନାହିଁ।

- ବ୍ୟାସଦେବ

## ସଂକ୍ଷେପରେ

### ଉତ୍ତରପ୍ରଦେଶରେ ପ୍ରଦର୍ଶିତ ହେବ ନାଟକ 'ରାତି ଅଛି ଆଉ କିଛି ବାକି'

**କଟକ ଅଫିସ, ୨୧।୧୨:** ୱାଇଏମ୍‌ସିଏ ରୋଡସ୍ଥିତ ତେଲୁଗୁବସ୍ତିରେ ଶିଶୁ ଶ୍ରମିକ ଓ ବସ୍ତିର ଗରିବ ପିଲାଙ୍କ ପାଠପଢ଼ାକୁ ଆଧାର କରି ଏକ ନାଟକ 'ରାତି ଅଛି ଆଉ କିଛି ବାକି'ର ଅଭ୍ୟାସ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ନାଟକ ଉତ୍ତରପ୍ରଦେଶର ଆଜମଗଡଠାରେ ପ୍ରଦର୍ଶିତ ହେବ। କଳା ବିକାଶ କେନ୍ଦ୍ର ବ୍ୟାନରରେ ନିଖିଳ ଉତ୍କଳ କଳା ନିକେତନ ପକ୍ଷରୁ ଏହା ପ୍ରସ୍ତୁତ ହେଉଛି। ଚଳଚ୍ଚିତ୍ର ନିର୍ଦ୍ଦେଶକ ଉମେଶ ଦାଶ ଏଥିରେ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଥିଏଟର ମାରାଥନର ଅଧ୍ୟକ୍ଷ ଦେବୀପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟବକ୍ତା ଭାବେ କଳା ବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ମିଶନ ଜିରୋ ଏଫ୍‌ର କେନ୍ଦ୍ର ମୁଖ୍ୟ ରଶ୍ମିତା ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ନାଟକରେ ବିଶେଷ ଚରିତ୍ରରେ ଅଭିନୟ କରୁଥିବା ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ସମ୍ମାନିତ କରାଯାଇଥିଲା।

### ଜଗତୀକରଣ ପ୍ରଭାବରେ ହଜିବାକୁ ବସିଲାଣି ସଂସ୍କୃତି

**କଟକ ଅଫିସ, ୨୧।୧୨:** କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦର ୪୦ତମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ଟାଉନ ହଲଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗତୀକରଣ ପ୍ରଭାବରେ ସାଂସ୍କୃତିକ ମୂଲ୍ୟବୋଧର ଅବକ୍ଷୟ ଶୀର୍ଷକ ଉପରେ ଜାତୀୟ ଆଲୋଚନାଚକ୍ର ହୋଇଥିଲା। ଏହାକୁ ଅନୁଷ୍ଠାନର ମୁଖ୍ୟ ସମ୍ପାଦିକା ମନୋଜ ମଞ୍ଜରୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ କିଶୋର କୁମାର ଦାସ ଯୋଗଦେଇ କହିଥିଲେ, ଜଗତୀକରଣ ପ୍ରଭାବରେ ଆମ ସଂସ୍କୃତି ହଜିବାକୁ ବସିଲାଣି, ଯାହା ଶୁଭଙ୍କର ନୁହେଁ। ଏଥିରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକା ସୁହାଗିନୀ ବେହେରା ଯୋଗଦେଇଥିଲେ। ଏହି ଅବସରରେ 'କଳ୍ପନା'ର ନବବର୍ଷ ସଂଖ୍ୟା ଉନ୍ମୋଚନ ସହ କବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ନରୋତ୍ତମ ସାହୁ, ପ୍ରମୋଦ କୁମାର ଓଝା ଓ ବାପି ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରେମାନନ୍ଦ ସେଠୀ ଧନ୍ୟବାଦ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଶରତ ମହାନ୍ତି ଓ ବିଜୟ ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ମାଛ ବିକି ବାକି ଶୁଝିଲା ଏସ୍‌ଏଚ୍‌ଜି

**କେନ୍ଦ୍ରାପଡା, ୨୧।୧୨(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ବ୍ଲକ ଅଡ଼ଶପୁର ପଞ୍ଚାୟତ ପୁରାତନ ତାରା ପୋଖରୀରୁ ପ୍ରଶାସନ ଉପସ୍ଥିତିରେ ଶନିବାର ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଛ ମାରିଥିବା ଜଣାପଡ଼ିଛି। ମାଛବିକି ଗ୍ରାମପଞ୍ଚାୟତର ବାକିଥିବା ୧ ଲକ୍ଷ ୭୦ ହଜାର ଟଙ୍କା ମଧ୍ୟରୁ ୨୦ ହଜାର ଟଙ୍କା ଉକ୍ତ ଏସ୍‌ଏଚ୍‌ଜି ପରିଶୋଧ କରିଛି। ଆସନ୍ତା ଜାନୁୟାରୀ ୫ ତାରିଖ ସୁଦ୍ଧା ମାଛମାରି ଅବଶିଷ୍ଟ ଅର୍ଥ ପରିଶୋଧ କରିବାକୁ ସମୟ ନିର୍ଦ୍ଧାରଣ କରାଯାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମନ୍ତ ଦାଶ କହିଛନ୍ତି।

ଅଡ଼ଶପୁର ଗ୍ରାମପଞ୍ଚାୟତ ଅଧୀନରେ ଥିବା ତାରା ପୋଖରୀକୁ ମା'ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ୨୦୧୩ରୁ ୨୦୧୮ ମସିହା ପର୍ଯ୍ୟନ୍ତ ୪ଲକ୍ଷ ୩୧ହଜାର ଟଙ୍କାରେ ନିଲାମ ନେଇଥିଲା। ନିଲାମର ଅବଧି ସରିଯାଇଥିବାବେଳେ ଗତ ୭ ତାରିଖରେ ଉକ୍ତ ଏସ୍‌ଏଚ୍‌ଜି ପୋଖରୀରୁ ମାଛଧରିବା ଆରମ୍ଭ କରିଥିଲା। ମାତ୍ର ପୋଖରୀରୁ ମାଛ ନ ମାରିବା ପାଇଁ ପଞ୍ଚାୟତ ପକ୍ଷରୁ କୁହାଯାଇଥିଲା। ଫଳରେ ମାଛମରା ବନ୍ଦ ରହିଥିଲା। ୫ ବର୍ଷ ମଧରେ ପ୍ରାକୃତିକ ବିପର୍ଯ୍ୟୟ ଓ ପୋଖରୀରୁ ଦଳ ସଫା କରିବାରେ ବହୁ ଅର୍ଥ କ୍ଷତି ସହିଥିବାରୁ ଉକ୍ତ ଏସ୍‌ଏଚ୍‌ଜି ପକ୍ଷରୁ କ୍ଷତିଭରଣା ପାଇଁ ମାଛ ମାରିବାକୁ କଟକ ସଦର ଉପଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। କଟକ ସଦର ଉପଜିଲାପାଳ ବିଚାର କରି ଆସନ୍ତା ଜାନୁୟାରୀ ୫ ତାରିଖ ଭିତରେ ମାଛମାରି ବକେୟା ଅର୍ଥ ପଞ୍ଚାୟତକୁ ଶୁଝିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶନିବାର କଟକ ସଦର ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଗୀତା ଆଚାର୍ଯ୍ୟ, କେନ୍ଦ୍ରାପଡା ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉଷାରାଣୀ ଜେନା, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ମିରାମ୍ବିକା ସାହୁ, ସରପଞ୍ଚ ଡଲି ସ୍ୱାଇଁ ପ୍ରମୁଖ ମାଛ ମାରିବା ସମୟରେ ଉପସ୍ଥିତ ଥିଲେ। ଗଣ୍ଡଗୋଳ ଆଶଙ୍କାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ମାଟିଖୋଳାକୁ ନେଇ ଗୋଷ୍ଠୀ ସଂଘର୍ଷ

- ଉଭୟ ପକ୍ଷରୁ ୬ ଆହତ
- ପୋକଲିନ୍, ବାଇକ୍ ଭଙ୍ଗାରୁଜା
- ମାଟିଉଠା ବନ୍ଦ କଲା ପୋଲିସ

**ଖୁଣ୍ଟୁଣୀ, ୨୧।୧୨(ଡି.ଏନ୍.ଏ.)**



ମାଟି ଖୋଳାଯାଇଥିବା ବିବାଦୀୟ ଜମି।



ଉତ୍ତ୍ୟକ୍ତ ଲୋକେ ପୋକଲିନ ଭାଙ୍ଗି ଦେଇଛନ୍ତି।

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖଣ୍ଡବନ୍ଧ ଏବଂ ମାଣିତରା ଗ୍ରାମ ସଂଲଗ୍ନ ଏକ ବିବାଦୀୟ ଜମିରୁ ମାଟିଖୋଳାକୁ ନେଇ ଶନିବାର ଅପରାହ୍ନରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମାଣିତରା ଏବଂ ଖଣ୍ଡବନ୍ଧ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଏହାକୁ ନେଇ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉଭୟ ପକ୍ଷରୁ ୬ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଖୁଣ୍ଟୁଣୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ରେଙ୍ଗାଲୀ ବନ୍ଧ ଯୋଜନା କାର୍ଯ୍ୟ କରୁଥିବା ଜଣେ ଠିକାଦାର ଆଉ ଜଣେ ବ୍ୟକ୍ତିଙ୍କ ଜରିଆରେ ବିବାଦୀୟ ଜମିରୁ ମାଟି ଉଠାଉଥିଲେ। ସଂପୃକ୍ତ ବ୍ୟକ୍ତି ଜଣକ ପୋକ୍‌ଲିନ୍ ଦ୍ୱାରା ମାଟି ଖୋଳୁଥିଲେ । ଏଥିରେ ମାଣିତରା ଗ୍ରାମର କେତେକ ବ୍ୟକ୍ତି ସହଯୋଗ କରୁଥିଲେ । ତେବେ ଖଣ୍ଡବନ୍ଧ ଗ୍ରାମର କେତେକ ବ୍ୟକ୍ତି ପହଞ୍ଚି ଏହାକୁ ବିରୋଧ କରିଥିଲେ । ଫଳରେ ମାଣିତରା ଏବଂ ଖଣ୍ଡବନ୍ଧ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଏହାକୁ ନେଇ ଗଣ୍ଡଗୋଳ ଦେଖାଦେଇଥିଲା । ଖଣ୍ଡବନ୍ଧର କିଛି ବ୍ୟକ୍ତି ଠିକାଦାରଙ୍କ ଏକ ବାଇକ୍ ଏବଂ ପୋକଲିନ୍ ମେଶିନକୁ ଭଙ୍ଗାରୁଜା କରିଛନ୍ତି । ଏଥିସହ ଜଣେ ସୁପରଭାଇଜର୍‌ଙ୍କୁ ମଧ ସେ ମାଡ଼ ମାରିଛନ୍ତି। ଅପରପକ୍ଷେ ମାଣିତରା ଗ୍ରାମର କିଛି ବ୍ୟକ୍ତି ଖଣ୍ଡବନ୍ଧ ଗ୍ରାମର ରଶ୍ମିତା ବେହେରାଙ୍କ ଘରେ ପଶି ୩/୪ଜଣଙ୍କୁ ମାଡ଼ ମାରିଥିବା ନେଇ ସେ ଖୁଣ୍ଟୁଣୀ ଥାନାରେ ଏତଲା ଦେଇଛନ୍ତି । ଖବର ପାଇ ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ରା ଦାସ ଘଟଣା ସ୍ଥଳରେ ପହଞ୍ଚିଥିଲେ । ବିବାଦୀୟ ଜମିରୁ ମାଟିଖୋଳା ବନ୍ଦ କରିଥିଲେ । ଆସନ୍ତା ସୋମବାର ଆଠଗଡ଼ ତହସିଲଦାର୍ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ଦାସ ପ୍ରକାଶ କରିଛନ୍ତି । ରିପୋର୍ଟ ଲେଖାଯିବାବେଳକୁ ଠିକାଦାରଙ୍କ ପକ୍ଷରୁ ଏତଲା ଦିଆଯାଇଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ଏହି ଜମିର ଦାବିଦାର ନେଇ କିଛି ବର୍ଷ ପୂର୍ବେ ବିବାଦ ସୃଷ୍ଟି ହୋଇଥିଲା । ଏଯାଏଁ ତାହାର ସମାଧାନ ହୋଇପାରୁ ନାହିଁ।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**କେନ୍ଦ୍ରାପଡା, ୨୧।୧୨(ଡି.ଏନ୍.ଏ.)**

ଗତ ୧୯ ତାରିଖ ସକାଳେ ଭୁବନେଶ୍ୱର-କଟକ ୧୬ନଂ. ଜାତୀୟ ରାଜପଥର ବମ୍ଫକୁଦ ନିକଟରେ ଦୁର୍ଘଟଣାର ଶିକାର ହୋଇଥିବା କଟକସଦର ଥାନା ଅନ୍ତର୍ଗତ ଅଢ଼ଙ୍ଗଡିହ ଗ୍ରାମର ଗୌରାଙ୍ଗ ବେହେରା(୪୨)ଙ୍କର ଶନିବାର ମୃତ୍ୟୁଘଟିଛି। ସେ ଫୁଲନଖରାସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ଡ୍ରାଇଭର ଭାବେ କାମ କରୁଥିବା ଗୌରାଙ୍ଗ ଘଟଣାଦିନ ସକାଳୁ ସାଇକେଲରେ କାର୍ଯ୍ୟରେ ଯୋଗଦେବା ପାଇଁ ଆସୁଥିଲେ। ବମ୍ଫକୁଦ ନିକଟରେ ଏକ ଅଜଣାଗାଡି ତାଙ୍କୁ ପଛପଟୁ ଧକ୍କାଦେଇ ପଳାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ମେଡିକାଲକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ କଟକସ୍ଥିତ ଏକ ଘରୋଇ ନର୍ସିଂହୋମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।



ଅତିଥିମାନେ ବରିଷ୍ଠ ଖବରଦାତା ମହେଶ୍ୱର ସାହୁଙ୍କୁ ପ୍ରଦ୍ୟୁମ୍ନ ବଳ ପ୍ରତିଭା ସମ୍ମାନ ପ୍ରଦାନ କରୁଛନ୍ତି।

# ପ୍ରଦ୍ୟୁମ୍ନ ବଳ ଜଣେ ସ୍ୱାର୍ଥବିହୀନ ରାଜନେତା ଥିଲେ

**କଟକ ଅଫିସ, ୨୧।୧୨**

ପ୍ରଦ୍ୟୁମ୍ନ ବଳ ସ୍ମୃତି କମିଟି ଆନୁକୂଲ୍ୟରେ ଶନିବାର ପୂର୍ବତନ ଏମ୍‌ପି ପ୍ରଦ୍ୟୁମ୍ନ ବଳଙ୍କ ସ୍ମୃତି ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂଦେଓ ଯୋଗଦେଇ କହିଥିଲେ ଯେ, ରାଜନୀତିରେ ପ୍ରଦ୍ୟୁମ୍ନ ବଳ ଜଣେ ସ୍ୱାର୍ଥବିହୀନ ରାଜନେତା ଥିଲେ। ସାମ୍ବାଦିକତା କ୍ଷେତ୍ରରେ ମଧ ତାଙ୍କର ଅତୁଳନୀୟ ଅବଦାନ ଥିଲା। ମୁଖ୍ୟବକ୍ତା ଭାବେ ପୂର୍ବତନ ଏମ୍‌ପି ତଥା ଏଆଇସିସିର କାର୍ଯ୍ୟକାରୀ ସଦସ୍ୟ ଓ ସମ୍ପାଦକ ଡ.ରାମକୃଷ୍ଣ ଖୁଣ୍ଟିଆ ଯୋଗଦେଇ କହିଥିଲେ ଯେ, ପ୍ରଦ୍ୟୁମ୍ନ ବଳ ଜଣେ ନୀତିବାନ୍ ଓ ନିଃସ୍ୱାର୍ଥପର ମଣିଷ ଥିଲେ। ଯୁବପିଢିଙ୍କୁ ନେଇ ନେତା ସୃଷ୍ଟି କରି ସମାଜ ସୁଧାରିବା ପାଇଁ ସେ ସବୁବେଳେ ଉଦ୍ୟମ କରୁଥିଲେ। ସଂସଦରେ ତାଙ୍କର ପ୍ରଶ୍ନ ଉପସ୍ଥାପନ କରିବା ଶୈଳୀ ନିଆରା ଥିଲା। ଆଗାମୀ ଦିନରେ ଏ ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚିତ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ସମାଜର ସମ୍ପାଦକ ବାମାପଦ ତ୍ରିପାଠୀ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲ୍ଲୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ମହେଶ୍ୱର ସାହୁଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ ପ୍ରଦ୍ୟୁମ୍ନ ବଳ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ହାଇକୋର୍ଟ ବାର୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କଟକ ଅଫିସ, ୨୧।୧୨**

ହାଇକୋର୍ଟ ବାର୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍.ଝାଭେରୀ ଓ ଜଷ୍ଟିସ୍ ବି.ଆର୍ ଷଡ଼ଙ୍ଗୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଡ.ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ଆଇନଜୀବୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ଆଇନଜୀବୀଙ୍କ ରକ୍ତ, ଇସିଜି, ଆଖି ଓ ଦାନ୍ତ ଆଦି ପରୀକ୍ଷା କରାଯାଇଥିଲା। ଏସ୍‌ସିବିର ୨୦ଜଣିଆ ଡାକ୍ତରୀ ଦଳ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଗୋପାଳକୃଷ୍ଣ ମହାନ୍ତି, ସମ୍ପାଦକ ସଞ୍ଜୟ ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତଥିଲେ।

# ସମୁଦ୍ରରେ ଭାସିଯାଇ ଛାତ୍ର ନିଖୋଜ, ଜଣେ ଉଦ୍ଧାର

**ପୁରୀ ଅଫିସ, ୨୧।୧୨**

ପୁରୀ ଜିଲା ଅସ୍ତରଙ୍ଗର ପୀର ଜାହାନିଆ ସମୁଦ୍ରରେ ଶନିବାର ଜଣେ ଇଞ୍ଜିନିୟରିଂ ଛାତ୍ର ଭାସିଯାଇ ନିଖୋଜ ଥିବାବେଳେ ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ଛାତ୍ର ହେଲେ କଟକର ପି. ଧର୍ମା। ସେହିପରି ଉଦ୍ଧାର ଛାତ୍ର ହେଲେ ଅଙ୍କିତ କୁମାର ସାହୁ। ଖବର ପାଇ କୋଣାର୍କ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ ଧର୍ମାଙ୍କ କୌଣସି ସନ୍ଧାନ ପାଇ ନ ଥିଲେ।

ସୂଚନା ଅନୁଯାୟୀ, ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଏକାଧିକ ଛାତ୍ର ବସ ଯୋଗେ ପିକ୍‌ନିକ୍ ଲାଗି ପୀର ଜାହାନିଆ ପର୍ଯ୍ୟଟନସ୍ଥଳକୁ ଆସିଥିଲେ। ଅପରାହ୍ନରେ ସମସ୍ତେ ଜାହାନିଆ ନିକଟ ସମୁଦ୍ରକୁ ଗାଧୋଇବାକୁ ଯାଇଥିଲେ। ସମୁଦ୍ରରେ ସ୍ନାନ ବେଳେ ଧର୍ମା ଓ ଅଙ୍କିତ ବୁଡ଼ିଯାଇଥିଲେ। ଦୁହିଁଙ୍କ ଚିତ୍କାର ଶୁଣି ସେଠାରେ ଥିବା କେତେଜଣ ମତ୍ସ୍ୟଜୀବୀ ସମୁଦ୍ରରେ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ସେମାନେ ଅଙ୍କିତକୁ ଉଦ୍ଧାର କରି କୂଳକୁ ଆଣିଥିଲେ। ମାତ୍ର ଧର୍ମାଙ୍କୁ ଠାବ କରିପାରି ନ ଥିଲେ। ଏ ସମ୍ପର୍କରେ ଖବର ପାଇ ଅସ୍ତରଙ୍ଗ ପୋଲିସ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ପଚରାଉଚୁରା କରିବା ସହ ନିଖୋଜ ଛାତ୍ରଙ୍କ ପରିବାର ଲୋକଙ୍କୁ ଖବର ଦେଇଛି।

# ଶ୍ୟାମାମଣି ଦେବୀ ହେଉଛନ୍ତି ଓଡ଼ିଶାର ରତ୍ନ

**କଟକ ଅଫିସ, ୨୧।୧୨**

ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଡ. ଶ୍ୟାମାମଣି ଦେବୀଙ୍କ ସଙ୍ଗୀତ ସାଧନାର ୭୦ବର୍ଷ ପୂର୍ତ୍ତି ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ. ପ୍ରଭାକର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜଷ୍ଟିସ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଯୋଗଦେଇ କହିଲେ ଯେ, ଶ୍ୟାମାମଣି ଦେବୀ ଓଡ଼ିଶାର କଳା ଓ ସଂସ୍କୃତିର ନୂତନ ପରିଚୟ ପାଇଁ ସର୍ବଦା ପ୍ରୟାସ କରିଥିଲେ। ମୁଖ୍ୟବକ୍ତା ଆକାଶବାଣୀର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ଶାନ୍ତନୁ କୁମାର ରଥ ଯୋଗଦେଇ ଶ୍ୟାମାମଣି ଦେବୀଙ୍କୁ ଓଡିଶାର ରତ୍ନ ବୋଲି ସେ ଅଭିହିତ କରିଥିଲେ। କଣ୍ଠଶିଳ୍ପୀ ତୃପ୍ତି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷ ପାଇଁ କଥାଶିଳ୍ପୀ ପଣ୍ଡିତ ଏ. ମହେଶ୍ୱର ରାଓଙ୍କୁ ଶ୍ୟାମାମଣି ସଙ୍ଗୀତ ସମ୍ମାନ, କଣ୍ଠଶିଳ୍ପୀ ଡ.ସଙ୍ଗୀତା ଗୋସ୍ୱାମୀଙ୍କୁ କୋକିଳକଣ୍ଠୀ ଶ୍ୟାମାମଣି ସମ୍ମାନ ଓ ମର୍ଦ୍ଦଳବାଦକ ନିରଞ୍ଜନ ପାତ୍ରଙ୍କୁ ସୁର ସମ୍ରାଜ୍ଞୀ ଶ୍ୟାମାମଣି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ପରିଷଦର ସମ୍ପାଦକ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଭାମାନେ।

■ ଆନ୍ତଃଜିଲା ବାଇକ୍ ଚୋରି ର୍‍ୟାକେଟ୍

# ୭ ବାଇକ୍ ଜବତ: ଆଉ ୨ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୧।୧୨**

ଏକ ଆନ୍ତଃଜିଲା ବାଇକ ଚୋରି ର୍‍ୟାକେଟର ଆଉ ୨ ଜଣ ଅଭିଯୁକ୍ତଙ୍କୁ ଲାଲବାଗ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲାର କିରଣ କୁମାର ଜେନା ଓ ସୁନୀଲ ଖାନ୍ (୨୦)। ସେମାନଙ୍କ ନିକଟରୁ ୭ଟି ବାଇକ ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୨୭୦/୧୯) ରୁଜୁ ହୋଇଛି। ଶୁକ୍ରବାର କିରଣ ଓ ସୁନିଲ କଟକରେ ବୁଲୁଥିବା ସୂଚନା ପାଇବା ପରେ ପୋଲିସ ସେମାନଙ୍କୁ ତ୍ରିଶୂଳିଆ ଅଞ୍ଚଳରୁ ଧରିଥିଲା। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ପୋଲିସ ଏହି ଗ୍ୟାଙ୍ଗର କାର୍ପେଟଦାର ସୀତାକାନ୍ତ ପଟ୍ଟନାୟକ ଓ ଇଞ୍ଜିନିୟରିଂ ଛାତ୍ର ପୃଥ୍ୱୀରାଜ ମହାନ୍ତିଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କ ନିକଟରୁ ୧୬ଟି ଗାଡି ଜବତ କରିଥିଲା। ଲାଲବାଗ ଥାନା ଅଧିକାରୀ ଆଶୁତୋଷ ମିଶ୍ରଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲାର ଦେବାଶିଷ ସାମଲଙ୍କ ଗାଡି ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ଖୋର୍ଦ୍ଧା ଜିଲାର ସୀତାକାନ୍ତ ଓ ପୃଥ୍ୱୀରାଜଙ୍କୁ ପୋଲିସ ଗିରଫ କରିଥିବାବେଳେ କିରଣ ଓ ସୁନୀଲ ଫେରାର ହୋଇଯାଇଥିଲେ। ଏମାନେ ୩୦ରୁ ଅଧିକ ବାଇକ୍ ଚୋରିରେ ସମ୍ପୃକ୍ତ ଥିବା ପୋଲିସ କହିଛି।

# ଶିକ୍ଷାବିତ୍ ମନୀନ୍ଦ୍ରନାଥ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ



ଅତିଥିମାନେ ସ୍ମରଣିକା ''ଶ୍ରଦ୍ଧାଞ୍ଜଳୀ'' କୁ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୨୧।୧୨**

କଟକ ସଦର ଥାନା ଅନ୍ତର୍ଗତ ବେଣ୍ଟକାରଠାରେ ଶୁକ୍ରବାର ୪୨ ମୌଜା ପୂଜ୍ୟପୂଜା ସଂସଦ ତରଫରୁ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ମନୀନ୍ଦ୍ରନାଥ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଛି। ଅଭୟ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତି ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ସାଲେପୁର ଅଞ୍ଚଳର ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଗୁଣଗାନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ''ଶ୍ରଦ୍ଧାଞ୍ଜଳୀ'' ଉନ୍ମୋଚିତ ହୋଇଥିଲା। ଶରତ କୁମାର ଦାସ, ପ୍ରଦୀପ୍ତ କୁମାର ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାପାତ୍ର, ଅସିତ କୁମାର ବିଶ୍ୱାଳ, ଅଶୋକ କୁମାର ବିଶ୍ୱାଳ, ଶରତ ଚନ୍ଦ୍ର ରାୟ, ଗଦାଧର ପଣ୍ଡା, ଗୌତମ ମହାରଣାଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

# ବିଚାର କ୍ଷେତ୍ରରେ ନିମ୍ନ ଅଦାଲତର ସ୍ଥାନ ସ୍ୱତନ୍ତ୍ର ରହିଛି

**କଟକ ଅଫିସ, ୨୧।୧୨**

ନ୍ୟାଶନାଲ ଜୁଡିସିଆଲ ଏକାଡେମୀ ଆନୁକୂଲ୍ୟରେ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରରେ ଦୁଇଦିନିଆ ଆଲୋଚନାଚକ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ବଲବୀର ସିଂହ ଚୌହ୍ୱାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ 'ଅନୁକୂଳତମ ଗୁଣବତ୍ତା ଏବଂ ଦକ୍ଷତା ଭିତ୍ତିକ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଥିବା ଆହ୍ୱାନ ଓ ସୁଯୋଗ' ଶୀର୍ଷକ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଚୌହ୍ୱାନ କହିଲେ ଯେ, ଆମ ସମ୍ବିଧାନରେ ସୁପ୍ରିମକୋର୍ଟକୁ ଅସୀମ କ୍ଷମତା ମିଳିଛି। ସେହିପରି ସମ୍ବିଧାନର ୨୨୬ ଓ ୨୨୭ ଧାରାରେ ମଧ ବିଭିନ୍ନ ରାଜ୍ୟର ହାଇକୋର୍ଟକୁ ଯଥେଷ୍ଟ କ୍ଷମତା ଦିଆଯାଇଛି। ଅନ୍ୟପକ୍ଷରେ ତହସିଲ, ସବ୍‌ଡିଭିଜନ ଓ ଜିଲାସ୍ତରର ଅଦାଲତଗୁଡିକର ମଧ ଦେୱାନୀ ଓ ଫୌଜଦାରି ଦଣ୍ଡ ସଂହିତାରେ କ୍ଷମତା ପରିସର ବ୍ୟାପକ କରାଯାଇଛି। କିନ୍ତୁ ମାମଲାର ବିଚାର କ୍ଷେତ୍ରରେ ନିମ୍ନ ଅଦାଲତର ସ୍ଥାନ ସ୍ୱତନ୍ତ୍ର ରହିଛି। ଏଣୁ ସମାଜର ପ୍ରତ୍ୟେକ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିମ୍ନ ଅଦାଲତର ବିଚାର ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯିବା ଉଚିତ୍ ବୋଲି ଜଷ୍ଟିସ ଚୌହାନ କହିଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଯୋଗଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନ୍ୟାୟପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନ୍ୟାଶନାଲ ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଜଷ୍ଟିସ ଜି. ରଘୁରାମ କହିଥିଲେ ଯେ, ଦେଶର ସମସ୍ତ ଅଦାଲତରେ ମାମଲା ବୃଦ୍ଧି ହେଉଥିବାରୁ ନ୍ୟାୟାଳୟଗୁଡ଼ିକ ଉପରେ ଚାପ ପଡୁଛି। ଫଳରେ ନ୍ୟାୟାଳୟଗୁଡିକରୁ କ୍ରମେ ଗୁଣାତ୍ମକ ରାୟର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏଥିପାଇଁ ରହିଥିବା ପ୍ରତିବନ୍ଧକ ଏଡାଇବା ପାଇଁ ଏପରି ଆଲୋଚନାଚକ୍ରର ଆବଶ୍ୟକତା ରହିଛି। ଏହି ଅବସରରେ ସେ ଆଲୋଚନାଚକ୍ରର ସଂକ୍ଷିପ୍ତ ଚିଠା ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଜଷ୍ଟିସ ଏସ୍.କେ. ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ଓଡ଼ିଶା ସମେତ ଝାଡଖଣ୍ଡ, ଛତିଶଗଡ଼ ଓ ବିହାରର ହାଇକୋର୍ଟ ବିଚାରପତିଙ୍କ ସମେତ ନିମ୍ନ ଅଦାଲତର ଜଜ୍‌ମାନେ ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ବରିଷ୍ଠ ବିଚାରପତିମାନେ।



❝ ଜ୍ଞାନୀ ଲୋକମାନେ ଧନନଷ୍ଟ କିମ୍ବା ମୃତ୍ୟୁ ପାଇଁ ଶୋକ କରନ୍ତି ନାହିଁ।

- ବ୍ୟାସଦେବ



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ
## ଭାଙ୍ଗିଲା ଲିଙ୍ଗରାଜ ଥାନା

**ପୁରୁଣା ଭୁବନେଶ୍ୱର ,୨୧। ୧୨ (ଡି.ଏନ.ଏ.)-** ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଅବୈଧ ନିର୍ମାଣ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଶନିବାର ମିଳିତ ଉଚ୍ଛେଦ ଟିମ୍ ବ୍ରିଟିଶ୍ ଅମଳର ଲିଙ୍ଗରାଜ ଥାନା କୋଠାଟିକୁ ଭାଙ୍ଗିଥିଲା। ଥାନା ମାଲଖାନରୁ ଶୁକ୍ରବାର ନଥିପତ୍ର ହଟାଯିବା ପରେ ଶନିବାର ୩ଟି ଡ୍ରୋଜର ସାହାଯ୍ୟରେ କୋଠାଟିକୁ ଭାଙ୍ଗି ଦିଆଯାଇଥିଲା। ନୂଆ ଥାନା କାର୍ଯ୍ୟାଳୟ ପୁନଃରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ଶ୍ରୀଲିଙ୍ଗରାଜ ମନ୍ଦିର ଦକ୍ଷିଣ ଦ୍ୱାର ନିକଟସ୍ଥ ମା' ଦକ୍ଷିଣ ଚଣ୍ଡୀ କଲ୍ୟାଣ ମଣ୍ଡପକୁ ଲିଙ୍ଗରାଜ ଥାନା ସ୍ଥାନାନ୍ତର ହୋଇଛି। ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜମିରେ ବିଏମ୍‌ସି ଦ୍ୱାରା ନିର୍ମାଣ ହୋଇଥିବା ଏହି କଲ୍ୟାଣ ମଣ୍ଡପଟି ଥାନାରେ ପରିଣତ ହେବାକୁ ଯାଉଛି। ତେଣୁ କଲ୍ୟାଣ ମଣ୍ଡପର ମୂଳ ନକ୍ସାଟିକୁ ଯେନତେନ ପ୍ରକାର ବଦଳାଇ ଥାନା ପାଇଁ ଆବଶ୍ୟକ ଗୃହ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶନିବାର କଲ୍ୟାଣ ମଣ୍ଡପର ରୋଷଶାଳାକୁ ବଦଳାଇ ଥାନା ପାଇଁ ନୂଆ କରି ଗ୍ୟାରେଜ, ତାର ଦକ୍ଷିଣ ପାର୍ଶ୍ୱକୁ ରୁମ୍ ଭାଗ କରାଯାଇ ମାଲଖାନା, ହାଜତ, ଏହାର ପାଖରେ ଆଇଆଇସିଙ୍କ କାର୍ଯ୍ୟାଳୟ ନିର୍ମାଣ ଚାଲିଛି। କଲ୍ୟାଣ ମଣ୍ଡପର ଭୋଜନାଳୟକୁ ଥାନା କାର୍ଯ୍ୟାଳୟରେ ପରିଣତ କରାଯିବ। ସେହିଭଳି ଅଭ୍ୟର୍ଥନା ପ୍ରକୋଷ୍ଠ ସହ ଷ୍ଟାଫ୍ ଟଏଲଟ୍, ସ୍ୱତନ୍ତ୍ର ଟଏଲଟ, ପାନୀୟ ଜଳ ଏବଂ ଭିଏଚଏଫ୍ ବ୍ୟବସ୍ଥା ଗୃହ ସହ ସୁନ୍ଦର ଆଲୋକୀକରଣ ପାଇଁ କାର୍ଯ୍ୟ ହେଉଛି ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଏକାମ୍ର କ୍ଷେତ୍ରର ଶ୍ରୀଲିଙ୍ଗରାଜ ମନ୍ଦିରଐତିହ୍ୟ ସ୍ଥଳକୁ ସୌନ୍ଦର୍ଯ୍ୟକରଣ କରିବା ସହ ଏଭଳି ଏକ ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱ ଐତିହ୍ୟ ମାନଚିତ୍ରରେ ସ୍ଥାନୀତ କରିବାକୁ ରାଜ୍ୟ ସରକାରଙ୍କ ମେଗା ପ୍ରକଳ୍ପ ପାଇଁ ବିଏମସି, ବିଡ଼ିଏ, ଜିଏ ଓ ମନ୍ଦିର ପ୍ରଶାସନର ମିଳିତ ଉଚ୍ଛେଦ ଟିମ୍ ଅବୈଧ ନିର୍ମାଣ ଭଙ୍ଗା କାର୍ଯ୍ୟ ଜୋରସୋର ଚଳାଇଛନ୍ତି।

### ଜମି ଦେଖାଇବାକୁ କହି ଯୁବକଙ୍କୁ ଅପହରଣ
## ୬ଘଣ୍ଟା ପରେ ଉଦ୍ଧାର କଲା ପୋଲିସ

**ପୁରୁଣା ଭୁବନେଶ୍ୱର ,୨୧। ୧୨ (ଡି.ଏନ.ଏ.)-** କମିଶନରେଟ୍ ପୋଲିସ ଅଞ୍ଚଳରେ ଅପରାଧୀଙ୍କର ପ୍ରଭାବ ଜୋର ଧରିଛି। ଦିନ ଦ୍ୱିପ୍ରହରରେ ଯୁବକଙ୍କୁ ଅପହରଣ କରି ମୁଣ୍ଡ ଜାମିନ୍ ରଖିବା ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ। ଘଟଣା ଘଟିଛି ଧଉଳି ଥାନା ଅଧୀନ କୁକୁଡ଼ାଘାଇ ପାଟଣା ଅଞ୍ଚଳରେ। ଅଭିଯୋଗ ମୁତାବକ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଅଭିଯୋଗକାରୀ ସାରସ୍ୱତ ମହାପାତ୍ରଙ୍କୁ ଫୋନ ଯୋଗେ କୁକୁଡ଼ାଘାଇ ଅଞ୍ଚଳରେ ଜମି ଦେଖାଇବାକୁ ପ୍ରଫୁଲ୍ଲ ନାୟକ ନାମକ ଜଣେ ବ୍ୟକ୍ତି ଫୋନ କରିଥିଲେ। ଗଙ୍ଗୁଆ ବନ୍ଧ ନିକଟରେ ସାରସ୍ୱତ ପହଞ୍ଚିବା ପରେ ପୂର୍ବରୁ ଯୋଜନା ବଦ୍ଧ ଭାବେ ଛକି ରହିଥିବା ପ୍ରଫୁଲ୍ଲଙ୍କ ସମେତ ୪ରୁ ୫ଜଣ ପେସାଦାର ଅପରାଧୀ ତାଙ୍କୁ ଉଠାଇ ନେଇଥିଲେ। ସାରସ୍ୱତ କିଛି କହିବା ପୂର୍ବରୁ ସେମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୨ଲକ୍ଷ ଟଙ୍କା ମାଗିଥିଲେ। ପରେ ତାଙ୍କୁ ମାଡମାରି ତାଙ୍କ ବେକରୁ ୨୦ ଗ୍ରାମ ଓଜନର ସୁନା ଚେନ ଓ ୨୧୦୦ ଟଙ୍କା ଲୁଟି ନେଇଥିଲେ। ଏଥିରେ ଭୟଭୀତ ହୋଇ ଅପହରଣକାରୀଙ୍କ ଦାବି ପୂରଣ କରିବାକୁ ସ୍ତ୍ରୀଙ୍କୁ ଟଙ୍କା ଯୋଗାଡ କରି ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିବାକୁ ଫୋନ ଯୋଗେ କହିଥିଲେ। ମାତ୍ର ସ୍ତ୍ରୀଙ୍କ ଉପସ୍ଥିତି ବୁଦ୍ଧି ଖଟାଇ ୧୦୦ ନମ୍ବରକୁ ଫୋନ କରିଥିଲେ। ଖବର ପାଇ ପିସିଆର ପହଞ୍ଚି ରାତି ୯ଟାରେ ତାଙ୍କୁ ଉଦ୍ଧାର କରିଥିଲା।

# ପୋଡ଼ାଡିହ ପଞ୍ଚାୟତ ଆବାସ ଦୁର୍ନୀତିର ପର୍ଦ୍ଦାଫାଶ

**ଖୋର୍ଦ୍ଧା ଅଫିସ, ୨୧।୧୨**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦୁର୍ନୀତି ଘଟଣାରେ ପର୍ଦ୍ଦାଫାଶ ହୋଇଛି। ୩ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଖୋର୍ଦ୍ଧା ଜିଲାପାଳ ଶନିବାର ନିଲମ୍ବନ କରିଛନ୍ତି। ସେମାନେ ହେଲେ ନାରାୟଣ ଜେନା, କେଦାର ବେହେରା ଓ ଜୟଦେବ ସୁବୁଦ୍ଧି। ସେହିଭଳି ବିଡିଓ ରବି ନାରାୟଣ ମାଝି ଓ ଏବିଡିଓ ମହେନ୍ଦ୍ର ଜେନାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ସୁପାରିସ କରାଯାଇଥିବା ଜିଲାପାଳ ସିତାଂଶୁ କୁମାର ରାଉତ ଓ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ ସୂଚନା ଦେଇଛନ୍ତି।

### ଦଲାଲଙ୍କୁ ମାଫ୍

ଆବାସ ଯୋଜନା ଘୋଟାଲାରେ ଦଲାଲ ବର୍ତ୍ତିଯାଇଛନ୍ତି। କାରଣ ଦୁର୍ନୀତି ତଦନ୍ତରେ ଦଲାଲ ସହଯୋଗ କରିଥିବାରୁ ସେମାନଙ୍କୁ ଅଫର ଦିଆଗଲା ବୋଲି ଚର୍ଚ୍ଚା ହେଉଛି। ସେହିଭଳି ବେଗୁନିଆ ବ୍ଲକର ବଡବାବୁ, ସହକାରୀ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକଙ୍କ ସମ୍ପୃକ୍ତିର ଅଭିଯୋଗ ଥିଲେ ବି ସେମାନେ ମାଫ୍ ପାଇଛନ୍ତି। ଏ ନେଇ ଖୋର୍ଦ୍ଧା ପିଡି ଡିଆର୍‌ଡିଏ ଦିଗନ୍ତ ରାଉତାରାୟ କୁହନ୍ତି, ଦଲାଲଙ୍କ ବିରୋଧରେ କୌଣସି ହିତାଧିକାରୀ କିଛି ତଥ୍ୟ ଉପସ୍ଥାପନ କଲେ ନାହିଁ। ସେହିପରି ମିଥ୍ୟା ସତ୍ୟପାଠ ଦେଇ ଆବାସ ଯୋଜନାରେ ଘର ହାତେଇଥିବା ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

### ରହିଗଲେ ୧୮୦ ହିତାଧିକାରୀ

୨୦୧୬-୧୭ରୁ ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ପୋଡ଼ାଡିହ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତିରେ ୧୨୦ରୁ ୭୯ ଜଣଙ୍କ ଅନିୟମିତତାର ପର୍ଦ୍ଦାଫାଶ ହୋଇଛି। ସେହି ଆଧାରରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ତେବେ ପୁଣି ୧୮୦ ଜଣ ହିତାଧିକାରୀ ଅନିୟମିତତାରେ ସମ୍ପୃକ୍ତ ଥିବାର ଅନୁରୂପ ଅଭିଯୋଗ ରହିଛି। ଏଥିରେ ଏକାଧିକ ଫଲ୍ସ ବିଲ୍ ରହିଛି। ପୋଡାଡିହ ପଞ୍ଚାୟତରେ ୬୫୭ ଜଣ ହିତାଧିକାରୀ କାର୍ଯ୍ୟାଦେଶ ପାଇଥିଲେ। ୩୦୦ ହିତାଧିକାରୀ ଅନିୟମିତତା କରିଥିବା ଜଣାପଡିଛି। ଏ ନେଇ ଖୁବ୍‌ଶୀଘ୍ର ଜିଲାପାଳ ଓ ପିଡି ଡିଆର୍‌ଡିଏଙ୍କୁ ପୁଣି ସ୍ମାରକପତ୍ର ଦିଆଯିବ ବୋଲି ସାମାଜିକ କର୍ମୀ ବିଭୂତି ଭୂଷଣ ଦାଶ ସୂଚନା ଦେଇଛନ୍ତି।

### ଏବିଡିଓଙ୍କୁ ନେଇ ଚର୍ଚ୍ଚା

ଏବିଡିଓ ମହେନ୍ଦ୍ର ଜେନା ବେଗୁନିଆ ବ୍ଲକରେ କାର୍ଯ୍ୟରତ ଥିଲେ। ଆବାସ ଯୋଜନାରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ସୁପାରିସ କରିଛନ୍ତି। ବ୍ଲକର ଅନ୍ୟ ପଞ୍ଚାୟତରେ ମଧ୍ୟ ଆବାସ ଯୋଜନା ଦୁର୍ନୀତି ହୋଇଛି, ଯେଉଁଥିରେ ମହେନ୍ଦ୍ରଙ୍କ ସମ୍ପୃକ୍ତି ଥିବାର ଅଭିଯୋଗ ରହିଛି। ପୋଡାଡିହକୁ ଛାଡି ଦେଲେ ଅନ୍ୟ ପଞ୍ଚାୟତର ଆବାସ ଦୁର୍ନୀତିର ତଦନ୍ତ କରିବାକୁ ଦାବି ହେଉଛି।



ଗଣ ଦୌଡରେ ସାମିଲ ହୋଇଛନ୍ତି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ ।

### ■ ସ୍ୱଚ୍ଛ ସର୍ବେକ୍ଷଣରେ ସ୍ଥାନ ପାଇବାର ଅଭିଳାଷ
## ଗଣଦୌଡ଼ରେ ସଚେତନତା ବାର୍ତ୍ତା

**ଖୋର୍ଦ୍ଧା ଅଫିସ, ୨୧।୧୨:**

୨୦୨୦ରେ ହେବାକୁ ଥିବା ସ୍ୱଚ୍ଛ ସର୍ବେକ୍ଷଣରେ ଖୋର୍ଦ୍ଧା ମ୍ୟୁନିସିପାଲିଟିକୁ ଭାରତ ବର୍ଷରେ ଅଗ୍ରଣୀ ସ୍ଥାନରେ ରଖିବା ପାଇଁ ସଚେତନତା ଉଦ୍ଦେଶ୍ୟରେ ଶନିବାର ଗଣଦୌଡ କରାଯାଇଥିଲା। ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଆୟୋଜିତ ଏହି ଗଣଦୌଡଟାଉନହଲଠାରୁ ବାହାରି ବରୁଣେଇ ପାଦ ଦେଶରେ ଶେଷ ହୋଇଥିଲା। ଏହି ଗଣଦୌଡରେ ଖୋର୍ଦ୍ଧା ମ୍ୟୁନିସିପାଲିଟି ପଲିଥିନ ନିଷିଦ୍ଧ, ପ୍ଲାଷ୍ଟିକ ବ୍ୟାନର ଆହ୍ୱାନ, ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ ଉପରେ ଗୁରୁତ୍ୱାରୋପ କରି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଗଣଦୌଡରେ ବିଜୟୀ ପ୍ରତିଯୋଗୀଙ୍କୁ ପଦକ, ମାନପତ୍ର, ଗଛଚାରା ପ୍ରଦାନ କରାଯାଇଥିଲା। ଗଣଦୌଡକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସ୍ଥାନରେ ଖୋର୍ଦ୍ଧା ଏସ୍‌ପି, ଏସ୍‌ଏଫ ଖୋର୍ଦ୍ଧା, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

### ■ ରାଜ୍ୟ ଯୁବ ଉତ୍ସବରେ ଖୋର୍ଦ୍ଧା ଜିଲାର ବାଜିମାତ୍
## ୪ ସାଂସ୍କୃତିକ କାର୍ଯ୍ୟକ୍ରମ ଜାତୀୟ ସ୍ତରକୁ ଉନ୍ନୀତ



ମହୋତ୍ସବରେ ପିଲାମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ଖୋର୍ଦ୍ଧା ଅଫିସ/ଚିଲିକା, ୨୧।୧୨(ଡି.ଏନ.ଏ.):**

ଭଦ୍ରକ ନେହେରୁ ଷ୍ଟାଡିୟମରେ ୩ ଦିନ ଧରି ଚାଲିଥିବା ୨୫ତମ ରାଜ୍ୟସ୍ତରୀୟ ଯୁବ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ଖୋର୍ଦ୍ଧା ଜିଲାର ଭୁବନେଶ୍ୱରସ୍ଥିତ ସଙ୍ଗୀତ ମହାବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କର ପରିବେଷିତ ନାଟକ ଶାନ୍ତି, ହରେକୃଷ୍ଣ ଧଳଙ୍କ ଓଡ଼ିଶୀ ନୃତ୍ୟ, ପ୍ରୀତିପଦ୍ମା ରାଉତଙ୍କ ହିନ୍ଦୁସ୍ଥାନୀ ସଙ୍ଗୀତ, ମଦର ପବ୍ଲିକ ସ୍କୁଲର ଛାତ୍ରୀମାନଙ୍କର ଲୋକନୃତ୍ୟ ରାଜ୍ୟରେ ୧ ନମ୍ବର ସ୍ଥାନ ଅକ୍ତିଆର କରି ଖୋର୍ଦ୍ଧା ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛି। ରାଜ୍ୟ ସ୍ତରରେ ୧ ନମ୍ବର ସ୍ଥାନ ଅକ୍ତିଆର କରିଥିବା ଏହି ୪ ସାଂସ୍କୃତିକ କାର୍ଯ୍ୟକ୍ରମ ନୂଆଦିଲ୍ଲୀଠାରେ ହେବାକୁ ଥିବା ଜାତୀୟ ଯୁବ ଉତ୍ସବକୁ ଉନ୍ନୀତ ହୋଇଛି। ଖୋର୍ଦ୍ଧା ଜିଲାର ୬୦ଜଣ କଳାକାର ଏହି ଯୁବ ଉତ୍ସବରେ ଯୋଗ ଦେଇଥିଲେ। ବାଣପୁର ଭେଟିନାଥ ଦେବ ନୋଡାଲ ହାଇସ୍କୁଲର ଛାତ୍ରୀମାନଙ୍କର ଆଦିବାସୀ ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା। ଆଦିବାସୀ ନୃତ୍ୟର ନିର୍ଦ୍ଦେଶନା ଗୁରୁ ଗୋବିନ୍ଦ ଜାଲି ଦେଇଥିବାବେଳେ ଶିକ୍ଷକ ପ୍ରମୋଦ ସ୍ୱାଇଁ ପରିଚାଳନା କରିଥିଲେ। ରାଜ୍ୟ ସ୍ତରୀୟ ଯୁବ ଉତ୍ସବରେ ୩୦ ଜିଲାର ୯୦ରୁ ଊର୍ଦ୍ଧ୍ୱ ଗ୍ରୁପର ୧୬୦୦ରୁ ଅଧିକ କଳାକାର ଯୋଗ ଦେଇଥିଲେ।

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ନିରାକାରପୁର, ୨୧।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ରେଳ ଡିଭିଜନ୍ ଅନ୍ତର୍ଗତ ନିରାକାରପୁର-ଗୋଳବାଇ ଷ୍ଟେଶନ ମଧ୍ୟବର୍ତ୍ତୀ ଅଞ୍ଚଳ ଷଠିପଦର ଗ୍ରାମ ନିକଟ ଡାଉନ୍‌ଲାଇନ ଖମ୍ବ ନଂ.୪୭୯୧/୧୬-୧୮ରେଳଧାରଣା ଉପରୁ ଜଣେ ଯୁବକଙ୍କ ମୃତଦେହ ନିରାକାରପୁର ରେଳବାଇ ପୋଲିସ ଉଦ୍ଧାର କରିଛି । ସେ ହେଲେ ପୁରୀ ଜିଲା ଗଡିଶାଗଦା ଥାନା ଅନ୍ତର୍ଗତ ବକୁ ପଞ୍ଚାୟତ ଶିରିପୁର ଗ୍ରାମର ବୁଲୁ ପ୍ରଧାନ(୩୩)। ରେଳବାଇ ଫାଣ୍ଡି ପୋଲିସ ମୃତଦେହ ଜବତ କରି ଖୋର୍ଦ୍ଧା ସରକାରୀ ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏନେଇ ଫାଣ୍ଡି ପକ୍ଷରୁ ନଂ.୧୦୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଶୋଇବା ବେଳେ ଯୁବତୀଙ୍କୁ ଅପହରଣ

**ଖୋର୍ଦ୍ଧା ଅଫିସ, ୨୧।୧୨**

ଖୋର୍ଦ୍ଧା ପୋଲିସ ଜିଲା ଜଙ୍କିଆ ଥାନା ଅଞ୍ଚଳରେ ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ଶୋଇଥିବାବେଳେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଅରଖପଦର ଗାଁର ଅନନ୍ତ ସାହୁ(୨୫) ନାମକ ଜଣେ ଯୁବକ ଏହି ଅପହରଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଦଫା ୪୫୭, ୩୬୩, ୩୬୬, ୩୫୪, ୩୨୩, ୩୪ ଆଇପିସି ଦଫାରେ ନଂ. ୨୦୨/୧୯ ମାମଲା ରୁଜୁ କରି ତଦନ୍ତ କରୁଛି। ଶୁକ୍ରବାର ରାତିରେ ଅପହରଣ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ■ ଏସିକନ୍ ଭୁବନେଶ୍ୱର ଉଦ୍‌ଯାପିତ
## ବୈଜ୍ଞାନିକ ପଦ୍ଧତିରେ ଚିକିତ୍ସାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)-**

ଦି ଆସୋସିଏଶନ ଅଫ୍ ସର୍ଜନ୍‌ସ ଅଫ୍ ଇଣ୍ଡିଆ' ପକ୍ଷରୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୩ଦିନ ବ୍ୟାପୀ ଚାଲିଥିବା 'ଏସିକନ୍'ର ୭୯ତମ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାରେ ୪ର୍ଥ ଥର ପାଇଁ ଆୟୋଜିତ ଏହି ସମ୍ମିଳନୀରେ ଚିକିତ୍ସା ପଦ୍ଧତିରେ ବୈଜ୍ଞାନିକ ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଭାରତ ଓ ସାର୍କ ଦେଶଗୁଡିକରୁ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ପରିଚାଳନା ସଚିବ ଡା ଶ୍ରୀଜୟ ପଟ୍ଟନାୟକ କହିଲେ, 'ଏସିକନ୍-୨୦୧୯'ର ଆୟୋଜନ କରିବା ଆମ ପାଇଁ ଏକ ସ୍ୱପ୍ନ ଥିଲା। ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ଅନୁସନ୍ଧାନ ଓ ନୂତନ ଆବିଷ୍କାର କରିବାରେ ଏହି ସମ୍ମିଳନୀ ବିଶେଷଭାବେ ସହାୟକ ହେବ, ଯାହାକି ଏକ ଉନ୍ନତ ଓ ସୁସ୍ଥ ସମାଜ ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ଚିକିତ୍ସା କ୍ଷେତ୍ରରେ ବୈଷୟିକ ଜ୍ଞାନ ତଥା ବୈଜ୍ଞାନିକ ପଦ୍ଧତିର ଉପଯୋଗ ଏକ ବଡ଼ ସଫଳତା। ଏହି ସଫଳତାର ଉତ୍ସବ ମନାଇବାକୁ ଗୋଟିଏ ମଞ୍ଚରେ ଦେଶ ଓ ବିଦେଶର ପ୍ରତିନିଧି ଏକାଠି ହେବା ଏକ ବଡ ଉପଲବ୍ଧି ବୋଲି ଆୟୋଜକ ତଥା ସଂଘର ଅଧ୍ୟକ୍ଷ ଡା ସି.ଆର୍. ଦାସ କହିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ପଦ୍ମଶ୍ରୀ ଏ.ଏସ୍. କିରନ୍ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ଅଭିଯାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତିନିଧିମାନେ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବୁଲି ଦେଖିଥିଲେ।

## ନନ୍ଦେଶ୍ୱର ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ଜଟଣୀ ଥାନା ପିତାପଲ୍ଲୀ ଛକ ଶଳା ନନ୍ଦେଶ୍ୱର ହତ୍ୟା ମାମଲାର ରାୟ ଶନିବାର ଭୁବନେଶ୍ୱର ଜିଲା ଦୌରାଜଜ-୩ରେ ପ୍ରକାଶ ପାଇଛି। କୋର୍ଟ ହତ୍ୟାକାରୀ ପିତାପଲ୍ଲୀର ସୌମ୍ୟରଞ୍ଜନ ସ୍ୱାଇଁ(୨୫)ଙ୍କୁ ଆଜୀବନ କାରା ଦଣ୍ଡାଦେଶ ଶୁଣାଇଛନ୍ତି। ବିଚାରପତି ଲୁନା ମହାନ୍ତି ୨୩ଜଣ ସାକ୍ଷୀ,୧୪ ଡକ୍ୟୁମେଣ୍ଟ ଓ ଫୋରେନ୍‌ସିକ୍ ପ୍ରମାଣପତ୍ର ଅନୁଧ୍ୟାନ କରିବା ପରେ ରାୟ ଦେଇଛନ୍ତି। ଦଫା ୩୪୧ ପାଇଁ ଏକ ମାସ କାରାଦଣ୍ଡ ସହ ୫ଶହ ଟଙ୍କା ଜରିମାନା। ଜରିମାନା ନ ଦେଲେ ୫ଦିନ ଅଧିକ କାରାଦଣ୍ଡ, ଦଫା ୩୦୭ ପାଇଁ ୪ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା। ଅନାଦେୟ ହେଲେ ୨ମାସ ଅଧିକ ସଜା। ଦଫା ୩୦୨ରେ ଆଜୀବନ କାରାଦଣ୍ଡ ସହ ୮ହଜାର ଟଙ୍କା ଜରିମାନା। ଏହି ଜରିମାନା ନ ଦେଲେ ୪ ମାସ ଅଧିକ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଗୋଡିପୋଖରୀ ସାହି ନିୟୁ କଲୋନୀରେ ରହୁଥିବା ଶଳା ନନ୍ଦେଶ୍ୱରଙ୍କ ବାହାଘର ଆଉ ୭ ଦିନ ରହିଥିଲା। ୨୦୧୪ ମେ ୩୧ ଅପରାହ୍ନରେ ସେ ତାର ସାଙ୍ଗ କୃଷ୍ଣ ପ୍ରସାଦ ରାମଙ୍କୁ ନେଇ କାର୍ଡବାଣ୍ଟିବାକୁ ଯାଇ ପିତାପଲ୍ଲୀ ଛକରେ ଥିବା ଅଭିଯୁକ୍ତ ସୌମ୍ୟରଞ୍ଜନଙ୍କ ଦୋକାନ ଆଗରେ ଛିଡା ହୋଇଥିଲେ। ସେଠାରେ କମେଣ୍ଟମରାକୁ ନେଇ ସୌମ୍ୟରଞ୍ଜନଙ୍କ ସହ ଶଳା ନନ୍ଦେଶ୍ୱରଙ୍କ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୌମ୍ୟରଞ୍ଜନ ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡର ପଛକୁ ପିଟି ଦେଇଥିଲେ। ଏଥିସହ ନନ୍ଦେଶ୍ୱରଙ୍କୁ ଉଦ୍ଧାର କରିବାକୁ ଯାଇ ସାଙ୍ଗ କୃଷ୍ଣପ୍ରସାଦ ଆକ୍ରମଣର ଶିକାର ହୋଇ ଆହତ ହୋଇଥିଲେ। ଚକ୍ରାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ନନ୍ଦେଶ୍ୱରଙ୍କୁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜଟଣୀ ଥାନାରେ ମୃତ ନନ୍ଦେଶ୍ୱରଙ୍କ ଭାଇ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ଦଫାରେ ହତ୍ୟା ମାମଲା (ନଂ-୨୦୬/୧୪) ରୁଜୁ କରି ଅଭିଯୁକ୍ତ ସୌମ୍ୟରଞ୍ଜନଙ୍କୁ ଗିରଫ କରିଥିଲା। ଏହି ମାମଲାର ପରିଚାଳନା ପିପି ପ୍ରଦୀପ୍ତ କୁମାର ମିଶ୍ର କରୁଥିବାବେଳେ ବିବେକ ରଞ୍ଜନ ପଟ୍ଟନାୟକ ସହଯୋଗ କରୁଥିଲେ।

## ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ



ଶିଶୁ ପ୍ରତିଭା ମହୋତ୍ସବରେ ପିଲାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଛି ।

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)-**

ଦେଶକୁ ସମୃଦ୍ଧି ପଥରେ ଅଗ୍ରସର କରିବାରେ ଗୁଣାତ୍ମକ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରେ। ତେଣୁ ଜ୍ଞାନରେ ଆମ୍ଭେମାନେ ଧନୀ ହେବା ଉଚିତ୍। ସୃଜନ କାର୍ଯ୍ୟ, କର୍ତ୍ତବ୍ୟ ଓ ଶୃଙ୍ଖଳା କେବଳ ଜଣେ ବ୍ୟକ୍ତିଙ୍କୁ ଶିଖରରେ ପହଞ୍ଚାଏ ନାହିଁ, ବରଂ ସମଗ୍ର ଦେଶ ସମୃଦ୍ଧ ହୁଏ। ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର(ସିସିଡବ୍ଲ୍ୟୁଏସ୍‌ଡି) ପକ୍ଷରୁ ସୂଚନା ଭବନରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏହା କହିଛନ୍ତି। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଜୟନ୍ତୀ ରଥ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ପ୍ରାକ୍ତନ ପ୍ରଶାସକ ଗୋସ୍ୱାମୀ ଗୋଲାମ ଦେବତା, ଖବରଦାତା ବିମଳ କୁମାର ଭଞ୍ଜଦେଓ ଅତିଥି ଭାବେ ଯୋଗଦେଇ ପୁରସ୍କୃତ ଶିଶୁ ପ୍ରତିଭାମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରବିନାରାୟଣ ମହାନ୍ତି, ମଞ୍ଜୁ ରାୟ, ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ଚୌଧୁରୀ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ମୂଲ୍ୟବୋଧ ଶିକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ସମଗ୍ର ରାଜ୍ୟର ୧୬ ହଜାର ପିଲାଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ପ୍ରତିଯୋଗିତା କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ୨୬୪ ଜଣ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ସିସିଡବ୍ଲ୍ୟୁଏସ୍‌ଡିର ସଭାପତି ସୁଧାନିଧି ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଯୋଜନା ନିର୍ଦ୍ଦେଶିକା ଜ୍ୟୋତ୍ସ୍ନା ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ଆର୍. ସୁନନ୍ଦା ଚୌଧୁରୀ ଧନ୍ୟବାଦ ଦେଇଥିଲେ।

### ■ ଓଡିଶା ପରିବେଶ କଂଗ୍ରେସର ଦ୍ୱିତୀୟ ଦିବସ
# ବିକାଶ ନୁହେଁ, କ୍ଷତି କରୁଛି ଖଣି

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

**ଦାୟିତ୍ୱ ଭୁଲିଯାଉଛନ୍ତି ଖଣିଶିଳ୍ପ ସଂସ୍ଥା**

ଖଣି ଉତ୍ତୋଳନ ଦ୍ୱାରା ଓଡିଶାର ବିକାଶ କେବେବି ସମ୍ଭବ ନୁହେଁ। ଏହା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ। ଓଡିଶା ପରିବେଶ କଂଗ୍ରେସରେ ଯୋଗଦେଇଥିବା ବିଶେଷଜ୍ଞମାନେ ପରିବେଶ ଉପରେ ଖଣିର କୁପ୍ରଭାବକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏହି ମତ ଦେଇଛନ୍ତି। ଶନିବାର ଦ୍ୱିତୀୟ ଦିବସରେ ଖଣି ଶିଳ୍ପ ସଂସ୍ଥାଗୁଡ଼ିକର ଦାୟିତ୍ୱବୋଧ, ନିରନ୍ତର ଖଣି ଉତ୍‌ଖନନ ଏବଂ ସାମାଜିକ ଓ ଅର୍ଥନୈତିକ କ୍ଷତିର କିଭଳି ଭରଣା ସଂକ୍ରାନ୍ତରେ ଦିବସବ୍ୟାପୀ ଆଲୋଚନା ହୋଇଥିଲା। ଏହି ଅବସରରେ ବିଶେଷଜ୍ଞମାନେ କହିଲେ, ଆବଶ୍ୟକଠାରୁ ଅଧିକ ଖଣି ଉତ୍ତୋଳନ ଯୋଗୁ ଗୋଟିଏ ପଟେ ଖଣିଜ ସମ୍ପଦ ସରି ଆସୁଥିବାବେଳେ ଅନ୍ୟପଟରେ ଖଣିରୁ ବାହାରୁଥିବା ବର୍ଜ୍ୟପଦାର୍ଥ ସମସ୍ତଙ୍କ ପାଇଁ ବିପଦ ସାଜୁଛି। ଖଣି ଉତ୍ତୋଳନ କରୁଥିବା ଶିଳ୍ପ ସଂସ୍ଥାଗୁଡ଼ିକ ଖଣିରୁ ଯେଉଁ ଅନୁପାତରେ ଲାଭବାନ ହେଉଛନ୍ତି ସେହି ହାରରେ ନିଜ ଦାୟିତ୍ୱ ତୁଲାଉ ନାହାନ୍ତି। ଖଣିଜନିତ ପ୍ରଦୂଷଣ ନିୟନ୍ତ୍ରଣ କରିବାଠାରୁ ଆରମ୍ଭକରି ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଶିଳ୍ପସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱବୋଧ ରହିଛି। ଖଣି ଲାଇସେନ୍ସ ମିଳିଗଲେ କେବଳ ନିଜ ଲାଭକଥା ନ ଭାବି ସ୍ଥାନୀୟ ଅଞ୍ଚଳର ଉନ୍ନତି, ପ୍ରଭାବିତ ବାସିନ୍ଦାଙ୍କ ଜୀବନ ଜୀବିକା ଓ ଉପାର୍ଜନ ବ୍ୟବସ୍ଥା ଏବଂ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେବାର ଆବଶ୍ୟକ ରହିଛି ବୋଲି ବକ୍ତାମାନେ କହିଥିଲେ। ଖଣି ପାଇଁ ଲକ୍ଷ ଲକ୍ଷ ଗଛ କଟାଯାଉଥିବାବେଳେ କାମ୍ପା ପାଣ୍ଠିର ଠିକ ବିନିଯୋଗ ହୋଇପାରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଏସ୍‌ଆର୍‌ସି ପ୍ରଦୀପ ଜେନା କହିଲେ, ଖଣି ସଂସ୍ଥାଗୁଡ଼ିକ ସରକାରୀ ନୀତି ନିୟମକୁ ନିଷ୍ଠାର ସହ କାର୍ଯ୍ୟକାରୀ କରନ୍ତୁ। କେବଳ ସରକାରଙ୍କୁ ସିଆର୍‌ଏସ୍ ପାଣ୍ଠି ବିନିଯୋଗର ତଥ୍ୟ ନ ଦେଖାଇ ଲୋକଙ୍କ ପାଇଁ ଆନ୍ତରିକତାର ସହ କାମ କରିବା ଉଚିତ୍ ବୋଲି ସେ କହିଥିଲେ। ଓଏମ୍‌ସିର ବରିଷ୍ଠ ଅଧିକାରୀ ରାମନାଥ ପ୍ରହରାଜ, ଭେଲ୍‌ର ପୂର୍ବତନ ଜିଏମ୍ ଇଂ. ରବିନାରାୟଣ ଷଡଙ୍ଗୀ, ବରିଷ୍ଠ ସାମ୍ବାଦିକ ସନ୍ଦିପ ମିଶ୍ର, ସାମ୍ବାଦିକ ରାଜେଶ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡିଶାରେ ଖଣିଜନିତ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଓୟୁଏଟିର ପୂର୍ବତନ କୁଳପତି ଡ. ଡି. ପି. ରୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫ମ ବୈଷୟିକ ଅଧିବେଶନରେ ନିରନ୍ତର ଖଣି ପ୍ରସଙ୍ଗକୁ ନେଇ ବିଭିନ୍ନ କ୍ଷେତ୍ରରୁ ଆସିଥିବା ବିଶେଷଜ୍ଞମାନେ ଆଲୋଚନା କରିଥିଲେ।

**ଟ୍ରେନ୍‌ରେ ଯାତ୍ରୀଙ୍କଠାରୁ ଚୋରି: ଜଣେ ଗିରଫ**

**ପୁରୀ ଅଫିସ:** ଟ୍ରେନରେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ୍ ଚୋରି ଅଭିଯୋଗରେ ଆର୍‌ପିଏଫ୍ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକର କାଳିଆ ବେହେରା। ତାଙ୍କଠାରୁ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ୬୪, ୫୦୦ ଟଙ୍କା ହେବ। ଏ ନେଇ ଆର୍‌ପିଏଫ୍ ପକ୍ଷରୁ ଖୋର୍ଦ୍ଧାରୋଡ ଜିଆର୍‌ପି ଥାନାରେ ୧୫୨/୧୯ରେ ଏକ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ସମୁଦ୍ରରେ ଭାସିଯାଇ ଛାତ୍ର ନିଖୋଜ, ଜଣେ ଉଦ୍ଧାର

**ପୁରୀ ଅଫିସ, ୨୧।୧୨:** ପୁରୀ ଜିଲା ଅସ୍ତରଙ୍ଗର ପୀର ଜାହାନିଆ ସମୁଦ୍ରରେ ଶନିବାର ଜଣେ ଇଞ୍ଜିନିୟରିଂ ଛାତ୍ର ଭାସିଯାଇ ନିଖୋଜ ଥିବାବେଳେ ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ଛାତ୍ର ହେଲେ କଟକର ପି. ଧର୍ମା। ସେହିପରି ଉଦ୍ଧାର ଛାତ୍ର ହେଲେ ଅଙ୍କିତ କୁମାର ସାହୁ। ଖବର ପାଇ କୋଣାର୍କ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ ଧର୍ମାଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ସୂଚନା ଅନୁଯାୟୀ, ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଏକାଧିକ ଛାତ୍ର ବସ ଯୋଗେ ପିକ୍‌ନିକ୍ ଲାଗି ପୀର ଜାହାନିଆ ପର୍ଯ୍ୟଟନସ୍ଥଳକୁ ଆସିଥିଲେ। ଅପରାହ୍ନରେ ସମସ୍ତେ ଜାହାନିଆ ନିକଟ ସମୁଦ୍ରକୁ ଗାଧୋଇବାକୁ ଯାଇଥିଲେ। ସମୁଦ୍ରରେ ସ୍ନାନ ବେଳେ ଧର୍ମା ଓ ଅଙ୍କିତ ବୁଡ଼ିଯାଇଥିଲେ। ଦୁହିଁଙ୍କ ଚିତ୍କାର ଶୁଣି ସେଠାରେ ଥିବା କେତେଜଣ ମତ୍ସ୍ୟଜୀବୀ ସମୁଦ୍ରରେ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ସେମାନେ ଅଙ୍କିତକୁ ଉଦ୍ଧାର କରି କୂଳକୁ ଆଣିଥିଲେ। ମାତ୍ର ଧର୍ମାଙ୍କୁ ଠାବ କରିପାରି ନ ଥିଲେ। ଏ ସମ୍ପର୍କରେ ଖବର ପାଇ ଅସ୍ତରଙ୍ଗ ପୋଲିସ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ପଚରାଉଚୁରା କରିବା ସହ ନିଖୋଜ ଛାତ୍ରଙ୍କ ପରିବାର ଲୋକଙ୍କୁ ଖବର ଦେଇଛି।

### ବଧୂହତ୍ୟା ଅଭିଯୋଗରେ ସ୍ୱାମୀ, ଶାଶୁ, ଯାଆ ଗିରଫ

ନିମାପଡ଼ା,୨୧।୧୨(ଡି.ଏନ୍.ଏ.):ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳ ଦାସସାହିରେ ଯୌତୁକ ପାଇଁ ବଧୂହତ୍ୟା ମାମଲାରେ ୩ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମୃତା ରୀତା ଦାସଙ୍କ ସ୍ୱାମୀ ଅଜୟ ଦାସ, ଶାଶୁ ସୁଲୋଚନା ଦାସ ଏବଂ ଯାଆ ମମତା ଦାସ । ପୋଲିସ ସୂଚନା ଅନୁଯାୟୀ, ପ୍ରାୟ ୬ ମାସ ପୂର୍ବେ ଚନ୍ଦକା ଥାନା ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମର ବୈକୁଣ୍ଠ ଦାସଙ୍କ ଝିଅ ରୀତାଙ୍କୁ ଅଜୟ ପ୍ରେମ ବିବାହ କରିଥିଲେ। ଗତ ନଭେମ୍ବର ୧୦ ତାରିଖରେ ରୀତା ପୋଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ପରିବାର ଓ ପଡ଼ୋଶୀମାନେ ତାଙ୍କୁ ନିମାପଡ଼ା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରଥମେ କ୍ୟାପିଟାଲ୍ ହସ୍‌ପିଟାଲ୍ ଏବଂ ପରେ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ରୀତାଙ୍କ ବାପା ବୈକୁଣ୍ଠ ଦାସ ଏନେଇ ନିମାପଡ଼ା ଥାନାରେ ନଭେମ୍ବର ୧୩ ତାରିଖରେ ଏତଲା ଦେଇଥିଲେ । ଏତଲାରେ ସେ ଦର୍ଶାଇଥିଲେ ଯେ, ବିବାହର ମାତ୍ର ୧୫ ଦିନ ପରଠୁ ୫୦ ହଜାର ଟଙ୍କା ଯୌତୁକ ଆଣିବା ପାଇଁ ରୀତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦିଆଯାଉଥିଲା । ଏଣୁ ଯୌତୁକ ପାଇଁ ରୀତାଙ୍କୁ କିରୋସିନ ଢାଳି ପୋଡ଼ି ହତ୍ୟା କରାଯାଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ । ପୋଲିସ ୨୯୦/୧୯ରେ ଏକ ମାମଲା ରୁଜୁ କରିଥିଲା । ସ୍ୱାମୀ ଅଜୟ, ଶାଶୁ ସୁଲୋଚନା ଏବଂ ଯାଆ ମମତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି । ଅନ୍ୟ ଦୁଇଜଣ ଅଭିଯୁକ୍ତ ଯଥା ଦେଢ଼ଶୁର ବିଜୟ ଏବଂ ଜଣେ ବ୍ୟକ୍ତି ଫେରାର ଥିବା ଏସ୍‌ଆଇ ସୁରେନ୍ଦ୍ର କୁମାର ବସ୍ତିଆ ସୂଚନା ଦେଇଛନ୍ତି ।

### ପୋଲିସ ପରିଚୟ ଦେଇ ଦମ୍ପତିଙ୍କଠାରୁ ଲୁଟ୍

**ପୁରୀ ଅଫିସ, ୨୧।୧୨:** ଟାଉନ ଥାନା ଅଧୀନ ଟାଉନ ହଲ ରୋଡରେ ଶନିବାର ଦୁଇଜଣ ଯୁବକ ନିଜକୁ ପୋଲିସ ପରିଚୟ ଦେଇ ଏକ ଦମ୍ପତିଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଲୁଟର ଶିକାର ଦମ୍ପତି ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସକାଳେ ଏକ ଦମ୍ପତି ଟାଉନ ହଲ ରୋଡ ଦେଇ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଦୁଇଜଣ ଯୁବକ ଏକ ବାଇକରେ ସେମାନଙ୍କ ନିକଟକୁ ଆସି ନିଜକୁ ପୋଲିସ ପରିଚୟ ଦେଇ କହିଥିଲେ, ସୁନାଚେନ, ମୁଦି ପିନ୍ଧି କାହିଁକି ବୁଲୁଛନ୍ତି। ଲୁଟେରା ମାତିଛନ୍ତି। ଏହାକୁ ବାହାର କରି ଦିଅନ୍ତୁ। ଦମ୍ପତି ସେମାନଙ୍କ କଥାରେ ସୁନା ଅଳଙ୍କାର ଏକ ରୁମାଲରେ ରଖିବା ସମୟରେ ସମ୍ପୃକ୍ତ ଯୁବକ ରୁମାଲକୁ ନେଇ ଚମ୍ପଟ ମାରିଥିଲେ। ପୂର୍ବରୁ ପୁରୁଣା ସଦର ଥାନା ରୋଡରେ ଜଣେ ମହିଳାଙ୍କ ଠାରୁ ଏଭଳି ଭାବେ ୧୨୦ଗ୍ରାମର ସୁନା ଅଳଙ୍କାର ଲୁଟ୍ ହୋଇଥିଲା।

# ଭିଆଇପି ଗାଡ଼ି ଉପରେ କଟକଣା

**ପୁରୀ ଅଫିସ, ୨୧।୧୨**

## ଆସୁଛି ବଡ଼ଦିନ, ନୂଆବର୍ଷ

- କଡ଼ାକଡ଼ି ହେଲା ଟ୍ରାଫିକ ବ୍ୟବସ୍ଥା
- ଶ୍ରଦ୍ଧାଳୁଙ୍କ ସୁବିଧା, ସ୍ୱଚ୍ଛନ୍ଦ ଦର୍ଶନକୁ ଗୁରୁତ୍ୱ
- ଏସ୍‌କର୍ଟ ଥିବା ଭିଭିଆଇପି ଗାଡ଼ି ଶ୍ରୀମନ୍ଦିର ଅଫିସ ପର୍ଯ୍ୟନ୍ତ ଯିବ



ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ଲାଗି ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଇବା ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦର୍ଶନାର୍ଥୀମାନେ ଯେପରି ସ୍ୱଚ୍ଛନ୍ଦ ଦର୍ଶନ କରିପାରିବେ ସେଥିଲାଗି ପଦକ୍ଷେପ ନେବାକୁ ବି କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ବିଶେଷକରି ଆଗକୁ ବଡ଼ଦିନ ଓ ନୂଆବର୍ଷ ଆସୁଛି। ଏହି ସ୍ୱତନ୍ତ୍ର ଦିନଗୁଡ଼ିକରେ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ଶନିବାରଠାରୁ ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ ଓ କଡ଼ାକଡ଼ି କରିଛି ପୋଲିସ। ମରିଚିକୋଟ ଛକଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ବଡ଼ଦାଣ୍ଡ ମଝିରେ ପ୍ରାୟ ୬ଫୁଟ ରାସ୍ତା ଦୁଇପାର୍ଶ୍ୱକୁ ବ୍ୟାରିକେଡିଂ କରାଯାଇଛି। ମରିଚିକୋଟ ଛକଠାରୁ ଏହା ମଧରେ ଭକ୍ତମାନେ ଚାଲି ଚାଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇପାରିବେ। ଏହାର ଉଭୟ ପାର୍ଶ୍ୱରେ କେବଳ ବାଇକ୍ ଚଳାଚଳ କରିବ। ତେବେ ମାର୍କେଟ ଛକଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା କିମ୍ବା ଉଠାଦୋକାନ ପକାଇ ଅବରୋଧ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ବଡ଼ଦିନ ଓ ନୂଆବର୍ଷକୁ ଆଖି ଆଗରେ ରଖି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ପୁରୀ ପୋଲିସ। ସାଧାରଣ ଲୋକଙ୍କ ସମେତ ଭିଆଇପି ଗାଡିଗୁଡ଼ିକ ଉପରେ ଲାଗିଛି କଟକଣା। ପୂର୍ବ ଭଳି ଆଉ ଭିଆଇପି ଗାଡ଼ିଗୁଡ଼ିକୁ ମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଛଡ଼ାଯିବ ନାହିଁ। ଏବେ ସେଗୁଡ଼ିକ ମରିଚିକୋଟ ଛକ ପର୍ଯ୍ୟନ୍ତ ଯିବା ପାଇଁ ଅନୁମତି ରହିଛି। ସେଠାରୁ ସେମାନେ ବ୍ୟାଟେରି ଅଟୋରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇପାରିବେ। ତେବେ ଏସ୍‌କର୍ଟ ଥିବା ଭିଭିଆଇପିଙ୍କ ଗାଡ଼ି କେବଳ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇପାରିବ। ଅଧିକ ଗହଳି ହେଉଥିବା ଦିନରେ ଭିଆଇପିଙ୍କ ଗାଡ଼ି ଟାଉନ ଥାନା ପର୍ଯ୍ୟନ୍ତ ଆଗକୁ ନ ଛାଡ଼ିବା ପାଇଁ ପୋଲିସ ଯୋଜନା କରିଥିବା ଜଣାପଡ଼ିଛି। ଏ ନେଇ ପୁରୀ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି ଯେ, ଶ୍ରୀକ୍ଷେତ୍ରକୁ ଦିନକୁ ଦିନ ଭକ୍ତଙ୍କ ଆଗମନ ବୃଦ୍ଧି ପାଉଛି। ଆଗକୁ ବଡ଼ଦିନ ଓ ନୂଆବର୍ଷ ଆସୁଛି। ତେଣୁ ଶ୍ରୀମନ୍ଦିରକୁ ଲକ୍ଷାଧିକ ଭକ୍ତ ଆସିବେ, ବଡ଼ଦାଣ୍ଡରେ ଭିଡ଼ ହେବ। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।



ବିଜୁ ପଟ୍ଟନାୟକଙ୍କ ସମାଧି ପୀଠସ୍ଥଳରୁ ଶ୍ରୀଜଗନ୍ନାଥ ସେନା କର୍ମକର୍ତ୍ତା ବାଲି, ମାଟି ନେଉଛନ୍ତି।

# ପୁରୀରେ ହେଉ ବିଜୁ ସଂଗ୍ରହାଳୟ

**ପୁରୀ ଅଫିସ, ୨୧।୧୨**

## ଶ୍ରୀଜଗନ୍ନାଥ ସେନାର ଦାବି

- ଅର୍ବାନ ହାଟରେ ବିଜୁବାବୁଙ୍କ ସ୍ମୃତିପୀଠ କରାଯାଉ

ପୁରୀରେ ହେଉ ବିଜୁ ସଂଗ୍ରହାଳୟ। ଅବ୍ୟବହୃତ ହୋଇପଡ଼ିଥିବା ଅର୍ବାନ ହାଟର ନାମ ପରିବର୍ତ୍ତନ କରାଯାଇ ବିଜୁ ସଂଗ୍ରହାଳୟ ରଖାଯାଉ ବୋଲି ଦାବି କରିଛି ଶ୍ରୀଜଗନ୍ନାଥ ସେନା। ଏଥିସହ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛି। ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାରରୁ ଉଚ୍ଛେଦ ହୋଇଥିବା ବିଜୁ ପଟ୍ଟନାୟକଙ୍କ ସମାଧି ପୀଠସ୍ଥଳରୁ ଶନିବାର ସେନା କର୍ମକର୍ତ୍ତା ବାଲି, ମାଟିକୁ ସମ୍ମାନର ସହ ଆଣି ଅର୍ବାନ ହାଟରେ ରଖିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସ୍ୱର୍ଗଦ୍ୱାରରୁ ବିଜୁବାବୁଙ୍କ ସମାଧି ହଟାଇ ଦିଆଯାଇଛି। ବର୍ତ୍ତମାନ ବିଜୁବାବୁଙ୍କ ସମାଧି ଏକ ସମ୍ମାନଜନକ ସ୍ଥାନରେ କରାଯାଉ, ଯାହାକି କେବେ ଭଙ୍ଗା ହେବ ନାହିଁ। କିନ୍ତୁ ବିଜୁବାବୁଙ୍କ ସମାଧି ସ୍ଥଳ କେଉଁଠି ହେବ ସେ ଦିଗରେ ଏ ପର୍ଯ୍ୟନ୍ତ ସରକାର କିମ୍ବା ପ୍ରଶାସନ କୌଣସି ପଦକ୍ଷେପ ନେଇନାହାନ୍ତି। ତେଣୁ ସେନା ପକ୍ଷରୁ ସ୍ୱର୍ଗଦ୍ୱାରରେ ଥିବା ସମାଧିସ୍ଥଳରୁ ମାଟି, ବାଲି ସଂଗ୍ରହ କରାଯାଇ ଅର୍ବାନ ହାଟ ପରିସରରେ ରଖାଯାଇଛି। ଅର୍ବାନ ହାଟର ନାମ ବଦଳାଇ ବିଜୁ ପଟ୍ଟନାୟକ ସଂଗ୍ରହାଳୟ ବା ମ୍ୟୁଜିୟମ୍ ନାମରେ ନାମିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେନା ଦାବି କରୁଛି। ଏଠାରେ ବିଜୁବାବୁଙ୍କ ସମାଧି ସହ ତାଙ୍କର ଡାକୋଟା ବିମାନ ଏବଂ ପ୍ରତିମୂର୍ତ୍ତି ରହିଲେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ତାଙ୍କ ଜୀବନୀ ସମ୍ପର୍କରେ ଜାଣିପାରିବେ। ମାସକ ମଧ୍ୟରେ ସରକାର ଏଠାରେ ସୁଶୋଭିତ ସମାଧିସ୍ଥଳ ଓ ସଂଗ୍ରହାଳୟ ନିର୍ମାଣ କରିବାକୁ ଆମେ ଦାବି କରୁଛୁ। ନଚେତ ଶ୍ରୀଜଗନ୍ନାଥ ସେନାର ସଦସ୍ୟମାନେ ଲୋକଙ୍କଠାରୁ ମୁଠି ଭିକ୍ଷା କରି ଏହି କାର୍ଯ୍ୟକୁ ସଫଳ କରିବ।

- ମେରାଇନ୍ ଡ୍ରାଇଭ ଇକୋ ରିଟ୍ରିଟ୍‌ର ଅଷ୍ଟମ ସନ୍ଧ୍ୟା

# ଦର୍ଶକଙ୍କୁ ଭିଜାଇଲା ଇଣ୍ଡିଆନ୍ ଓସେନ୍ ରକ୍ ବ୍ୟାଣ୍ଡ


ମଞ୍ଚରେ କଳାକାରମାନେ ରକ୍ ବ୍ୟାଣ୍ଡ ପରିବେଷଣ କରୁଛନ୍ତି।

**କୋଣାର୍କ, ୨୧।୧୨(ଡି.ଏନ୍.ଏ.)**

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ–ପୁରୀ ବେଳାମାର୍ଗ ସାହୁଖଣତା ଠାରେ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ ଉତ୍ସବର ଶନିବାର ଥିଲା ଅଷ୍ଟମ ସନ୍ଧ୍ୟା । ସନ୍ଧ୍ୟାରେ ରକ୍ ବ୍ୟାଣ୍ଡ ଇଣ୍ଡିଆନ ଓସେନ ଗ୍ରୁପ୍‌ର କଳାକାରମାନେ ଦର୍ଶକଙ୍କୁ ସୁଫି ଓ ହିନ୍ଦୀ ଗୀତରେ ଭିଜାଇଥିଲେ। କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଶଶାଙ୍କ ଶେଖର ରଥ, ରତିକାନ୍ତ ପଟ୍ଟନାୟକ ଏବଂ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ୧୯୭୮ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ପୁରୀ ଜିଲା ପିପିଲି ବ୍ଲକ ଅଧୀନ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଶୁକ୍ରବାର ଓ ଶନିବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଇତ୍ୟବସରରେ ୧୯୭୮ ମସିହା ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ହୋଇଥିଲା। ଗଙ୍ଗାଧର ସେଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସୋମନାଥ ନାୟକ, ସୁବାସ ନାୟକ, ସୁରେଶ ଦାସ, ଆର୍ତ୍ତବନ୍ଧୁ ଦାସ, ଚିତ୍ତରଞ୍ଜନ ଦାସ, ସୁରେଶ ଦାଶ, ତ୍ରିନାଥ ପରିଡ଼ା, ମାନସ ଦାସ, ବେଣୁଧର ଦାସ, ମାଧବୀଲତା ଦେଇ, ଶାନ୍ତିଲତା ଶତପଥୀ, ସୁପ୍ରଭା ମହାନ୍ତି ଓ ପୁଷ୍ପଲତା ନାୟକ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ରମାନେ ୪୧ ବର୍ଷ ତଳର ସ୍କୁଲ ସ୍ମୃତି ପରସ୍ପର ମଧ୍ୟରେ ବଖାଣି ଭାବବିହ୍ୱଳ ହୋଇପଡ଼ିଥିଲେ। ସ୍କୁଲ ତରଫରୁ ପ୍ରକାଶିତ ବିଶେଷାଙ୍କ 'ସ୍ୱର୍ଣ୍ଣିମା'ରେ ମାଧବୀଲତାଙ୍କ ସ୍ଥାନିତ କବିତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବ୍ୟାଚ୍ ପକ୍ଷର ଅନୁଷ୍ଠାନକୁ ୧୯ ହଜାର ୭୮ଟଙ୍କା ପ୍ରଦାନ ପରେ ସମସ୍ତେ ତତ୍କାଳୀନ ପ୍ରଧାନଶିକ୍ଷକ କୃତ୍ତିବାସ ସାରଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଉକ୍ତ ଜୟନ୍ତୀ ପାଳନର ପୃଷ୍ଠଭୂମିରେ ମାଗୁଣି ସ୍ୱାଇଁ ଧନ୍ୟବାଦାର୍ହ୍ୟ। ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପିପିଲି ବିଧାୟକ ପ୍ରଦୀପ ମହାରଥୀ, ପୂର୍ବତନ ପ୍ରଧାନଶିକ୍ଷକ କୃତ୍ତିବାସ ପାଣିଗ୍ରାହୀ ଏବଂ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାସ ବିବରଣୀ ପାଠ କରିଥିଲେ।

### ୨୫ରୁ ଊନବିଂଶ ନିମାପଡ଼ା ମହୋତ୍ସବ

**ନିମାପଡ଼ା,୨୧।୧୨(ଡି.ଏନ.ଏ.)**

ନିମାପଡ଼ା ମହୋତ୍ସବ କମିଟି ଓ ସ୍ଥାନୀୟ ହେଲ୍ପ ଲାଇନ ପକ୍ଷରୁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ଆସନ୍ତା ୨୫ତାରିଖରୁ ଊନବିଂଶ ନିମାପଡ଼ା ମହୋତ୍ସବ ଆରମ୍ଭ ହେବାକୁ ଯାଉଛି। ୩ଦିନ ଧରି ହେବାକୁ ଥିବା ଏହି ମହୋତ୍ସବ ସ୍ଥାନୀୟ ଶହୀଦ ଭବନ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ଏହି ମହୋତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଉଦ୍‌ଘାଟନ କରିବେ ବୋଲି ମହୋତ୍ସବ କମିଟିର ସଭାପତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ପାଦକ ପ୍ରତାପ ପାତ୍ର, ଅଭ୍ୟର୍ଥନା କମିଟିର ଅଧକ୍ଷ ଶିକ୍ଷାବିତ ରମେଶଚନ୍ଦ୍ର ପରିଡ଼ା ପ୍ରମୁଖ ସୂଚନା ଦେଇଛନ୍ତି। ମହୋତ୍ସବରେ ରାଜ୍ୟ ସମେତ ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ କଳାକାର ଓ ଗ୍ରୁପମାନେ ଯୋଗଦେଇ ଓଡ଼ିଶୀଠାରୁ ଆରମ୍ଭ କରି ଭାରତନାଟ୍ୟମ, ଗୋଟିପୁଅ, ଘୋଡ଼ା ନାଚ ଆଦି ପରିବେଷଣ କରିବେ। ଏହି ମହୋତ୍ସବରେ ସମଗ୍ର ନିମାପଡ଼ା ନିର୍ବାଚନମଣ୍ଡଳୀର ଜନସାଧାରଣ ସାମିଲ ହୋଇ ଏହାକୁ ସଫଳ କରିବାକୁ ମହୋତ୍ସବ କମିଟି ପକ୍ଷରୁ ନିବେଦନ କରାଯାଇଛି।

- ରୋଷଘରକୁ ବାହାର ଅଙ୍ଗାର ଯିବା ପ୍ରସଙ୍ଗ

# ଅଭିଯୋଗ ମିଥ୍ୟା କହିଲା ସୁଆର ମହାସୁଆର ନିଯୋଗ

**ପୁରୀ ଅଫିସ,୨୧।୧୨**

ଗତ ୧୮ ତାରିଖରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ବାହାର ଅଙ୍ଗାରକୁ ନେଇ ହୋ ହଲ୍ଲା ହୋଇଥିଲା। ବାହାର ଅଙ୍ଗାର ଶ୍ରୀମନ୍ଦିର ରୋଷଘରକୁ ନିଆଯାଇ ଭୋଗ ପ୍ରସ୍ତୁତ କରାଯାଉଛି ବୋଲି ଜଣେ ସେବକ ଅଭିଯୋଗ କରିଥିଲେ । ତେବେ ଏଥିରେ ସତ୍ୟତା ନାହିଁ, ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଶନିବାର ସୁଆର ମହାସୁଆର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଯାଇଛି । ନିଯୋଗ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ରୋଷଘରେ ଝାଉଁ କାଠରେ ଭୋଗ ରନ୍ଧା ଯାଏ। ସେହି କାଠରୁ ବାହାରୁଥିବା ଅଙ୍ଗାରକୁ ସୂପକାରମାନେ ସରଘରମାନଙ୍କରେ ନ ରଖି ବାହାର ଷ୍ଟୋର ଘରେ ରଖିଥାନ୍ତି। ଚାହିଦା ମୁତାବକ ଏହାକୁ ରୋଷକୁ ଅଣାଯାଇଥାଏ। କାରଣ ଅଙ୍ଗାରକୁ ରୋଷଘରେ ରଖିବା ଦ୍ୱାରା ବିଭିନ୍ନ ସମୟରେ ନିଆଁ ଲାଗି ଅଘଟଣ ଘଟିଥାଏ । ସୁପକାରମାନେ ଶୁଦ୍ଧପୁତ ଭାବେ ମହାପ୍ରସାଦ ପ୍ରସ୍ତୁତ କରିଥାନ୍ତି । ଅପବିତ୍ର ସ୍ଥାନରୁ ଅଙ୍ଗାର ଅଣାଯାଉଥିବା ସମ୍ପୃକ୍ତ ସେବକ ଯେଉଁ ଅଭିଯୋଗ ଆଣିଛନ୍ତି ସେ ଏହାର ପ୍ରମାଣ ଦେଲେ ତାଙ୍କୁ ନିଯୋଗ ପୁରସ୍କୃତ କରିବ। ନଚେତ୍ ପ୍ରଶାସନ ସମ୍ପୃକ୍ତ ସେବକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଯୋଗ ପକ୍ଷରୁ ଅନୁରୋଧ କରାଯାଇଛି ।

### 'ଶିଶୁ ହିଁ ସମାଜର ମାନଦଣ୍ଡ'

**କୋଣାର୍କ,୨୧।୧୨(ଡି.ଏନ୍.ଏ.)**

ଓଷ୍ଟା ପକ୍ଷରୁ ଗୋପ ମଣ୍ଡଳସ୍ତରୀୟ ଶିଶୁମେଳା ଶନିବାର କୋଣାର୍କସ୍ଥିତ ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ରୀୟ ମତ୍ସ୍ୟ ସମବାୟ ମହାସଂଘର ସଭାପତି ମଧୁସୂଦନ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ସଭାପତି ଅର୍ଜୁନ ବେହେରା ସଭାପତିତ୍ୱ କରିଥିଲେ। ପୂର୍ବତନ ସଭାପତି ଜଟକୃଷ୍ଣ ବିଶ୍ୱାଳ, ଶରତ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଓଷ୍ଟାର ଗୋପବ୍ଲକ ସମ୍ପାଦକ ପ୍ରକାଶ କୁମାର ଜେନା ଏବଂ ବିଭିନ୍ନ ପ୍ରମୁଖ ଯୋଗଦେଇ ଶିଶୁ ହିଁ ସମାଜର ମାନଦଣ୍ଡ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଦୀପ ପ୍ରଧାନ, ସୂର୍ଯ୍ୟକାନ୍ତ ମିଶ୍ର, ଧରିତ୍ରୀ ଓଝା, ମଞ୍ଜୁବାଳା ଦେଇ, ମମତା ଭଞ୍ଜ, ମନୋରମା ଦେଇ ଓ ଦିଲୀପ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ତାପସ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମଙ୍ଗୁ ଓ ପଞ୍ଜାବୀ ମଠ ବୁଲି ଦେଖିଲେ ଶିଖ୍ ପ୍ରତିନିଧି

**ପୁରୀ ଅଫିସ,୨୧।୧୨**

ଶ୍ରୀମନ୍ଦିର ସୁରକ୍ଷା ଜୋନ ମଧ୍ୟରେ ଥିବା ମଙ୍ଗୁ ମଠ ଓ ପଞ୍ଜାବୀ ମଠ ବୁଲି ଦେଖିଛନ୍ତି ଶିଖ୍ ପ୍ରତିନିଧି। ଶନିବାର ଅପରାହ୍ନରେ ଲୋକ ଇନ୍‌ସାଫ ଦଳର ଦୁଇ ବିଧାୟକ ବଲବିନ୍ଦର ସିଂ ବେନ୍ସ ଓ ସିମରଜିତ୍ ସିଂ ବେନ୍ସ ସମେତ ପ୍ରାୟ ୧୦ ଜଣ ଶିଖ୍ ସମ୍ପ୍ରଦାୟ ପ୍ରଥମେ ମଙ୍ଗୁ ମଠରେ ପହଞ୍ଚିଥିଲେ। ମଠର ବ୍ୟବସାୟିକ କୋଠା ଉଚ୍ଛେଦ ହୋଇଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟ ସ୍ଥାନରେ ଦେବଦେବୀଙ୍କ ପୀଠକୁ ସୌନ୍ଦର୍ଯ୍ୟକରଣ କରାଯାଉଥିବାବେଳେ ଏଠାରେ ଭଙ୍ଗାଯାଉଛି, ଏହା ଜନହିତକର ସରକାରର କାମ ନୁହେଁ ବୋଲି କହିଥିଲେ। ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଖା କରିବାକୁ ଚାହୁଁଥିଲେ ମଧ ଦିନ ଗଡ଼ାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ପଞ୍ଜାବୀ ମଠକୁ ଯାଇ ମଧ ବୁଲି ଦେଖିଥିଲେ। ସୂଚନାଥାଉ କି, ମଙ୍ଗୁ ମଠ ମଧ୍ୟରେ ମନ୍ଦିର ଥିବା ଶ୍ରଦ୍ଧାଳୁ ଜାଣିପାରୁ ନ ଥିଲେ। ଚାରିପଟୁ ବ୍ୟବସାୟିକ କୋଠା ମଠକୁ ନିବୁଜ କରିଦେଇଥିଲା। ଏବେ ଉଚ୍ଛେଦ ପରେ ମଙ୍ଗୁ ମଠ ମନ୍ଦିର ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି।


ଶିଖ୍ ପ୍ରତିନିଧି ଦଳର ସଦସ୍ୟମାନେ ମଙ୍ଗୁ ମଠ ପରିଦର୍ଶନ କରୁଛନ୍ତି।

# ସିଏଏକୁ କାକଟପୁରରେ ବିରୋଧ



କାକଟପୁରରେ ସିଏଏ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପୁରୀ ଅଫିସ, ୨୧।୧୨**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ନେଇ ଦେଶରେ ଦିନକୁ ଦିନ ପରିସ୍ଥିତି ସଙ୍ଗିନ ହୋଇପଡୁଥିବା ବେଳେ ଶନିବାର ଏହାକୁ ବିରୋଧ କରି କାକଟପୁରରେ ପ୍ରତିବାଦ ସଭା କରାଯାଇଛି। କାକଟପୁରର ମୁସ୍‌ଲିମ ଓ ଦଳିତ ସଙ୍ଗଠନ ପକ୍ଷରୁ ଏନ୍‌ଆର୍‌ସି ଓ ସିଏଏ ବିରୋଧରେ ଏକ ରାଲି ଲତାହରଣରୁ ବାହାରିଥିଲା। ରସୁଲପୁର, ଖାନପୁର, କଟକଣା, ସଦର ମହଲା ଦେଇ କାକଟପୁର ବଜାର ପରିକ୍ରମା କରିଥିଲା। କାକଟପୁର ଥାନା ନିକଟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଭିନ୍ନ ମସ୍‌ଜିଦର ମୌଲବୀମାନେ ବକ୍ତବ୍ୟ ରଖିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା।

# ସମର୍ଥନରେ ଶୋଭାଯାତ୍ରା

**ପୁରୀ ଅଫିସ,୨୧।୧୨**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ନେଇ ଏବେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ଏହି ଆନ୍ଦୋଳନ ହିଂସାର ରୂପ ନେଇ କେଉଁଠି ପୋଡ଼ାଜଳା, ଭଙ୍ଗାରୁଜା ହେଉଛିତ ପୁଣି କେଉଁଠି ପୋଲିସ ଲାଠିମାଡ କରୁଛି। ଦିନକୁ ଦିନ ସିଏଏକୁ ବିରୋଧ କରି ସ୍ଥିତି ବିଗୁଡୁଥିବାବେଳେ ଶନିବାର ପୁରୀ ପିପୁଲ୍ସ ଫୋରମ ପକ୍ଷରୁ ଏହାକୁ ସମର୍ଥନ କରାଯାଇଛି। ମଧ୍ୟାହ୍ନରେ ଟାଉନ ହଲ୍ ଛକରୁ ଫୋରମ୍ ପକ୍ଷରୁ କଚେରୀ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଫୋରମ ସଦସ୍ୟମାନେ ସିଏଏ ଏବଂ ଏନ୍‌ଆରସିକୁ ସମର୍ଥନ କରି ଭାଷଣ ଦେଇଥିଲେ। ଏଥିରେ ଭାଜପା ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଥିଲେ, ବିଶ୍ୱରେ ଯେ କୌଣସି ଦେଶରେ ହିନ୍ଦୁମାନେ ଅତ୍ୟାଚାର ହୋଇ ଭାରତକୁ ଫେରିଲେ ସେମାନଙ୍କୁ ନାଗରିକତ୍ୱ ଅଧିକାର ଦେବା ଉଚିତ। ଯେଉଁମାନେ ସିଏଏକୁ ବିରୋଧ କରୁଛନ୍ତି ସେମାନଙ୍କ ଲକ୍ଷ୍ୟ ଭିନ୍ନ ରହିଛି। ତେଣୁ ଏହାକୁ ସମସ୍ତେ ସ୍ୱାଗତ କରିବା ଦରକାର। ଏହି ଶୋଭାଯାତ୍ରାରେ ରବି ଦାସ, ଜୟନ୍ତ ଦାଶ, ସଞ୍ଜୀବ ମୁଖାର୍ଜୀ, ଦିଗ୍‌ଦର୍ଶନ ପଟ୍ଟନାୟକ, ମମତା ପତି, ଉମାକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ।



ସିଏଏ ସମର୍ଥନରେ ପୁରୀ ପିପୁଲ୍ସ ଫୋରମ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।